# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୨/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, January 12/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 50 | ମୂଲ୍ୟ ₹୭/-






ବିକଶିତ ଭାରତ - ରୋଜଗାରର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ) : ଭିବି - ଜି ରାମ ଜି
(ବିକଶିତ ଭାରତ - ଜି ରାମ ଜି) ଅଧିନିୟମ, ୨୦୨୫

୧୨୫ ଦିନ
ରୋଜଗାରର ଗ୍ୟାରେଣ୍ଟି

ଏବେ ନିର୍ମିତ ହେବ ଜଳାଶୟ,
ସୁନିଶ୍ଚିତ ହେବ ଜଳ ସୁରକ୍ଷା



CBC 35101/13/0070/2526

ବିକଶିତ ଗ୍ରାମପଞ୍ଚାୟତରୁ ବିକଶିତ ଭାରତ ଅଭିମୁଖେ


## ମୋବାଇଲ ସୋର୍ସ କୋଡ୍ ମାଗିଲା କେନ୍ଦ୍ର

# ତଥ୍ୟ ପାଇଁ ବ୍ୟାକୁଳ ସରକାର

### ବ୍ୟବହାରକାରୀଙ୍କ ପ୍ରିଭେସି ପ୍ରଘଟ ହେବ: ପ୍ରସ୍ତାବକୁ ଆପଲ୍, ସାମ୍‌ସଙ୍ଗ୍‌ର ବିରୋଧ

ସ୍ମାର୍ଟ ଫୋନ୍ ସୁରକ୍ଷା ବ୍ୟବସ୍ଥାରେ ସୁଧାର ଆଣି ସାଇବର ବିପଦକୁ ହ୍ରାସ କରିବା ପାଇଁ ଭାରତ ସରକାର ମୋବାଇଲ ଫୋନ୍ ନିର୍ମାତା କମ୍ପାନୀଗୁଡ଼ିକୁ ନିଜ ଅପରେଟିଂ ସିଷ୍ଟମ୍‌ର ସୋର୍ସ କୋଡ୍ ଶେୟାର କରିବାକୁ ନିକଟରେ ପ୍ରସ୍ତାବ ଦେଇଛନ୍ତି। ଏତିକି ନୁହେଁ, ଫୋନ୍‌ରେ ରହୁଥିବା କେତେକ ସଫ୍ଟୱେରରେ ମଧ୍ୟ ପରିବର୍ତ୍ତନ କରିବା ପାଇଁ କମ୍ପାନୀଗୁଡ଼ିକୁ ବାଧ୍ୟ କରାଯାଇପାରେ। ତେବେ ଏହାଦ୍ୱାରା ୟୁଜର୍ସଙ୍କ ପ୍ରିଭେସି ତଥା ମୋବାଇଲର ମାଲିକାନା ତଥ୍ୟ ପ୍ରଘଟ ହେବା ସହ ଇଣ୍ଟେଲେକ୍ଚୁଆଲ ପ୍ରପର୍ଟି (ବୌଦ୍ଧିକ ସମ୍ପତ୍ତି) ପ୍ରତି ବିପଦ ଆଶଙ୍କା ଥିବାରୁ ଆପଲ୍ ଓ ସାମ୍‌ସଙ୍ଗ୍ ଭଳି କମ୍ପାନୀ କେନ୍ଦ୍ରର ଏହି ପ୍ରସ୍ତାବକୁ ବିରୋଧ କରିଛନ୍ତି। ସମ୍ପ୍ରତି ଏହି ପ୍ରସଙ୍ଗ ସରକାର ଓ ସ୍ମାର୍ଟଫୋନ୍ ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ମଧ୍ୟରେ ବିବାଦର କାରଣ ହୋଇଛି। 'ସଞ୍ଚାର ସାଥୀ' ଆପ୍ ବିବାଦ ନିକଟରେ କେନ୍ଦ୍ର ସରକାରଙ୍କୁ ଅଡୁଆରେ ପକାଇଥିବାବେଳେ ପୁଣି ଏକ ଅନୁରୂପ ଯୋଜନା ପଛରେ ଲୋକଙ୍କ ତଥ୍ୟ ସଂଗ୍ରହ କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଉଛି। ତଥ୍ୟ ପାଇଁ କେନ୍ଦ୍ର ବ୍ୟାକୁଳ ହୋଇପଡ଼ିଲାଣି ବୋଲି ସୋସିଆଲ୍ ମିଡିଆରେ ମତ ପ୍ରକାଶ ପାଇଛି।

**ନୂଆଦିଲ୍ଲୀ,୧୧।୧(ରଏଟର୍ସ)**

ସ୍ମାର୍ଟଫୋନ୍ କମ୍ପାନୀଗୁଡ଼ିକ ସୁରକ୍ଷା ଯାଞ୍ଚ ପାଇଁ ନିଜ ଅପରେଟିଂ ସିଷ୍ଟମ୍‌ର ସୋର୍ସ କୋଡ୍ ଶେୟାର କରନ୍ତୁ ବୋଲି କେନ୍ଦ୍ର ସରକାର ଚାହୁଁଛନ୍ତି। ମୋବାଇଲରେ ଯେପରି କୌଣସି 'ବ୍ୟାକ୍‌ଡୋର' ବା ସୁରକ୍ଷା ସମ୍ପର୍କିତ ତ୍ରୁଟି ନ ରହିବ, ତାହା ଏଥିରୁ ସୁନିଶ୍ଚିତ କରାଯାଇପାରିବ। ପ୍ରସ୍ତାବ ଅନୁଯାୟୀ ଗୁପ୍ତଚରଗିରି ଓ ତଥ୍ୟ ଚୋରି ଭଳି ବିପଦ ଆଶଙ୍କାକୁ ଏଡ଼ାଇବା ଲାଗି ସ୍ମାର୍ଟ ଫୋନ୍‌ର ହାର୍ଡୱେରକୁ ଲ୍ୟାବ୍‌ରେ ପରୀକ୍ଷା କରାଇବା ବାଧ୍ୟତାମୂଳକ କରାଯାଇପାରେ। ସରକାର ଏଭଳି ଆପ୍‌ଗୁଡ଼ିକୁ ମଧ୍ୟ ଯାଞ୍ଚ କରିବାକୁ ଚାହୁଁଛନ୍ତି, ଯାହାକି ପୂର୍ବରୁ ଫୋନ୍‌ରେ ଇନ୍‌ଷ୍ଟଲ ହୋଇଥିବ ଓ ତାକୁ ହଟାଯାଇ ନ ଥିବ। ଭାରତରେ ବିକ୍ରି ହେଉଥିବା ମୋବାଇଲ ଫୋନ୍‌ଗୁଡ଼ିକ ପାଇଁ ସୁରକ୍ଷା ମାପଦଣ୍ଡ ଧାର୍ଯ୍ୟ କରିବା ଏହା ପଛର ଉଦ୍ଦେଶ୍ୟ ବୋଲି ସରକାର କହୁଛନ୍ତି। ତେବେ ସରକାରଙ୍କ ଏସଂକ୍ରାନ୍ତ ପ୍ରସ୍ତାବକୁ ବୈଶ୍ୱିକ ସ୍ମାର୍ଟଫୋନ୍ ନିର୍ମାତା ☞ ପୃଷ୍ଠା-୪

## ସୋର୍ସ କୋଡ୍ କ'ଣ

ସହଜ ଭାଷାରେ 'ସୋର୍ସ କୋଡ୍'ର ଅର୍ଥ ହେଉଛି କୌଣସି ସଫ୍ଟୱେର୍, ଆପ କିମ୍ବା ଅପରେଟିଂ ସିଷ୍ଟମ୍‌ର 'ମୂଳ ଲେଖା' ବା 'ଅସଲି ରେସିପି'। ଯେମିତି ଜଣେ ରୋଷେୟା ଏକ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦିଷ୍ଟ ପ୍ରଣାଳୀ ବା ରେସିପି ବ୍ୟବହାର କରେ, ଠିକ୍ ସେମିତି ଜଣେ କମ୍ପ୍ୟୁଟର ପ୍ରୋଗ୍ରାମର୍ ଏକ ସଫ୍ଟୱେର୍ ତିଆରି କରିବା ପାଇଁ ଯେଉଁ ନିର୍ଦ୍ଦେଶାବଳୀ ଲେଖନ୍ତି, ତାହାକୁ ସୋର୍ସ କୋଡ୍ କୁହାଯାଏ। ଏହା ସାଧାରଣତଃ ପ୍ରୋଗ୍ରାମିଂ ଭାଷା (ଯେମିତିକି ସି++, ଜାଭା, ପାଇଥନ୍)ରେ ଲେଖାଯାଇଥାଏ, ଯାହାକୁ ସଫ୍ଟୱେର ଇଞ୍ଜିନିୟରମାନେ ପଢ଼ିପାରନ୍ତି ଏବଂ ବୁଝିପାରନ୍ତି। କମ୍ପ୍ୟୁଟର ବା ସ୍ମାର୍ଟଫୋନ୍ ସିଧାସଳଖ ସୋର୍ସ କୋଡ୍ ବୁଝିପାରେନାହିଁ। ଏହି କୋଡ୍‌କୁ ଏକ 'କମ୍ପାଇଲର୍' ସାହାଯ୍ୟରେ ବାଇନାରୀ କୋଡ୍ (୦ ଏବଂ ୧)ରେ ପରିବର୍ତ୍ତନ କରାଯାଏ, ଯାହାକୁ ମେଶିନ ବୁଝିପାରେ। ସୋର୍ସ କୋଡ୍‌କୁ ଗୁପ୍ତ ରଖାଯିବାର ଉଦ୍ଦେଶ୍ୟ ହେଉଛି, ଏହାକୁ ଦେଖିଲେ ବିଶେଷଜ୍ଞମାନେ ଜାଣିପାରିବେ ଏକ ଆପ୍ କିମ୍ବା ଫୋନ୍ ପ୍ରକୃତରେ କିପରି କାମ କରୁଛି। ଯଦି କେହି ଏହି କୋଡ୍ ପାଇଯାଏ, ସେ ସେହି ସଫ୍ଟୱେରକୁ ନକଲ କରିପାରିବ କିମ୍ବା ସେଥିରେ ଥିବା ସୁରକ୍ଷା ଦୁର୍ବଳତା ଖୋଜି ତାକୁ ହ୍ୟାକ କରିପାରିବ। ଭାରତ ସରକାର ସନ୍ଦେହ କରୁଛନ୍ତି ଯେ କିଛି କମ୍ପାନୀ ସେମାନଙ୍କ ସୋର୍ସ କୋଡ୍ ଭିତରେ ଏମିତି କିଛି ଗୁପ୍ତ କୋଡ୍ ଲୁଚାଇ ରଖିଥାଇପାରନ୍ତି, ଯାହା ଆମ ଅଜାଣତରେ ଆମର ବ୍ୟକ୍ତିଗତ ତଥ୍ୟ (ଫଟୋ, ମେସେଜ୍, ଲୋକେଶନ) ଚୋରି କରି ଅନ୍ୟ ଦେଶକୁ ପଠାଉଛି। ସୋର୍ସ କୋଡ୍‌କୁ ଯାଞ୍ଚ କରାଗଲେ 'ଡାଟା ଚୋରି' ଧରାପଡ଼ିଯିବ।

**ଆଜିର ସମ୍ପାଦକୀୟ** | ଅସହାୟ ଭୋଟର

# ପ୍ରଥମ ଦିନିକିଆ ଜିତିଲା ଭାରତ

**ଭଦୋଦରା,୧୧।୧**

ବିରାଟ କୋହଲିଙ୍କ ଦୃଢ଼ ବ୍ୟାଟିଂ ବଳରେ ଭାରତ ଏଠାରେ ଅନୁଷ୍ଠିତ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡକୁ ୪ ଉଇକେଟରେ ପରାସ୍ତ କରିଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୩୦୧ ରନର ଟାର୍ଗେଟକୁ ଭାରତ ୪୯ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଭାରତ ୧-୦ରେ ଅଗ୍ରଣୀ ହାସଲ କରିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୧୪ ତାରିଖରେ ରାଜକୋଟରେ ଖେଳାଯିବ। ଏହି ମ୍ୟାଚ୍ ଜରିଆରେ ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲି ଅନ୍ତର୍ଜାତୀୟ କ୍ରିକେଟରେ ୨୮ ହଜାର ରନ ପୂରଣ କରିବା ସହ ଦ୍ୱିତୀୟ ସର୍ବାଧିକ ରନ୍ ସ୍କୋରର ହୋଇଛନ୍ତି। ଏ କ୍ଷେତ୍ରରେ ସେ ଶ୍ରୀଲଙ୍କାର କୁମାର ସାଙ୍ଗାକାରା(୨୮,୦୧୬)ଙ୍କୁ ଅତିକ୍ରମ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ କରିବାର ରେକର୍ଡ ସଚିନ ତେନ୍ଦୁଲକର (୩୪,୩୫୭)ଙ୍କ ନାମରେ ରହିଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ☞ ପୃଷ୍ଠା-୪

**ଅନ୍ତର୍ଜାତୀୟ କ୍ରିକେଟରେ କୋହଲିଙ୍କ ଦ୍ୱିତୀୟ ସର୍ବାଧିକ ରନ**




DSPL-471



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ଶାସନ

**୬,୭୦୧ କୋଟି ଟଙ୍କାର ୭୧ଟି ପ୍ରକଳ୍ପର**
**ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ**
ଏବଂ
**ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ**
**ଲୋକାଭିମୁଖୀ କାର୍ଯ୍ୟକ୍ରମର ଶୁଭାରମ୍ଭ**

୦୧ - ୩୧ ଜାନୁଆରୀ ୨୦୨୬

ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀ**ଙ୍କ କରକମଳରେ

ଗରିମାମୟ ଉପସ୍ଥିତି

**ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ**
ମନ୍ତ୍ରୀ, ପୂର୍ତ୍ତ, ଆଇନ ଓ ଅବକାରୀ

**ଶ୍ରୀ ବିଭୂତି ଭୂଷଣ ଜେନା**
ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି

**ରାଜ୍ୟ ପରିବହନ ପ୍ରାଧିକରଣ**
- ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ସମ୍ମାନର ଶୁଭାରମ୍ଭ
- ବିଦ୍ୟାଳୟ ପରିସର ସୁରକ୍ଷା ରେଟିଂର ଶୁଭାରମ୍ଭ
- ଘାଟି ରାସ୍ତାରେ ସତର୍କ ସୂଚନା ଘଣ୍ଟିର ଶୁଭ ଉଦଘାଟନ
- ବୈଦ୍ୟୁତିକ ଯାନ ଚାର୍ଜିଂ ଷ୍ଟେସନର ଶୁଭାରମ୍ଭ
- ଟ୍ରାଫିକ୍ ପରିଚାଳନା ଯୋଜନା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର
- ଗିରିଶୋଳା ଟ୍ରକ୍ ଟର୍ମିନାଲର ଜମି କାଗଜପତ୍ର HPCLକୁ ହସ୍ତାନ୍ତର

**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ**
- ମୁଖ୍ୟମନ୍ତ୍ରୀ ବସ୍ ସେବା ଅଧୀନରେ ବସ୍ ପରିଚାଳନା ମାର୍ଗର ପୁନର୍ବିନ୍ୟାସ
- ଓଏସ୍‌ଆର୍‌ଟିସି କ୍ଲୋଜ୍‌ଡ ଲୁପ୍ ଟ୍ରାନଜିଟ୍ (ସ୍ମାର୍ଟ କାର୍ଡ)ର ଶୁଭାରମ୍ଭ
- ୧୦ଟି ଜିଲ୍ଲାରେ ମୋଟ ୧୫୬.୫୩ କୋଟି ଟଙ୍କା ବ୍ୟୟରେ ୧୪ଟି ଅଟଳ ବସ୍‌ଷ୍ଟାଣ୍ଡର ଲୋକାର୍ପଣ
- ଓଏସ୍‌ଆର୍‌ଟିସିର ୧୦୦ଟି ନୂତନ ବସ୍‌ର ଶୁଭାରମ୍ଭ

**କ୍ୟାପିଟାଲ୍ ରିଜିଅନ ଅର୍ବାନ୍ ଟ୍ରାନ୍ସପୋର୍ଟ**
- ବ୍ରହ୍ମପୁରରେ CRUT ଇ-ବସ୍ ଡିପୋରେ ୨୫ ବୈଦ୍ୟୁତିକ 'ଆମ ବସ୍' ଶୁଭାରମ୍ଭ

କନ୍‌ଭେନସନ୍ ସେଣ୍ଟର୍, ଲୋକସେବା ଭବନ, ଭୁବନେଶ୍ୱର | ୧୨ ଜାନୁଆରୀ ୨୦୨୬ | ସକାଳ ୧୧ଟା

OIPR-

ବାଣିଜ୍ୟ ଓ ପରିବହନ ବିଭାଗ | ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ | ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର



ଉତ୍ତରାଖଣ୍ଡର ପୌରିସ୍ଥିତ ବନନ୍ତ୍ରା ରିସର୍ଟରେ ରିସେପ୍‌ଶନିଷ୍ଟ ଭାବେ କାର୍ଯ୍ୟ କରୁଥିବା ଅଙ୍କିତା ଭଣ୍ଡାରୀଙ୍କୁ ୨୦୨୨ ସେପ୍ଟେମ୍ବର ୧୮ରେ ବଳାତ୍କାର ଓ ହତ୍ୟା କରାଯାଇଥିଲା। ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏହି ମାମଲାର ସିବିଆଇ ତଦନ୍ତ ଦାବିରେ ରବିବାର ଉତ୍ତରାଖଣ୍ଡ ବନ୍ଦ ପାଳନ କରାଯାଇଛି।

# ଭାରତକୁ ଧମକାଉଛନ୍ତି ପାକ୍ ଆତଙ୍କବାଦୀ



ସୈଫୁଲ୍ଲା କସୁରି



ମାସୁଦ୍ ଅଜହର

**ନୂଆଦିଲ୍ଲୀ,୧୧।୧**

ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ମାସୁଦ୍ ଅଜହରଙ୍କ ଏକ ନୂଆ ଅଡିଓ ରେକର୍ଡିଂ ଶୁଣିବାକୁ ମିଳିଛି। ଭାରତ ଉପରେ କୌଣସି ସମୟରେ ବଡ଼ ଧରଣର ଅନେକ ଆତ୍ମଘାତୀ ଆକ୍ରମଣ କରାଯାଇପାରେ ବୋଲି ଏଥିରେ ସେ କହୁଛନ୍ତି। ଗୋଟିଏ କି ଦୁଇଟି ନୁହେଁ, ଏପରି କି ୧,୦୦୦ ବି ନୁହେଁ। ହଜାରେରୁ ଅଧିକ ଆତ୍ମଘାତୀ ବମ୍ବର ଭାରତରେ ଅନୁପ୍ରବେଶ ପାଇଁ ତାଙ୍କ ଉପରେ ଚାପ ପକାଉଥିବା ଅଜହର କହିଛନ୍ତି। ଏତେ ସଂଖ୍ୟକ ସୁଇସାଇଡ୍ ବମ୍ବରଙ୍କ ନାମ ସାର୍ବଜନୀନ ହେଲେ ସାରା ବିଶ୍ୱ ଚକିତ ହୋଇଯିବ ବୋଲି ଧମକ ଦେଇଛନ୍ତି। ସେହିପରି ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ସୈଫୁଲ୍ଲା କସୁରି ପାକିସ୍ତାନ ଓ ଏହାର ସେନା ଅଧିକାରୀମାନଙ୍କ ସହ ତାଙ୍କ ସମ୍ପର୍କକୁ ସ୍ୱୀକାର କରିଛନ୍ତି। ହାଫିଜ୍ ସଇଦ୍‌ଙ୍କ ଆତଙ୍କବାଦୀ ସଙ୍ଗଠନର ଉପମୁଖ୍ୟ କସୁରି ଏକ ଭିଡିଓରେ ପାକିସ୍ତାନୀ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ସମ୍ବୋଧନ କରୁଥିବା ଦେଖିବାକୁ ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ ସେ କହୁଛନ୍ତି, ଭାରତ ଅପରେଶନ୍ ସିନ୍ଦୂର କରି ବଡ଼ ଭୁଲ୍ କରିଦେଇଛି। ସୈନ୍ୟମାନଙ୍କ ମୃତଦେହ ସଂସ୍କାର ବେଳେ ପାକ୍ ସେନା ତାଙ୍କୁ ନିମନ୍ତ୍ରଣ କରିଥାଏ। କଶ୍ମୀର ପ୍ରସଙ୍ଗରେ ସେ ଚୁପ୍ ବସିଯିବେ ନାହିଁ। ଭାରତ ତାଙ୍କୁ ଭୟ କରିବା ଉଚିତ ବୋଲି କସୁରି କହିଛନ୍ତି।

# ଆମେରିକା, ଇରାନ୍ ଯୁଦ୍ଧ ପ୍ରସ୍ତୁତି

## ବିକ୍ଷୋଭ ମୃତ୍ୟୁସଂଖ୍ୟା ୨୦୩

**ଇସ୍‌ଲାମିକ୍ ରାଷ୍ଟ୍ର ଇରାନ୍‌ରେ ଆର୍ଥିକ ଦୁର୍ଗତି ଓ ରିଆଲ ମୁଦ୍ରାର ପତନକୁ ନେଇ ମୁଣ୍ଡ ଟେକିଥିବା ବିକ୍ଷୋଭ ଏବେ ଗୃହଯୁଦ୍ଧର ରୂପ ନେଇସାରିଛି। ୨୦୨୫ ଡିସେମ୍ବର ଶେଷଭାଗରୁ ଚାଲିଥିବା ଏହି ଗଣଆନ୍ଦୋଳନରେ ୨୦୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ବହୁସଂଖ୍ୟକ ଲୋକ ଆହତ ହେଲେଣି। ଇରାନ୍ ସରକାରଙ୍କ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଯୋଗୁ ଏତେ ଲୋକଙ୍କ ମୃତ୍ୟୁ ଘଟିଥିବା କହି ଅଧିକ ବଳ ପ୍ରୟୋଗ କଲେ ଇରାନ୍ ଉପରେ ଏୟାର ଷ୍ଟ୍ରାଇକ୍ କରାଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ଟ୍ରମ୍ପଙ୍କ ଚେତାବନୀକୁ ଭ୍ରୂକ୍ଷେପ ନ କରି ଆମେରିକା ଓ ଇସ୍ରାଏଲ୍‌କୁ ଆକ୍ରମଣର ଧମକ ଦେଇଛନ୍ତି।**

**ତେହରାନ୍/ୱାଶିଂଟନ,୧୧।୧**

ରାଜଧାନୀ ତେହରାନ୍ ସମେତ ଇରାନ୍‌ର ଶତାଧିକ ସହରରେ ବିକ୍ଷୋଭକାରୀମାନେ ରାସ୍ତାକୁ ଓହ୍ଲାଇ ସରକାର ବିରୋଧୀ ସ୍ଲୋଗାନ ଦେଉଛନ୍ତି। ସେମାନଙ୍କୁ ହଟାଇବା ପାଇଁ ପୋଲିସ ବଳ ପ୍ରୟୋଗ କରୁଛି। ଫଳରେ ମୃତ୍ୟୁସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ମୃତଦେହ ରଖିବା ପାଇଁ ହସ୍ପିଟାଲଗୁଡ଼ିକରେ ସ୍ଥାନାଭାବ ଦେଖାଦେଲାଣି। ରୋଗୀମାନେ ଭର୍ତ୍ତି ହେବା ପାଇଁ ଶଯ୍ୟା ମଧ ପର୍ଯ୍ୟାପ୍ତ ନୁହେଁ। ପୋଉର୍ସିନା ହସ୍ପିଟାଲରେ କେବଳ ଶୁକ୍ରବାର ରାତିରେ ୭୦ ମୃତଦେହ ଠୁଳ ହୋଇଥିଲା। ମୃତଦେହଗୁଡ଼ିକୁ ଗୋଟିଏ ଉପରେ ଗୋଟିଏ ରଖାଯାଇଥିଲା। ୨୬ଟି କୋଠାରେ ବିକ୍ଷୋଭକାରୀ ନିଆଁ ଲଗାଇଦେଇଥିବାବେଳେ ୩,୦୦୦ରୁ ଅଧିକ ଲୋକଙ୍କୁ ଅଟକ ରଖାଯାଇଛି। ଆଉ କେତେଜଣ ସରକାର ସପକ୍ଷବାଦୀ ଆନ୍ଦୋଳନକାରୀଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ତେହରାନ୍‌ରେ ସରକାରୀ ବିରୋଧୀ ବିକ୍ଷୋଭ।

ଏସବୁ ସତ୍ତ୍ୱେ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନଇଁବାର ନାଁ ଧରୁନାହାନ୍ତି। ନିର୍ବାସିତ କ୍ରାଉନ୍ ପ୍ରିନ୍ସ ରେଜା ପହଲ୍‌ଭି ବିକ୍ଷୋଭ ସମର୍ଥନରେ ବାହାରିଛନ୍ତି। ଲକ୍ଷ୍ୟ ପୂରଣ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ଏପରି କି ଆମେରିକାରୁ ଇରାନ୍‌କୁ ଫେରିବା ପାଇଁ ସେ ପ୍ରସ୍ତୁତି ଚଳାଇଥିବା ସୂଚନା ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆକ୍ରମଣ ଧମକକୁ ନେଇ ଇରାନ୍ ପାର୍ଲାମେଣ୍ଟ ବାଚସ୍ପତି ମହମ୍ମଦ ବଘେର କାଲିବାଫ୍ କହିଛନ୍ତି, ଆମେରିକା ପକ୍ଷରୁ ଆକ୍ରମଣ କରାଗଲେ ଇରାନ୍ ମଧ ବୈଧ ରୂପେ ଉଚିତ ଜବାବ ଦେବ। ଏଥର ଉଭୟ ଆମେରିକା ଓ ଇସ୍ରାଏଲ ତେହରାନ୍‌ର ଟାର୍ଗେଟରେ ରହିଛନ୍ତି। ସେପଟେ ଇରାନ୍ ବିକ୍ଷୋଭରେ ଟ୍ରମ୍ପଙ୍କ ହସ୍ତକ୍ଷେପକୁ ଦେଖି ଆକ୍ରମଣ ଆଶଙ୍କାରେ ଇସ୍ରାଏଲ୍ ମଧ ହାଇଆଲର୍ଟରେ ରହିଛି। ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏହା ଉପରେ ଫୋନ୍‌ରେ ବିସ୍ତୃତ ଆଲୋଚନା କରିଥିବା ଜଣେ ଆମେରିକୀୟ ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୦୨୨ ପରେ ଇରାନ୍ ସବୁଠୁ ବଡ଼ ସରକାର ବିରୋଧୀ ବିକ୍ଷୋଭର ସମ୍ମୁଖୀନ ହୋଇଛି। କିଛିଦିନ ହେଲା ଟ୍ରମ୍ପ ଏଥିରେ ହସ୍ତକ୍ଷେପ କରିବେ ବୋଲି ତେହରାନ୍‌କୁ ବାରମ୍ବାର ଚେତାବନୀ ଦେଉଛନ୍ତି। ବିକ୍ଷୋଭକାରୀମାନଙ୍କୁ ସାହାଯ୍ୟ କରିବାକୁ ଆମେରିକା ପ୍ରସ୍ତୁତ ବୋଲି ଟ୍ରମ୍ପ କହୁଛନ୍ତି। ଗତବର୍ଷ ଜୁନ୍‌ରେ ଇସ୍ରାଏଲ୍ ଓ ଇରାନ୍ ମଧ୍ୟରେ ୧୨ ଦିନ ଧରି ଯୁଦ୍ଧ ଚାଲିଥିଲା। ଆମେରିକା ଏଥିରେ ଇସ୍ରାଏଲ୍‌କୁ ସମର୍ଥନ କରି ଇରାନ୍ ଉପରେ ଏୟାର ଷ୍ଟ୍ରାଇକ୍ କରିଥିଲା। ଇରାନ୍ ମଧ କାତାରସ୍ଥିତ ଆମେରିକାର ଏକ ଏୟାରବେସ୍ ଉପରେ ଆକ୍ରମଣ କରିଥିଲା। ତେଣୁ ଏଥର ଯୁଦ୍ଧ ପାଇଁ ସବୁ ପକ୍ଷ ପ୍ରସ୍ତୁତ ହୋଇଛନ୍ତି। କିନ୍ତୁ ଯୁଦ୍ଧ ଥରେ ଆରମ୍ଭ ହେଲେ କେତେ ଲମ୍ବା ଚାଲିବ ତାହା କହିହେଉନାହିଁ।

# କ୍ଷେପଣାସ୍ତ୍ର ପରୀକ୍ଷା କଲା ପାକ୍ ନୌସେନା

**ଇସ୍‌ଲାମାବାଦ,୧୧।୧(ପି.ଟି.)**

ପାକିସ୍ତାନ ନୌସେନା ଶନିବାର ଉତ୍ତର ଆରବ ସାଗରରେ ଏକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା କରିଛି। ସ୍ଥଳଭାଗରୁ ଆକାଶକୁ ନିକ୍ଷେପ କରାଯାଇପାରୁଥିବା ଏଲ୍‌ୱାଇ-୮୦(ଏନ୍) କ୍ଷେପଣାସ୍ତ୍ରକୁ ଏକ ଭର୍ଟିକାଲ ଲଞ୍ଚିଂ ସିଷ୍ଟମ୍‌ରୁ ଉତ୍‌କ୍ଷେପଣ କରାଯାଇଛି। ଆକ୍ରମଣ ପ୍ରସ୍ତୁତି ସ୍ୱରୂପ ଏହି ପରୀକ୍ଷା କରାଯାଇଥିଲା ବୋଲି ପାକ୍ ସେନା କହିଛି। ଏଲ୍‌ୱାଇ-୮୦(ଏନ୍) କ୍ଷେପଣାସ୍ତ୍ର ଆକାଶମାର୍ଗରେ ଏକ ଟାର୍ଗେଟକୁ ଧ୍ୱଂସ କରିଥିଲା।

# ନୂର୍ ଅହମଦ ଭାରତରେ ପ୍ରଥମ ଆଫଗାନ ରାଷ୍ଟ୍ରଦୂତ



**ନୂଆଦିଲ୍ଲୀ,୧୧।୧**

ଆଫଗାନିସ୍ତାନ ନୂଆଦିଲ୍ଲୀସ୍ଥିତ ଦୂତାବାସ ପାଇଁ କୂଟନୀତିଜ୍ଞ ନୂର୍ ଅହମଦ ନୂର୍‌ଙ୍କୁ ରାଷ୍ଟ୍ରଦୂତ ନିଯୁକ୍ତ କରିଛି। ଦ୍ୱିପାକ୍ଷିକ ସମ୍ପର୍କକୁ ସ୍ୱାଭାବିକ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ୨୦୨୧ ଅଗଷ୍ଟରେ ଆଫଗାନିସ୍ତାନକୁ ତାଲିବାନ ଶାସନ ଫେରିବା ପରେ ଏହା ପ୍ରଥମ କୂଟନୈତିକ ନିଯୁକ୍ତି। ନୂର୍ ପୂର୍ବରୁ ଆଫଗାନିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟର ପ୍ରଥମ ରାଜନୈତିକ ନିର୍ଦ୍ଦେଶକ ରହିଥିଲେ। ସେ ନୂଆ ଦାୟିତ୍ୱ ନେବା ପାଇଁ ଚଳିତ ସପ୍ତାହରେ ଦିଲ୍ଲୀ ଆସିବେ। କାବୁଲ ଏବଂ ନୂଆଦିଲ୍ଲୀ ମଧ୍ୟରେ ସ୍ୱାସ୍ଥ୍ୟ, ବାଣିଜ୍ୟ ଏବଂ ଆଞ୍ଚଳିକ ସ୍ଥିରତା ଉପରେ ବହୁ ସମୟ ଧରି ଆଲୋଚନା ହୋଇଥିଲା।

# ୬୦୦ ଆକାଉଣ୍ଟ ହଟାଇଲା X

## ଗ୍ରୋକ୍ ଏଆଇ ଅଶ୍ଳୀଳ କଣ୍ଟେଣ୍ଟ ପ୍ରସଙ୍ଗ

**ନୂଆଦିଲ୍ଲୀ,୧୧।୧(ପି.ଟି.)**

ଏଲନ୍ ମସ୍କଙ୍କ ଏଆଇ ଚାଟ୍‌ବୋଟ୍ ଗ୍ରୋକ୍‌ରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ପ୍ରସ୍ତୁତ ଅଶ୍ଳୀଳ କଣ୍ଟେଣ୍ଟ ନେଜେରରେଟ୍ ହେବା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ଆଇଟି ମନ୍ତ୍ରଣାଳୟ ଆପତ୍ତି ଉଠାଇବା ପରେ ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ X ନିଜ ଭୁଲ୍ ସ୍ୱୀକାର କରିବା ସହ ୬୦୦ ଆକାଉଣ୍ଟ ଡିଲିଟ୍ କରିଛି। ଏଥିସହ ସେଥିରେ ଥିବା ୩,୫୦୦ ଅଶ୍ଳୀଳ କଣ୍ଟେଣ୍ଟକୁ ହଟାଇଦେଇଛି। ସରକାରୀ ସୂତ୍ରରୁ ରବିବାର ଏହା ଜଣାପଡ଼ିଛି।





କିଛିଦିନ ତଳେ ମହିଳାମାନଙ୍କ ବିନା ଅନୁମତିରେ ସେମାନଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ X ରେ ବହୁଳ ପ୍ରସାରିତ ହୋଇଥିଲା। ଗ୍ରୋକ୍ ଉପରେ ସାରା ବିଶ୍ୱର ବିଭିନ୍ନ ଦେଶର ସରକାରମାନଙ୍କ ପକ୍ଷରୁ ନିୟାମକ ଚାପ ପଡ଼ିବା ପରେ X ଏହି ପଦକ୍ଷେପ ନେଇଛି। X ଭାରତୀୟ ଆଇନଗୁଡ଼ିକର ଅନୁପାଳନ କରିବ ବୋଲି ସରକାରଙ୍କୁ ପ୍ରତିଶ୍ରୁତି ଦେଇଛି। ସରକାରୀ ସୂତ୍ରରୁ ଜଣାପଡ଼ିଛି ଯେ, X ନିଜ ଭୁଲ୍‌କୁ ମାନିନେଇଛି। ସାଇଟ୍‌ରେ ୬୦୦ରୁ ଊର୍ଦ୍ଧ୍ୱ ଆକାଉଣ୍ଟ ଏବଂ ସେଥିରେ ଥିବା ୩,୫୦୦ଟି କଣ୍ଟେଣ୍ଟକୁ ଡିଲିଟ୍ କରାଯାଇଛି। ଆଗକୁ ଏହାର ପୁନରାବୃତ୍ତି ନ ହେବା ଲାଗି ପଦକ୍ଷେପ ନେବ ବୋଲି କହିଛି।

ଉଲ୍ଲେଖଯୋଗ୍ୟ, ଜାନୁଆରୀ ୨ରେ ଗ୍ରୋକ୍ ଦ୍ୱାରା ପ୍ରସ୍ତୁତ ସମସ୍ତ ବେଆଇନ କଣ୍ଟେଣ୍ଟକୁ ହଟାଇବା ପାଇଁ ଆଇଟି ମନ୍ତ୍ରଣାଳୟ Xକୁ କହିଥିଲା। ନ ହଟାଇଲେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଉକ୍ତ ଆମେରିକୀୟ ସୋସିଆଲ ମିଡିଆ କମ୍ପାନୀକୁ ଚେତାବନୀ ଦେଇଥିଲା। ଏପରି କି ୭୨ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ବିସ୍ତୃତ ରିପୋର୍ଟ ଦାଖଲ ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଥିଲା।

# ଲିଭ୍-ଇନ୍ ପାର୍ଟନରଙ୍କୁ ପରିବାର ପେନ୍‌ସନରେ ସାମିଲ ଆବେଦନ

## ବିଚାର ପାଇଁ କେନ୍ଦ୍ରକୁ କହିଲେ ଦିଲ୍ଲୀ ହାଇକୋର୍ଟ

**ନୂଆଦିଲ୍ଲୀ,୧୧।୧**

ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଲିଭ୍ ଇନ୍ ପାର୍ଟନରଙ୍କୁ ପରିବାର ପେନ୍‌ସନରେ ସାମିଲ କରିବା ନେଇ ବିଚାର କରିବାକୁ ଦିଲ୍ଲୀ ହାଇକୋର୍ଟ ଶନିବାର କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କର୍ମଚାରୀଙ୍କ ସହ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଲିଭ୍-ଇନ୍‌ରେ ରହିଥିବା ମହିଳା ଓ ସେମାନଙ୍କ ପିଲାମାନଙ୍କୁ ପାରିବାରିକ ପେନ୍‌ସନ ଏବଂ ସ୍ୱାସ୍ଥ୍ୟସେବା ସୁବିଧା ମିଳିବା ଲାଗି ଦାବିକରି ସେ ହାଇକୋର୍ଟରେ ଆବେଦନ କରିଥିଲେ। ଜଷ୍ଟିସ୍ ନବୀନ ଚାୱ୍ଲା ଏବଂ ମଧୁ ଜୈନଙ୍କ ଖଣ୍ଡପୀଠ କହିଛନ୍ତି, ଆବେଦନକାରୀ ତାଙ୍କ ସମ୍ପର୍କକୁ କଦାପି ଲୁଚାଇନାହାନ୍ତି। ପରିବାରରେ ତାଙ୍କୁ ଓ ତାଙ୍କ ପିଲାମାନଙ୍କୁ ସାମିଲ କରିବା ପାଇଁ ସେ ଉଦ୍ୟମ କରିଛନ୍ତି। ତେଣୁ ଅବସର ପରବର୍ତ୍ତୀ ସୁବିଧା ପାଇବାରୁ ତାଙ୍କ ପାର୍ଟନର ଓ ପିଲାମାନଙ୍କୁ ବଞ୍ଚିତ କରିବା ଭୁଲ୍ ହେବ ବୋଲି ଖଣ୍ଡପୀଠ କହିଛନ୍ତି।

# ଏସ୍‌ଆଇଆର୍ ବେଳେ ଗଲାଣି ୭୭ ଜୀବନ: ମମତା

**ନୂଆଦିଲ୍ଲୀ,୧୧।୧**

ପଶ୍ଚିମବଙ୍ଗରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)କୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିନ୍ଦା କରିଛନ୍ତି। ଏହି ଅଭିଯାନ ବେଳେ ୭୭ ଜଣଙ୍କ ଜୀବନ ଯାଇଥିବାବେଳେ ୧୭ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ଏବଂ ୪ ଜଣ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ ବୋଲି ମମତା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଏସ୍‌ଆଇଆର୍ ଗଠନମୂଳକ ଏବଂ ଫଳପ୍ରଦ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ତେବେ ଏହି ପ୍ରକ୍ରିୟା ସାଧାରଣ ନାଗରିକଙ୍କୁ ଅସୁବିଧାରେ ପକାଇଛି। ମାନବୀୟ ବିଚାରୀ ବିନା ପ୍ରଯୁକ୍ତିଗତ ତଥ୍ୟ ଆଧାରରେ ଭୋଟର ତାଲିକା ସଂଶୋଧନ କରାଯାଉଛି। ଏହା ଉପଯୁକ୍ତ ଯୋଜନାରେ ହେଉ ନ ଥିବା ମମତା ଅଭିଯୋଗ କରିଛନ୍ତି।

# ଅର୍ଥମନ୍ତ୍ରୀଙ୍କ ପ୍ରାକ୍ ବଜେଟ ବୈଠକ

**ନୂଆଦିଲ୍ଲୀ,୧୧।୧**

୨୦୨୬-୨୭ କେନ୍ଦ୍ରୀୟ ବଜେଟ ଆଣିବା ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ଶନିବାର ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନେଇ ପ୍ରାକ୍ ବଜେଟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧରୀଙ୍କ ସମେତ ମଣିପୁର ରାଜ୍ୟପାଳ, ଦିଲ୍ଲୀ, ଗୋଆ, ହରିୟାଣା, ଜମ୍ମୁ-କଶ୍ମୀର, ମେଘାଳୟ ଏବଂ ସିକିମ୍ ମୁଖ୍ୟମନ୍ତ୍ରୀ, ଅରୁଣାଚଳପ୍ରଦେଶ, ମଧ୍ୟପ୍ରଦେଶ, ଓଡ଼ିଶା, ରାଜସ୍ଥାନ ଏବଂ ତେଲଙ୍ଗାନାର ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଅର୍ଥମନ୍ତ୍ରୀ ଓ ଆର୍ଥିକ ବ୍ୟାପାର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରମୁଖ ଅର୍ଥନୀତିଜ୍ଞମାନଙ୍କ ସହ ପ୍ରାକ୍ ବଜେଟ ବୈଠକରେ ଯୋଗଦେଇଥିଲେ। ସେଠାରେ ଅର୍ଥମନ୍ତ୍ରୀ ସୀତାରମଣଙ୍କ ସମେତ ନୀତି ଆୟୋଗ ଉପାଧ୍ୟକ୍ଷ ସୁମନ ବେରି ଓ ଅନ୍ୟ ବିଶିଷ୍ଟ ଅର୍ଥନୀତିଜ୍ଞମାନେ ଉପସ୍ଥିତ ଥିଲେ।



ନିର୍ମଳା ସୀତାରାମନ୍

# ମିସିସିପିରେ ଗୁଳିକାଣ୍ଡ: ୬ ମୃତ

**ୱାଶିଂଟନ,୧୧।୧**

ଆମେରିକାର ମିସିସିପି ରାଜ୍ୟର ପୂର୍ବଭାଗରେ ଶୁକ୍ରବାର ରାତିରେ ଗୁଳିକାଣ୍ଡ ଘଟି ଅନ୍ୟୂନ ୬ ଜଣ ପ୍ରାଣ ହରାଇଛନ୍ତି। ଗୁଳି ଚଳାଇଥିବା ସନ୍ଦେହରେ ଜଣକୁ ଗିରଫ କରାଯାଇଛି। ଆଲବାମା ସୀମା ନିକଟ ୱେଷ୍ଟ ପଏଣ୍ଟ ସହରରେ ଗୁଳିକାଣ୍ଡ ଘଟିଥିଲା। ଗୁଳିକାଣ୍ଡ ସମ୍ପର୍କରେ ଅଧିକ ସୂଚନା ଦେବାକୁ କ୍ଲେ କାଉଣ୍ଟି ଶେରିଫ୍ କାର୍ଯ୍ୟାଳୟ ମନା କରିଦେଇଛି। ଉତ୍ତରପୂର୍ବ ମିସିସିପିରେ ଅବସ୍ଥିତ କ୍ଲେ କାଉଣ୍ଟିରେ ପାଖାପାଖି ୨୦,୦୦୦ ଲୋକ ବସବାସ କରନ୍ତି।

# ନୌସେନାର ପ୍ରାକ୍ତନ ମୁଖ୍ୟଙ୍କୁ ଏସ୍‌ଆଇଆର୍ ନୋଟିସ

**ନୂଆଦିଲ୍ଲୀ,୧୧।୧**

ନିର୍ବାଚନ କମିଶନ (ଇସି)ଙ୍କ ଦ୍ୱାରା ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ନାନା ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହେଉଛି। ନିକଟରେ ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ନୋବେଲ ବିଜେତା ଅମର୍ତ୍ତ୍ୟ ସେନଙ୍କୁ ତାଙ୍କ ନାଗରିକତ୍ୱ ପ୍ରମାଣ ଦେବା ପାଇଁ କୁହାଯାଇଥିବାବେଳେ ଏବେ ଭାରତୀୟ ନୌସେନାର ପୂର୍ବତନ ମୁଖ୍ୟ ଆଡ୍‌ମିରାଲ ଅରୁଣ ପ୍ରକାଶଙ୍କ ନିକଟକୁ ଅନୁରୂପ ଏସ୍‌ଆଇଆର୍ ନୋଟିସ ପଠାଯାଇଛି। ଏନେଇ ଆଡ୍‌ମିରାଲ ପ୍ରକାଶ X ରେ ପୋଷ୍ଟ କରି ଲେଖିଛନ୍ତି, ଯଦି ଏସ୍‌ଆଇଆର୍ ଫର୍ମଗୁଡ଼ିକରେ ଆବଶ୍ୟକ ତଥ୍ୟ ରହୁନାହିଁ, ତେବେ ଫର୍ମରେ ଜରୁରୀ ପରିବର୍ତ୍ତନ ଅଣାଯିବା ଉଚିତ। ବ୍ଲକ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଆମ ପାଖକୁ ୩ ଥର ଆସିଥିଲେ। ସେମାନେ ଆମକୁ ଅଧିକ ତଥ୍ୟ ମାଗିପାରିଥାନ୍ତେ। ମୋତେ ୮୨ ବର୍ଷ ହେଉଥିବାବେଳେ ମୋ ସ୍ତ୍ରୀଙ୍କୁ ୭୮ ହେଉଛି। ଆମକୁ ୧୮ କି.ମି. ଦୂରରେ ଥିବା ଭିନ୍ନ ଭିନ୍ନ ସ୍ଥାନରେ ୨ଟି ତାରିଖରେ ହାଜର ହେବାକୁ କୁହାଯାଉଛି। ଏହା ଦୁର୍ଭାଗ୍ୟଜନକ ବିଷୟ ବୋଲି ଆଡ୍‌ମିରାଲ ପ୍ରକାଶ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଇସିଙ୍କ ଏଭଳି ପଦକ୍ଷେପକୁ ଏକ ବଡ଼ ଭୁଲ୍ ଦର୍ଶାଇ ସୋସିଆଲ ମିଡିଆ ୟୁଜର୍ସ ସମାଲୋଚନା କରିଛନ୍ତି। ପ୍ରକାଶ ତାଙ୍କ କ୍ୟାରିୟରର ୪୦ ବର୍ଷ ନୌସେନାକୁ ସେବା ଦେଇ ଅତିବାହିତ କରିଥିବାବେଳେ ୨୦ ବର୍ଷ ତଳେ ଅବସର ନେଇଥିଲେ। ୧୯୭୧ରେ ସେ ବୀରଚକ୍ର ସମ୍ମାନ ପାଇଥିଲେ। ଇସିଙ୍କ ୱେବ୍‌ସାଇଟରେ ପ୍ରକାଶିତ ଗୋଆ ଭୋଟର ଚିଠା ତାଲିକାରେ ପ୍ରକାଶ ଓ ତାଙ୍କ ସ୍ତ୍ରୀଙ୍କ ନାମ ଉଲ୍ଲେଖ ରହିଛି। ତେବେ ତାଙ୍କ ନିକଟକୁ ଇସି କାହିଁକି ନୋଟିସ ପଠାଇଛନ୍ତି ସେ ବୁଝିପାରୁ ନାହାନ୍ତି ବୋଲି କହିଛନ୍ତି।



ଆଡ୍‌ମିରାଲ ଅରୁଣ ପ୍ରକାଶ



ସମ୍ବଲପୁରରେ ବୃହତ୍ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପାର୍ଶ୍ୱରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଓ ବିଧାୟକ ଜୟନାରାୟଣ ମିଶ୍ର।

# ସମ୍ବଲପୁରବାସୀଙ୍କୁ ମିଳିବ ୨୪ ଘଣ୍ଟିଆ ଶୁଦ୍ଧ ପାନୀୟଜଳ: ମୁଖ୍ୟମନ୍ତ୍ରୀ

## ମେଗା ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ

ସମ୍ବଲପୁର,୧୧।୧
(ପ୍ରମୋଦ ବହିଦାର)

ସମ୍ବଲପୁରବାସୀଙ୍କୁ ମିଳିବ ୨୪ ଘଣ୍ଟିଆ ଉତ୍ତମ ଗୁଣବତ୍ତାଯୁକ୍ତ ସୁରକ୍ଷିତ ପାନୀୟଜଳ। ଏଥିସହିତ ଏଠାରେ ସବୁଦିନ ପାଇଁ ପାନୀୟଜଳ ସମସ୍ୟାର ସମାଧାନ ହେବ। ରବିବାର କେନ୍ଦ୍ର ସରକାରଙ୍କ 'ଅମୃତ ୨.୦' ଯୋଜନା ଅନ୍ତର୍ଗତ ଜମାଦାରପାଲି ଟିପୁପଡ଼ାଠାରେ ପ୍ରସ୍ତାବିତ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଅଭିଯାନର ସଫଳ ରୂପାୟନ ସ୍ୱରୂପ ଦୁଇ ବୃହତ୍ ପାନୀୟଜଳ ପ୍ରକଳ୍ପର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏହି ଅବସରରେ ସେ ବକ୍ତବ୍ୟ ରଖି କହିଥିଲେ, ଏହି ଦୁଇ ପ୍ରକଳ୍ପ ଜରିଆରେ ସମ୍ବଲପୁର ସହରର ମୋଟ ୪୧ଟି ୱାର୍ଡର ପ୍ରାୟ ୫ଲକ୍ଷ ଲୋକଙ୍କୁ ଦୈନିକ ୧୦୦ନିୟୁତ ଲିଟର ଗୁଣବତ୍ତା ବିଶିଷ୍ଟ ବିଶୁଦ୍ଧ ପାନୀୟଜଳ ଯୋଗାଣର ଲକ୍ଷ୍ୟ ରଖାଯାଇଛି, ଯଦ୍ଦ୍ୱାରା ଲୋକେ ସିଧାସଳଖ ଟ୍ୟାପ୍‌ରୁ ପାଣି ପିଇପାରିବେ। ପ୍ରାୟ ୪୫୧ କୋଟି ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜମାଦାରପାଲି ଟିପୁପଡ଼ାରେ ଦୈନିକ ୬୫ ନିୟୁତ ଲିଟର(ଏମ୍‌ଏଲ୍‌ଡି) ଓ ବୁର୍ଲାରେ ଦୈନିକ ୩୫ ନିୟୁତ ଲିଟର(ଏମ୍‌ଏଲ୍‌ଡି) କ୍ଷମତା ବିଶିଷ୍ଟ ଦୁଇଟି ମେଗା ଜଳ ବିଶୋଧନାଗାର ଓ ପାନୀୟଜଳ ଯୋଗାଣ ପକଳ୍ପ ସ୍ଥାପନ ହେବ। ଏଥିପାଇଁ ସମଗ୍ର ସହର ମଧ୍ୟରେ ପ୍ରାୟ ୩୪୦ କିଲୋମିଟର ଦୀର୍ଘର ପାଣି ପାଇପ୍ ଲାଇନ ବିଛାଯିବ।

ଶିଳାନ୍ୟାସ ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଭାଜପା ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଏସ୍‌ପି ମୁକେଶ କୁମାର ଭାମ୍ବୁ, ୱାଟ୍‌କୋ ମୁଖ୍ୟ ପ୍ରବନ୍ଧକ ବ୍ରହ୍ମେଶ୍ୱର ଦାସଙ୍କ ସହିତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ସହରବାସୀଙ୍କ ଦୀର୍ଘଦିନର ପିଇବା ପାଣି ସମସ୍ୟାକୁ ଦୃଷ୍ଟିରେ ରଖି ୨୪ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳଯୋଗାଣ ଉଦ୍ଦେଶ୍ୟରେ ଏହି ଦୁଇ ପ୍ରକଳ୍ପ ସହାୟକ ହେବ ବୋଲି ଆଶା କରାଯାଉଛି।

# ରାଜ୍ୟର ୮୯ ଚିକିତ୍ସାଳୟରେ ହେବ ଟ୍ରମାକେୟାର ୟୁନିଟ୍

## ସମ୍ବଲପୁର ଡିଏଚ୍‌ଏଚ୍‌ରେ ଟ୍ରମାକେୟାର କେନ୍ଦ୍ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର,୧୧।୧(ପ୍ରମୋଦ ବହିଦାର)

ରାଜ୍ୟର ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ ୮୯ ଚିକିତ୍ସାଳୟରେ ପ୍ରତିଷ୍ଠା ହେବ ନୂତନ ଟ୍ରମା କେୟାର ୟୁନିଟ୍ ବା ଗୁରୁତର ଆଘାତ ଯତ୍ନକେନ୍ଦ୍ର। ରବିବାର ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଟ୍ରମାକେୟାର କେନ୍ଦ୍ର ବହିର୍ବିଭାଗ କୋଠାର ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ପ୍ରାୟ ୨୧ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଅତ୍ୟାଧୁନିକ ଟ୍ରମାକେୟାର କେନ୍ଦ୍ର, ବହିର୍ବିଭାଗ(ଓପିଡି), ଡାଏଲିସିସ୍ କକ୍ଷ ଓ ୨ କୋଟି ୫୩ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ସ୍ୱତନ୍ତ୍ର ଉପକରଣ ସଫେଇ ଓ ବିଶୋଧନ ପ୍ରଣାଳୀଯୁକ୍ତ ସେଣ୍ଟ୍ରାଲ ଷ୍ଟେରାଇଲ୍ ସପ୍ଲାଏ ଡିପାର୍ଟମେଣ୍ଟ(ସିଏସ୍‌ଏସ୍‌ଡି)ର ସେ ଫିତାକାଟି ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ସଂପ୍ରତି ଟ୍ରାଫିକ୍ ସମସ୍ୟା ଉତ୍କଟ ହେବା ସାଙ୍ଗକୁ ଅନୁରୂପଭାବେ ଦୁର୍ଘଟଣା ହାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଦୁର୍ଘଟଣାଗ୍ରସ୍ତଙ୍କ ତୁରନ୍ତ ଆବଶ୍ୟକ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ପ୍ରତ୍ୟେକ ଜିଲାର ସଦର ମହକୁମା ଚିକିତ୍ସାଳୟରେ ଟ୍ରମାକେୟାର କେନ୍ଦ୍ରର ମଧ୍ୟ ଜରୁରୀ ରହିଛି। ଏଭଳି ଆବଶ୍ୟକତାକୁ ହୃଦୟଙ୍ଗମ କରି ରାଜ୍ୟରେ ଶାସନଭାର ଗ୍ରହଣ କରିବାର ମାତ୍ର ୧୩ ଦିନ ମଧ୍ୟରେ ସମସ୍ତ ସରକାରୀ ମେଡିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଳୟ ସହିତ ଅନ୍ୟାନ୍ୟ ମୁଖ୍ୟ ସରକାରୀ ଚିକିତ୍ସାଳୟରେ ଟ୍ରମାକେୟାର କେନ୍ଦ୍ର ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଟ୍ରମା କେୟାର ପ୍ରତିଷ୍ଠା ହେଲେ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ ପାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଥିଲେ। ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ତେଣୁ ବିଭିନ୍ନ ଜିଲାରେ ଥିବା ଚିକିତ୍ସାଳୟଗୁଡ଼ିକର ଉନ୍ନତୀକରଣ କାର୍ଯ୍ୟ ହାତକୁ ନିଆଯାଇଛି। ଏହି କ୍ରମରେ ରବିବାର ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ନୂତନ ଓପିଡି କୋଠାର ଉଦ୍‌ଘାଟନ ହୋଇଛି। ଏଠାରେ ରୋଗୀଙ୍କୁ ପ୍ରାୟ ୭ଶହ ପ୍ରକାରର ବିଭିନ୍ନ ଔଷଧ ନିଃଶୁଳ୍କ ପ୍ରଦାନ କରାଯିବ। ଏହାଦ୍ୱାରା ସମ୍ବଲପୁର ଜିଲାବାସୀଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁଣାତ୍ମକ ଓ ଆଧୁନିକ ସେବା ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମଗ୍ର ଟ୍ରମାକେୟାର ଏବଂ ଓପିଡି କୋଠାର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାଏକ, ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମ୍ବୁ, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ଏସ୍‌ଏମ୍‌ସି ଆୟୁକ୍ତ ରେହାନ୍ କ୍ଷତ୍ରୀ, ଉପଜିଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ସଦର ତହସିଲଦାର ଶୁଭ୍ରା ପଣ୍ଡା, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ହେତା, ଅତିରିକ୍ତ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ କୁମାର ଦାଶ, ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀ ଇଂ. ବିଭୁପ୍ରସାଦ ଲେଙ୍କା ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୁଣି ବଢ଼ିବ ଶୀତ

ଭୁବନେଶ୍ୱର,୧୧।୧(ବନ୍ଦନା ସେଠୀ)

ଗତ କିଛିଦିନ ଧରି ରାଜ୍ୟରେ ଲାଗି ରହିଥିବା ପ୍ରବଳ ଶୀତରେ ହଠାତ୍ ପରିବର୍ତ୍ତନ ଆସିଛି। ଆକାଶରେ ବାଦଲ ଆଚ୍ଛାଦନ ବୃଦ୍ଧି ହେତୁ ରାଜ୍ୟର ଅଧିକାଂଶ ସ୍ଥାନରେ ପାରଦ ଉପରମୁହାଁ ହୋଇଛି। ରାଜ୍ୟର କିଛି ସ୍ଥାନରେ ଶନିବାର ରାତିରେ ଝିପି ଝିପି ବର୍ଷା ହୋଇଥିବାବେଳେ ରବିବାର ଅଧିକାଂଶ ସ୍ଥାନରେ ୩ରୁ ୭ଡିଗ୍ରୀ ଯାଏ ସର୍ବନିମ୍ନ ତାପମାତ୍ରା ବୃଦ୍ଧି ପାଇଥିଲା। ସୋମବାରଠାରୁ ବାଦଲ ଆଚ୍ଛାଦନ ହଟିବା ପରେ ପୁଣି ପାରଦ ଖସିବା ସହିତ ଶୀତ ବଢ଼ିବ। ଆସନ୍ତା ୧୮ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତଥ୍ୟ ଅନୁଯାୟୀ, ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୬.୫ ଡିଗ୍ରୀ ରହିଥିବାବେଳେ ଫୁଲବାଣୀରେ ୭ ଡିଗ୍ରୀ, ରାଉରକେଲା ୮ ଡିଗ୍ରୀ, ଝାରସୁଗୁଡା ୮.୩ ଡିଗ୍ରୀ, ନବରଙ୍ଗପୁର ୮.୫ ଡିଗ୍ରୀ ଓ କିରେଇରେ ୯.୮ ଡିଗ୍ରୀ ରେକର୍ଡ କରାଯାଇଛି।

# ୧୦ ଜଣିଆ ଟିମ୍‌ର ଯାଞ୍ଚ ଆରମ୍ଭ

## ରାଉରକେଲାରେ ବିମାନ ଖସିପଡ଼ିବା ଘଟଣା

ରାଉରକେଲା,୧୧।୧
(ସଙ୍ଗୀତା ଜେନା)

ରାଉରକେଲା ଜଲଦା ଫାଣ୍ଡିଅଞ୍ଚଳରେ ଶନିବାର ଅପରାହ୍ନ ସାଢ଼େ ୧ଟାରେ ହୋଇଥିବା ବିମାନ ଦୁର୍ଘଟଣାର ତଦନ୍ତ ରବିବାର ଆରମ୍ଭ ହୋଇଛି। ଦିଲ୍ଲୀସ୍ଥିତ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ)ର ୬ଜଣ ଏବଂ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ୪ଜଣିଆ ଟିମ୍ ହେଲିକପ୍ଟର ଯୋଗେ ରାଉରକେଲାରେ ପହଞ୍ଚିବା ପରେ ଘଟଣାସ୍ଥଳକୁ ଯାଇଥିଲେ। ଉକ୍ତ ଟିମ୍ ସେଠାରେ ବିମାନର ବିଭିନ୍ନ ଅଂଶ, ଇନ୍ଧନ ପ୍ରଣାଳୀ, ଲ୍ୟାଣ୍ଡିଂ ଗିଅର ଏବଂ ପାଣିପାଗ ତଥ୍ୟ ଯାଞ୍ଚ କରିଥିଲେ। ସେମାନେ ଫଟୋ ଉଠାଇବା, ମାପ ନେବା, ବିମାନ ଭିତର ଓ ବାହାର ନମୁନା ସଂଗ୍ରହ କରିବା, ପାଇଲଟଙ୍କ ଲଗ୍ ବୁକ୍, ରକ୍ଷଣାବେକ୍ଷଣ ରେକର୍ଡ ଏବଂ ଉଡାଣପଥ ବିଶ୍ଳେଷଣ କରିଥିଲେ। ଏଥିରେ ବିମାନ କମ୍ପାନୀ, ରାଉରକେଲା ବିମାନବନ୍ଦର ଏବଂ ଜିଲା ପ୍ରଶାସନର ଅଧିକାରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ତେବେ ସୋମବାର ଏହି ଯାଞ୍ଚ ଜାରି ରହିବ ବୋଲି ଚର୍ଚ୍ଚା ହେଉଛି।

ଅପରପକ୍ଷେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ବାଣିଜ୍ୟ ଓ ପରିବହନ



ଅଧିକାରୀମାନେ ବିମାନ ଦୁର୍ଘଟଣାସ୍ଥଳରେ ଯାଞ୍ଚ କରୁଛନ୍ତି।

ବିଭାଗ ସଚିବ ଉଷା ପାଢ଼ୀ ରବିବାର ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସେ ପ୍ରଥମେ ଜେପି ହସ୍ପିଟାଲରେ ପହଞ୍ଚି ଆହତମାନଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଆହତମାନଙ୍କ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ୨ଜଣ ଏୟାରଲିଫ୍ଟ ହେବା ପରେ ପାଇଲଟ୍ ଓ ଅନ୍ୟ ୨ ଜଣଙ୍କ ଚିକିତ୍ସା ଜେପି ହସ୍ପିଟାଲରେ କରାଯାଉଛି ବୋଲି ସଚିବ ପାଢୀ କହିଥିଲେ। ଏହାପରେ ସେ ଘଟଣାସ୍ଥଳକୁ ଯାଇ ଉଭୟ ଡିଜିସିଏ ଏବଂ ଏଏଆଇବିର ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସଚିବ ପାଢ଼ୀ କହିଲେ, ଦୁର୍ଘଟଣା ସୂଚନା ମିଳିବା ପରେ ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ସକ୍ରିୟତା ପ୍ରକାଶ କରିଥିଲା। ଆହତମାନଙ୍କୁ ତୁରନ୍ତ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଇବା ପରେ ଗୁରୁତରଙ୍କୁ ଜେପି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରିବାର ସଦସ୍ୟଙ୍କ ଅନୁରୋଧ କ୍ରମେ ଯାତ୍ରୀ ସୁନୀଲ ଅଗ୍ରୱାଲ ଓ ସବିତା ଅଗ୍ରୱାଲଙ୍କୁ ମୁମ୍ବାଇସ୍ଥିତ ଫୋର୍ଟିସ ହସ୍ପିଟାଲକୁ ରବିବାର ଏୟାରଲିଫ୍ଟ କରାଯାଇଛି। ଆହତମାନଙ୍କ ମଧ୍ୟରୁ ଜଣେ ଭେଣ୍ଟିଲେଟରରେ ଅଛନ୍ତି। ଭୁବନେଶ୍ୱରରୁ ୨ଜଣିଆ ଡାକ୍ତରୀ ଦଳ ମଧ୍ୟ ରାଉରକେଲାରେ ପହଞ୍ଚି ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରୁଛନ୍ତି। ଏଏଆଇବି ଓ ଡିଜିସିଏ ଟିମ୍ ଯାଞ୍ଚ ରିପୋର୍ଟ ପ୍ରଦାନ କରିବା ପରେ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରାଯିବ। ଦୁର୍ଘଟଣା ସମୟରେ ଜଲଦା ଓ କଂସର ଗ୍ରାମର ଲୋକଙ୍କ ସହାୟତା ପାଇଁ ସେମାନେ ଉଚ୍ଚ ପ୍ରଶଂସନୀୟ ବୋଲି ସଚିବ ପାଢ଼ୀ କହିଥିଲେ।

ଏ ନେଇ ଜିଲାପାଳ ଶୁଭଙ୍କର ମହାପାତ୍ର କହିଥିଲେ, ଦୁର୍ଘଟଣା ପରେ ପୋଲିସ, ବନ ବିଭାଗ ଓ ସ୍ଥାନୀୟ ଲୋକଙ୍କ ସହଯୋଗକୁ ଧନ୍ୟବାଦ। ଉକ୍ତ ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ରାଉରକେଲା ବନ ବିଭାଗ ପକ୍ଷରୁ ପ୍ରାୟ ୧୫୦ ମିଟର ପରିଧି ମଧ୍ୟରେ ଅସ୍ଥାୟୀ ଫେନ୍‌ସିଂ କରାଯାଇଥିଲା। ପୋଲିସ ଓ ସୁରକ୍ଷାବଳ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଛି। ଉପବାଚସ୍ପତି, ବିଧାୟକମାନେ ମଧ୍ୟ ସହଯୋଗ କରିଛନ୍ତି। ଯାଞ୍ଚ ପରେ ଟିମ୍‌ର ଅନୁମୋଦନ କ୍ରମେ କ୍ଷତିଗ୍ରସ୍ତ ବିମାନକୁ ଉକ୍ତ ସ୍ଥାନରୁ ହଟାଇ ନିଆଯିବ ବୋଲି ଜିଲାପାଳ ମହାପାତ୍ର କହିଥିଲେ।

# ରାସ୍ତା ନିର୍ମାଣକାରୀ ସଂସ୍ଥାକୁ ଚିଠି ଲେଖିଲା ଏସ୍‌ଟିଏ

## ଅସୁରକ୍ଷିତ ରାସ୍ତା ଯୋଗୁ ଦୁର୍ଘଟଣାକୁ ନେଇ ମନ୍ତ୍ରୀଙ୍କ ଉଦ୍‌ବେଗ

କଟକ,୧୧।୧(କାର୍ତ୍ତିକ ସାହୁ)

ରାସ୍ତାରେ ବାଲି, ମାଟି, ଅଳିଆ, ମରାମତି କିମ୍ବା ନିର୍ମାଣ କାମରେ ବ୍ୟବହାର ହୋଇଥିବା ବଳକା ସାମଗ୍ରୀ ପଡ଼ିବା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏହାକୁ ନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାସହ ତୁରନ୍ତ ସଂଶୋଧନମୂଳକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ଜାତୀୟ ରାଜପଥ ପ୍ରାଧିକରଣ, ପୂର୍ତ୍ତ ବିଭାଗ, ପୌରପାଳିକା, ଏନ୍‌ଏସି ସମେତ ସମସ୍ତ ସଡ଼କ ନିର୍ମାଣକାରୀ ଏବଂ ରକ୍ଷଣାବେକ୍ଷଣ ସଂସ୍ଥାଗୁଡ଼ିକୁ ଚିଠି ଜାରି କରାଯାଇଛି। ଯେଉଁଥିରେ ରାସ୍ତାକୁ ଅସୁରକ୍ଷିତ କରୁଥିବା ବାଲି, ମାଟି, ଅଳିଆ, ରାସ୍ତା ମରାମତି କିମ୍ବା ନିର୍ମାଣ କାମରେ ବ୍ୟବହାର ହୋଇଥିବା ବଳକା ସାମଗ୍ରୀ ହଟାଇବାକୁ କୁହାଯାଇଛି। ରାସ୍ତାରେ ଏସବୁ ପଡିବା ଦ୍ୱାରା ଗାଡ଼ି ଚକା ଖସିବା ଏବଂ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ବିଶେଷ କରି ଦୁଇଚକିଆ ଚାଳକଙ୍କ ପାଇଁ ଏହା ବିପଦପୂର୍ଣ୍ଣ ହୋଇଥାଏ। ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ଦୃଷ୍ଟିରେ ରଖି ଏ ଦିଗରେ ସମ୍ପୃକ୍ତ ସଂସ୍ଥାଗୁଡ଼ିକ ଯତ୍ନବାନ ହେବାକୁ କୁହାଯାଇଛି। ମୋଟରଯାନ ଆଇନ ୧୯୮୮ର ଧାରା ୧୯୮(କ) ଅନୁଯାୟୀ, ରାସ୍ତା ଡିଜାଇନ, ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ ମାନଦଣ୍ଡ ପାଳନ କରିବାରେ ବିଫଳତା କ୍ଷେତ୍ରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ସମସ୍ତ ଏଜେନ୍ସିକୁ ନିୟମିତ ଭାବେ ସଡ଼କ ପରିଷ୍କାର କରିବା, ବାଲି କିମ୍ବା ଅନ୍ୟ କିଛି ସାମଗ୍ରୀ ରାସ୍ତାରେ ରହିଲେ ତାକୁ ତୁରନ୍ତ ବାହାର କରିବାକୁ କୁହାଯାଇଛି । ଦୁର୍ଘଟଣାପ୍ରବଣ ସ୍ଥାନ, ସମ୍ବେଦନ ସଡ଼କ ଚିହ୍ନଟ କରି ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କୁ ଜଣାଇବେ। ଦୁର୍ଘଟଣା ତଦନ୍ତ ସମୟରେ ଯେକୌଣସି ତ୍ରୁଟି ଦେଖାଗଲେ ତାହାକୁ ଗମ୍ଭୀରତାର ସହ ବିଚାର କରାଯିବ ଏବଂ ତାର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସଡ଼କ ସୁରକ୍ଷାର ବୃହତ୍ତର ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ଚିଠି ଜାରି କରାଯାଇଛି ଏବଂ ଏହାକୁ ପାଳନ କରିବା ଅତ୍ୟନ୍ତ ଜରୁରୀ ବୋଲି ନିର୍ଦ୍ଦେଶ ଦିଆଯାଇଛି।






# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଉତ୍କଳ ମହିଳା ସମିତି ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ନାରୀ ନିର୍ଯ୍ୟାତନା ଓ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତି ପ୍ରତିବାଦରେ ରାଜ୍ୟସ୍ତରୀୟ କର୍ମଶାଳା, ସ୍ଥାନ: ଭଗବତୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: କିସ୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, କିସ୍ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ୨୩ ତମ ବାର୍ଷିକ ଉତ୍ସବ, ସ୍ଥାନ: ବାଲିଅନ୍ତା – ବେଣ୍ଟପୁର କୁଶଗାଡିଆସ୍ଥିତ ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୫ଟା ୩୦।
- ଶ୍ରୀରାମ କୃପା ପରିଷଦ ଆନୁକୂଲ୍ୟରେ ଶ୍ରୀମଦଭଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ନହରକଣ୍ଟା (ଖ)ର ହନୁମାନଙ୍କ ପୀଠସ୍ଥଳୀସ୍ଥିତ ମାରୁତି ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**କଟକ**
- ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଖେଳପଡ଼ିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଅନ୍ତିମ ଦିବସ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ରାମକୃଷ୍ଣ କୁଟୀର, ବଙ୍ଗାଳୀସାହି, ସମୟ: ସନ୍ଧ୍ୟା ୫ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଯୁବ ସାରସ୍ୱତ ସମାରୋହ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ବ୍ରହ୍ମପୁର**
- ଆଧ୍ୟାତ୍ମିକ ସମ୍ମେଳନ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି
- ସମୟ: ସକାଳ ୬ଟା।
- ଜାତୀୟ ଯୁବ ଦିବସ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- କ୍ରାନ୍ତି ପକ୍ଷରୁ ଜାତୀୟ ଯୁବ ଦିବସରେ ରାଲି, ସ୍ଥାନ: ଏମକେସିଜି ମେଡିକାଲ କଲେଜ ସମୟ: ସକାଳ ୮ଟା ୩୦।
- ବ୍ରହ୍ମପୁର ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା।
- ସିପିଏମ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଆରଡିସି ଅଫିସ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ଉଦଯାପନୀ, ସ୍ଥାନ –ଗୁରୁଜୀ ବିହାର, ସମୟ: ଅପରାହ୍ନ ୨ଟା ୩୦।
- ଅଷ୍ଟବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଗଜପତିନଗର, ସମୟ: ଅପରାହ୍ନ ୩ଟା ୩୦।
- ମର୍ଦ୍ଦରାଜ ମହୋତ୍ସବ. ସ୍ଥାନ: କେସି ପବ୍ଲିକ ସ୍କୁଲ, ସମୟ: ସନ୍ଧ୍ୟା ୬ଟା।
- ମା' କାଳୁଆ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ: ଶାସ୍ତ୍ରୀନଗର, ଗୋଷାଣୀନୂଆଗାଁ. ସମୟ: ରାତି ୮ଟା।

**ଗଞ୍ଜାମ**
- ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟ, ସମୟ: ସକାଳ ୯ ଟା।
- ଜାତୀୟ ଯୁବ ଦିବସ ପାଳିତ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଗ୍ରାମପଞ୍ଚାୟତ ସ୍ତରୀୟ ଜନ ଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ମହାବିଦ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ ଟା।

**ଢେଙ୍କାନାଳ**
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ଅନୁଗୋଳ**
- 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସାମୂହିକ ଗାନ, ସ୍ଥାନ : ଏନଏସି କଲ୍ୟାଣ ମଣ୍ଡପ, ଆଠମଲ୍ଲିକ, ସମୟ : ପୂର୍ବାହ୍ନ ୧୦ଟା।
- 'ବନ୍ଦେ ମାତରମ'ର ସାମୂହିକ ଗାନ, ସ୍ଥାନ: ଠାକୁରଗଡ଼ ଉଚ୍ଚବିଦ୍ୟାଳୟ, ଆଠମଲ୍ଲିକ, ସମୟ : ପୂର୍ବାହ୍ନ ୧୦ଟା।
- ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଉପଲକ୍ଷେ ଜାତୀୟ ଯୁବ ଦିବସ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଆଠମଲ୍ଲିକ, ସମୟ : ପୂର୍ବାହ୍ନ ୧୦ ଟା ୩୦।
- 'ବନ୍ଦେ ମାତରମ'ର ୧୫୦ ତମ ଦିବସ ପାଳନ, ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ , ଅନୁଗୋଳ , ସମୟ: ପୂର୍ବାହ୍ନ ୧୦ଟା।
- ରୋଡ଼ସେଫ୍ଟି କାର୍ଯ୍ୟକ୍ରମର ରକ୍ତଦାନ ଶିବିର, ସ୍ଥାନ :ଆରଟିଓ ଅଫିସ ଅନୁଗୋଳ, ସମୟ: ପୂର୍ବାହ୍ନ ୯ଟା।

**ଜଗତ୍‌ସିଂହପୁର**
- ଇତିହାସ ବିଭାଗର ଆଲୋଚନାଚକ୍ର, ସ୍ଥାନ: ପାରାଦୀପ କଲେଜ, ସମୟ: ପୂର୍ବାହ୍ନ ୧୧ଟା
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାମନ୍ଦିର ପରିସର, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ପକ୍ଷରୁ ଜାତୀୟ ଯୁବ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

**କେନ୍ଦ୍ରାପଡ଼ା**
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଳାଇ କ୍ରିକେଟ କପ, ସ୍ଥାନ: ଅଙ୍ଗୁଳାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ପଟ୍ଟାମୁଣ୍ଡାଇ ଟେନିସ କ୍ରିକେଟ ଆସୋସିଏଶନ ପକ୍ଷରୁ ପଟ୍ଟାମୁଣ୍ଡାଇ ପ୍ରିମିୟର ଲିଗ, ସ୍ଥାନ: ଏମ୍ଏନ୍ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ଡିଆରଡିଏ ହଲ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ପିଏମ୍ଶ୍ରୀ ଉତ୍ସବ, ସ୍ଥାନ: ବିଜୟାନନ୍ଦ ହାଇସ୍କୁଲ, ରାମନଗର, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରୀୟ ଯୁବ ଦିବସ ଉପଲକ୍ଷେ ରାଷ୍ଟ୍ର ଗୀତ ବନ୍ଦେ ମାତରମ୍‌ର ସମୂହ ଗାନ, ସ୍ଥାନ: ପ୍ରତ୍ୟେକ ସ୍କୁଲ ପରିସର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଲ୍ଲିଶ୍ରୀ ମେଳା ଓ ଜିଲା ମହୋତ୍ସବ, ସ୍ଥାନ: କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଳିଙ୍ଗନଗର ଉନ୍ନୟନ ପରିଷଦସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ୯ମ ଆର୍‌ପିଡିଏସି ବୈଠକ ପାଇଁ ପ୍ରସ୍ତୁତି, ସ୍ଥାନ: କଳିଙ୍ଗନଗର ଉନ୍ନୟନ ପରିଷଦ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୩ଟା।
- ଉତ୍କଳ ଗୌରବ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ୩୭ତମ ବାର୍ଷିକ କ୍ରୀଡ଼ା ଉତ୍ସବର ଦ୍ୱିତୀୟ କ୍ୱାର୍ଟରେ ଫାଇନାଲ ମ୍ୟାଚ୍, ସ୍ଥାନ: ବରୀ ବ୍ଲକ୍ ଅଧୀନ ବାଲିବିଲ ମଧୁସୂଦନ ଗ୍ରାଉଣ୍ଡ, ସମୟ: ପୂର୍ବାହ୍ନ ୧୧ଟା୩୦।

**ନୟାଗଡ଼**
- ରାମ ଚରିତ ମାନସ ପାରାୟଣର ୩ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ତୋଟା ହନୁମାନ ପୀଠ, ସମୟ:ସକାଳ ୭ଟା।
- ଭୂୟାଁଣୀ ମକରଯାତ୍ରାର ୩ୟ ଦିବସ, ସ୍ଥାନ: ସୋଲପଟାର ମା' ଭୂୟାଁଣୀଙ୍କ ପୀଠ, ସମୟ: ସକାଳ ୮ଟା।
- ଦଶପଲ୍ଲା ୯ମ ଯୁବ ମହୋତ୍ସବର ୨ୟ ଦିବସରେ ବିବେକାନନ୍ଦ ଜୟନ୍ତୀ, ସ୍ଥାନ:ଦଶପଲ୍ଲା ତ୍ରିନାଥ ବଜାର ମହକ ମଇଦାନ, ସମୟ:ସକାଳ ୮ଟା।
- ମୁରୁଜ ଓ ଝୋଟି ପ୍ରତିଯୋଗିତା, ଦଳଗତ ନୃତ୍ୟ, ପୂର୍ବାହ୍ନ : ୧୦ଟା।
- ସନ୍ଧ୍ୟା ଅଧିବେଶନରେ ସଭା, ସମୟ:ଅପରାହ୍ନ ୫ ଟା।
- ଏକ ବିଂଶତମ ବାର୍ଷିକ ଉତ୍ସବରେ ବିବେକାନନ୍ଦ ଜୟନ୍ତୀ, ସ୍ଥାନ: ଶ୍ରୀ ରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ଼, ସମୟ:ସକାଳ ୮ଟା।
- ପ୍ରଥମ ପର୍ଯ୍ୟାୟ ସାଂସ୍କୃତିକ ଆସର, ସମୟ:ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଜନ ଶୁଣାଣି, ସ୍ଥାନ: ଦଶପଲ୍ଲା ବ୍ଲକ ମିଶନ ଶକ୍ତି ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ସଭା ଓ ପୁରସ୍କାର ବିତରଣ ଉତ୍ସବ, ସମୟ:ପୂର୍ବାହ୍ନ ସାଢ଼େ ୧୧ଟା।
- କଂଗ୍ରେସର ବିଶାଳ ଚାଷୀ ସମାବେଶ ଓ ସାଧାରଣ ସଭା, ସ୍ଥାନ: ନୟାଗଡ଼ ଟ୍ରାଫିକ ଛକ ନିକଟସ୍ଥ ପୁରୁଣା ଜେଲ ଜମି ପାର୍କି ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ଭିକାରୀ ସେଠୀ ସ୍ମାରକୀ କ୍ରିକେଟ ମ୍ୟାଚରେ ଇନ୍ଦିପଟା ବନାମ ରାଉତପଡା, ସ୍ଥାନ:କୁମ୍ଭାରପଡା କୁଆଁରିଆ ପଡିଆ , ସମୟ: ମଧ୍ୟାହ୍ନ ୧୨ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମ୍ଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।
- ନାଟକ ଏବେବି ସମୟ ଅଛି: ସମୟ: ଅପରାହ୍ନ ସାଢ଼େ ୩ଟା।
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ନାମେଣ୍ଟର ୬ଷ୍ଠ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ଖଳିସାହି ବଡ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।
- ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟର ୬ଷ୍ଠ ଦିବସରେ ପ୍ରଦର୍ଶନୀ ମ୍ୟାଚ ଦୁଇ ମହିଳା ଦଳ, ସ୍ଥାନ:ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ:ଅପରାହ୍ନ ୩ଟା।
- ସୁଭଦ୍ରା ଶକ୍ତି ମେଳାର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟାରୁ ରାତ୍ର ସାଢ଼େ ୯ଟା।
- ସେବା ଉତ୍ସବ ସମିତି ପକ୍ଷରୁ ଯୁବ ଉତ୍ସବ, ସ୍ଥାନ: ନୟାଗଡ଼ ସହର ଉପକଣ୍ଠ ଦୁର୍ଗାପ୍ରସାଦଠାରୁ ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରାମନାଗୁଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: କୋଷାଗୁମୁଡ଼ା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଉମରକୋଟ ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: କୋଣ୍ଡାଗାଁ ରୋଡସ୍ଥିତ କଲ୍ୟାଣମଣ୍ଡପ, ଉମରକୋଟ, ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ସ୍ୱଦେଶୀ ସଂକଳ୍ପ ଗଣଦୌଡ଼, ସ୍ଥାନ: କୋରାପୁଟ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ସ୍ୱଦେଶୀ ସଂକଳ୍ପ ଯାତ୍ରା ରଥ ଶୁଭାରମ୍ଭ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆ, କୋରାପୁଟ, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବନ୍ଧୁଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ନୂତନ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ, ସ୍ଥାନ: ଲମତାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଟର କଲେଜ ଟେନିସ ହିଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: କୋଟପାଡ଼ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ସୁବାଇ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହିକିମପୁଟ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ଶିରିବେଡ଼ା, ବୈପାରିଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ମାତରମ୍ ସାମୁହିକ ଗାନ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜାତୀୟ ଯୁବ ଦିବସ ପାଳନ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ,ବୈପାରିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ପୋଲିସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ନନ୍ଦପୁର ଥାନା, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟସ୍ତରୀୟ ପିଏମ୍ଶ୍ରୀ ଉତ୍ସବ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥଙ୍କ ସଂସ୍କୃତି ନେଇ ଜାତୀୟ ସେମିନାର, ସ୍ଥାନ: ଆଦିବାସୀ ସଂଗ୍ରହାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- .ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ –୨୦୨୬ ସକାଶେ କଂସ ବରଣ କାର୍ଯ୍ୟକ୍ରମ, ସ୍ଥାନ : ଶାନ୍ତି ନଗର, ସମୟ : ସକାଳ ୯ଟା।
- ଜିଲା ପ୍ରଶାସନ ଆୟୋଜନରେ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ବାମରା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବ ସକାଶେ ଗୋପପୁର କମିଟିର ବୈଠକ,ସ୍ଥାନ : ଚାଉଁରପୁର ଗ୍ରାମ, ସମୟ : ଅପରାହ୍ନ ୫ଟା।

**ବଲାଙ୍ଗୀର**
- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ଦେଓଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱାମୀ ବିବେକାନନ୍ଦଙ୍କ ୧୬୩ତମ ଜୟନ୍ତୀ ପାଳନ, ଟିଟିଲାଗଡ଼ ଡିଏଭି କଲେଜ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟୁତ୍ ତାର ଚୋରି ଘଟଣାରେ ଏସ୍‌ପି ଅଫିସ ଘେରାଓ କାର୍ଯ୍ୟକ୍ରମ, ସ୍ଥାନ: ବଲାଙ୍ଗୀର ଏସ୍‌ପି ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଲୋଇସିଂହା ବ୍ଲକ୍ ଅଧୀନ ଲୋଇସିଂହା କଲେଜ ଓ କୁଶଙ୍ଗ ଡ଼ିଗ୍ରୀ କଲେଜରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଉତ୍ସବ, ସ୍ଥାନ: ଲୋଇସିଂହା ଓ କୁଶଙ୍ଗ କଲେଜ ପରିସର, ସମୟ ପୂର୍ବାହ୍ନ ୧୧ ଓ ମଧ୍ୟାହ୍ନ ୧୨ଟା।
- ସିଦ୍ଧି ବିନାୟକ ବିଦ୍ୟା ମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ସିଦ୍ଧି ବିନାୟକ ବିଦ୍ୟା ମନ୍ଦିର ପରିସର, ମଲମଣ୍ଡା, ପୁଇଁନ୍ତଲା, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା ୩୦।

**ରାଉରକେଲା**
- ଜାତୀୟ ଯୁବ ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଅରିଜିନାଲ ପାୱାର କ୍ଲବ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉଦିତନଗର ଫିଟନେସ୍ ପାର୍କ, ସମୟ: ପୂର୍ବାହ୍ନ ୧୧ଟା ୧୫।
- ମାନସ ପରିଷଦର ବାର୍ଷିକୋତ୍ସବ, ସ୍ଥାନ: ଯବାଘାଟ, ସମୟ: ଅପରାହ୍ନ ୩ଟା।
- ହ୍ୟୁମାନିଟି ଫାଉଣ୍ଡେଶନର ଦ୍ୱିତୀୟ ବାର୍ଷିକୋତ୍ସବ, ସ୍ଥାନ: ସେକ୍ଟର–୧୯, ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୫ଟା ୩୦।

**ବରଗଡ଼**
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଗାଇସିଲେଟ, ସମୟ: ପୂର୍ବାହ୍ନ ୧୦ଟା।
- କୃଷକମାରଣ ନୀତି ପ୍ରତିବାଦରେ ବିଜେଡିର ପ୍ରତିବାଦ ସଭା, ସ୍ଥାନ:ଦୁର୍ଗା ମଣ୍ଡପ ପ୍ରାଙ୍ଗଣ, ସୋହେଲା, ସମୟ:ପୂର୍ବାହ୍ନ ୧୦ଟା।
- ବିରାଟ ରାମଲୀଳା ମହୋତ୍ସବ, ସ୍ଥାନ: ଭେଡେନ, ସମୟ:ସନ୍ଧ୍ୟା ୭ଟା।

**କଳାହାଣ୍ଡି**
- ସ୍ୱାମୀ ବିବେକାନନ୍ଦ ଜୟନ୍ତୀ, ଛାତ୍ରୀଛାତ୍ର, ଯୁବକଙ୍କ ଶୋଭାଯାତ୍ରା, ସ୍ଥାନ: ଶ୍ରୀରାମକୃଷ୍ଣ ଆଶ୍ରମଠାରୁ ମୋଟଗଣ୍ଡା ଆଶ୍ରମ, ସମୟ: ପୂର୍ବାହ୍ନ ୯ଟା ୩୦।
- ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ:ଜୟପାଟଣା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ରାହାଗିରି, ପଥ ଉତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ଭବାନୀପାଟଣା ଜେଲ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ପିଏମ୍ଶ୍ରୀ ମେଳା, ସ୍ଥାନ: ମ.ରାମପୁର ନୋଡାଲ ଉପ୍ରା ବିଦ୍ୟାଳୟ, ମ.ରାମପୁର, ସମୟ: ପୂର୍ବାହ୍ନ ୧୧ଟା।
- ମକର ମେଳା ମହୋତ୍ସବ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: କେସିଙ୍ଗା ବ୍ଲକ ଗୋକୁଳେଶ୍ୱର କୁମୁଡଙ୍ଗର, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ଜିଲାପାଳଙ୍କ ଯୁଗ୍ମ ଜଣଶୁଣାଣି ଶିବିର, ସ୍ଥାନ: ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ, ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତମ ଖଡଙ୍ଗ ଲୋକ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ବନ୍ଧଗୋରା ମହୋତ୍ସବ ପଡିଆ, କଣ୍ଟାମାଳ ବ୍ଲକ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

**ଦେବଗଡ଼**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- କ୍ଷୀରୋଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସ, ସ୍ଥାନ: ସାଗଡ଼ୁରୀ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ରାଜ୍ୟ ମୁଖ୍ୟ ଉନ୍ନୟନ ଅତିରିକ୍ତ କମିଶନର ସମ୍ପାଦକଙ୍କ ନୂଆପଡ଼ା ଗସ୍ତ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ନିୟନ୍ତ୍ରିତ ସ୍ୱାସ୍ଥ୍ୟ ସମସ୍ୟା, ଉତ୍ତମ ବୁଝାମଣା ଏବଂ କାର୍ଯ୍ୟ ହାସଲର ସୁଯୋଗ ଲାଭ କରି ଖୁସି ହେବେ। ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁ ସମ୍ପର୍କ ଫିକା ପଡ଼ିଯାଇପାରେ। ଉଚ୍ଚାରୋହୀ ମଙ୍ଗଳ ହେତୁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଉନ୍ନତି ଦେଖାଦେବ। ଆନୁଷ୍ଠାନିକ କାମ, ପ୍ରଶାସନ, ପ୍ରକାଶନ, ଅଧ୍ୟୟନ ଓ ଅଧ୍ୟାପନା କ୍ଷେତ୍ରରୁ ଶୁଭଫଳ ମିଳିବ।

**ବୃଷ** ଆଜିର କର୍ମଜଞ୍ଜାଳ ସମସ୍ୟା ମନକୁ ବ୍ୟଥିତ କରିପାରେ। ଯାହାକୁ ଯାହା କହିବେ, ସେହି ବ୍ୟକ୍ତି ତାହାକୁ ଓଲଟା ଅର୍ଥରେ ଗ୍ରହଣ କରିବ। ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଯାତ୍ରା ଓ କାର୍ଯ୍ୟସଫଳ ହେବାରେ ଅସୁବିଧା ହେବନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଅନେକାଂଶରେ ନିୟନ୍ତ୍ରିତ ରହିବା କାରଣରୁ ଆଶ୍ୱସ୍ତି ଲାଭ କରିବେ।

**ମିଥୁନ** ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଅଭାବରୁ କୌଣସି କାମ ସହଜରେ ସମ୍ପନ୍ନ ହୋଇପାରିବ ନାହିଁ। ପରିବାର ଖର୍ଚ୍ଚ କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ଚିନ୍ତା ପ୍ରକଟ କରିବେ। ଆଲୋଚନା ପରିସରରେ ବିରକ୍ତିକର କଥା କହି ଅପଦସ୍ଥ ହୋଇପାରନ୍ତି। କ୍ରୀଡ଼ା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ଉଚ୍ଚସମ୍ମାନ ପାଇବାର ଯୋଗ ରହିଛି।

**କର୍କଟ** ନୂତନ ସ୍ଥାନରେ ବିଭିନ୍ନ ଦାୟିତ୍ୱ ସମ୍ଭାଳିବାରେ ନୟାନ୍ତ ହୋଇପାରନ୍ତି। କିନ୍ତୁ ଶୁଭଗ୍ରହମାନଙ୍କ ସୁପ୍ରଭାବରେ କୌଣସି କାମରେ ଓହରି ଆସିବେ ନାହିଁ। ବନ୍ଧୁମାନଙ୍କ ପରାମର୍ଶରେ ଅର୍ଥ ଲାଭର ଯୋଜନା କରିବା କାମରେ ନିଜକୁ ନିୟୋଜିତ କରିବେ। ମାନସିକ ଅସ୍ଥିରତା କାରଣରୁ ଅନ୍ୟମନସ୍କତା ହେତୁ କେତେକ ଭୁଲ୍ କରିପାରନ୍ତି ।

**ସିଂହ** ଶନିଙ୍କ କୁଦୃଷ୍ଟିରୁ ରବି ଓ ବୁଧଜନିତ ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ ଅର୍ଥସଙ୍କଟ ବିଷମ ପରିସ୍ଥିତି ସୃଷ୍ଟି କରିବ। ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା ଏବଂ ବେଖାତିର ମନୋଭାବ ହୃଦୟକୁ ବ୍ୟଥିତ କରିପାରେ । ପାରିବାରିକ କ୍ଷେତ୍ରରେ ନୀରବ ରହିପାରିଲେ ଭଲ। ସମ୍ମାନ ଲାଭ ସାଙ୍ଗକୁ ଆଇନ ଅଦାଲତର ରାୟ ସପକ୍ଷରେ ଯିବାରୁ ଖୁସି ରହିବେ।

**କନ୍ୟା** ସମ୍ପର୍କୀୟଙ୍କ ସହଯୋଗରେ ଅଭିଳଷିତ କାମ ହାସଲ କରିବେ। ପରିବାରରେ କିଛିଟା ଗୋଳମାଳିଆ ପରିସ୍ଥିତି ସାମୟିକ ଭାବରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ପିଲାମାନଙ୍କ ଝଗଡ଼ାକୁ କେନ୍ଦ୍ରକରି ଅନ୍ୟମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାକୁ ପଡ଼ିବ। ବନ୍ଧୁଙ୍କ ଅନୁରୋଧ କ୍ରମେ ଭ୍ରମଣ କାରଣରୁ କ୍ଳାନ୍ତି ଓ ଅବସାଦଯୁକ୍ତ ହୋଇପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସମ୍ପନ୍ନ କରିପାରନ୍ତି। ବନ୍ଧୁଙ୍କ ସହ ଆଲୋଚନାରେ ଅପ୍ରିୟ ସତ୍ୟ କହିବା ହେତୁ କଳହ ସୃଷ୍ଟି ହେବ। ଆଜିର ଯାତ୍ରାରେ ସଫଳତା ପାଇବେ କିନ୍ତୁ ଫେରନ୍ତା ସମୟଟି ମନସ୍ତାପରେ କଟିପାରେ । ଶିଳ୍ପ, ବାଣିଜ୍ୟ, କ୍ରୟବିକ୍ରୟ, ସାହିତ୍ୟ, ସଙ୍ଗୀତ ସାଧନା କ୍ଷେତ୍ରରେ ସଫଳତା ହାସଲ କରିବେ।

**ବିଛା** ଆପଣଙ୍କ ଚିନ୍ତାଧାରା ଭଲ ହେଲେ ମଧ୍ୟ ପରିବେଶର କୁପ୍ରଭାବରେ ଓଲଟ ପାଲଟ ହୋଇଯାଇପାରେ। କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗ କରି କାମ ହାସଲ ପାଇଁ ଚେଷ୍ଟା କରିବା ଭଲ। ବନ୍ଧୁ ପରିଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୁଧାରିବା ନିଜ ପାଇଁ ସମସ୍ୟାର କାରଣ ହେବ। ସାମ୍ବାଦିକତା, ରାଜନୀତି ଓ ସାହିତ୍ୟ ପ୍ରଭୃତିରୁ ସୁଫଳ ପାଇପାରନ୍ତି।

**ଧନୁ** ପରିସ୍ଥିତିର ବିଷମତାରେ ଅଧିକାଂଶ ସମୟ ନେଗେଟିଭ୍ ଚିନ୍ତାଧାରା ମନକୁ ବିବ୍ରତ କରିବ। ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁତାର କୁପ୍ରଭାବ ଅନୁଭବ କରିବେ। ଭାଇ ଭଉଣୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା ଅଭିଳାଷ ପୂରଣ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ପାରିବାରିକ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିପାରନ୍ତି।

**ମକର** ଆଜି ଜଣେ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ବିବାଦୀୟ ଘଟଣାରେ ପ୍ରତିଦ୍ୱନ୍ଦ୍ୱିତା ରହିଲେ ମଧ୍ୟ ସଫଳତା ଆପଣଙ୍କ ପଛରେ ରହିଛି। ପଡ଼ୋଶୀମାନେ କଅଁଳିଆ କଥା କହି କାର୍ଯ୍ୟ ହାସଲ କରିବାର ଅପଚେଷ୍ଟା କରିପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଅର୍ଥ ତୋସରପାତକୁ କେନ୍ଦ୍ରକରି କଳହ ଲାଗିପାରେ। ପାରିବାରିକ କ୍ଷେତ୍ରରେ ପୂର୍ବ ରାଗକୁ ନେଇ କାହା କଥାକୁ କିଏ ସମର୍ଥନ କରି ନ ପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟରେ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ବନ୍ଧୁ କିମ୍ବା ପଡ଼ୋଶୀଙ୍କ ମାଧ୍ୟମରେ କୌଣସି ଶୁଭଖବର ମନକୁ ହାଲୁକା କରିଦେବ।

**ମୀନ** ବକେୟା ଅର୍ଥଲାଭ, କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ ପ୍ରାପ୍ତି ସାଙ୍ଗକୁ ପ୍ରତ୍ୟେକ କାମରେ ସିଦ୍ଧିଲାଭରୁ ଖୁସି ରହିବେ। ଆଲୋଚନା ପରିସରରେ ସମ୍ପର୍କୀୟଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଭଲ ରହିବ ନାହିଁ। ଅସୁସ୍ଥତା କାରଣରୁ କାମରେ ଅବହେଳା କରି ସମାଲୋଚିତ ହେବେ। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଦୃତ ହେବେ।

ଆଜି ଜାନୁଆରୀ ୧୨ ତାରିଖ, ଜାତୀୟ ଯୁବ ଦିବସ, ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ, ମାଘ କୃଷ୍ଣ ନବମୀ ଯୁକ୍ତ ଦଶମୀ ସୋମବାର। ରାଶିନକ୍ଷତ୍ର– ସ୍ୱାତୀ/ତୁଳା, ନବମୀର ଏକୋଦ୍ଦିଷ୍ଟ ଓ ଦଶମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୨୭ଗତେଘ.୦୭.୪୯ମଧ୍ୟେ,ଘ.୦୯.୨୨ଗତେଘ.୧୧.୩୩ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭.୪୯ ଗତେ ଘ.୦୯.୧୧ ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇସରା ବାଜେ ସେଁ**
**କବାଟ ହୁଅଇ କେଁ**
**କବାଟ କଣରେ ଡାକଇ ଗୋରୀ**
**ପାନ ଖଣ୍ଡେ ନେ ନେ ।**

ବ୍ୟକ୍ତି ନିଜ ମନର ଭାବ ବ୍ୟକ୍ତ କରିବାକୁ ଭିନ୍ନ ଭିନ୍ନ ତରିକା ଆପଣେଇ ନେଉଥିବାର ଦେଖିବାକୁ ମିଳିଥାଏ। ଏପରିସ୍ଥଳେ ଗୌରବର୍ଣ୍ଣା ତରୁଣୀ କବାଟ କଣରେ ମୁହଁ ଲୁଚାଇ ପାନ ଜରିଆରେ ନିଜ ମନର ଭାବ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଇଜ୍ଜତ ଥାଉ,**
**ଇଜ୍ଜତ ଗଲେ ନ ଫେରେ ଆଉ ।**

ମନୁଷ୍ୟର ଏକ ଉତ୍କୃଷ୍ଟ ଗୁଣ ହେଉଛି ମାନସମ୍ମାନ ବା ଇଜ୍ଜତ। ମାନ ସମ୍ମାନ ଥରେ ଚାଲିଗଲେ ଆଉ ମିଳି ନ ଥାଏ ବା ଫେରି ନ ଥାଏ। ଇଜ୍ଜତ ହାନି ଯୋଗୁ ବ୍ୟକ୍ତିତ୍ୱର ବଳିଷ୍ଠତା ମଧ୍ୟ ହ୍ରାସ ପାଇଥାଏ। ତେଣୁ ନିଜ ମର୍ଯ୍ୟାଦା ବା ସମ୍ମାନ ନିଜେ ରକ୍ଷା କରିବା ଉଚିତ ବୋଲି ଏଠାରେ ଉପଦେଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ତଥ୍ୟ ପାଇଁ ବ୍ୟାକୁଳ...

କମ୍ପାନୀଗୁଡ଼ିକ କଡ଼ା ବିରୋଧ କରିଛନ୍ତି। ଏହାଦ୍ୱାରା ଡିଭାଇସ୍ ସଫ୍ଟୱେର ଓ ଏହାର ବ୍ୟବହାର ଉପରେ ନିୟାମକ ହସ୍ତକ୍ଷେପ ବଢ଼ିବା ସହ ୟୁଜର୍ସଙ୍କ ପ୍ରିଭେସି ଉଲ୍ଲଂଘନ ହୋଇପାରେ ବୋଲି କମ୍ପାନୀଗୁଡ଼ିକ ଦର୍ଶାଇଛନ୍ତି। ସରକାରଙ୍କ ଏହି ପ୍ରସ୍ତାବରେ ଥିବା ୮୩ଟି ସୁରକ୍ଷା ମାନକ ଉପରେ ଟେକ୍ କମ୍ପାନୀଗୁଡ଼ିକ ଆପତ୍ତି ଉଠାଇଛନ୍ତି। ତନ୍ମଧ୍ୟରେ ରହିଛି, ଫୋନ୍‌ର ସଫ୍ଟୱେର ଅପ୍‌ଡେଟ୍ କଲେ ସରକାରଙ୍କ ନିକଟକୁ ଆଲର୍ଟ ଯିବ। ମୋବାଇଲ ମାଲିକଙ୍କ ସମ୍ପର୍କରେ ସରକାରଙ୍କ ନିକଟରେ ସବୁ ତଥ୍ୟ ରହିବ। ଟିଠା ନିୟମ ଅନୁସାରେ ନିର୍ମାତା କମ୍ପାନୀଗୁଡ଼ିକ ମଧ୍ୟ ମୋବାଇଲ ଫୋନ୍ ତିଆରି ବେଳେ ଆପ୍ କିମ୍ବା ସଫ୍ଟୱେରରେ ବଡ଼ ପରିବର୍ତ୍ତନ ଆଣିବା ପୂର୍ବରୁ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ସଂସ୍ଥାକୁ ଜଣାଇବେ। ସବୁଠୁ ବିବାଦୀୟ ପ୍ରସ୍ତାବ ହେଉଛି ଫୋନ୍ ନିର୍ମାତାମାନେ ଅପରେଟିଂ ସିଷ୍ଟମ୍ ସୋର୍ସ କୋଡ୍ ସରକାରଙ୍କ ଦ୍ୱାରା ଅନୁମୋଦିତ ଲାବରେଟୋରିଗୁଡ଼ିକରେ ଦାଖଲ କରିବେ। ୟୁଜର କେତେବେଳେ ଆକ୍ଟିଭ୍ ଅଛନ୍ତି ତାହା ଷ୍ଟାଟସ୍ ବାର୍ ଇଣ୍ଡିକେଟର ସରକାରଙ୍କୁ ଜଣାଇଦେବ। ତେବେ ଡିଭାଇସ୍ ଇନ୍‌ଆକ୍ଟିଭ୍ ଥିଲେ ଆପ୍ଲିକେଶନ୍‌ଗୁଡ଼ିକରୁ କ୍ୟାମେରା, ମାଇକ୍ରୋଫୋନ୍ କିମ୍ବା ଲୋକେଶନ୍ ଡାଟା ବ୍ୟବହାର କରାଯାଇପାରିବ ନାହିଁ। ସାଇବର ଅପରାଧୀମାନେ କେଉଁ ଉପାୟରେ ଟାର୍ଗେଟ କରୁଛନ୍ତି, ସେ ସମ୍ପର୍କିତ ଦୁର୍ବଳତାକୁ ଧରିବା ଏହାର ଲକ୍ଷ୍ୟ ବୋଲି ସରକାରଙ୍କ ପକ୍ଷରୁ ଯୁକ୍ତି ବଢ଼ାଯାଇଛି।

୭୫୦ ନିୟୁତ ମୋବାଇଲ ବ୍ୟବହାରକାରୀ ଥିବା ବିଶ୍ୱର ଦ୍ୱିତୀୟ ବୃହତ୍ ସ୍ମାର୍ଟଫୋନ୍ ବଜାର ଭାରତରେ ଅନ୍‌ଲାଇନ୍ ଠକେଇ ଓ ୟୁଜର ଡାଟା ଉଲ୍ଲଂଘନକୁ ରୋକି ସୁରକ୍ଷାକୁ ଗୁରୁତ୍ୱ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଜନାର ଏହା ଏକ ଅଂଶବିଶେଷ ବୋଲି କୁହାଯାଉଛି। ବିଶେଷକରି ଚାଇନା ନିର୍ମିତ ମୋବାଇଲ ଫୋନ୍‌ଗୁଡ଼ିକରେ ସିକ୍ୟୁରିଟି କ୍ୟାମେରା ଓ ଅନ୍ୟ ଆପ୍ ଜରିଆରେ ଗୁପ୍ତଚରଗିରି ହେଉଥିବା ଅଭିଯୋଗ ପରିପ୍ରେକ୍ଷୀରେ ସରକାର ଏହକୁ ଗୁରୁତ୍ୱ ଦେଉଛନ୍ତି। ସୂଚନା ପ୍ରଯୁକ୍ତି ସଚିବ ଏସ୍. କ୍ରିଷ୍ଣନ୍ କହିଛନ୍ତି, ଇଣ୍ଡଷ୍ଟ୍ରିର କୌଣସି ପ୍ରକାର ଆଇନଗତ ଚିନ୍ତାର ସମାଧାନ ଖୋଲାମନରେ କରାଯିବ। ଇଣ୍ଡିଆ ସେଲ୍ୟୁଲାର ଆଣ୍ଡ ଇଲେକ୍ଟ୍ରୋନିକ୍ସ ଆସୋସିଏଶନ୍ (ଆଇସିଇଏ) ଅଧ୍ୟକ୍ଷ ପଙ୍କଜ ମୋହିନ୍ଦ୍ରୁ କହିଛନ୍ତି, ଏହିସବୁ ପ୍ରସଙ୍ଗରେ ଅନେକ ବର୍ଷ ହେଲା ଆଲୋଚନା ଚାଲିଛି। ସରକାରଙ୍କ ସଦ୍ୟ ପ୍ରସ୍ତାବରେ କିଛି ନୂଆ ନାହିଁ। ତେବେ ସରକାର ଏହା ଉପରେ ଇଣ୍ଡଷ୍ଟ୍ରି ସହ ଆଲୋଚନା କରି ସହମତି ଭିତ୍ତିରେ ଯାହାକିଛି କରିପାରିବେ। ଅନ୍ୟପକ୍ଷେ ଟେକ୍ କମ୍ପାନୀଗୁଡ଼ିକ ସହ ଏହା ଉପରେ ବିଚାରବିମର୍ଶ ଚାଲିଥିବାରୁ ଏବେ ଅଧିକ କହିବା ଅନୁଚିତ ହେବ ବୋଲି ମନ୍ତ୍ରଣାଳୟର ଜଣେ ମୁଖପାତ୍ର କହିଛନ୍ତି। ୨୦୨୩ରେ ଏହି ସିକ୍ୟୁରିଟି ଷ୍ଟାଣ୍ଡାର୍ଡ୍ସ ନେଇ ଟିଠା ନିୟମ ପ୍ରସ୍ତୁତ କରାଯାଇଥିବାବେଳେ ସରକାର ଏହାକୁ ଆଇନତଃ ବୈଧ କରିବା ପାଇଁ ବର୍ତ୍ତମାନ ଉଦ୍ୟମ ଚଳାଇଥିବାରୁ ଏହା ଏବେ ଚର୍ଚ୍ଚାକୁ ଆସିଛି।

ଉଲ୍ଲେଖଯୋଗ୍ୟ, ଭାରତୀୟ ବଜାରରେ ଗୁଗଲର ଆଣ୍ଡ୍ରଏଡ୍ ଅପରେଟିଂ ସିଷ୍ଟମ୍ ବ୍ୟବହାର କ୍ଷେତ୍ରରେ ସାଓମିର ୧୯% ଆଧିପତ୍ୟ ଥିବାବେଳେ ସାମ୍‌ସଙ୍ଗ୍‌ର ଭାଗ ହେଉଛି ୧୫%। ଆପଲ୍‌ର ୫% ଅପରେଟିଂ ସିଷ୍ଟମ୍ ଭାରତରେ ବ୍ୟବହାର କରାଯାଉଥିବା ନେଇ କାଉଣ୍ଟରପଏଣ୍ଟ ରିସର୍ଚ୍ଚ ଆକଳନ କରିଛି।

### ବିରୋଧ କାହିଁକି

ସରକାର ଚାହୁଁଛନ୍ତି ଯେ ସ୍ମାର୍ଟଫୋନ ନିର୍ମାତାମାନେ ସେମାନଙ୍କର ସଫ୍ଟୱେର୍ କୋଡ୍‌କୁ ନ୍ୟାଶନାଲ ସେଣ୍ଟର ଫର୍ କମ୍ୟୁନିକେଶନ ସିକ୍ୟୁରିଟି (ଏନ୍‌ସିସିଏସ୍) ଦ୍ୱାରା ଅନୁମୋଦିତ ଲାବ୍‌ରେ ଜମା କରନ୍ତୁ। ଏହି ଯାଞ୍ଚ ଦ୍ୱାରା ସରକାର ନିଶ୍ଚିତ ହେବାକୁ ଚାହୁଁଛନ୍ତି ଯେ ଫୋନ ଭିତରେ ଏମିତି କୌଣସି କୋଡ୍ ନାହିଁ ଯାହା ଚୋରା ଭାବରେ ଭାରତୀୟ ବ୍ୟବହାରକାରୀଙ୍କ ତଥ୍ୟ ବିଦେଶୀ ସର୍ଭରକୁ ପଠାଉଛି। ବିଶେଷ କରି ଚାଇନା ବ୍ରାଣ୍ଡଗୁଡ଼ିକ ଉପରେ ନଜର ରଖିବା ପାଇଁ ଏହାକୁ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି। ସ୍ମାର୍ଟଫୋନ ନିର୍ମାତାମାନଙ୍କ ବିରୋଧ କରିବାର ମୁଖ୍ୟ କାରଣ ହେଲା ଉତ୍ପାଦନ ଖର୍ଚ୍ଚ ଏବଂ ସୁରକ୍ଷା। କମ୍ପାନୀଗୁଡ଼ିକ ଯୁକ୍ତି କରୁଛନ୍ତି ଯେ ଏତେଗୁଡ଼ିଏ ସୁରକ୍ଷା ପରୀକ୍ଷା ଏବଂ ଭାରତ ପାଇଁ ଅଲଗା ସଫ୍ଟୱେର୍ ତିଆରି କରିବା ଦ୍ୱାରା ସ୍ମାର୍ଟଫୋନ୍ ଦାମ ବଢ଼ିଯାଇପାରେ। ସେହିପରି ସରକାରୀ ଅନୁମୋଦିତ ଲାବ୍‌ରେ ସୋର୍ସ କୋଡ୍ ରଖିବା ଦ୍ୱାରା ଯଦି ସେହି ଲାବ ହ୍ୟାକ୍ ହୁଏ, ତେବେ ବିଶ୍ୱର ବହୁ କୋଟି ଆଇଫୋନ୍ ବା ଆଣ୍ଡ୍ରଏଡ୍ ଫୋନ ବିପଦରେ ପଡ଼ିଯିବ।

## ପ୍ରଥମ ଦିନକିଆ...

ନ୍ୟୁଜିଲାଣ୍ଡ ପକ୍ଷରୁ ଦୁଇ ଓପନର ଡେଭନ କନୱେ ଓ ହେନରି ନିକୋଲସ ୧୧୭ ରନର ଭାଗୀଦାରି ଗଢ଼ିଥିଲେ। ଦୁଇ ବ୍ୟାଟର ଅର୍ଦ୍ଧଶତକ ପୂରଣ କରିବା ପରେ ହର୍ଷିତ ରାଣାଙ୍କ ବଲରେ ଆଉଟ୍ ହୋଇଥିଲେ। କନୱେ ୫୬ (୬ ଚୌକା ଓ ୧ ଛକା) ଓ ନିକୋଲସ ୬୨ (୮ ଚୌକା) ରନ କରିଥିଲେ। ଏହାପରେ ଗୋଟିଏ ପକ୍ଷରେ ଡାରିଲ ମିଚେଲ ଭଲ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପକ୍ଷରେ କ୍ରମାଗତ ବ୍ୟବଧାନରେ ଉଇକେଟ ପତନ ଜାରି ରହିଥିଲା। ଅଷ୍ଟମ ବ୍ୟାଟର ଭାବେ ମିଚେଲଙ୍କ ଉଇକେଟ ହରାଇଥିଲା। ମିଚେଲ ଆଉଟ୍ ହେବା ପୂର୍ବରୁ ୭୧ ବଲରେ ୫ ଚୌକା ଓ ୩ ଛକା ସହାୟତାରେ ୮୪ ରନ କରି ଅଷ୍ଟମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଫଳରେ ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୩୦୦ ରନ କରିଥିଲା।

ଜବାବରେ ଭାରତକୁ ରୋହିତ ଶର୍ମା ଓ ଅଧିନାୟକ ଶୁବମନ ଗିଲ ପ୍ରଥମ ଉଇକେଟରେ ୩୯ ରନ କରିଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ରୋହିତ (୨୬ ରନ, ୩ ଚୌକା ଓ ୨ ଛକା) ମିସ୍ ଟାଇମିଂ କାରଣରୁ ଲଙ୍ଗ ଅପ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଅଧିନାୟକ ଗିଲ ଓ କୋହଲି ଦ୍ୱିତୀୟ ଉଇକେଟରେ ୧୧୮ ରନ ଯୋଡ଼ିଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ ଗିଲ (୫୬ ରନ୍, ୩ ଚୌକା ଓ ୨ ଛକା) ଭାରତୀୟ ବଂଶୋଦ୍ଭବ ଖେଳାଳି ଆଦିତ୍ୟ ଅଶୋକଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ କୋହଲି ଓ ଶ୍ରେୟସ ଆୟାର ଚତୁର୍ଥ ଉଇକେଟରେ ୭୭ ରନ ଯୋଡ଼ି ଦଳକୁ ଆଗେଇ ନେଇଥିଲେ। ଶତକ ଆଡ଼କୁ ଅଗ୍ରସର ହେଉଥିବା କୋହଲି ୯୧ ବଲରେ ୯୩ (୮ ଚୌକା ଓ ୧ ଛକା) ରନ କରି କାଇଲ ଜେମିସନଙ୍କ ବଲରେ ଆଉଟ୍ ହୋଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଏକଦା ୨୩୨/୨ ସ୍କୋର କରିଥିବା ଭାରତ ପରବର୍ତ୍ତୀ ୩ ଉଇକେଟ ମାତ୍ର ୧୦ ରନରେ ହରାଇଥିଲା। ଏଭଳି ପରିସ୍ଥିତିରେ ଉପର କ୍ରମରେ ବ୍ୟାଟିଂ ଆସିଥିବା ହର୍ଷିତ ରାଣା ଆଟାକିଂ ୨୯ (୨ ଚୌକା ଓ ୧ ଛକା) ରନ କରିଥିଲେ। ଶେଷ ଆଡ଼କୁ ଲୋକେଶ ରାହୁଲ (୨୯) ଓ ୱାଶିଂଟନ ସୁନ୍ଦର (୭) ଦଳ ଆବଶ୍ୟକୀୟ ରନ ସଂଗ୍ରହ କରି ଦଳକୁ ଜିତାଇଥିଲେ। ଭାରତ ୪୯ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା।

# ‘ନିଜକୁ ପ୍ରଜ୍ୱଳିତ କର, ବିଶ୍ୱକୁ ପ୍ରଭାବିତ କର’

## ଆଜି ଜାତୀୟ ଯୁବ ଦିବସ



ଭୁବନେଶ୍ୱର, ୧୧।୧ (ବନ୍ଦନା ସେଠୀ)

ଜାନୁଆରୀ ୧୨ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିନ ଅବସରରେ ଆମ ଦେଶରେ ଜାତୀୟ ଯୁବ ଦିବସ ପାଳିତ ହୋଇଆସୁଛି। ୧୯୮୪ ମସିହାରେ ଭାରତ ସରକାର ଯୁବକମାନଙ୍କୁ ବିବେକାନନ୍ଦଙ୍କ ସଶକ୍ତୀକରଣ, ଜ୍ଞାନ ଏବଂ ନିଃସ୍ୱାର୍ଥପର ସେବାର ଆଦର୍ଶରେ ଅନୁପ୍ରାଣିତ କରିବା ପାଇଁ ଉକ୍ତ ଦିନଟିକୁ ‘ଜାତୀୟ ଯୁବ ଦିବସ’ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ତଦନୁସାରେ ୧୯୮୫ ମସିହାରେ ସ୍କୁଲ ଓ କଲେଜରେ ସାଂସ୍କୃତିକ, ସେମିନାର ଓ ପ୍ରେରଣାଦାୟକ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମ ଯୁବକଙ୍କ ଶକ୍ତି, ଚରିତ୍ର ଏବଂ ଆତ୍ମବିଶ୍ୱାସକୁ ଜାଗ୍ରତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରେ, ଯାହାଦ୍ୱାରା ସେମାନେ ଦାୟିତ୍ୱବାନ୍ ନାଗରିକ ହୋଇ ସାମାଜିକ ପରିବର୍ତ୍ତନରେ ସକ୍ରିୟ ଯୋଗଦାନକାରୀ ହୋଇପାରିବେ। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି ‘ନିଜକୁ ପ୍ରଜ୍ୱଳିତ କର, ବିଶ୍ୱକୁ ପ୍ରଭାବିତ କର’।

## କ’ଣ କୁହନ୍ତି ଏମାନେ...

### ଦେଶର ଭବିଷ୍ୟତ ଯୁବଶକ୍ତି



ଦେଶର ଭବିଷ୍ୟତ ହେଉଛନ୍ତି ଯୁବ ଶକ୍ତି। ତେଣୁ ସେମାନେ ସର୍ବଦା ସୁରକ୍ଷିତ ରହିବା ସହିତ ଦେଶର ସୁରକ୍ଷା ପାଇଁ କାମ କରିବାକୁ ଆଗେଇ ଆସିବା ଦରକାର। କେବଳ ଯେ ସୈନିକ ହେଲେ ଦେଶର ସୁରକ୍ଷା କରିହେବ ତା’ ନୁହେଁ, ଲୋକଙ୍କ ସେବା କରିବା ଠାରୁ ଆରମ୍ଭ କରି ପରିବେଶ ସୁରକ୍ଷା, ଅନ୍ୟାୟ ଦେଖିଲେ ତାହାର ବିରୋଧ କରିବା ଆଦି ଅନେକ କାର୍ଯ୍ୟ କରି ଦେଶ ମାତୃକା ପ୍ରତି ନିଜର କର୍ତ୍ତବ୍ୟ ସମ୍ପାଦନ କରିହେବ।

- ସୋନାଲିସା ସାହୁ, ଛାତ୍ରୀ

### ଯୁବବର୍ଗ ଶୃଙ୍ଖଳିତ ହେଲେ ଅଖଣ୍ଡ, ସୁନାର ଭାରତ ଗଢ଼ିହେବ



ରାଷ୍ଟ୍ର ନିର୍ମାଣ ପ୍ରକ୍ରିୟାରେ ଯୁବକଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଏବେକାର ଯୁବପିଢ଼ି ପାଶ୍ଚାତ୍ୟ ସଂସ୍କୃତି ଏବଂ ଆଧୁନିକତା ପ୍ରତି ଆକର୍ଷିତ ହୋଇ ନିଜକୁ ତଥା ସମାଜକୁ ବିଗାଡିବାରେ ଲାଗିଛନ୍ତି। ଦିନକୁ ଦିନ ମଣିଷପଣିଆ ମରିବାକୁ ଲାଗିଛି। ତେଣୁ ଦେଶର ଯୁବଶକ୍ତିମାନେ ପ୍ରଥମେ ନିଜକୁ ଶୃଙ୍ଖଳିତ ଭାବେ ଗଢିବା ଆବଶ୍ୟକ। ଆଜିର ଶିଶୁ କାଲିର ଭବିଷ୍ୟତ, ସେହିପରି ଆଜିର ଯୁବଶକ୍ତି ଭବିଷ୍ୟତର ରାଷ୍ଟ୍ର ନିର୍ମାତା। ତେଣୁ ପ୍ରଥମେ ନିଜକୁ ଗଢ଼ିପାରିଲେ ଏକ ଅଖଣ୍ଡ ଏବଂ ସୁନାର ଭାରତ ଗଠନ ହୋଇପାରିବ।

- ଦେବେନ୍ଦ୍ର ପ୍ରସାଦ, ଛାତ୍ର

### ଯୁବପିଢ଼ିକୁ ନିଶାଠାରୁ ଦୂରେଇ ରଖିବାକୁ ପଡିବ



ଆଜିକାଲିର ଅଧିକାଂଶ ଯୁବପିଢି ନିଶାସେବନ ସହିତ ଅପରାଧରେ ଜଡିତ ରହୁଛନ୍ତି। ଯେଉଁମାନଙ୍କ ହାତରେ ଦେଶର ଭବିଷ୍ୟତ ନିର୍ଭର କରୁଛି, ସେମାନେ ଆଧୁନିକତା ନାମରେ ନିଜକୁ ନଷ୍ଟ କରିବାକୁ ବସିଛନ୍ତି। ତେଣୁ ପ୍ରଥମେ ଯୁବପିଢ଼ିକୁ ନିଶାସେବନରୁ ନିବୃତ୍ତ ରଖିବାକୁ ପଡ଼ିବ। ନିଜର ନୈତିକ ଦାୟିତ୍ୱ ପ୍ରତି ସଚେତନ ହେବାକୁ ପଡିବ।

- ତୋଫାନ କୁମାର, କର୍ମଜୀବୀ

### ପିଲାଙ୍କୁ ସମାଜ ପ୍ରତି କର୍ତ୍ତବ୍ୟ ନେଇ ମାତାପିତା ସଚେତନ କରାନ୍ତୁ



ପିଲାମାନଙ୍କୁ ଛୋଟବେଳୁ ହିଁ ସମାଜ ତଥା ଦେଶ ପ୍ରତି ସେମାନଙ୍କ ଦାୟିତ୍ୱ ବା କର୍ତ୍ତବ୍ୟ ସମ୍ପର୍କରେ ମାତାପିତା ସଚେତନ କରାଇବା ଆବଶ୍ୟକ। ଏଥିସହ ପିଲାବେଳୁ ଗଛ ଲଗାଇବା, ପରିବେଶକୁ ସଫା ରଖିବା, ଦୁଃଖୀ ଦରିଦ୍ରଙ୍କୁ ନିଜ ସାମର୍ଥ୍ୟ ମତେ ସାହାଯ୍ୟ କରିବା ଆଦି କାର୍ଯ୍ୟ କରିବାକୁ ପ୍ରେରିତ କରିବା ଦରକାର। ଫଳରେ ସେମାନେ ବଡ଼ ହେବା ପରେ ଏଭଳି ମହତ୍ କାମ କରିବା ସହ ଅନ୍ୟମାନଙ୍କୁ ଏଥିପାଇଁ ପ୍ରେରିତ କରିବେ। ଛୋଟ ଛୋଟ ପଦକ୍ଷେପ ଆଗାମୀ ଦିନରେ ବଡ଼ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଥାଏ।

- ସାଗରିକା ବେହେରା, ଛାତ୍ରୀ

# ପିକ୍‌ଅପ୍ ଧକ୍କାରେ କକା, ପୁତୁରା ମୃତ

ଜୟପାଟଣା, ୧୧।୧ (ଓମ୍ ପ୍ରକାଶ ବୈଠାରୁ)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ଗୀତାଭବନ ଛକ ନିକଟରେ ରବିବାର ପିକ୍‌ଅପ ଧକ୍କାରେ କକା, ପୁତୁରାଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ସ୍ଥାନୀୟ ସିନ୍ଦକାଗୁଡା ଗ୍ରାମର କୁମୁଦ ମାଝୀ ଓ ତାଙ୍କ ୨ବର୍ଷର ପୁତୁରା ବୈଷ୍ଣବ। ସୂଚନା ଅନୁଯାୟୀ, କୁମୁଦ ତାଙ୍କ ଭାଉଜ ରଞ୍ଜନପ୍ରଭା ଓ ପୁତୁରା ସହ ଏକ ବାଇକ୍‌ରେ ବଡକର୍ଲାକୋଟକୁ ଯାଉଥିଲେ। ଗୀତାଭବନ ଛକଠାରେ ଜୟପାଟଣାର ପିକ୍‌ଅପ୍ ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ କୁମୁଦ ଓ ବୈଷ୍ଣବଙ୍କ ମୃତ୍ୟୁହୋଇଥିବାବେଳେ ରଞ୍ଜନପ୍ରଭା ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଉକ୍ତ ପିକ୍‌ଅପ୍‌ଟି ଏହା ପୂର୍ବରୁ ସ୍ଥାନୀୟ ପେଟ୍ରୋଲଟାଙ୍କି ନିକଟରେ ଜଣେ ଶିକ୍ଷକଙ୍କୁ ମଧ୍ୟ ଧକ୍କା ଦେଇଥିଲା। ସେ ମଧ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ବେପରୁଆ ଗାଡି ଚାଳନା ପାଇଁ ଏହି ଦୁର୍ଘଟଣା ଘଟିଥିବା ଲୋକେ ଅଭିଯୋଗ କରି ଚାଳକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍‌କୁ ପୋଲିସ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଡ୍ରାଇଭର ଫେରାର ଅଛନ୍ତି।

# ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ଚିହ୍ନ ହଜିଯାଇଛି

ଚଣ୍ଡିଖୋଲ, ୧୧।୧ (ପ୍ରଦୀପ୍ତ କୁମାର ପୃଷ୍ଟି)



ସମାବେଶରେ ଯୋଗ ଦେଇଥିବା ଅତିଥି।

## ୨ୟ ଗୁରୁ ପଦ୍ମସମ୍ଭବ ସମାବେଶ ଆରମ୍ଭ

- ଯୋଗଦେଲେ ୧୭ ଦେଶର ପ୍ରତିନିଧି
- ୬ ଦିନ ଧରି ଚାଲିବ ବିଭିନ୍ନ କାର୍ଯ୍ୟକ୍ରମ

ଓଡ଼ିଶାରେ ବୌଦ୍ଧ କୀର୍ତ୍ତିରାଜି ପରିପୂର୍ଣ୍ଣ ହୋଇରହିଛି। ହୀରକ ତ୍ରିଭୁଜ ମଧ୍ୟରେ ଥିବା ଲଳିତଗିରି, ଉଦୟଗିରି ଓ ରତ୍ନଗିରି ଏବେ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏଠାରେ ଥିବା ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ବର୍ତ୍ତମାନ ଚିହ୍ନ ହଜିଯାଇଛି। କିନ୍ତୁ ଏହା ଥିଲା ଭାରତର ସର୍ବପୁରାତନ ବିଶ୍ୱବିଦ୍ୟାଳୟ। ଏହାର ପୁନରୁଦ୍ଧାର କରାଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୁରୁ ପଦ୍ମସମ୍ଭବ ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବାବେଳେ ତାଙ୍କର ଦେହାବସାନ ଉଦୟଗିରିଠାରେ ହୋଇଥିଲା। ସେ ବିଶ୍ୱରେ ବୌଦ୍ଧଧର୍ମର ପ୍ରଚାର କରି ପ୍ରଥମ ଧର୍ମଗୁରୁ ବୋଲି ଖ୍ୟାତି ଲାଭ କରିଥିଲେ। ଲାଇଟ ଅଫ୍ ବୁଦ୍ଧ ଧର୍ମ ଫାଉଣ୍ଡେଶନ ପକ୍ଷରୁ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସହାୟତାରେ ରବିବାର ଯାଜପୁର ଜିଲାର ପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରିଠାରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଗୁରୁ ପଦ୍ମସମ୍ଭବ ସମାବେଶରେ ମୁଖ୍ୟଅତିଥି ଭାବରେ ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ଏକଥା ପ୍ରକାଶ କରିଛନ୍ତି। ଫାଉଣ୍ଡେଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ୱାଙ୍ଗ ମୋ ଡିକ୍ସିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ କହିଛନ୍ତି, ଏଠାରୁ ମିଳୁଥିବା ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ବିଶ୍ୱରେ ଅନନ୍ୟ। ଆଗାମୀ ଦିନରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ହୀରକ ତ୍ରିଭୁଜର ରାସ୍ତାଘାଟ ଉନ୍ନତୀକରଣ ସହ ବୌଦ୍ଧପୀଠର ବିକାଶ କରାଯିବ। ଜିଲାପାଳ ଅମ୍ବର କୁମାର କର ଯୋଗଦେଇ ପ୍ରାଚୀନ ଐତିହ୍ୟକୁ ସୁରକ୍ଷିତ ରଖିପାରିଲେ ପ୍ରତ୍ୟେକ ବର୍ଷ ବହୁ ବିଦେଶୀ ପର୍ଯ୍ୟଟକ ଆସିପାରିବେ ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୁରୁ ରିନପୋଚେ ଯୋଗଦେଇ ସମସ୍ତଙ୍କୁ ପ୍ରାର୍ଥନା କରାଇଥିଲେ। ଆମେରିକାର ରିଚାର୍ଡ ଡିକ୍ସି, ଏଚ୍‌ଇ ଜିଂମେଡ ରିନପୋକେ, ଫେଡ୍ରିକ ମୋରନ ଭାଲ ଓ ଶୋଭନୀୟ ଶିକ୍ଷା ଶ୍ରମର ଅଧ୍ୟକ୍ଷା ଅରୁନ୍ଧତୀ ଦେବୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଉଦୟଗିରିସ୍ଥିତ ନିର୍ବାଣ ପରିସରରୁ ଏକ ଶୋଭାଯାତ୍ରାରେ ୧୭ ଦେଶର ସମସ୍ତ ବୌଦ୍ଧ ଧର୍ମାବଲମ୍ବୀ ପ୍ରାର୍ଥନାସ୍ଥଳକୁ ଆସିଥିଲେ। ସେଠାରେ ୫୨୫ ଦୀପ ପ୍ରଜ୍ୱଳନ କରି ପ୍ରାର୍ଥନା କରିଥିଲେ। ଏହାପରେ ଉଦ୍‌ଘାଟନୀ ସମାରୋହ ଆରମ୍ଭ ହୋଇଥିଲା। ବୌଦ୍ଧସନ୍ନ୍ୟାସୀଙ୍କୁ ନାଚଗୀତରେ ସ୍ଥାନୀୟ ଅଞ୍ଚଳବାସୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଲାଇଟ ଅଫ୍ ବୁଦ୍ଧ ଫାଉଣ୍ଡେଶନ ପକ୍ଷରୁ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାବେଶ ୬ ଦିନ ଧରିଚାଲିବ। ଏଥିରେ ବହୁ ଗବେଷକ, ଐତିହାସିକ ଯୋଗଦେଇ ଆଲୋଚନାରେ ଭାଗ ନେବେ। ୩ ଦିନ ବୁଦ୍ଧ ଧର୍ମ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ତ୍ରିପାଠୀ, ଜିଲା ପର୍ଯ୍ୟଟନ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିଲେ।



# ଅସହାୟ ଭୋଟର

ପୂର୍ବରୁ କୁହାଯାଇଛି ଯେ, ରାଜନୀତିରେ କୌଣସି ସ୍ଥାୟୀ ଶତ୍ରୁ କିମ୍ବା ମିତ୍ର ନାହାନ୍ତି। ଏହି ଢଗର ବାସ୍ତବ ରୂପାନ୍ତର ଏବେ ଭାରତର ବିଭିନ୍ନ ସ୍ଥାନ ଓ ପରିସ୍ଥିତିରେ ଦେଖିବାକୁ ମିଳୁଛି। ସଦ୍ୟ ଦୃଷ୍ଟାନ୍ତ ଦେଖିଲେ ମହାରାଷ୍ଟ୍ର ମନକୁ ଆସେ। ନିକଟରେ ଠାଣେ ଜିଲାର ଅମ୍ବରନାଥ ପୌର ପରିଷଦ ପାଇଁ ଭାଜପା ତା'ର ଦୀର୍ଘବର୍ଷର ରାଜନୈତିକ ଶତ୍ରୁ କଂଗ୍ରେସ ସହ ହାତ ମିଳାଇଛି। ସେହିପରି ଆକୋଲା ଜିଲାର ଅକୋଟ ପୌର ପରିଷଦ ପାଇଁ ଅସାଦୁଦ୍ଦିନ ଓୱାଇସିଙ୍କ ଦଳ ଏଆଇଏମ୍ଆଇଏମ୍ (ଦଳର ଚିହ୍ନ 'ଗୁଡ଼ି') ସହ ପଦ୍ମ ଦଳ ମେଣ୍ଟ କରିଛି। ଜାନୁଆରୀ ୮ ଧରିତ୍ରୀର ପ୍ରଥମ ପୃଷ୍ଠାରେ 'ହାତ' ଧରି 'ଗୁଡ଼ି' ଉଡ଼ାଇଲା 'ପଦ୍ମ' ଶୀର୍ଷକରେ ଖବର ପ୍ରକାଶ କରିଥିଲୁ। ଏହା ପ୍ରକାଶ ପାଇବା ପରେ ଅନେକେ ପ୍ରତିକ୍ରିୟାରେ କହିବାକୁ ଲାଗିଲେ ଦଳନୀତି ଆଦର୍ଶ ବିବର୍ଜିତ ହୋଇଗଲାଣି।

ମହାରାଷ୍ଟ୍ର ରାଜନୀତିକୁ ଗଲା କେଇବର୍ଷ ହେବ ଲକ୍ଷ୍ୟ କଲେ ଗୋଟେ ଅଖାଡୁଆ ମେଣ୍ଟର ଧାରା ଚାଲିଲା ଭଳି ମନେହେଉଛି। ଏବେ ଅମ୍ବରନାଥରେ ଏକନାଥ ଶିନ୍ଦେଙ୍କ ଶିବସେନାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ସ୍ଥାନୀୟ ସ୍ତରରେ ଭାଜପା, କଂଗ୍ରେସ ଓ ଅଜିତ ପାୱାରଙ୍କ ଏନ୍‌ସିପି ମିଳିତ ଭାବେ 'ଅମ୍ବରନାଥ ବିକାଶ ଅଘାଡ଼ି'ଗଠନ କରିଛନ୍ତି। ଶିନ୍ଦେଙ୍କ ଗଡ଼ କୁହାଯାଉଥିବା ଅଞ୍ଚଳରେ ଭାଜପା ଏଭଳି ପଦକ୍ଷେପ ନେବା ଶିବସେନାକୁ କ୍ଷୁବ୍ଧ କରିଛି। ଅବଶ୍ୟ ଭାଜପା ରାଜ୍ୟ ନେତୃତ୍ୱ ଏହି ସ୍ଥାନୀୟ ମେଣ୍ଟଠାରୁ ନିଜକୁ ଦୂରେଇ ରଖିଛି। ଅନ୍ୟପକ୍ଷରେ କଂଗ୍ରେସ ଅମରନାଥ ମ୍ୟୁନିସିପାଲ କାଉନ୍‌ସିଲ କମିଟିକୁ ଭାଙ୍ଗି ଦେବା ସହ ସବୁ କର୍ପୋରେଟରଙ୍କୁ ଦଳରୁ ନିଲମ୍ବିତ କରିଛି। ତେଣେ ଆକୋଟ ପୌର ପରିଷଦରେ ଭାଜପା–ଏଆଇଏମ୍ଆଇଏମ୍ ମଧ୍ୟରେ ମେଣ୍ଟ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଅନୁରୂପ ଭାବେ ଭାଜପା ରାଜ୍ୟ ନେତୃତ୍ୱ ମଧ୍ୟ ଏଠାରେ ତା'ର ଦଳୀୟ କର୍ମୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇଛି। ଏଆଇଏମ୍ଆଇଏମ୍ ମଧ୍ୟ ତାହାର କର୍ପୋରେଟରଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେବ ବୋଲି ଧମକ ଦେଇଛି। ଏପରି କି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଭାଜପା ଓ ଏଆଇଏମ୍ଆଇଏମ୍ ସହ ମେଣ୍ଟକୁ ଭାଙ୍ଗିଦିଆଯିବ ବୋଲି କହିଛନ୍ତି। ଯେଉଁମାନେ ଏହାକୁ ସ୍ଥାନୀୟ ସ୍ତରର ମେଣ୍ଟ ବୋଲି କହୁଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ୍ ଓ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଫଡ୍‌ନବିସ କହିଛନ୍ତି।

> **ସର୍ବୋଚ୍ଚ ନେତାମାନେ ସବୁ ଆଦର୍ଶ, ନୀତି ଏବଂ ନିୟମକୁ ଜଳାଞ୍ଜଳି ଦେଇ ଯେଉଁସବୁ ବିକଟାଳ ରାଜନୈତିକ ଦଳ ପୁନର୍ଗଠନ କରୁଛନ୍ତି ତାହାର ଫଳସ୍ୱରୂପ ଏହିସବୁ ମେଣ୍ଟ ପାଇଁ ଉଦ୍ୟମ। ଏଥିରେ କେବଳ ସାଧାରଣ ଭୋଟର ବାରମ୍ବାର କ୍ଷତିଗ୍ରସ୍ତ ହେଉଛି, ରାଜନେତା ତାଙ୍କର ନିଜ ବାଟରେ ଚାଲିଛନ୍ତି।**

ସଦ୍ୟ ଘଟଣା ଦେଖିଲେ ଭାଜପା ସହ ସରକାରରେ ଥିବା ଅନ୍ୟତମ ଅଂଶୀଦାର ଜାତୀୟତାବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି)ର ମୁଖ୍ୟ ଅଜିତ ପାୱାର ଏବଂ ଏନ୍‌ସିପି–ଏସ୍‌ପି ମୁଖ୍ୟ ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ ଏକାଠି ଗୋଟିଏ ମଞ୍ଚରେ ବସି ପୌର ନିର୍ବାଚନ ପାଇଁ ମିଳିତ ଇସ୍ତାହାର ଜାରି କରିଛନ୍ତି। ଅଛୁଆଁ ଶବ୍ଦ ବ୍ୟବହାର ଗ୍ରହଣଯୋଗ୍ୟ ହୋଇ ନ ଥିଲେ ମଧ୍ୟ ରାଜନୀତିରେ ପରସ୍ପର ଅଛୁଆଁ ରହୁଥିବା ଦଳ ମିଶିବାର ଅର୍ଥ 'କେବଳ ସ୍ୱାର୍ଥ' ବୋଲି କୁହାଯାଇପାରେ। ମହାରାଷ୍ଟ୍ର ପୌର ନିର୍ବାଚନରେ ମେଣ୍ଟର ମାନେ କିଛି ନୁହେଁ, କେବଳ ଟଙ୍କା କଥା କହୁଛି ବୋଲି ସ୍ପଷ୍ଟ ଦେଖାଯାଉଛି। ପୌର ନିର୍ବାଚନରେ ସ୍ଥାନୀୟ ନେତାମାନଙ୍କ ଭୂମିକା ଗୁରୁତ୍ୱ ବହନ କରିଥାଏ।

ସବୁ ଦଳ ଏଭଳି ମେଣ୍ଟକୁ ବିରୋଧ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କିନ୍ତୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ କ୍ଷୁଦ୍ର ନେତା ଓ କର୍ମୀ ଏଭଳି ମେଣ୍ଟ କରିବାର ଆସ୍ପର୍ଦ୍ଧା ପାଇଲା କେଉଁଠାରୁ। ସେମାନେ କୁଜି ନେତା ହେଲେ ମଧ୍ୟ ତାଙ୍କର ରାଜନୈତିକ ଚରିତ୍ର ଓ ଇଚ୍ଛାକୁ ଏଡ଼ାଇ ଦେଇହେବ ନାହିଁ। ଏହି କର୍ମୀ ଏବଂ ନେତା ସର୍ବୋଚ୍ଚ ସ୍ତରର ନେତାମାନଙ୍କ ଚରିତ୍ରକୁ ଅତି ଭଲଭାବେ ବିଶ୍ଳେଷଣ କରି ନିଜର ଭବିଷ୍ୟତକୁ ଗଢୁଛନ୍ତି। ସେମାନେ ଉଚ୍ଚ ନେତାଙ୍କର କୋଳାକୋଳି ମନୋଭାବକୁ ବୁଝିପାରୁଛନ୍ତି। ବିରୋଧୀଙ୍କ ଦଳବଦଳକୁ ସମର୍ଥନ କରୁଥିବା ସର୍ବୋଚ୍ଚ ନେତାମାନେ କେଉଁଭଳି ଅପରାଧୀ ଏବଂ ଦୁର୍ନୀତିଗ୍ରସ୍ତଙ୍କୁ ଆଦରି ନେଉଛନ୍ତି, ତାହା ମଧ୍ୟ ଦେଖି ଶିଖୁଛନ୍ତି। ତେଣୁ କଥାଠାରୁ ଅଧିକ କାର୍ଯ୍ୟକୁ ଅନୁସରଣ କରୁଥିବା ରାଜନୈତିକ କର୍ମୀ ଉପରେ ଦୋଷ ଲଦିଦେବା ଅନୁଚିତ। ସର୍ବୋଚ୍ଚ ନେତାମାନେ ସବୁ ଆଦର୍ଶ, ନୀତି ଏବଂ ନିୟମକୁ ଜଳାଞ୍ଜଳି ଦେଇ ଯେଉଁସବୁ ବିକଟାଳ ରାଜନୈତିକ ଦଳ ପୁନର୍ଗଠନ କରୁଛନ୍ତି ତାହାର ଫଳସ୍ୱରୂପ ଏହିସବୁ ମେଣ୍ଟ ପାଇଁ ଉଦ୍ୟମ। ଏଥିରେ କେବଳ ସାଧାରଣ ଭୋଟର ବାରମ୍ବାର କ୍ଷତିଗ୍ରସ୍ତ ହେଉଛି, ରାଜନେତା ତାଙ୍କର ନିଜ ବାଟରେ ଚାଲିଛନ୍ତି।

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | | |
| | | 3 | | | 2 | | | 6 |
| 2 | 8 | | 5 | | | 7 | | |
| 3 | | | | 4 | 1 | | 6 | |
| | | 2 | | | 7 | | | 5 |
| | | | | | | 8 | 7 | |
| | | | | | | 4 | | |
| | 2 | | | | | | | |
| | | 1 | 9 | 8 | 6 | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 4 | 6 | 3 | 1 | 2 | 9 | 5 |
| 1 | 2 | 9 | 8 | 4 | 5 | 6 | 7 | 3 |
| 3 | 5 | 6 | 9 | 7 | 2 | 8 | 4 | 1 |
| 2 | 6 | 1 | 5 | 9 | 7 | 3 | 8 | 4 |
| 4 | 8 | 7 | 3 | 2 | 6 | 5 | 1 | 9 |
| 9 | 3 | 5 | 4 | 1 | 8 | 7 | 6 | 2 |
| 7 | 1 | 3 | 2 | 6 | 9 | 4 | 5 | 8 |
| 5 | 9 | 2 | 7 | 8 | 4 | 1 | 3 | 6 |
| 6 | 4 | 8 | 1 | 5 | 3 | 9 | 2 | 7 |

ଗତକାଲିର ଉତ୍ତର

# ବିଶ୍ୱଶାନ୍ତିରେ ପ୍ରଶ୍ନବାଚୀ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଏକ ସ୍ୱାଧୀନ ତଥା ସାର୍ବଭୌମ ଦେଶ ଭେନେଜୁଏଲା ଉପରେ ଆମେରିକାର ରାତିଅଧିଆ ସାମରିକ ଆକ୍ରମଣ ଓ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଏବଂ ତାଙ୍କ ସ୍ତ୍ରୀଙ୍କୁ ଅପହରଣ କରି ଅନ୍ୟ ଏକ ଦେଶକୁ ନେଇ ସେଠାରେ ମିଥ୍ୟା ଅଭିଯୋଗ ଆଧାରରେ ବିଚାରର ନାଟକ ରଚିବା ସାରା ବିଶ୍ୱରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଆର୍ଜେଣ୍ଟିନା ଓ ୟୁକ୍ରେନ୍ ପରି ଆମେରିକାର ବୋଲକରା ଗୋଟିଏ ଦୁଇଟି ଦେଶକୁ ଛାଡ଼ିଦେଲେ, ବିଶ୍ୱର ଅନ୍ୟ କୌଣସି ଦେଶ ଆମେରିକାର ଏଭଳି ଆତଙ୍କବାଦୀ କୃତ୍ୟକୁ ଖୋଲା ସମର୍ଥନ କରି ନାହାନ୍ତି। ବରଂ ରୁଷିଆ, ଚାଇନା, ଦକ୍ଷିଣ ଆଫ୍ରିକା, ବ୍ରାଜିଲ, ଇରାନ, ଉତ୍ତର କୋରିଆ ପରି ଦେଶଗୁଡ଼ିକ ଏହାର ନିନ୍ଦା କରିବା ସହ ପରିଣାମ ବିଶ୍ୱବ୍ୟାପୀ ହେବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ତା'ର ଘନିଷ୍ଠ ସହଯୋଗୀ ରହି ଆସିଥିବା ଅନେକ ୟୁରୋପୀୟ ଦେଶ ନିନ୍ଦା କରିଛନ୍ତି।

ନିକୋଲାସ୍ ମାଦୁରୋଙ୍କ ବିରୋଧରେ ଆମେରିକା ନିଶାଦ୍ରବ୍ୟର ଚୋରାଚାଲାଣ ଓ ବେଆଇନ ଅର୍ଥ କାରବାରରେ ଲିପ୍ତ ଥିବାର ଅଭିଯୋଗ କରିଛି। ପ୍ରଶ୍ନ ଉଠୁଛି, ଯଦି କୌଣସି ଦେଶର ନିର୍ବାଚିତ ରାଷ୍ଟ୍ରପତିଙ୍କ ବିରୋଧରେ ଏଭଳି ଗୁରୁତର ଅପରାଧର ଅଭିଯୋଗ ରହିଥିଲା, ତାହେଲେ ଆମେରିକା ତାଙ୍କ ବିରୋଧରେ ମିଳିତ ଜାତିସଂଘ କିମ୍ବା ଆନ୍ତର୍ଜାତିକ ଅଦାଲତର ଦ୍ୱାରସ୍ଥ ହୋଇପାରିଥାନ୍ତା। ଅଥବା ବିଶ୍ୱବାସୀଙ୍କ ସମ୍ମୁଖରେ ଏନେଇ ଠୋସ୍ ତଥ୍ୟ ଓ ପ୍ରମାଣ ରଖିପାରିଥାନ୍ତା। କିନ୍ତୁ ଅନ୍ତର୍ଜାତୀୟ କୋର୍ଟର ରାୟ ବିନା ତଥା ଜାତିସଂଘର ଅନୁମତି ନନେଇ ଗୋଟିଏ ସ୍ୱାଧୀନ ଦେଶର ରାଷ୍ଟ୍ରପତିଙ୍କୁ ପ୍ରତାଡ଼ିତ କରିବା ଆଦୌ ଆଇନସମ୍ମତ ତ ନୁହେଁ । ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଅପ୍ରତ୍ୟାଶିତ ନଥିଲା। ଗତ କିଛି ମାସ ଧରି ଆମେରିକା ଭେନେଜୁଏଲା ନିକଟସ୍ଥ କାରିବିୟାନ ସମୁଦ୍ର ଅଞ୍ଚଳରେ ନିଜର ସାମରିକ ଶକ୍ତିକୁ ଠୁଳ କରି ତା'କୁ ଏକରକମ ବନ୍ଦୀ କରି ରଖିଆସିଛି। ସେମାନଙ୍କ ପ୍ରକୃତ ଉଦ୍ଦେଶ୍ୟ ଯେ ଭେନେଜୁଏଲାରେ ବଳପୂର୍ବକ ଶାସନ ପରିବର୍ତ୍ତନ କରି ସେ ଦେଶର ବିପୁଳ ତୈଳ ଭଣ୍ଡାର ଓ ପ୍ରାକୃତିକ ସମ୍ପଦକୁ ଆମେରିକୀୟ କମ୍ପାନୀଙ୍କୁ ଟେକିଦେବା, ତାହା ଆଉ ଲୁଚି ରହିନାହିଁ। ଭେନେଜୁଏଲା ଉପରେ ଆକ୍ରମଣ କରିବା ପରେ ରାଷ୍ଟ୍ରପତି ଟ୍ରମ୍ପ ବର୍ତ୍ତମାନ ପାଇଁ ସେହି ଦେଶକୁ ଆମେରିକା ଚଳେଇବ ବୋଲି କହିଛନ୍ତି। ଏହା ସହିତ ଆଗାମୀ ଦିନରେ କ୍ୟୁବା, କଲମ୍ବିଆ ସମେତ ଦକ୍ଷିଣ ଆମେରିକାର ଆହୁରି ୫ଟି ଦେଶ ଉପରେ ଆକ୍ରମଣ କରିବାକୁ ସଙ୍କେତ ଦେଇଛନ୍ତି। ଆମେରିକାର ଏହି ଆଭିମୁଖ୍ୟ ବିଶ୍ୱର ବିଭିନ୍ନ ଦେଶ ବିଶେଷ କରି ଦକ୍ଷିଣ ଆମେରିକାର ଦେଶଗୁଡ଼ିକୁ ଭୟଭୀତ କରିବା ସ୍ୱାଭାବିକ।

ଆମେରିକାର ବିଶାଳ ସୈନ୍ୟ କ୍ଷମତା ଓ ଆର୍ଥିକ ଶକ୍ତି ଆଗରେ ଦକ୍ଷିଣ ଆମେରିକାର ଦେଶଗୁଡ଼ିକ ଠିଆ ହେବା ସମ୍ଭବ ନୁହେଁ ବୋଲି ଟ୍ରମ୍ପ ଭାବୁଛନ୍ତି। ଯେହେତୁ



ରୁଷିଆ ଓ ଚାଇନା ପରି ମହାଶକ୍ତିଙ୍କ ସେହି ଅଞ୍ଚଳରେ ସାମରିକ ଉପସ୍ଥିତି ନାହିଁ ତେଣୁ ଆକ୍ରମଣ ପରିସ୍ଥିତିରେ ଉପରୋକ୍ତ ଦେଶଗୁଡ଼ିକ ଏକରକମ ଆତ୍ମସମର୍ପଣ କରିବାକୁ ବାଧ୍ୟହେବେ ବୋଲି ଧରି ନେଇଛନ୍ତି। କିନ୍ତୁ ସମଗ୍ର ଦକ୍ଷିଣ ଆମେରିକାକୁ ଦଖଲ କରିବା ଟ୍ରମ୍ପଙ୍କ ପାଇଁ ସହଜ ନୁହେଁ। ଭେନେଜୁଏଲାକୁ ସମୁଦ୍ରରୁ ଘେରି ରଖିଥିଲେ ମଧ୍ୟ ଏଯାଏ ସେଠାରେ ଆମେରିକା ତା'ର ସେନାକୁ ମୁତୟନ କରିବାରେ ସକ୍ଷମ ହୋଇନି। ସରକାରୀ ସହଯୋଗରେ ସେଠାରେ ପ୍ରସ୍ତୁତ ରହିଥିବା ଲକ୍ଷ ଲକ୍ଷ ସଶସ୍ତ୍ର ମିଲିସିଆଙ୍କୁ ସାମ୍ନା କରିବା ଆମେରିକାର ସେନା ପାଇଁ କଷ୍ଟକର। ଇତିମଧ୍ୟରେ ଟ୍ରମ୍ପଙ୍କ ମନ୍ତବ୍ୟ ଉପରେ କଲମ୍ବିଆର ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋ ପ୍ରତିକ୍ରିୟା ଦେଇ ଆମେରିକାର ଯେକୌଣସି ଆକ୍ରମଣକୁ ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ ବୋଲି ଚାଲେଞ୍ଜ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ସେ ପୂର୍ବରୁ ସେଠାକାର ଏକ ବଡ଼ ସଶସ୍ତ୍ର ସଂଗଠନର ନେତୃତ୍ୱ ନେଇ ସେଠାକାର ସରକାର ସହ ଅନେକ ଦଶକ ଧରି ଗେରିଲା ଲଢ଼େଇରେ ବ୍ୟସ୍ତ ଥିଲେ। ପରେ ଏକ ଶାନ୍ତି ରାଜିନାମା ପରେ ସେ ଓ ତାଙ୍କର ହଜାର ହଜାର କ୍ୟାଡ଼ର ଅସ୍ତ୍ର ତ୍ୟାଗ କରି ଗଣତାନ୍ତ୍ରିକ ବ୍ୟବସ୍ଥାରେ ସାମିଲ ହୋଇଥିଲେ ଏବଂ ପରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବିପୁଳ ସଂଖ୍ୟାରେ ଭୋଟ ପାଇ ବିଧିବଦ୍ଧ ଭାବେ କଲମ୍ବିଆର ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ଆମେରିକାର ବିରୋଧୀ ଭାବେ କଲମ୍ବିଆ, ବ୍ରାଜିଲ ଓ ମେକ୍ସିକୋ ପ୍ରମୁଖ ରହିଛନ୍ତି। । ସେମାନଙ୍କ ପଛରେ ରୁଷିଆ ଓ ଚାଇନାର ପ୍ରତ୍ୟକ୍ଷ ସହଯୋଗ ରହିଛି। ତେଣୁ ସେସବୁ ଦେଶ ଉପରେ ଆକ୍ରମଣ ଆମେରିକାକୁ ମହଙ୍ଗା ପଡ଼ିବା ସ୍ୱାଭାବିକ।

ଆମେରିକାର ଭେନେଜୁଏଲା ଆକ୍ରମଣ ବିଶ୍ୱରେ ଭୟଙ୍କର ପରମ୍ପରା ସୃଷ୍ଟି କରିବାକୁ ଯାଉଛି। ଏକ ଶୃଙ୍ଖଳିତ ବିଶ୍ୱ ବଦଳରେ ଜଙ୍ଗଲରାଜ ଅର୍ଥାତ୍ "ଜୋର୍ ଯା'ର, ମୁଲକ ତା'ର" ନୀତି ହିଁ ବିଶ୍ୱର ନିୟମ ହେବା ଜଣାପଡୁଛି। ଦୁଇ ଦୁଇଟି ବିଶ୍ୱ ଯୁଦ୍ଧରୁ ଶିକ୍ଷାଲାଭ କରି ଆମେରିକା ସମେତ ବିଶ୍ୱର ସମସ୍ତ ଦେଶ ଏକ ବୈଶ୍ୱିକ ଶୃଙ୍ଖଳା ଓ ସ୍ଥାୟୀ ଶାନ୍ତି ପାଇଁ ଯେଉଁ ମିଳିତ ଜାତିସଂଘ ଗଠନ କରିଥିଲେ, ତାହା ପ୍ରାୟତଃ ଆଜି ଏକରକମ ଅପ୍ରାସଙ୍ଗିକ ଓ ପଙ୍ଗୁ ହୋଇଯାଇଛି। ଜାତିସଂଘର ମହାସଚିବ କେବଳ ମଝି ମଝିରେ ବିବୃତି ପ୍ରକାଶ କରି ଶାନ୍ତିରକ୍ଷା ପାଇଁ ଦେଶଗୁଡ଼ିକୁ ନିବେଦନ କରିବାରେ ନିଜକୁ ସୀମିତ ରଖିଛନ୍ତି।

ଭେନେଜୁଏଲା ଘଟଣାରେ ଭାରତ ସରକାରଙ୍କ ପ୍ରତିକ୍ରିୟା ଅତ୍ୟନ୍ତ ଦୁର୍ବଳ ଓ ଅସହାୟପୂର୍ଣ୍ଣ ମନେହୁଏ। ଭାରତ ସର୍ବଦା ବିଶ୍ୱରେ ଶାନ୍ତି ଓ ସହାବସ୍ଥାନର କଥା କହି ଆସିଛି। ଅନ୍ୟ ଦେଶର ସ୍ୱାଧୀନତା ଓ ସାର୍ବଭୌମତ୍ୱକୁ ସମ୍ମାନ ଦେବା ଆମ ବୈଦେଶିକ ନୀତିର ଅଭିନ୍ନ ଅଙ୍ଗ ହୋଇ ଆସିଛି। କିନ୍ତୁ ତାହା ସତ୍ତ୍ୱେ ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଓ ରାଷ୍ଟ୍ରପତି ଏବଂ ତାଙ୍କ ସ୍ତ୍ରୀଙ୍କ ଅପହରଣକୁ ଭାରତ ନିନ୍ଦା କରିନାହିଁ। ଭେନେଜୁଏଲା ଉପରେ ଆକ୍ରମଣ କୌଣସି ବିଚ୍ଛିନ୍ନ ଘଟଣା ନୁହେଁ। ଏହା ନିଜର ଦୁର୍ବଳ ହୋଇଯାଇଥିବା ଆଧିପତ୍ୟ ପୁନଃ ପ୍ରତିଷ୍ଠା କରି ଅର୍ଥନୈତିକ ସଙ୍କଟ ଦୂର କରିବାକୁ ଆମେରିକୀୟ ସାମ୍ରାଜ୍ୟବାଦର ଏକ ସୁନିୟୋଜିତ କୌଶଳ । ଟ୍ରମ୍ପ କ୍ଷମତାକୁ ଆସିବା ପରେ ନିଜ ଦେଶର କମ୍ପାନୀଗୁଡ଼ିକ ପାଇଁ ବିଭିନ୍ନ ଦେଶର ବଜାରକୁ ସମ୍ପୂର୍ଣ୍ଣ ଭାବେ ଖୋଲିଦେବାକୁ ଚାପ ପକାଇବାକୁ ଶୁଳ୍କ ଯୁଦ୍ଧକୁ ଆରମ୍ଭ କରିଛନ୍ତି। ଭାରତର ବଜାର ବିଶେଷ କରି ଆମର କୃଷି ଓ ଦୁଗ୍ଧ ଉତ୍ପାଦର ବଜାରକୁ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ଖୋଲିଦେବାକୁ ଭାରତ ସରକାରଙ୍କୁ ବାଧ୍ୟ କରିବାକୁ ବର୍ତ୍ତମାନ ୫୦% ଶୁଳ୍କ ଧାର୍ଯ୍ୟ କରିଛନ୍ତି। ଏହି ଉଦ୍ଦେଶ୍ୟରେ ଶସ୍ତା ତେଲ ନ ଆଣିବା ପାଇଁ ଲଗାତର ଚାପ ପ୍ରୟୋଗ କରି ଆସିଛନ୍ତି। ନିକଟରେ ଭେନେଜୁଏଲା ଆକ୍ରମଣ ପରେ ପୁଣିଥରେ ଟ୍ରମ୍ପ ଭାରତକୁ ରୁଷିଆରୁ ତେଲ ଆମଦାନୀ ନ କରିବାକୁ ଚେତାବନୀ ଦେଇଛନ୍ତି। ଯଦି ତେଲ ଆମଦାନୀ ଅବ୍ୟାହତ ରହେ ତାହେଲେ ଖୁବ୍ ଶୀଘ୍ର ଭାରତ ବିରୋଧରେ ବାଣିଜ୍ୟ ଶୁଳ୍କକୁ ବର୍ତ୍ତମାନର ୫୦୦% କରି ଦିଆଯିବ ବୋଲି ଧମକ ଦେଇଛନ୍ତି। ଏଭଳି ସାମ୍ରାଜ୍ୟବାଦୀ ଧମକ ଓ ଚାପ ଆଗରେ ମୁଣ୍ଡ ନ ନୁଆଁଇ ଭାରତ ସରକାର ନିଜ ସ୍ୱାର୍ଥରେ ଦୃଢ଼ତାର ସହିତ ନୀତି ଗ୍ରହଣ କରିବା ଦରକାର।

ଭାରତ ଐତିହାସିକ ଭାବେ ଗୋଷ୍ଠୀ ନିରପେକ୍ଷ, ଆନ୍ତର୍ଜାତିକ ଆଇନ ଓ ରାଷ୍ଟ୍ରଗୁଡ଼ିକର ସାର୍ବଭୌମତ୍ୱର ପକ୍ଷରେ ମତ ପ୍ରକାଶ କରିଆସିଛି। ଯଦି ଆଜି ଭାରତ ସତରେ ଏକ ଦାୟିତ୍ୱଶୀଳ ବିଶ୍ୱ ଶକ୍ତି ହେବାକୁ ଚାହେଁ, ତାହେଲେ କିଛି କଥାରେ ସ୍ପଷ୍ଟ ଅଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ। ପ୍ରଥମତଃ, କୌଣସି ଦେଶର ରାଷ୍ଟ୍ରପତିଙ୍କୁ ବଳପୂର୍ବକ ଗିରଫ କରିବା ଆନ୍ତର୍ଜାତିକ ଆଇନ ବିରୋଧୀ, ଏହି କଥାକୁ କହିବାର ସାହସ ଦେଖାଇବାକୁ ପଡ଼ିବ। ଦ୍ୱିତୀୟତଃ, ଶାନ୍ତିର ଆହ୍ୱାନ କେବଳ କୂଟନୈତିକ ବିବୃତିରେ ସୀମିତ ରହିଲେ ଚଳିବ ନାହିଁ। ଅନ୍ୟାୟ ବିରୋଧରେ ନୈତିକ ଅବସ୍ଥାନ ନେବା ହିଁ ପ୍ରକୃତ ଶାନ୍ତିର ପଥ। ତୃତୀୟତଃ, ଆଜି ଭେନେଜୁଏଲା ଏବଂ ଆସନ୍ତାକାଲି ଅନ୍ୟ କୌଣସି ବିକାଶଶୀଳ ଦେଶ ଆମେରିକାର ସାମ୍ରାଜ୍ୟବାଦୀ ଯୁଦ୍ଧର ଶିକାର ହେବା ପରୋକ୍ଷରେ ଭାରତର ନିଜ ସୁରକ୍ଷା ପାଇଁ ମଧ୍ୟ ବିପଜ୍ଜନକ ହେବ।

ଭେନେଜୁଏଲାର ଘଟଣା କେବଳ ଗୋଟିଏ ଦେଶର ସଙ୍କଟ ନୁହେଁ, ଏହା ସାରା ବିଶ୍ୱର ଶାନ୍ତି ଓ ସ୍ଥିରତା ପାଇଁ ଏକ ବଡ଼ ପ୍ରଶ୍ନ । ଯଦି ବିଶ୍ୱରେ ରାଷ୍ଟ୍ରଗୁଡ଼ିକ ମଧ୍ୟରେ କୂଟନୀତି ବଦଳରେ ଶକ୍ତି ହିଁ ସବୁଠାରୁ ଶେଷ କଥା ହେବ, ତାହେଲେ ଆଇନ, ନୈତିକତା ଓ ସାର୍ବଭୌମତ୍ୱର କ'ଣ ମୂଲ୍ୟ ରହିବ?

ମୋ: ୯୪୩୭୧୬୬୩୯୧

# ସେ ଯେବେ କ୍ଷମା ଆଚରଇ



ହରେକୃଷ୍ଣ ଦାସ

ବାପା ଚାଲିଯିବା ପରେ ଏବେ ଅନୁଭବ କରିପାରୁଛି ଯେ ଅନେକ କଷ୍ଟ ଯନ୍ତ୍ରଣାକୁ ସହି ସେ ଆମଙ୍କୁ କ୍ଷମା କରିଚାଲିଥିଲେ। ଅନେକ ଥର କ୍ଷମା କରିବାର ଆବଶ୍ୟକତା ବିଷୟରେ ସେ ଆମକୁ ବୁଝେଇଥିଲେ ବି ନିଜର ଅହଂକାର ଯୋଗୁ ତାଙ୍କ କଥାପ୍ରତି ଆମେ କର୍ଣ୍ଣପାତ କରୁ ନ ଥିଲୁ। କିନ୍ତୁ ଏବେ ବୁଝିହେଉଛି ମାନସିକ ଶାନ୍ତି ପାଇଁ ଅନ୍ୟମାନଙ୍କ ଅନେକ ଦୋଷ କ୍ଷମା କରିଦେବା ଆବଶ୍ୟକ। ନିଜର ସଙ୍କୀର୍ଣ୍ଣ ବୁଦ୍ଧି ବିଚାର ଯୋଗୁ ଆମେ ବାରମ୍ବାର ଅକ୍ଷମଣୀୟ ଅପରାଧ କରୁଥିଲୁ। କିନ୍ତୁ କିଛି ବି ନ ଘଟିଥିବା ପରି ନିର୍ବିକାର ଭାବଟିଏ ମୁହଁରେ ଆଙ୍କି ବାପା ଆମକୁ ନୀରବରେ କ୍ଷମା କରିଦିଅନ୍ତି। ଆମ ଅନୁଚିତ ଆଚରଣରେ କେବେ କେବେ କ୍ଷୁବ୍ଧ ହେଉଥିଲେ ବି ସେ କ୍ଷୋଭ ପ୍ରକାଶ କରିବାରେ ଖୁବ ସତର୍କ ଥିଲେ। ବାପା କୁହନ୍ତି , ଅନ୍ୟକୁ କ୍ଷମା କରିପାରିଲେ ତଥା କ୍ଷମା ମାଗିପାରିଲେ ପାରିବାରିକ ଓ ସାମାଜିକ ସମ୍ପର୍କ ମଜଭୁତ ରହିବ। "ଦଣ୍ଡିବା ଶକ୍ତି ଯାର ଥାଇ, ସେ ଯେବେ କ୍ଷମା ଆଚରଇ,ସାଧୁଙ୍କ ଶ୍ରେଷ୍ଠ ସେହୁ ନର, ସୁଖଦୁଃଖରୁ ସେ ବାହାର।" ତମେ ସାଧୁସନ୍ଥଙ୍କ ପରି ସୁଖ ଦୁଃଖର ଭାବନାରୁ ଊର୍ଦ୍ଧ୍ୱକୁ ନ ଯାଇପାର, କିନ୍ତୁ ଶାନ୍ତି ପାଇପାରିବ। ହେଲେ, ଗୁଡାଏ ଅହଂକାର, ରାଗ, ବୃଥା ଅଭିମାନ, ଜିଦ୍, ଈର୍ଷା ଇତ୍ୟାଦି ମନରେ ପାଳି ଅନ୍ୟ ଉପରେ ଆମ ସ୍ୱେଚ୍ଛାଚାର ଆଧାରରେ ଏମିତି ସମ୍ପର୍କ ରଖି ଜୀବନ ବିତେଇଦେଲୁ ଯେ ନଷ୍ଟ କରିଦେଇଥିବା ଅନେକ ସମ୍ପର୍କକୁ ନେଇ ଏବେ ଖାଲି ଗୁଡାଏ ଅନୁତାପ କରୁଛୁ ସିନା କିନ୍ତୁ ତା'ର କିଛି ମୂଲ୍ୟ ନାହିଁ। ଏବେ ବୁଝୁଛି ଯେ ଅନୁତାପ କଲାଭଳି ସ୍ଥିତି ଆସିବା ପୂର୍ବରୁ ନିଜ ଆଚରଣ, କଥାବାର୍ତ୍ତା ସଜାଡ଼ିନେବା ଉଚିତ ଥିଲା।

ଦୁଃଖ ଓ ଅନୁଶୋଚନାରେ ଭାରାକ୍ରାନ୍ତ ଦିଶୁଥିବା ବନ୍ଧୁଙ୍କୁ ଟିକିଏ ସହଜ କରିବା ପାଇଁ କହିଲି, ହଁ, କ୍ଷମା କରିବା ଦିବ୍ୟ ଗୁଣ ନିଶ୍ଚୟ, ହେଲେ ପ୍ରତ୍ୟେକ ଭୁଲ୍‌କୁ କ୍ଷମା ନ କରି ବେଳେବେଳେ ଦଣ୍ଡ ଦେବା ଆବଶ୍ୟକ ହୋଇଥାଏ। ଯୁଦ୍ଧରେ କ୍ଷମା ନ କରିବା ପାଇଁ ଅର୍ଜୁନଙ୍କୁ ଉପଦେଶ ଦେଇଥିବା ଶ୍ରୀକୃଷ୍ଣ ଶିଶୁପାଳର ଶହେ ଅପରାଧ କ୍ଷମା କରିଥିଲେ। ଅର୍ଥାତ, ଶ୍ରୀକୃଷ୍ଣ ଅନେକ ଭର୍ତ୍ସନା, ଅପମାନ ସହ୍ୟ କରି ମଧ୍ୟ ଶିଶୁପାଳକୁ ସୁଧୁରିଯିବାର ଅବସର ପ୍ରଦାନ କରିଚାଲିଥିଲେ। ନିଜ ଆଚରଣ ପାଇଁ ପଶ୍ଚାତ୍ତାପ କରି ଭୁଲ୍ ଦୋହରାଇ ନ ଥିଲେ ଶିଶୁପାଳ କ୍ଷମା ପାଇପାରିଥା'ନ୍ତା। ନିଜ ଭୁଲ୍ ପାଇଁ ଜଣେ ଅନୁତାପ କରୁ ନ ଥିଲେ ତାକୁ କ୍ଷମା କରିବା ନ କରିବା ଅନେକ ସମୟରେ ଆମ ସଙ୍କୀର୍ଣ୍ଣ ବିଚାର ଉପରେ ନିର୍ଭର କରେ। କୋଉ ପ୍ରକାର ଆଚରଣ ଆମକୁ କଷ୍ଟ ଦେଉଛି – ତା' ଅପେକ୍ଷା ଏ କଥାକୁ ଆମେ ବେଶି ଗୁରୁତ୍ୱ ଦେଉ ଯେ ଆମକୁ କଷ୍ଟ ଦେଇଥିବା ଲୋକ ସହିତ ଆମର କି ପ୍ରକାର ସ୍ୱାର୍ଥ, ସମ୍ପର୍କ ଜଡ଼ିତ ଅଛି। ଯାହା ଜରିଆରେ ଆମର କୌଣସି ପ୍ରକାର ସ୍ୱାର୍ଥ ସାଧନ ହେବାର ଆଶା ଥାଏ ଆମେ ତା' ଠାରୁ ଯେତେ କଷ୍ଟ ଅପମାନ ପାଉଥିଲେ ବି ତା'ର ସବୁ ଭୁଲ୍‌କୁ ଅଣଦେଖା କରି ତାକୁ ଅଯାଚିତ କ୍ଷମା ପ୍ରଦାନ କରୁ।



ଆଉ ଯାହାଠାରୁ କିଛି ପାଇବାର ଆଶା ନ ଥାଏ ବା ଆବଶ୍ୟକତା ନ ଥାଏ , ତା'ର ସାମାନ୍ୟତମ ଭୁଲ୍‌କୁ ମଧ୍ୟ ସହ୍ୟ ନ କରି ତାକୁ ଆମର ଶତ୍ରୁ ବିଚାର କରୁ।

ତାଙ୍କ କଥାସହ ତାଳ ମିଳେଇ କହିଲି, "ସବୁଠୁ ବଡ଼ ବିଡ଼ମ୍ବନା କ'ଣ ଜାଣିଛ? ଆମର ଯାବତୀୟ ଅକ୍ଷମଣୀୟ ଅପରାଧସବୁକୁ ଆମ ମା'ବାପା ନିର୍ବିକାର ଚିତ୍ତରେ କ୍ଷମା କରିଆସିଥିଲେ ମଧ୍ୟ ସେଇ ମା'ବାପା ଆମ ଆଖିରେ ଏ ଦୁନିଆର ସବୁଠୁ ବଡ଼ ଅପରାଧୀ ପାଲଟି ଯାଆନ୍ତି। ବଡ଼ ହେଲା ପରେ ଆମେ ଏ ହିସାବରେ ଲାଗିଯାଉ ଯେ ସେମାନେ ଆମପାଇଁ କ'ଣ କରିବା ଉଚିତ ଥିଲା। ସେମାନଙ୍କ ତ୍ୟାଗ କଥା ଭୁଲିଯାଇ ସେମାନେ କରିଥିବା ପ୍ରତିଟି କାମ ଓ କହିଥିବା କଥାରେ ଭୁଲ୍ ବାହାର କରି ଆମେ ପ୍ରମାଣ କରିବାକୁ ଚେଷ୍ଟା କରୁ ଯେ ତାଙ୍କର କାର୍ଯ୍ୟକଳାପ ଯୋଗୁ ଆମ ଜୀବନ ନଷ୍ଟ ହୋଇଗଲା ଏବଂ ଆମେ ଯେତିକି ଉନ୍ନତି କରିବା କଥା ସେତିକି ହୋଇପାରିଲାନି। ତେଣୁ ତାଙ୍କୁ ଦୁର୍ବ୍ୟବହାର ଦେଖେଇ, ଆତ୍ମାକୁ ବାଧିଲାଭଳି କଥା କହି ହତାଦର କରି ଆମେ ପାପରେ ଭାଗୀଦାର ହୋଇଚାଲୁ। ଆମ ଚରିତ୍ରର ବିଚିତ୍ର ବିଡ଼ମ୍ବନା ଯେ, ମା'ବାପାଙ୍କୁ କ୍ଷମାର ଯୋଗ୍ୟ ବୋଲି ବିଚାର କରୁନା।"

ମୋର କଥା ଶେଷ ହେଲା ବେଳକୁ ବନ୍ଧୁ ବେଶି ଉଦାସ ଦିଶୁଥିଲେ। ଦୀର୍ଘଶ୍ୱାସଟିଏ ଛାଡି କହିଲେ, ଅନ୍ୟକୁ ଶାସ୍ତି ଦେଇପାରିବାର କ୍ଷମତା ଥିବାର ଅହଂକାରରେ ଆମେ ଏମିତି ଆଚରଣ ଦେଖେଇଥାଉ ଯେ ତା' ଦ୍ୱାରା ଅନେକ ସମ୍ପର୍କ ନଷ୍ଟ ହୋଇଯାଏ। ପରବର୍ତ୍ତୀ ସମୟରେ ଯେତେ ପଶ୍ଚାତ୍ତାପ କଲେ ମଧ୍ୟ ସେ ନଷ୍ଟ ସମ୍ପର୍କ ଆଉ ସଜାଡ଼ି ହୁଏନି। କ୍ଷମତା ଥିବାବେଳେ ଦଣ୍ଡ ଦେବାର ଶକ୍ତି ଅଛି ବୋଲି ଭାବି ଯେଉଁମାନଙ୍କର କୌଣସି ବି ଭୁଲ୍ କ୍ଷମା ନ କରି ସେମାନଙ୍କୁ ଶାସ୍ତି ଦେଇପାରୁଛି ବୋଲି ଗର୍ବ ଅନୁଭବ କରୁଥିଲି, ଆଜି ମୋର କ୍ଷମତା ଯିବା ପରେ ସେଇମାନେ ମତେ ଅପମାନିତ କରି ଆଜି ଶାସ୍ତି ଦେଉଛନ୍ତି। ମୁଁ ଡାଇରେକ୍ଟର ଥିଲାବେଳେ ମୋ ପାଖରେ କାମ କରୁଥିବା କେତେକଙ୍କୁ ମୁଁ କେତେବେଳେ ହୁଏତ ଖରାପ ବ୍ୟବହାର କରିଥାଇପାରେ, କିନ୍ତୁ କିଛି ପିଲା ସେଇ କଥାକୁ ଏମିତି ଧରି ରଖିଛନ୍ତି ଯେ ଆଜି ମତେ ସାମ୍ନାସାମ୍ନି ଦେଖି ବି ନ ଚିହ୍ନିଲା ପରି ଆସି ମୋ ପାଖରେ ଠିଆହୋଇ ସିଗାରେଟ ପିଇ ଗୁଲିଖଟି କରି ଚାଲିଗଲେ। ସେମାନଙ୍କ ବ୍ୟବହାର ଖୁବ୍ ଖରାପ ଲାଗିଲା, କିନ୍ତୁ ମନେମନେ ମୁଁ ମୋର ଅତୀତର ଦୁର୍ବ୍ୟବହାର ପାଇଁ ତାଙ୍କଠାରୁ କ୍ଷମା ମାଗିନେଲି। ଏବେ ବୁଝୁଛି ଯେ ପଦବୀ ଓ କ୍ଷମତାକୁ ନେଇ ଅହଂକାର ରଖି ନ ଥିଲେ ଆଜି ଏମିତି ପଶ୍ଚାତ୍ତାପ କରିବାକୁ ପଡ଼ି ନ ଥାନ୍ତା।

ସାନ୍ତ୍ୱନା ଦେଲାଭଳି କହିଲି, ବୁଝିଲ ବନ୍ଧୁ, ସୁଖଦୁଃଖର ଭାବନାରୁ ଊର୍ଦ୍ଧ୍ୱରେ ରହିବା ଦୂର କଥା, ଆମେ କେବଳ ଉଦାର ହୃଦୟର ହୋଇପାରିଲେ ଅନେକ ଭୁଲ୍‌କୁ ସହଜତାର ସହ ଗ୍ରହଣ କରି ସେସବୁକୁ କ୍ଷମା କରିପାରିବା ଏବଂ ନିଜର ପ୍ରତ୍ୟେକ ଭୁଲ୍ ପାଇଁ ନିଃସଙ୍କୋଚରେ କ୍ଷମା ମାଗିପାରିବା।

**ଅଧ୍ୟାପକ, ଇଂଲିଶ ବିଭାଗ**
**ନିଆଳି କଲେଜ, ନିଆଳି**
**କଟକ, ମୋ: ୯୮୬୧୩୪୫୬୫୮**

## ଏଇ ଭାରତରେ

ଭାରତରେ ଶିଶୁ ମୃତ୍ୟୁହାର ସ୍ୱାସ୍ଥ୍ୟସେବା ପ୍ରତି ଏକ ଚ୍ୟାଲେଞ୍ଜ। ଏହାକୁ ଦୂର କରିବା ଲାଗି ସରକାରୀ ସ୍ତରରେ ବିଭିନ୍ନ ଯୋଜନା କରାଯାଉଛି। ଏହି କ୍ରମରେ ଭାରତୀୟ ଇଞ୍ଜିନିୟର ମନୋଜ ଶଙ୍କର ଓ ପ୍ରତ୍ୟୁଷ ରେଡ୍ଡୀ ଶିଶୁମୃତ୍ୟୁ ହାର ରୋକିବା ସକାଶେ ଏକ ଜୀବନ ରକ୍ଷାକାରୀ ଟେକ୍ ଡିଭାଇସ ପ୍ରସ୍ତୁତ କରିଛନ୍ତି। ଏହାକୁ କୁହାଯାଉଛି 'ନେମୋକେୟାର ରକ୍ଷା'। ମନୋଜ ଏବଂ ପ୍ରତ୍ୟୁଷଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ନେମୋକେୟାର ୱେଲନେସ ଷ୍ଟାର୍ଟଅପ୍ ମାଧ୍ୟମରେ ଏହାକୁ ତିଆରି କରାଯାଇଛି। ଏହା ଦେଖିବାକୁ ସକ୍ସ ଭଳି ଓ ଏହାକୁ ନବଜାତକଙ୍କ ପାଦରେ ପିନ୍ଧାଇ ଦିଆଯାଉଛି। ଏହି ଉପକରଣ ନବଜାତକଙ୍କ ଇଣ୍ଟେନସିଭ କେୟାର ୟୁନିଟ( ଆଇସିୟୁ) ସ୍ତରର ମନିଟରିଂ କରି ପାରୁଛି। ଏହା ଲଗାତର ଭାବେ ଶିଶୁଙ୍କ ହାର୍ଟ ରେଟ୍, ଶ୍ୱାସକ୍ରିୟା ସ୍ଥିତି, ରକ୍ତରେ ଅମ୍ଳଜାନସ୍ତର ଏବଂ ଶରୀରର ତାପମାତ୍ରା ମାପକରି ଦର୍ଶାଉଛି। ଫଳରେ ଅଧିକ ନବଜାତକଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରୁଛି। ବିଶେଷକରି ସମ୍ବଳ ଅଭାବ ଥିବା ହସ୍ପିଟାଲ କିମ୍ବା କ୍ଲିନିକଗୁଡ଼ିକରେ ଏହା ବିଶେଷ ଉପଯୋଗୀ ହୋଇପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୨ ଜାନୁଆରୀ ୧୯୭୭**

- ନୋବେଲ ପୁରସ୍କାର ବିଜେତା ବିଶିଷ୍ଟ ପଦାର୍ଥ ବିଜ୍ଞାନୀ ଜନ କାଲଜିନଙ୍କୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି।
- ଆନ୍ତର୍ଜାତିକ ବୁଝାମଣା ନିମନ୍ତେ ଡଃ ଜୋନାସ ସାଲ୍‌କଙ୍କୁ ବିଜ୍ଞାନଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଜବାହରଲାଲ ନେହେରୁ ପୁରସ୍କାର ଅର୍ପଣ।

## ଚିରନ୍ତନୀ

ଥରଇ ହିୟା ମମ କୁମୁଦ–ଦଳ ସମ
ପ୍ରଥମ ପୀରତିର ଚେତନା
ଯେସନ ଉଠେ ଥରି ତରୁଣ ପ୍ରାଣ ଭରି
ବିକାଶି ନବ ନବ ବାସନା ।

–(ବର୍ଷାରତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆଇଓବି ଜମା ଅନୁସନ୍ଧାନ ସମ୍ପର୍କରେ

ମହାଶୟ,

ମୁଁ ଓ ମୋ ପତ୍ନୀ ଦିନ ମଜୁରିଆ। କିଛି ବର୍ଷ ତଳେ ଆମେ ସ୍ୱାମୀ ସ୍ତ୍ରୀ ଚରମ୍ପା ଇଣ୍ଡିଆନ ଓଭରସିଜ ବ୍ୟାଙ୍କ(ଆଇଓବି) ଶାଖାରେ ଦୁଇଟି ପାସ୍‌ବୁକ ଖୋଲିଥିଲୁ। ମୋ ପାଖରେ ଥିବା ଗୋଟିଏ ପୁରୁଣା ସାମ୍‌ସଙ୍ଗ ମୋବାଇଲ ଫୋନ ନମ୍ବର ଆମ ଦୁହିଁଙ୍କ ଆଧାରକାର୍ଡରେ ପଞ୍ଜୀକୃତ ହୋଇଥିବାରୁ ସେହି ଫୋନ ନମ୍ବରରେ ଦୁଇଟି ପାସ୍ ବୁକ ଖୋଲାଯାଇଥିଲା । କିଛି ବର୍ଷ ତଳେ ଦୁର୍ଘଟଣାରେ ଏକମାତ୍ର ପୁଅ ଚାଲିଗଲା। ପରେ ବ୍ୟାଙ୍କ କର୍ମଚାରୀ ଆମ ପାସବୁକ୍‌ଗୁଡ଼ିକୁ ମେଶିନରେ ପୂରାଇ ତାଜା ସ୍ଥିତି ଆଣି ଦେଉଥିଲେ । ଜାଣିବାକୁ ପାଇଲୁ ଯେ, ବ୍ୟାଙ୍କର ଏକ ଜମା ଅନୁସନ୍ଧାନ ନମ୍ବର ରହିଛି ଓ ବ୍ୟାଙ୍କ ପାସବୁକ୍‌ରେ ପଞ୍ଜୀକୃତ ମୋବାଇଲ ନମ୍ବରରୁ ଏହି ନମ୍ବରକୁ ମିସ୍‌ଡକଲ କଲେ ପାସ୍‌ବୁକ ସ୍ଥିତି ଜାଣି ହେଉଛି। ଆମେ ସେହି ନମ୍ବର ସଂଗ୍ରହ କରି ଆମ ମୋବାଇଲ ନମ୍ବରରୁ ମାରିଲେ କେବଳ ମୋ ପାସ୍‌ବୁକ୍‌ର ସ୍ଥିତି ଆସୁଛି, ମାତ୍ର ସ୍ତ୍ରୀଙ୍କ ପାସ୍‌ବୁକ୍‌ର କିଛି ଆସୁନାହିଁ। ତେବେ ମୋ ସ୍ତ୍ରୀଙ୍କ ପାସ୍‌ବୁକ୍ ସ୍ଥିତି ଜାଣିବା ପାଇଁ ମୋତେ ପୁଣି ନୂଆ ମୋବାଇଲ ନମ୍ବର ଦେବାକୁ ପଡ଼ିବ ଏବଂ ତାହା ନୂଆ ଆଧାରକାର୍ଡ ନମ୍ବର ସଂଯୋଗ ହୋଇଥିବା ଆବଶ୍ୟକ ବୋଲି ପରେ ଜାଣିଲି। ଏହା ଆମ ଭଳି ଗରିବଙ୍କ ପାଇଁ ବ୍ୟାଙ୍କ୍‌ର ଖେଳ ନୁହେଁ ତ?

**–ରଙ୍କନିଧି ବାରିକ, ଏରେଇ, ଚରମ୍ପା ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଅଙ୍ଗନଦୀରୁ ଯୁବକଙ୍କ ମୃତଦେହ ଜବତ

**ଲୋଇସିଂହା, ୧୧।୧ (ସୁଶାନ୍ତ ବାରିକ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ସାଲେଭଟା ଅଙ୍ଗନଦୀ ରେଲୱେ ବ୍ରିଜ୍ ତଳୁ ଶନିବାର ଜଣେ ଯୁବକଙ୍କ ମୃତଦେହକୁ ବଲାଙ୍ଗୀର ଜିଆର୍‌ପି ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ମୃତଦେହ ଚିହ୍ନଟ ପାଇଁ ବଲାଙ୍ଗୀର ଭୀମ ଭୋଇ ମେଡିକାଲର ଶବାଗାରରେ ରଖାଯାଇଛି। ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ବ୍ରିଜ ଉପର ରେଲଧାରଣା ନିକଟରେ ସମ୍ପୃକ୍ତ ଯୁବକଙ୍କ ଛିଣ୍ଡିପଡ଼ିଥିବା ବାମହାତ ପଡ଼ିଥିବାବେଳେ ଶରୀର ବ୍ରିଜ ତଳ ନଦୀପାଣିରେ ପଡ଼ିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ ଏହା ଦୁର୍ଘଟଣା ନା ହତ୍ୟା ସେ ସମ୍ପର୍କରେ ଜଣାପଡିନାହିଁ। ଇସ୍ପାତ୍ ଟ୍ରେନ୍ ଯିବାର କିଛି ଘଣ୍ଟା ଯିବା ପରେ ଏହି ସୂଚନା ମିଳିଥିଲା ବୋଲି ଜିଆର୍‌ପିର ଜଣେ କର୍ମଚାରୀ କହିଛନ୍ତି।

## ଦୁର୍ଘଟଣାରେ ଯୁବ ଆଇନଜୀବୀ ମୃତ

**ଜୁନାଗଡ଼, ୧୧।୧ (ଅଂଶୁମାନ ଯୋଶୀ):** କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ମଥୁରା ଛକ ନିକଟରେ ଶନିବାର ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବ ଆଇନଜୀବୀଙ୍କ ମୃତ୍ୟୁ ହୋଇଛି। ମୃତ ଆଇନଜୀବୀଙ୍କ ନାମ ରୁଦ୍ରକୃପା ଖମାରୀ (୨୫)। ତାଙ୍କ ଘର ଜୁନାଗଡ଼ ଥାନା ଅନ୍ତର୍ଗତ ଦାସିଗାଁ। ସୂଚନା ଅନୁଯାୟୀ, ରୁଦ୍ର ତାଙ୍କ ସାଙ୍ଗ ମାଲିଗୁଡାର ଶଶାଙ୍କ ଶେଖର ନେଗୀଙ୍କ ସହ ଭବାନୀପାଟଣାକୁ ଏକ ବାଇକ୍‌ରେ ଯାଉଥିବାବେଳେ ବାଟରେ ମଥୁରା ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଏକ ତାଳ ଗଛରେ ପିଟିହୋଇଥିଲେ। ଫଳରେ ଘଟଣାସ୍ଥଳରେ ରୁଦ୍ରଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଶଶାଙ୍କଙ୍କୁ ଗୁରୁତର ଅବସ୍ଥାରେ ଭବାନୀପାଟଣା ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବୁର୍ଲାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି। ରବିବାର ପୋଲିସ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।





ରାହଗିରି ପଥ ଉତ୍ସବରେ ସାମିଲ ପ୍ରତିଯୋଗୀ ଓ ଅତିଥି।

# ଝଲସି ଉଠୁଛି ଲୋକକଳା, ପରମ୍ପରା

- କଳାହାଣ୍ଡି ଉତ୍ସବ 'ଘୁମୁରା' ଉପଲକ୍ଷେ ରାହଗିରି ପଥଉତ୍ସବ
- ପଥ ପାଲଟିଲା ଉତ୍ସବମୟ

**ଭବାନୀପାଟଣା, ୧୧।୧ (ଉତ୍ତମ କୁମାର ଦାଶ)**

ରାସ୍ତାରେ ଜମିଛି ଭିଡ଼। ଭଳି କି ଭଳି ମନମୋହକ କଳା ପ୍ରଦର୍ଶନ କରୁଛନ୍ତି ପ୍ରତିଭାଗୀମାନେ। ରାସ୍ତାରେ ବୁଲି ବୁଲି ଉପଭୋଗ କରୁଛନ୍ତି ହଜାର ହଜାର ଦର୍ଶକ। ଲୋକ କଳା, ସଂସ୍କୃତି, ପରମ୍ପରା ଓ ଯାବତୀୟ ବିଭବ ଅବଲୋକନ କରି ମୋହିତ ହେଉଛନ୍ତି ଆବାଳ ବୃଦ୍ଧବନୀତା। ଭବାନୀପାଟଣାରେ ୨୮ତମ କଳାହାଣ୍ଡି ଉତ୍ସବ 'ଘୁମୁରା'-୨୦୨୬ର ଅବ୍ୟବହିତ ପୂର୍ବରୁ ୬ଷ୍ଠତମ ପଥ ଉତ୍ସବର ଏଭଳି ଦୃଶ୍ୟ ଜନମାନସକୁ ଉତ୍ସବମୁହାଁ କରିବାର ଖୋରାକ ଯୋଗାଇଛି। କଳାହାଣ୍ଡି ଉତ୍ସବ ରାହଗିରି କମିଟି ତରଫରୁ ସ୍ଥାନୀୟ ଜେଲ ଛକ ଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଛକ ପର୍ଯ୍ୟନ୍ତ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମ ରବିବାର ସକାଳୁ ଯୋଗ ପ୍ରାଣାୟାମରୁ ଶୁଭାରମ୍ଭ ହୋଇଛି। ୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାମୁହିକ ବନ୍ଦେ ମାତରଂ ଗାନ ଉପସ୍ଥିତ ଦର୍ଶକ ଓ ଅତିଥିବୃନ୍ଦଙ୍କୁ ଦେଶପ୍ରେମର ଗାଥା ଶୁଣାଇଥିବାବେଳେ ଭାରତୀୟ ଗଣତନ୍ତ୍ରର ଅବଧାରଣା ସମ୍ବିଧାନ ସଚେତନତା କାର୍ଯ୍ୟକ୍ରମ ଲୋକଙ୍କୁ ଆହୁରି ଉଦବୁଦ୍ଧ କରିଥିଲା। ମଞ୍ଚ ଉପରେ ମହାରାଜ କଂସଙ୍କ ଦରବାରକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖିବାକୁ ମିଳିଥିଲା। ସେହିପରି ଚିତ୍ରାଙ୍କନ, ମାର୍ସିଆଲ ଆର୍ଟ, ରାଇଫଲ ସୁଟିଂ, ରଙ୍ଗୋଲି, ଖାଦ୍ୟମେଳା, ମିମିକ୍ରି, ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଦିନତମାମ ଦର୍ଶକଙ୍କ ଗହଳି ଲାଗିରହିଥିଲା। ଲାଞ୍ଜିଗଡ଼ରୁ ଆସିଥିବା ଧନୁତୀର ଚାଳନା ପ୍ରତିଭାଗୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସହର ମଧ୍ୟସ୍ଥ ଜେଲଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଉତ୍ସବମୁଖର ହୋଇଉଠିଥିଲା। ରାହାଗିରି କମିଟିର ଉପଦେଷ୍ଟା ଡ. ଅଜୟ କୁମାର ମିଶ୍ର, ଅଧ୍ୟକ୍ଷ ସଞ୍ଜୟ କୁମାର ତଥା ନୋଡାଲ ଅଧିକାରୀ ଜିଲା ଯୋଜନା ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଆବାହକ ସୁଶାନ୍ତ ସିଂହଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରାହାଗିରି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ତହସିଲଦାର ଦାୟିତ୍ୱରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେଶ ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ସହିତ ଅନ୍ୟମାନେ ଅତିଥି ଭାବେ ଯୋଗଦେଇ କଳାକାର ଓ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ରୋହିତ ଦୁର୍ଗା, ଭବାନୀ ପଟ୍ଟନାୟକ, ଶୋଭାଗିନୀ ପାତ୍ର, ଦୁଷ୍ମନ୍ତ ପ୍ରଧାନ, ଶ୍ରୀନିବାସ ସାହୁ, ଉମାଚରଣ ପ୍ରଧାନ, ପ୍ରଭୁପାଦ ପ୍ରଧାନ, ମୁକୁନ୍ଦ ରେଡ୍ଡୀ, ବିରଞ୍ଚି ନାରାୟଣ ପଣ୍ଡା, ଗୁରୁପ୍ରୀତ କୌର, ଅରୁଣ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆସନ୍ତା ୧୩ ତାରିଖ ଯାଏ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଜଣାପଡିଛି।

## ଜିଲା ପାଲା ପରିଷଦର ବୈଠକ

**ଖଡ଼ିଆଲ, ୧୧।୧ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ପାଲା ପରିଷଦର ଏକ ବୈଠକ ଖଡ଼ିଆଲଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅମୂଲ୍ୟ ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଚଳିତବର୍ଷ ହେବାକୁ ଥିବା ଦ୍ୱିତୀୟ ପାଲା ସମ୍ମିଳନୀ ଉପରେ ଆଲୋଚନା କରିଥିଲେ। ରାମ ନବମୀ ତିଥିରେ ବିରିଘାଟ ଗ୍ରାମରେ ଏହି ସମ୍ମିଳନୀ ଆୟୋଜିତ ହେବ। ଉକ୍ତ ସମ୍ମିଳନୀରେ ଜିଲାର ୩୦ରୁ ଊର୍ଦ୍ଧ୍ୱ ପାଲା ଦଳ ପାଲା ପରିବେଷଣ କରିବେ। ଅତିଥି ଗାୟକ ଭାବରେ ମଧ୍ୟ ଓଡ଼ିଶାର ନାମୀଦାମୀ ଗାୟକମାନଙ୍କୁ ନିମନ୍ତ୍ରଣ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ବରିଷ୍ଠ ପାଲା କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ପାଲା ଉପରେ ବିଭିନ୍ନ ତଥ୍ୟ ଭିତ୍ତିକ ନିବନ୍ଧକୁ ନେଇ ଏକ ସ୍ମରଣିକା ମଧ୍ୟ ପ୍ରକାଶ କରାଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ବରିଷ୍ଠ ପାଲା ଗାୟକ ଅର୍ଜୁନ ଛତ୍ରିଆ, ଡୋଳାମଣି ଦଣ୍ଡସେନା, ପ୍ରଦୀପ କୁମାର କର, ପ୍ରଦ୍ୟୁମ୍ନ ସରାଫ, କୁନାଲ ଚରଣ ବେହେରା, ଦେବେନ୍ଦ୍ର ଭିତିରିଆ, ଶାମ୍ଭ ସରାଫ, ଦୀନବନ୍ଧୁ ଛତ୍ରିଆ, ଚନ୍ଦ୍ରଶେଖର ବେହେରା ଯୋଗ ଦେଇଥିଲେ। ପରମେଶ୍ୱର ବାରିକ, ହେମନ୍ତ ବେହେରା, ବାପିନା ସାହୁ ଓ ବ୍ଲକ କଳା ଓ ସଂସ୍କୃତି ସଂଘ ଖଡ଼ିଆଳର ଉପ ସଭାପତି ଜଗତ ନାଗ ବୈଠକରେ ସାମିଲ ହୋଇଥିଲେ।

## କର୍ଲାପଡ଼ା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୧୧।୧ (ଉତ୍ତମ କୁମାର ଦାଶ)**

ଭବାନୀପାଟଣା ବ୍ଲକ କର୍ଲାପଡ଼ା ପଞ୍ଚାୟତ ସମିତି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଗତ ୩ଦିନ ଧରି ଚାଲିଥିବା ୩୮ତମ ବାର୍ଷିକ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ, ସମ୍ମାନିତ ଅତିଥି ଭାବେ କର୍ଲାପଡ଼ା ସରପଞ୍ଚ ସୁଷମା ସେନାପତି ଓ ପୂର୍ବତନ ଅଧ୍ୟକ୍ଷ ବିନୋଦ ବିହାରୀ ପଟ୍ଟନାୟକ ଯୋଗଦେଇଥିଲେ। ସେହିପରି ଅବସରପ୍ରାପ୍ତ ଭୂଗୋଳ ଅଧ୍ୟକ୍ଷ ସରୋଜ କୁମାର ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଅଞ୍ଚଳରେ ଛାତ୍ରୀଛାତ୍ରଙ୍କର ସୈନିକ ମୁଁ ବୋଲି ବିଧାୟକ ଦାଶ ତାଙ୍କ ବକ୍ତବ୍ୟରେ ପରିପ୍ରକାଶ କରିଥିଲେ। ଏହାସହ ଅଞ୍ଚଳର ସବୁ ଦାବି ଯଥାସମ୍ଭବ ପୂରଣ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଛାତ୍ରୀଛାତ୍ରମାନଙ୍କର ଚରିତ୍ର ନିର୍ମାଣ କିପରି ହୋଇପାରିବ ଓ ଆଗକୁ ବଢ଼ି ଦେଶର କାର୍ଯ୍ୟରେ କିପରି ସହଭାଗିତା ହୋଇପାରିବେ ସେଥିପ୍ରତି ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ସଂସ୍କୃତ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ଓ କ୍ରୀଡା ଶିକ୍ଷକ ବିଭୂତି ଯୋଶୀ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଓଡ଼ିଆ ଶିକ୍ଷକ ଅନନ୍ତ ଶବର ଧନ୍ୟବାଦ ଅର୍ପଣ କରିଥିଲେ।



ଉଦ୍‌ଯାପନୀ ସମାରୋହରେ ବିଧାୟକ ସାଗର ଦାସ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ଫେବୃଆରୀ ୨୯ରେ ୱାଇଏମ୍‌ସି କପ୍ କ୍ରିକେଟ

**ନୂଆପଡ଼ା, ୧୧।୧ (ମକାରୁ ବେମାଲ)**

ଆସନ୍ତା ଫେବୃଆରୀ ୨୯ରୁ ୩୪ତମ ସର୍ବଭାରତୀୟ ୱାଇଏମ୍‌ସି କପ କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଅନ୍ୟ ପକ୍ଷରେ ପଡ଼ିଆ ମରାମତି କାମ ସମ୍ପୂର୍ଣ୍ଣ ନ ହେଲେ ତାରିଖ ଆଗକୁ ବଢିବା ସମ୍ଭାବନା ରହିଛି ବୋଲି ଆୟୋଜକ କର୍ମକର୍ତ୍ତା ନୂଆପଡ଼ା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ବର୍ଷ ଦେଶର ବିଭିନ୍ନ ପ୍ରାନ୍ତ ସହ ରାଜ୍ୟରୁ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ପ୍ରତିବର୍ଷ ଜାନୁଆରୀ ପ୍ରଥମ ସପ୍ତାହରେ ୱାଇଏମ୍‌ସି କପ ଟୁର୍ନାମେଣ୍ଟ ହୋଇଥାଏ। ଏଥର ଖେଳପଡ଼ିଆ ମରାମତି କାମ ଚାଲିଥିବାରୁ ବିଳମ୍ବ ହେଉଛି। ଜିଲା କ୍ରିକେଟ ସଂଘ ସାଧାରଣ ସମ୍ପାଦକ ତଥା ଓସିଏ ସଦସ୍ୟ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡିର ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା, ନୂଆପଡ଼ା ଏନଏସି ଅଧ୍ୟକ୍ଷ ମହମ୍ମଦ ଆଦମ, ଜିଲା ଓକିଲ ସଂଘ ସଭାପତି କ୍ଷୀତିଶ ଅଶୋକ ବୋଧନକର, ଉପସଭାପତି ପ୍ରକାଶଚନ୍ଦ୍ର ସ୍ୱାଇଁ, ଜିଲା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ, ଭାଜପା ଜିଲା କୋଷାଧ୍ୟକ୍ଷ ସୁଶାନ୍ତ ପତି, ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ବଡେଇ, ଡିଆଇପିଆରଓ ବିଦ୍ୟାପତି ପଣ୍ଡା, ୱାଇଏମସି ସଭାପତି ଅମରେଶ ଦାଶ, ସମ୍ପାଦକ ତପନ ବଗର୍ତ୍ତୀ ପ୍ରମୁଖ ମଞ୍ଚାସୀନ ଥିଲେ। ୱାଇଏମ୍‌ସି ଉପସଭାପତି ସଞ୍ଜୟ ପଟ୍ଟନାୟକ, କ୍ୟାପଟେନ ଶ୍ରୀରାମ ମିଶ୍ର, ସଦସ୍ୟ ସୁଧୀର ମିଶ୍ର, ଜିତୁ ହୋତା, ପ୍ରତୀକ ପଟ୍ଟନାୟକ, ଅଂଶୁମାନ ଗୁପ୍ତା, ବାବି ମହଲା, ଶରତ ଭୋଇ, ସୁରୁ ପଞ୍ଜି ପ୍ରମୁଖ ଉପସ୍ଥିତ ଥିଲେ।



ୱାଇଏମ୍‌ସି କପ୍ କ୍ରିକେଟ ଟୁର୍ନାମେଣ୍ଟ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

## ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଉଦ୍‌ଯାପିତ



ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅବସରରେ ଶୋଭାଯାତ୍ରା।

**ମ. ରାମପୁର, ୧୧।୧ (ଶଶୀଭୂଷଣ ପ୍ରହରାଜ)**

କଳାହାଣ୍ଡି ଜିଲ୍ଲା ମ. ରାମପୁର ସ୍ଥିତ ଦୁର୍ଗା ମାଧବ ଉଚ୍ଚ ବିଦ୍ୟାପୀଠ ଠାରେ ୨୮ତମ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ରବିବାର ଉଦ୍‌ଯାପିତ ହୋଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଉଦ୍‌ଯାପନୀ ଉତ୍ସବ ଧୁମଧାମରେ ପାଳିତ ହୋଇଛି। ମଧ୍ୟାହ୍ନରେ ଉଦ୍‌ଘାଟନ ହୋଇ ରାତ୍ର ୧୦ଟାବେଳେ ଉଦ୍‌ଯାପିତ ହୋଇଛି। ବିଡିଓ ଶରତ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଭୟ ସଭାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ସିଂହଦେଓ, ତହସିଲଦାର ମୀମାଂସା ସାହୁ ସମ୍ମାନିତ ଅତିଥି, ପଦ୍ମଲୋଚନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। କଳା ସଂସ୍କୃତି ଆଧାରିତ ଜନଜୀବନ ବସବାସ ଉପରେ ଜୀବନାଦର୍ଶ ସଂହତି ଉପରେ ଅତିଥିମାନେ କହିଥିଲେ। ଉକ୍ତ ଉତ୍ସବ, ଶୋଭାଯାତ୍ରା, ପଥପ୍ରାନ୍ତ ସଭା, ଉତ୍ସବ ସଭାରେ ବଲାଙ୍ଗୀର, କନ୍ଧମାଳ ଜିଲ୍ଲା ସାଂସ୍କୃତିକ ଦଳ ସମେତ କଳାହାଣ୍ଡି ଜିଲ୍ଲା ମାସ୍କାଦାଣ୍ଡିର ବଜାଶାଲ, ଦେଢଶୁଲି, ଦୁଡ଼କାରଞ୍ଜାରାପ, ମ. ରାମପୁର ଘଣ୍ଟ ଓ ଘୁମୁରା, ବାଲିଗୁଡାର ଆଦିବାସୀ ନୃତ୍ୟ ଆଦି ସମ୍ମିଳିତ କରାଯାଇ ଲୋକମାନଙ୍କୁ ଆକର୍ଷିତ କରାଯାଇଥିଲା। ଏଇଇ ବଲବିନ୍ଦର ସିଂ ଯାଦବ, ଏପିଓ ଅଭିଳାସା ସିଂହଦେଓ, ଯୁବନେତା ବିକାଶ ସିଂହଦେଓ ପ୍ରମୁଖ ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲେ। ମା' ଡୋକରି ପୀଠଠାରୁ ସାଂସ୍କୃତିକ ଦଳ ସହିତ ମିଶନ ଶକ୍ତି ମହିଳା ଗୋଷ୍ଠୀ, ନେତା, ସଂସ୍କୃତିପ୍ରେମୀ ସହର ମଧ୍ୟଦେଇ ଶୋଭାଯାତ୍ରାରେ ଯାଇଥିଲେ। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶ୍ୟାମ ସୁନ୍ଦର ନାୟକ ସଂଯୋଜନା କରିଥିଲେ।

## ନୂଆଦିଲ୍ଲୀରେ ଦୁଲୁକିବ କଳାହାଣ୍ଡିର ବଜାଶାଲ ଓ ଘୁମୁରା

**ଭବାନୀପାଟଣା, ୧୧।୧ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ସହରର ପ୍ରତିଭା ଅନୁଷ୍ଠାନର କଳାକାର ଘୁମୁରା ଓ ବଜାଶାଲ ନୂଆଦିଲ୍ଲୀର ସାଧାରଣତନ୍ତ୍ର ଦିବସ ଉତ୍ସବରେ ପରିବେଷଣ କରିବେ। ଏକ ୩୫ ଜଣିଆ ଟିମ୍ ଶୁକ୍ରବାର ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା କରିଛନ୍ତି। ଜାନୁଆରୀ ୧୧ତାରିଖରୁ ନୂଆଦିଲ୍ଲୀରେ ଅଭ୍ୟାସ ଆରମ୍ଭ ହେବ। ଜାନୁଆରୀ ୨୬ରେ ରାଜପଥରେ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ପ୍ରତିଭାର ସଭାପତି ଧାନାନନ୍ଦ ପଣ୍ଡା ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ନିମନ୍ତେ କୋଲକାତା ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଏହି ଟିମ୍ ଯାଇଛନ୍ତି। ୧୫ଜଣିଆ ଟିମ ଘୁମୁରା ଓ ୨୦ ଜଣିଆ କଳାକାର ବଜାଶାଲ ପ୍ରଦର୍ଶନ କରିବେ। ଗତ ୨୦୨୧ ମସିହାରେ ପ୍ରତିଭା ପକ୍ଷରୁ ନୂଆଦିଲ୍ଲୀ ସାଧାରଣତନ୍ତ୍ର ଦିବସ ସମାରୋହରେ ରାଜପଥରେ ବଜାଶାଲ ନୃତ୍ୟ ପରିବେଷଣ କରି ପ୍ରଶଂସିତ ହୋଇଥିଲେ।



ପ୍ରତିଭା ଅନୁଷ୍ଠାନର କଳାକାର।

**ସୁବର୍ଣ୍ଣପୁର ଜିଲ୍ଲା ଚାଷୀ ଭାଇ ମାନଙ୍କ ପାଇଁ କୃଷି ବିଭାଗ ଓ ଆତ୍ମା ତରଫରୁ ଗୁରୁତ୍ୱ ସୂଚନା**

- ସମସ୍ତ ଫସଲ ଚାଷ ପୂର୍ବରୁ ବିହନ ବିଶୋଧନ ନିଶ୍ଚିତ କରନ୍ତୁ।
- ନିଜ ଜମିର ମାଟି ପରୀକ୍ଷା କରାନ୍ତୁ।
- ମୃତ୍ତିକା ସ୍ୱାସ୍ଥ୍ୟକାର୍ଡରେ ଅନୁମୋଦିତ ପରିମାଣର ଜୈବିକ ଓ ରାସାୟନିକ ଖାଦ୍ୟସାର ପ୍ରୟୋଗ କରନ୍ତୁ।
- ରବିଋତୁରେ ଜଳସେଚିତ ଅଂଚଳର ଶେଷ ମୁଣ୍ଡରେ ଧାନ ବଦଳରେ ଅଣଧାନ (ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ, ଶୋରିଷ ଇତ୍ୟାଦି) ଫସଲ ଚାଷ କରନ୍ତୁ।
- ସମନ୍ୱିତ ଚାଷ କରିବା ନିମନ୍ତେ ଇଚ୍ଛୁକ ଚାଷୀ ବ୍ଲକ ସହକାରୀ କୃଷି ଅଧିକାରୀଙ୍କ ନିକଟରେ ଆବେଦନ କରନ୍ତୁ।
- ଠିକ୍ ସମୟରେ ଫସଲ ବୀମା ଦେୟ ପଇଠ କରି ପ୍ରାକୃତିକ ଦୁର୍ବିପାକ ଯୋଗୁଁ ହେଉଥିବା କ୍ଷୟକ୍ଷତି ଭରଣା କରନ୍ତୁ। ଯଥା ଖରିଫ ଋତୁରେ ଜୁଲାଇ ୩୧ ଓ ରବିଋତୁରେ ଡିସେମ୍ବର ୩୧ ଶସ୍ୟବୀମା ପଇଠ ଶେଷ ତାରିଖ।
- ଡି.ବି.ଟି ମାଧ୍ୟମରେ ରିହାତି ପାଇବା ନିମନ୍ତେ ସମସ୍ତ ଚାଷୀ ନିଜର ବ୍ୟାଙ୍କ ସଞ୍ଚୟ ଖାତାର ବିବରଣ, ମୋବାଇଲ ନମ୍ବର, ପରିଚୟ ପ୍ରମାଣ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନା ପ୍ରଦାନ କରି ପଞ୍ଜୀକରଣ କରିବା ବାଧ୍ୟତା ମୂଳକ। ଏଥିନିମନ୍ତେ ଫର୍ମ ନିକଟସ୍ଥ ପ୍ୟାକ୍ସ, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଇଣ୍ଟରନେଟ୍ ସାଇଟ୍ www.agrisnetodisha.gov.in ରେ ଉପଲବ୍ଧ।
- କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ରୁ ୫୦ ପ୍ରତିଶତ ରିହାତି ପାଆନ୍ତୁ ଓ ସ୍ୱାବଲମ୍ବୀ ହୁଅନ୍ତୁ।
- କୃଷକ ରେଜିଷ୍ଟ୍ରି ରେ ନିଜ ଜମିପଟ୍ଟା ଦ୍ୱାରା ପଞ୍ଜିକୃତ ହୁଅନ୍ତୁ ଓ ଲାଭବାନ ହୁଅନ୍ତୁ। ଏଥିପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର, ପଞ୍ଚାୟତ ସ୍ତରୀୟ କୃଷି କର୍ମଚାରୀ ଏବଂ ନିଯୁକ୍ତ ସହାୟକଙ୍କ ଠାରେ ପଞ୍ଜିକରଣ କରାନ୍ତୁ।

ଶ୍ରୀଯୁକ୍ତ ଡ. ନୃପରାଜ ସାହୁ
ଜିଲ୍ଲାପାଳ ତଥା ଅଧ୍ୟକ୍ଷ,
ଆତ୍ମା ପରିଚାଳନା କମିଟି, ସୁବର୍ଣ୍ଣପୁର

ଶ୍ରୀଯୁକ୍ତ ରୁଦ୍ରଦେବ ରାଉତ
ପ୍ରକଳ୍ପ ନିର୍ଦ୍ଦେଶକ,
ଆତ୍ମା ତଥା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁବର୍ଣ୍ଣପୁର

## ଗଞ୍ଜେଇ ଜବତ: ୫ ଆନ୍ତଃରାଜ୍ୟ ଚୋରା ଚାଲାଣକାରୀ ଗିରଫ

**କେସିଙ୍ଗା, ୧୧।୧ (ଡୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ପୋଲିସ ସ୍ଥାନୀୟ ରେଳ ଷ୍ଟେସନରୁ ରବିବାର ସନ୍ଧ୍ୟାରେ ୫ ଆନ୍ତଃରାଜ୍ୟ ଚୋରା ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପ୍ରାୟ ୧୦ କେଜି ଗଞ୍ଜେଇ ଜବତ ହୋଇଛ। ଅଭିଯୁକ୍ତମାନେ ହେଲେ ମହାରାଷ୍ଟ୍ର ରାଜ୍ୟର ନାଗପୁର ଜିଲାର ବାସିନ୍ଦା ରାହୁଲ ସୁରେଶ ରାଉତ(୨୭), ଅଙ୍କେଶ ରାମସିଂ ପାଲ(୨୩), ବିକାଶ ଦିଲୀପ ନନ୍ଦଗୌରୀ(୧୯), ଦୀପସିଂ ଟାକ(୨୧), ଗୁରୁପ୍ରିତ ସିଂ ଟାକ (୩୧)। ଅଭିଯୁକ୍ତମାନେ ରାୟପୁର ହୋଇ ନାଗପୁର ଯିବାପାଇଁ କେସିଙ୍ଗା ଷ୍ଟେସନରେ ଟ୍ରେନକୁ ଅପେକ୍ଷା କରି ରହିଥିବା ସମୟରେ ପୋଲିସ ହାବୁଡ଼ରେ ପଡ଼ିଥିଲେ। ଗଞ୍ଜେଇ କେଉଁଠୁ ଆସିଲା ଓ କିପରି ଆସିଲା ତାହାର ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ଜିତେନ୍ଦ୍ର ବିଶ୍ୱାଳ ପ୍ରକାଶ କରିଛନ୍ତି। ଆଇଆଇସି ଜିତେନ୍ଦ୍ର ବିଶ୍ୱାଳଙ୍କ ସମେତ ଏସଆଇ ଅରକ୍ଷିତ ମାଝୀ, ଏସ୍‌ଆଇ ରେଣୁକା ଖେସ ଏବଂ ଏଏସ ଆଇ ନୀତିନ ଚତୁର୍ବେଦିଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ବିବେକାନନ୍ଦ ସାମଲ ଉପସ୍ଥିତିରେ ଗଞ୍ଜେଇ ଜବତ କରାଯାଇଛି।

## ବାଟବଣା ବସୁଧା ଯୋଜନା, ଲୋକଙ୍କୁ ମିଳୁନି ପାଣି

**କର୍ଲାମୁଣ୍ଡା, ୧୧।୧ (ପ୍ରଦୀପ କୁମାର ସାହୁ)**

ସରକାର ସମସ୍ତଙ୍କୁ ପିଇବାପାଣି ଯୋଗାଇବା ନିମନ୍ତେ ବିଭିନ୍ନ ସ୍ଥାନରେ ବସୁଧା ଯୋଜନାରେ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଟେଣ୍ଡର ଜରିଆରେ ବ୍ୟବସ୍ଥା କରିଛନ୍ତି। ଯୋଜନାଗୁଡିକ ଠିକ ସମୟରେ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ସାଧାରଣ ଲୋକଙ୍କ ପାଇଁ ବସୁଧା ଭଳି ଯୋଜନା ଅପହଞ୍ଚ ହୋଇରହୁଛି। ଏଭଳି ପରିସ୍ଥିତି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଦେଖିବାକୁ ମିଳିଛି। ବ୍ଲକର ପୁଟୀଗା ଉତେଇ ନଦୀରୁ ସ. ମାଲପଡା ଗ୍ରାମପଞ୍ଚାୟତର ପୁଟୀଗା ଓ



ରାଜପୁର ଗ୍ରାମପଞ୍ଚାୟତର ବାଞ୍ଜିପଦର ପାଇଁ ପାଇପ ଯୋଗେ ପାନୀୟ ଜଳ

ଯୋଗାଣ ନିମନ୍ତେ ୬ କୋଟି ୭୫ ଲକ୍ଷ ଟଙ୍କା ଅଟକଳରେ ଟେଣ୍ଡର ଜରିଆରେ ଜନୈକ ଠିକାଦାରଙ୍କ ଦ୍ୱାରା ତିନିବର୍ଷ ତଳେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉଭୟ ଗାଁରେ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଅନ୍ୟାନ୍ୟ କାର୍ଯ୍ୟ ହୋଇପାରି ନ ଥିବାରୁ ପୁଟୀଗା, ରାଜପୁର, ବାଞ୍ଜିପଦର ଗ୍ରାମବାସୀଙ୍କ ପାଇଁ ବସୁଧା ଯୋଜନା ଅପହଞ୍ଚ ହୋଇ ରହିଛି। ବିଶେଷ ଭାବେ ପୁଟିଗାଁରେ ଲୋକଙ୍କ ଘରକୁ ଘର ପାଇପ ସଂଯୋଗ ହୋଇଥିଲେ ହେଁ ପାଣି ଆସୁ ନ ଥିବା ଗ୍ରାମର ମନୋଜ କୁମାର ସାହୁ ଅଭିଯୋଗ କରିଛନ୍ତି। ଉକ୍ତ ପ୍ରକଳ୍ପ ୨୦୨୪ ଜୁଲାଇରେ ସମ୍ପୂର୍ଣ୍ଣ ହେବାକୁ ନିୟମ ରହିଥିବାବେଳେ ପ୍ରକଳ୍ପ ଧାର୍ଯ୍ୟ ସମୟରେ ଶେଷପାରୁ ନାହିଁ। ଏ ନେଇ କର୍ଲାମୁଣ୍ଡା ବ୍ଲକ ଦାୟିତ୍ୱରେ ଥିବା ନର୍ଲା ବ୍ଲକ ବିଭାଗୀୟ ଯନ୍ତ୍ରୀ ପ୍ରଭାତ କୁମାର ସେଠୀଙ୍କୁ ପଚାରିବାରୁ ପ୍ରକଳ୍ପ କାର୍ଯ୍ୟକ୍ଷମରେ ବିଳମ୍ବ ହେଉଥିବାକୁ ସ୍ୱୀକାର କରିବା ସହ ଠିକାଦାରଙ୍କ ବିଲ୍ ପାଇବାରେ ବିଳମ୍ବ ହେତୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏବେ କମ ଦିନ ଭିତରେ ପୁଟିଗାଁ ସମସ୍ୟାକୁ ସମାଧାନ କରାଯିବା ସହିତ ରାଜପୁର ପଞ୍ଚାୟତରେ ମଧ୍ୟ ବକେୟା ଥିବା କାର୍ଯ୍ୟକୁ ଶୀଘ୍ର ସାରିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।

## ଥାନାରେ ଓଡ଼ିଆ ଯୁବକ ମୃତ

**ବୋଡ଼େନ, ୧୧।୧ (ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ଖଇରା ଗ୍ରାମର ଯୁବକ ଶୁକ୍ଲାମ୍ବର ମାଝୀ(୨୮)ଙ୍କର ରବିବାର ସକାଳେ ମୁମ୍ବାଇ ନିକଟସ୍ଥ ଥାନେରେ ଏକ ଟ୍ରକ ଚାପାରେ ମୃତ୍ୟୁ ହୋଇଛି। ସେ କୌଣସି କାମରେ ଥାନେ ସହରକୁ ଆସି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମୃତ ଯୁବକ ଖଇରା ଗ୍ରାମର ଝାଙ୍କର ଦୁର୍ଗା ମାଝୀଙ୍କ ସାନଭାଇ। ମୃତଦେହ ବ୍ୟବଚ୍ଛେଦ ପରେ ଘରକୁ ଅଣାଯାଉଛି। ସେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ଆର୍ଥିକ ସହଯୋଗ ପ୍ରଶାସନ ତରଫରୁ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର -751001

**ତାଲିକାଭୁକ୍ତ ନିମନ୍ତେ ବିଜ୍ଞାପନ**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ଅଫିସ୍ ର ପୁରୁଷ କର୍ମଚାରୀ ମାନଙ୍କ ପାଇଁ ଏପ୍ରୋନ, ଗ୍ରୀଷ୍ମ ଏବଂ ଶୀତକାଳୀନ ପୋଷାକ ସିଲେଇ ନିମନ୍ତେ ପ୍ରତିଷ୍ଠିତ ସ୍ଥାନୀୟ ଟେଲରିଂ ସଂସ୍ଥା ମାନଙ୍କର ଏକ ତାଲିକା (ପ୍ୟାନେଲ) ଗଠନ କରିବାକୁ ଚାହୁଁଅଛି। ବର୍ଷକ ମଧ୍ୟରେ ଆପାତତଃ 400 ଯୋଡା ପୋଷାକ (ହାରାହାରୀ) ସିଲେଇ ଆବଶ୍ୟକ ହୋଇପାରେ। ସରକାରୀ/କର୍ପୋରେଟ୍ ପ୍ରତିଷ୍ଠାନର ପୋଷାକ ସିଲେଇ କରିବାରେ ଭଲ ଭିତ୍ତିଭୂମି ଏବଂ ଅଭିଜ୍ଞତା ଥିବା ଟେଲରିଂ ଫାର୍ମଗୁଡ଼ିକୁ ତାଲିକାଭୁକ୍ତ ନିମନ୍ତେ ଆବେଦନ କରିବାକୁ ଆମନ୍ତ୍ରିତ କରାଯାଉଛି।

ଟେଣ୍ଡର ଫର୍ମଗୁଡ଼ିକ RBI ୱେବସାଇଟ୍ (https://www.rbi.org.in) ର "ଟେଣ୍ଡର" ବିଭାଗରୁ ଡାଉନଲୋଡ୍ କରାଯାଇପାରିବେ କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କ, ମାନବ ସମ୍ବଳ ପରିଚାଳନା ବିଭାଗ, ଦ୍ୱିତୀୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - 751001 ରୁ ଯେକୌଣସି କାର୍ଯ୍ୟ ଦିବସରେ (ସୋମବାରରୁ ଶୁକ୍ରବାର) ସକାଳ 10:00 ରୁ ସନ୍ଧ୍ୟା 5:00 ମଧ୍ୟରେ ଜାନୁଆରୀ 12, 2026 ରୁ ଫେବୃଆରୀ 02, 2026 ମଧ୍ୟରେ ମାଗଣାରେ ପାଇପାରିବେ। ସଠିକ୍ ଭାବରେ ପୂରଣ ହୋଇଥିବା ଆବେଦନ ଫର୍ମ ବ୍ୟାଙ୍କରେ ଦାଖଲ କରିବାର ଶେଷ ତାରିଖ ଫେବୃଆରୀ 02, 2026 ସନ୍ଧ୍ୟା 5:00 ଟା ପର୍ଯ୍ୟନ୍ତ ରଖାଯାଇଛି। ଏହି କାର୍ଯ୍ୟ ପାଇଁ ପୂର୍ବରୁ ବ୍ୟାଙ୍କରେ ତାଲିକାଭୁକ୍ତ ଥିବା ସଂସ୍ଥାଗୁଡ଼ିକୁ ମଧ୍ୟ ନୂତନ ଆବେଦନ ଫର୍ମ ଦାଖଲ କରିବାକୁ ପଡିବ। ଅଧିକ ବିବରଣୀ ପାଇଁ ଦୟାକରି RBI ୱେବସାଇଟ୍ ରେ "ଟେଣ୍ଡର" ବିଭାଗକୁ ପରିଦର୍ଶନ କରନ୍ତୁ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

## ସଡ଼କ ସୁରକ୍ଷା କ୍ରିକେଟ, ଭେଡେନ ଚାମ୍ପିୟନ

ଭେଡେନ,୧୧।୧(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଭେଡେନ ବ୍ଲକ ବକଟି ପଞ୍ଚାୟତ ଅନ୍ତର୍ଗତ ବୁର୍ଦାରେ ୪ଦିନ ଧରି ଚାଲିଥିବା ସଡ଼କ ସୁରକ୍ଷା କ୍ରିକେଟ ଟୁର୍ନାମେଣ୍ଟରେ ଭେଡେନ ଦଳ ଚାମ୍ପିୟନ ହୋଇଛି। ଫାଇନାଲରେ ଭେଡେନ ଟସ ଜିତି ବ୍ୟାଟିଂ କରି ୧୫୩ରନ ସଂଗ୍ରହ କରିଥିଲା। ଜବାବରେ ବୁର୍ଦା କ୍ରିକେଟ ଦଳ ସମସ୍ତ ଉଇକେଟ ହରାଇ ୧୦୪ ରନ ସଂଗ୍ରହ କରିଥିଲା। ଭେଡେନ କ୍ରିକେଟ ଦଳର ଚନ୍ଦ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବୁର୍ଦା ଗ୍ରାମର ପୂର୍ବତନ ବରିଷ୍ଠ କ୍ରିକେଟ ଖେଳାଳି ଜୟନ୍ତ କୁମାର ପଣ୍ଡା ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥିଭାବେ ସୁରେନ୍ଦ୍ର ସୁନା ଯୋଗ ଦେଇଥିଲେ। ସୁରଜ ଯାମୁଡାଲି ଏବଂ ପ୍ରଭୁଦତ୍ତ ପଣ୍ଡା ଖେଳ ପରିଚାଳନା କରିଥିଲେ। ପ୍ରିନ୍ସ ଖଣ୍ଡନାୟତ ଏବଂ ସିକୁ ସୁନା ସ୍କୋରିଂ ଦାୟିତ୍ୱରେ ଥିଲେ।ପଦ୍ମ ଲୋଚନ ଭୋସାଗର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଧାନପହ୍ଲା କିଆରି ନଷ୍ଟ କଲେ ବାର୍‌ହା ପଲ

ବରଗଡ,୧୧।୧(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଚାଷୀଙ୍କ ଦୁଃଖ ସରୁ ନାହିଁ। ଜିଲାର ଚାଷୀମାନେ ଏପର୍ଯ୍ୟନ୍ତ ଖରିଫ୍‌ରେ ଅମଳ ଧାନ ବିକ୍ରି କରି ନ ପାରି ହଟହଟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ରବି ଚାଷକାର୍ଯ୍ୟ ଆରମ୍ଭରୁ ଚାଷୀଙ୍କୁ ବନ୍ୟଜନ୍ତୁ ଦାଉ ସାଧୁଛନ୍ତି। ଜିଲାର ସୋହେଲା ବ୍ଲକ ଅନ୍ତର୍ଗତ ଶ୍ରୀଗିଡ଼ା ପଞ୍ଚାୟତ ଅନ୍ତର୍ଗତ ବାଇପାଲି ଗ୍ରାମର ଜଣେ ଚାଷୀ ମହେନ୍ଦ୍ର ପ୍ରଧାନ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ରବି ଫସଲ ପାଇଁ ସେ ଜମିରେ ବୁଣିଥିବା ଧାନକୁ ବାର୍‌ହା ଖାଇ ନଷ୍ଟ କରି ଦେଇଛନ୍ତି। ବନ୍ୟଜନ୍ତୁଙ୍କ ଦ୍ୱାରା ହୋଇଥିବା ଏଭଳି କ୍ଷୟକ୍ଷତି ପରେ ସମ୍ପୃକ୍ତ ଚାଷୀ ଭାଙ୍ଗି ପଡ଼ିଛନ୍ତି। ଖବର ପାଇ ବନବିଭାଗ କର୍ମଚାରୀମାନେ ପହଞ୍ଚି ପ୍ରଭାବିତ ଫସଲ ବୁଲି ଦେଖିଛନ୍ତି।

ସୂଚନା ଅନୁଯାୟୀ, ଚାଷୀ ମହେନ୍ଦ୍ର ରବି ଧାନଚାଷ ପାଇଁ ପ୍ରାୟ ଅଧ ଏକର ଜମିରେ ଧାନ ବିହନ ବୁଣିଥିଲେ। ଗତ



ବାର୍‌ହା ପଲ ନଷ୍ଟ କରିଥିବା ଧାନପହ୍ଲା କିଆରି।

ପ୍ରାୟ ୧୦ଦିନ ହେଲା ସେ ଧାନ ବିହନ ବୁଣିଥିଲେ ଏବଂ ଧାନଗଛ ମଧ ବାହାରି ଆସିଥିଲା। ଧାନପହ୍ଲା ହୋଇଥିଲେ ସେ ନିଜର ୧୦/୧୨ ଏକର ଜମିରେ ତାହା ରୋଇବା ପାଇଁ ଆଶା ବାନ୍ଧିଥିଲେ। ମାତ୍ର ଶନିବାର ରାତିରେ ଧାନ ବିହନ ବୁଣିଥିବା କିଆରିକୁ ବାର୍‌ହା ପଶିଥିଲେ। ଜମିରେ ବୁଣିଥିବା ଧାନ ସବୁକୁ ବାର୍‌ହା ଖାଇ ଦେଇଥିବା ବେଳେ ଧାନପହ୍ଲା କିଆରି ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛନ୍ତି।

### ରବି ଫସଲ ପାଇଁ ଜମିରେ ବୁଣିଥିଲେ

ରବିବାର ସକାଳେ ଧାନପହ୍ଲା କିଆରିକୁ ଯାଇ ତାହା ଦେଖିବା ପରେ ମହେନ୍ଦ୍ର ଚିନ୍ତିତ ହୋଇ ପଡ଼ିଛନ୍ତି। କିଛିଦିନ ପରେ ସେ ଜମିରେ ଧାନପହ୍ଲା ରୋଇଥାନ୍ତେ। ଅନ୍ୟପଟେ ଏବେ ପୁଣି ଧାନପହ୍ଲା ପାଇଁ ବିହନ ବୁଣିଲେ ଧାନ ରୋଇବା ସମ୍ପୃକ୍ତ ଚାଷୀଙ୍କ ପାଇଁ ବିଳମ୍ବ ହେବ। ସେହିପରି ଏବେ କେଉଁଠୁ ଓ କାହାଠାରୁ ଧାନପହ୍ଲା ଆଣି ନିଜ ଜମିରେ ରୋଇବେ, ସମ୍ପୃକ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସେହି ଚିନ୍ତା ଘାରିଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗକୁ ଅଞ୍ଚଳର ଅନେକ ଚାଷୀ ଏଭଳି କ୍ଷୟକ୍ଷତିର ସମ୍ମୁଖୀନ ହେବାର ଆଶଙ୍କା ଦେଖାଯାଇଛି। ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ରୂପେ ଗ୍ରହଣ



ଯକ୍ଷ୍ମାରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି।

ଅତାବିରା/ଗୋଡ଼ଭଗା,୧୧।୧
(ଯୁଧିଷ୍ଠିର ମହାପାତ୍ର/ସୁରେଶ ଦାଶ)

ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନୂତନ ଭାବେ ବ୍ଲକର ବିଭିନ୍ନ ଗ୍ରାମର ୨୦ଜଣ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କୁ ଗୋଡ଼ଭଗା, ଅତାବିରା ଏବଂ ସମ୍ବଲପୁର ଲାୟନ୍ସ କ୍ଲବ ପୋଷ୍ୟ ରୂପେ ଗ୍ରହଣ କରିଛନ୍ତି। ସମସ୍ତଙ୍କୁ ନିକ୍ଷୟ ମିତ୍ର ରୂପେ ୬ମାସର ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ କରିଛନ୍ତି। ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟ ରୂପେ ଗ୍ରହଣ କରି ତାଙ୍କର ଚିକିତ୍ସାଧୀନ ସମୟରେ ପୁଷ୍ଟିକର ଖାଦ୍ୟର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି କୁହାଯାଇଛି। ଏହି ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଚିତ୍ତରଞ୍ଜନ ଜେନା, ସାଇ ଆନନ୍ଦ ବିଶ୍ୱାଳ, ସତୀଶ କୁମାର ଦାଶ, ବୀରେନ୍ଦ୍ର ଅଦାବର, ବେଦବ୍ୟାସ ସେଠ, ଦେବବ୍ରତ ରଥ ଏବଂ ସମ୍ବଲପୁର ଲାୟନ୍ସ କ୍ଲବର ଲାୟନ ରୀନା ପୁରୀ, ସରିତା ଶତପଥୀ, ସିଂଡର ସାଲୁଜା, ସରିକା ଅଗ୍ରୱାଲ, ଚରଞ୍ଜିତ କୌର ହୁରା(ପ୍ରଥମ ଭିଡିଜି)ଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଡ. ଜେନା ଯକ୍ଷ୍ମା ରୋଗୀମାନଙ୍କୁ ନିକ୍ଷୟ ମିତ୍ର ହୋଇ ନିଜ ଶକ୍ତିମୁତାବକ ସାହାଯ୍ୟ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସୂଚନା ଯୋଗ୍ୟ, ଗତ ନଭେମ୍ବର ୬ ତାରିଖ ସ୍ଥାନୀୟ ଡାକ୍ତର ଚିତ୍ତରଞ୍ଜନ ଜେନା ଲହଣ୍ଡାଠାରେ ନିଜ ଉଦ୍ୟମରେ ଅତାବିରା ବ୍ଲକରେ ପ୍ରଥମକରି ୧୦ ଜଣ ଯକ୍ଷ୍ମାରୋଗୀଙ୍କୁ ପୌଷ୍ୟ ଭାବେ ଗ୍ରହଣ କରି ପୁଷ୍ଟିକର ଖାଦ୍ୟ ଦେଇ ଆସୁଛନ୍ତି। ତାଙ୍କ ଉଦ୍ୟମରେ ଅନୁପ୍ରାଣିତ ହୋଇ ଯକ୍ଷ୍ମାରୋଗୀଙ୍କୁ ସମାଜର ବିଭିନ୍ନ ବର୍ଗ ସହଯୋଗ କରି ଆସୁଛନ୍ତି।

## ୧୫ରେ ହେବନି ବରଗଡ ବନ୍ଦ

### ନିଷ୍ପତ୍ତି ବଦଳାଇଲା ବଜରଙ୍ଗ ଦଳ

ବରଗଡ,୧୧।୧(ପ୍ରେମାନନ୍ଦ ଖମାରୀ): ବରଗଡ ଜିଲାରୁ ବାଙ୍ଗଲାଦେଶୀ ରୋହିଙ୍ଗୀଆ ଅନୁପ୍ରବେଶକାରୀଙ୍କୁ ହଟାଇବା ଏବଂ ଅପରାଧ ନିୟନ୍ତ୍ରଣ ଦାବି ନେଇ ବଜରଙ୍ଗ ଦଳ ଆସନ୍ତା ୧୫ତାରିଖ ବରଗଡ଼ ଜିଲା ୧୨ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା। ରବିବାର ବରଗଡ ଏସପିଙ୍କ ସହିତ ଆଲୋଚନା ପରେ ବଜରଙ୍ଗ ଦଳ ଏହି ବନ୍ଦ ଡାକରାକୁ ସ୍ଥଗିତ ରଖିଛି। ଏସପିଙ୍କ ସହିତ ଆଲୋଚନା ସମୟରେ ବରଗଡ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ସମେତ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଶନିବାର ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବୈଠକ ହୋଇଥିଲା। ବଜରଙ୍ଗ ଦଳର ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ବୈଠକରେ ବିଶ୍ୱ ହିନ୍ଦୁ ପରିଷଦ ସମେତ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଜିଲାରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିବା ସହିତ ନିଶା କାରବାର, ଅପରାଧ ବୃଦ୍ଧି ଚିନ୍ତାଜନକ ହୋଇ ପଡ଼ିଛି ବୋଲି ବୈଠକରେ ସମସ୍ତେ ଉଦ୍‌ବେଗ ପ୍ରକାଶ କରିଥିଲେ ଏବଂ ଏହାର ପ୍ରତିବାଦରେ ଆସନ୍ତା ୧୫ତାରିଖ ବରଗଡ଼ ଜିଲାରେ ୧୨ଘଣ୍ଟିଆ ବନ୍ଦ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟପଟେ ବନ୍ଦ ଡାକରା ଦେବାର ୨୪ ଘଣ୍ଟା ନ ବିତୁଣୁ ଏସ୍‌ପିଙ୍କ ସହିତ ଆଲୋଚନା ପରେ ଏହି ବନ୍ଦ ଡାକରାକୁ ସ୍ଥଗିତ ରଖାଯିବା ଏବେ ଚର୍ଚ୍ଚାର ବିଷୟ ହୋଇଛି।

## ଚାଷୀ ପ୍ରତିନିଧିଙ୍କୁ ଅଟକ ରଖିଲା ପୋଲିସ



ପୋଲିସ ଅଟକ ରଖିଥିବା ଚାଷୀ ପ୍ରତିନିଧିବୃନ୍ଦ ।

ବରଗଡ,୧୧।୧(ପ୍ରେମାନନ୍ଦ ଖମାରୀ)

ଧାନବିକ୍ରି ଅବ୍ୟବସ୍ଥା ଅଭିଯୋଗରେ ଚାଷୀ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ଚାଷୀମାନେ କେବଳ ରାଜରାସ୍ତାକୁ ଓହ୍ଲାଉଛନ୍ତି, ତାହା ନୁହେଁ। ଶାସକ ଦଳର ନେତା, ମନ୍ତ୍ରୀଙ୍କୁ ସେଥିପାଇଁ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡୁଛି। ଶନିବାର ସୁବର୍ଣ୍ଣପୁରରେ ଚାଲିଥିବା ଏକ ମହୋତ୍ସବରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଯୋଗଦେଇ ଥିବାବେଳେ ଏକ ଚାଷୀ ସଂଗଠନର ପ୍ରତିନିଧିମାନେ ବିରୋଧ ପ୍ରଦର୍ଶନ କରିଥିଲେ। ସେହିପରି ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କନବାର ଅଞ୍ଚଳରେ ଚାଲିଥିବା

### ଧାନ କିଣାବିକା ଅବ୍ୟବସ୍ଥା

ଏକ କାର୍ଯ୍ୟକ୍ରମକୁ ଯାଇଥିବା ଖବର ପାଇ ଅଞ୍ଚଳର ଚାଷୀମାନେ ସେଠାକୁ ପହଞ୍ଚି ତାଙ୍କୁ ଘେରି ଧାନ କିଣାବିକା ଅବ୍ୟବସ୍ଥାରେ ଜଣାଇଥିବା ବ୍ୟଥା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏପରିକି ଆଗକୁ ଆହୁରି ଅନେକ ଶାସକ ଦଳର ନେତା, ମନ୍ତ୍ରୀ ତଥା ଜନ ପ୍ରତିନିଧି ଚାଷୀଙ୍କ ଏଭଳି ଆକ୍ରୋଶର ସମ୍ମୁଖୀନ ହେବାର ଆଶଙ୍କା ଦେଖାଯିବା ସହିତ ଅପ୍ରୀତିକର ପରିସ୍ଥିତି ଉପୁଜିବାର ସମ୍ଭାବନା ରହିଛି। ଏଥିପ୍ରତି ସତର୍କ ଦୃଷ୍ଟି ରଖି ପୋଲିସ ମଧ ଆଗୁଆ ପଦକ୍ଷେପ ନେବାକୁ ଆଗଭର ହୋଇଥିବା ପରିଲକ୍ଷିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଗସ୍ତ କାର୍ଯ୍ୟକ୍ରମରେ ଥିବାବେଳେ ରବିବାର ବରଗଡ଼ ପୋଲିସ ଚାଷୀ ସଂଗଠନ ଜୟ କିଷାନ ଆନ୍ଦୋଳନର ମୁଖ୍ୟ କାର୍ଯ୍ୟକର୍ତ୍ତାମାନଙ୍କୁ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଅଟକ ରଖିଥିବା ସୂଚନା ମିଳିଛି । ଉକ୍ତ ଚାଷୀ ସଂଗଠନର ଜିଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ସଂଗଠନ ସମ୍ପାଦକ ଅରୁଣ ପ୍ରଧାନ, କାର୍ଯ୍ୟାଳୟ ସମ୍ପାଦକ କିଶୋର ସାହୁ, ଅତାବିରା ବ୍ଲକ ସମ୍ପାଦକ ଜିତୁ ବେହେରା ଏବଂ ଲଳିତ ପ୍ରଧାନଙ୍କୁ ଘରୁ ଉଠାଇ ଆଣି ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଅଟକ ରଖିଛି ଏବଂ ସନ୍ଧ୍ୟା ପ୍ରାୟ ସାଢେ ୫ଟାରେ ଛାଡ଼ିଥିବା ସୂଚନା ମିଳିଛି। ଏହା ଏବେ ଚର୍ଚ୍ଚାର ବିଷୟ ହୋଇଛି।

## ଜାତୀୟ ତୀରନ୍ଦାଜରେ ଟେନିଶାଙ୍କୁ ରୌପ୍ୟ ପଦକ

ବୌଦ୍ଧ,୧୧।୧(ଅଜିତ କୁମାର ବାରିକ)



୬୯ ତମ ୧୭ ବର୍ଷରୁ କମ୍ ଜାତୀୟ ତୀରନ୍ଦାଜ ପ୍ରତିଯୋଗିତା ଗତ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଝାଡ଼ଖଣ୍ଡର ରାଞ୍ଚିରେ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳରେ ବୌଦ୍ଧ ଜିଲାର ଟେନିଶା ମେହେର ଭାଗ ନେଇଥିବାବେଳେ ଏହି ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଟେନିଶା ଜାତୀୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି କୃତିତ୍ୱ ପାଇଁ ତାଙ୍କୁ ବୌଦ୍ଧ ପୌରପାଳିକା ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା ତୀରନ୍ଦାଜ ସଂଘ ସଭାପତି ବସନ୍ତ କୁମାର ସାହୁ, ସମ୍ପାଦକ ଅର୍ଜୁନ କଅଁର, ଗଙ୍ଗାଧର ମେହେର ସ୍ୱେଚ୍ଛାସେବୀ ସମିତି ସଭାପତି ମିନୁ ପ୍ରସାଦ ମିଶ୍ର, ସମ୍ପାଦିକା ସଂଯୁକ୍ତା ମଲ୍ଲିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଟେନିଶା ବୌଦ୍ଧ ଜିଲା ବୁଢୁପାଲିର ଯୁବ ସମାଜସେବୀ ଇନ୍ଦ୍ରମଣି ମେହେର ଓ ସନ୍ତୋଷିନୀ ମେହେରଙ୍କ ଝିଅ ଏବଂ ସେ ବର୍ତ୍ତମାନ ସୁନ୍ଦରଗଡ଼ ଜିଲା କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ନେଉଛନ୍ତି ।

## ଅବସରପ୍ରାପ୍ତ ସାମରିକ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଅତାବିରା/ଗୋଡ଼ଭଗା ,୧୧।୧
(ଯୁଧିଷ୍ଠିର ମହାପାତ୍ର /ସୁରେଶ ଦାଶ ):

ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୋଜନ ଏବଂ ଗୋଡ଼ଭଗା ଲାୟନ୍ସ କ୍ଲବର ସହଯୋଗରେ ଅତାବିରା ଗ୍ରାମ୍ୟ ସ୍ୱାସ୍ଥ୍ୟ ତାଲିମ କେନ୍ଦ୍ର ପରିସରରେ କୋଶଳ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଏବଂ ସେମାନଙ୍କ ପରିବାରଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଲାୟନ୍ସ କ୍ଲବର ସଭାପତି ସାଇ ଆନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡା. ରବିନାରାୟଣ ମିଶ୍ର, ଡା.ଚିତ୍ତରଞ୍ଜନ ଜେନା, ଡା.ଅଞ୍ଜଳି ତିର୍କୀ, ଅବସରପ୍ରାପ୍ତ ସାମରିକ କର୍ମଚାରୀ ସଂଘର ସଭାପତି କ୍ଷୀରେଶ୍ୱର ପ୍ରଧାନ, ମନୋଜ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ଡା.ମିଶ୍ର ଶିବିରକୁ ଉଦ୍‌ଘାଟନ କରି ଆଗାମୀ ଦିନରେ ବରିଷ୍ଠ ନାଗରିକ, ସାମ୍ବାଦିକ ସଂଘ ସହ ଅନ୍ୟାନ୍ୟ ସାମାଜିକ ସଙ୍ଗଠନର ସଦସ୍ୟଙ୍କ ପାଇଁ ଏପରି ଶିବିର ଅନୁଷ୍ଠିତ ହେବ ବୋଲି କହିଥିଲେ। ମୋଟ ୪୨ଜଣଙ୍କ ବିଭିନ୍ନ ପରୀକ୍ଷା ସହିତ ରକ୍ତ ନମୁନା ସଂଗ୍ରହ କରାଯାଇଛି। ସତୀଶ କୁମାର ଦାଶ, ବୀରେନ୍ଦ୍ର ଅଦାବର, ବେଦବ୍ୟାସ ସେଠ, ଦେବବ୍ରତ ରଥ ସହଯୋଗ କରିଥିଲେ।

## ବୌଦ୍ଧ କଂଗ୍ରେସର ଉପବାସ, ସାଙ୍କେତିକ ପ୍ରତିବାଦ



ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ତଳେ ବସି କଂଗ୍ରେସ ନେତୃବୃନ୍ଦ ପ୍ରତିବାଦ କରୁଛନ୍ତି।

ବୌଦ୍ଧ,୧୧।୧(ଅଜିତ କୁମାର ବାରିକ)

ମନରେଗା କେବଳ ଏକ ଯୋଜନା ନୁହେଁ ନିଶ୍ଚିତ ଶ୍ରମ ଅଧିକାରର ଏକ ବିଚାର ଅଟେ। ଏହାକୁ ହଟାଇବାକୁ ଦେବୁନାହିଁ। ଏହି ନାରା ଦେଇ ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ମନରେଗା ବଞ୍ଚାଅ ସଂଗ୍ରାମ ଆରମ୍ଭ ହୋଇଛି। ଏହି ଅବସରରେ ରବିବାର ବୌଦ୍ଧ ଜିଲା କଂଗ୍ରେସ ସଭାନେତ୍ରୀ ବିନ୍ଧ୍ୟାବିନୀ ସାହୁଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ହାତୀଶାଳ ଛକରେ ଥିବା ମହାତ୍ମାଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ଦିନିକିଆ ଉପବାସ ଏବଂ ସାଙ୍କେତିକ ପ୍ରତିବାଦ କରିଥିଲେ। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସୁରେନ୍ଦ୍ର ସାହୁ, ଉଦ୍ଧବ ବେହେରା, ଚିଟୁ ନାୟକ, ପ୍ରାଣନାଥ ବେହେରା, ଅର୍ଜୁନ ବେହେରା, ଶିବ ଚରଣ ବେହେରା, ନରହରି ପାଣିଗ୍ରାହୀ, ଯୋଗେନ୍ଦ୍ର ରାଜହଂସ, ରଞ୍ଜିତ ନାୟକ, ଶମ୍ଭୁ ନାୟକ, ଅବିନାଶ ହାତୀ, ଅଜୟ ପେରା, ସୁମନ ବେହେରା, ଲକ୍ଷ୍ମଣ ନାୟକ, ବିକାଶ ନାୟକ ପ୍ରମୁଖ ସାମିଲ ଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ବଙ୍କାପଡା ଚାମ୍ପିୟନ



ବଘିଆପଡା,୧୧।୧(ଶ୍ରୀକାନ୍ତ ସାହୁ)

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଗୁଡ଼ୀଆଲିଠାରେ ମା' ଭୈରବୀ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୨୪ଟି କ୍ରିକେଟ ଟିମ୍ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ୍ ବଙ୍କାପଡା ଓ ଜଗତି ଟିମ୍ ମଧ୍ୟରେ ହୋଇଥିଲା। ଏଥିରେ ବଙ୍କାପଡା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ ମୁଖ୍ୟ ଅତିଥି, ବିକ୍ରମ ନାଏକ, ଶମ୍ଭୁ ଗିରି, ଶେଷଦେବ ନାଏକ, ଦୁଷ୍ଟ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ବଙ୍କାପଡା ଓ ଉପବିଜେତା ଜଗତି ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ। ସୁଜିତ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କମଳ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ହରିହର ପଣ୍ଡା ଓ ସତ୍ୟ ନାଏକ ଖେଳ ପରିଚାଳନା କରିଥିଲେ। ପରୀକ୍ଷିତ ପ୍ରଧାନ, ଆଦିତ୍ୟ ସାହୁ, ଚନ୍ଦନ ସାହୁ, ଲିପୁନ ସା, ଜଗନ ପ୍ରଧାନ, ରିତୁ ମହାକୁଡ଼ଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସର୍ବଭାରତୀୟ ବୋଡାସମ୍ବର କପ

## କଟକକୁ ପରାସ୍ତ କଲା ଆର୍.ୱାଇ.ସି.ସି. ରାଉରକେଲା

ପଦ୍ମପୁର,୧୧।୧(ପ୍ରଦୀପ୍ତ ଦାଶ)




ରାଉରକେଲାର ଆକାଶ ଠାକୁର ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ଗ୍ରହଣ କରୁଛନ୍ତି।

ସ୍ଥାନୀୟ ଆର୍ ବି ହାଇସ୍କୁଲ ପଡ଼ିଆଠାରେ ବୋଡାସମ୍ବର ସ୍ପୋର୍ଟିଂ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ବୋଡାସମ୍ବର କପ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ମ୍ୟାଚ କଟକ ଓ ରାଉରକେଲା ମଧ୍ୟରେ ହୋଇଥିଲା। ରାଉରକେଲା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୨୧୧ ରନ ସଂଗ୍ରହ କରିଥିଲା। ରାଉରକେଲା ଦଳରୁ ଅଙ୍କିତ ସିଂ ୬୩ ରନ କରିଥିଲେ। ପ୍ରତି ଜବାବରେ କଟକ ଦଳ ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୨୦୮ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ବିନାୟକ ସାହୁ ୬୬ ରନ ସଂଗ୍ରହ କରିଥିଲେ। ସେହିପରି ବିଜୟୀ ରାଉରକେଲା ଦଳର ଆକାଶଠାକୁର ୬ ଓଭରରେ ୧୮ ରନ ଦେଇ ୪ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ରାୟପୁର ଏମ୍‌ସର ବରିଷ୍ଠ ଚିକିତ୍ସକ ଡା.ରାଧାକୃଷ୍ଣ ରାମଚନ୍ଦାନୀ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। କ୍ଲବର ପ୍ରମୋଦ ମିଶ୍ର, କପିଳ ଅଗ୍ରୱାଲ, ଦୀନେଶ ପଣ୍ଡାଣିଗ୍ରାହୀ, ସୁର୍ଜୀତ ଦୀପ ପ୍ରମୁଖ ମଞ୍ଚାସୀନ ଥିଲେ। ମ୍ୟାଚକୁ ଚୂଡ଼ାମଣି ପାଢୀ ଓ ସୁଶାନ୍ତ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ରିଙ୍କୁ ବରିହା, ଅମରେଶ ବେହେରା ସ୍କୋରର ଥିଲେ। ସନ୍ତୋଷ ନାୟାର ଉଦ୍‌ଘୋଷକ ଦାୟିତ୍ୱ ବହନ କରିଥିଲେ।


**ସୁବର୍ଣ୍ଣପୁର ଜିଲ୍ଲା ଚାଷୀ ଭାଇ ମାନଙ୍କ ପାଇଁ କୃଷି ବିଭାଗ ଓ ଆତ୍ମା ତରଫରୁ ଗୁରୁତ୍ୱ ସୂଚନା**

- ସମସ୍ତ ଫସଲ ଚାଷ ପୂର୍ବରୁ ବିହନ ବିଶୋଧନ ନିଶ୍ଚିତ କରନ୍ତୁ।
- ନିଜ ଜମିର ମାଟି ପରୀକ୍ଷା କରାନ୍ତୁ।
- ମୃତ୍ତିକା ସ୍ୱାସ୍ଥ୍ୟକାର୍ଡରେ ଅନୁମୋଦିତ ପରିମାଣର ଜୈବିକ ଓ ରାସାୟନିକ ଖାଦ୍ୟସାର ପ୍ରୟୋଗ କରନ୍ତୁ।
- ରବିଋତୁରେ ଜଳସେଚିତ ଅଂଚଳର ଶେଷ ମୁଣ୍ଡରେ ଧାନ ବଦଳରେ ଅଣଧାନ (ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ, ଶୋରିଷ ଇତ୍ୟାଦି) ଫସଲ ଚାଷ କରନ୍ତୁ।
- ସମନ୍ୱିତ ଚାଷ କରିବା ନିମନ୍ତେ ଇଚ୍ଛୁକ ଚାଷୀ ବ୍ଲକ ସହକାରୀ କୃଷି ଅଧିକାରୀଙ୍କ ନିକଟରେ ଆବେଦନ କରନ୍ତୁ।
- ଠିକ୍ ସମୟରେ ଫସଲ ବୀମା ଦେୟ ପଇଠ କରି ପ୍ରାକୃତିକ ଦୁର୍ବିପାକ ଯୋଗୁଁ ହେଉଥିବା କ୍ଷୟକ୍ଷତି ଭରଣା କରନ୍ତୁ। ଯଥା ଖରିଫ ଋତୁରେ ଜୁଲାଇ ୩୧ ଓ ରବିଋତୁରେ ଡିସେମ୍ବର ୩୧ଶ ବୀମା ପଇଠ ଶେଷ ତାରିଖ।
- ଡି.ବି.ଟି ମାଧମରେ ରିହାତି ପାଇବା ନିମନ୍ତେ ସମସ୍ତ ଚାଷୀ ନିଜର ବ୍ୟାଙ୍କ ସଞ୍ଚୟ ଖାତାର ବିବରଣ, ମୋବାଇଲ ନମ୍ବର, ପରିଚୟ ପ୍ରମାଣ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନା ପ୍ରଦାନ କରି ପଞ୍ଜୀକରଣ କରିବା ବାଧ୍ୟତା ମୂଳକ। ଏଥିନିମନ୍ତେ ଫର୍ମ ନିକଟସ୍ଥ ପ୍ୟାକ୍ସ, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଇଣ୍ଟରନେଟ୍ ସାଇଟ୍ www.agrisnetodisha.gov.in ରେ ଉପଲବ୍ଧ।
- କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ରୁ ୫୦ ପ୍ରତିଶତ ରିହାତି ପାଆନ୍ତୁ ଓ ସ୍ୱାବଲମ୍ବୀ ହୁଅନ୍ତୁ।
- କୃଷକ ରେଜିଷ୍ଟ୍ରି ରେ ନିଜ ଜମିପଟ୍ଟା ଦ୍ୱାରା ପଞ୍ଜିକୃତ ହୁଅନ୍ତୁ ଓ ଲାଭବାନ ହୁଅନ୍ତୁ। ଏଥିପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର, ପଞ୍ଚାୟତ ସ୍ତରୀୟ କୃଷି କର୍ମଚାରୀ ଏବଂ ନିଯୁକ୍ତ ସହାୟକଙ୍କ ଠାରେ ପଞ୍ଜିକରଣ କରାନ୍ତୁ।

**ଶ୍ରୀଯୁକ୍ତ ଡ. ନୃପରାଜ ସାହୁ**
ଜିଲ୍ଲାପାଳ ତଥା ଅଧ୍ୟକ୍ଷ,
ଆତ୍ମା ପରିଚାଳନା କମିଟି, ସୁବର୍ଣ୍ଣପୁର

**ଶ୍ରୀଯୁକ୍ତ ରୁଦ୍ରଦେବ ରାଉତ**
ପ୍ରକଳ୍ପ ନିର୍ଦ୍ଦେଶକ,
ଆତ୍ମା ତଥା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁବର୍ଣ୍ଣପୁର


# କ୍ରିକେଟ: ଜାମସେଠ ପିଏଚ୍‌ସି ଚାମ୍ପିୟନ

ପାଇକମାଳ,୧୧।୧(ବଡ଼ ଶତପଥୀ)



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

ପାଇକମାଳ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ରବିବାର ଜାମସେଠ ପ୍ରାଥମିକ ଚିକିତ୍ସାଳୟ (ପିଏଚସି) ପକ୍ଷରୁ ଆୟୋଜିତ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ମାଣ୍ଡୋସିଲ ଟିପିଡବ୍ଲୁଡିଏଲକୁ ହରାଇ ଜାମସେଠ ପିଏଚସି ଚମ୍ପିୟାନ ହୋଇଛି।ଜାମସେଠ ସରପଞ୍ଚ ଆର୍ତ୍ତତ୍ରାଣ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳ ଉଦ୍‌ଘାଟନ କରିଥିଲେ। ଏଥିରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଜାମସେଠ ପିଏଚସି ଓ ମାଣ୍ଡୋସିଲ ଟିପିଡବ୍ଲୁଡିଏଲ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଜାମସେଠ ପିଏଚ୍‌ସି ଚମ୍ପିୟାନ ହୋଇଥିଲ। ଜିତୁନ ପଟ୍ଟନାୟକ ଓ ନରେଶ ନେଉରା ଅମ୍ପାୟାର ଥିବା ବେଳେ ଜୟକିଶୋର ସୁନା ସ୍କୋରର ଥିଲେ। ରିଷଭ ସାହୁ ଖେଳ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜାମସେଠ ପିଏଚସି ଡ଼ା ପଙ୍କଜ କୁମାର ଭୋଇ ଓ ସମ୍ମାନିତ ଅତିଥି ଭାବେ ଫାର୍ମାସିଷ୍ଟ ଭରତଲାଲ ପଟେଲ, ସମାଜସେବୀ ପ୍ରମୋଦ ରାୟ, ଶଶାଙ୍କ ପଟ୍ଟନାୟକ, ଗୋକୁଳ ତାଣ୍ଡି, ଦେବ ସିଂ ଭରାସାଗର ପ୍ରମୁଖ ଯୋଗଦେଇ ଚମ୍ପିୟାନ ଓ ରନର୍ସ ଦଳକୁ ପୁରସ୍କୃତ କରିଥିଲେ। ଏଥିରେ ବିପିନ ଭୂଏ, ନିର୍ମଳ ନାୟକ, ଭ୍ରମର ପୁଝାରୀ, ସତ୍ୟଭୂଷଣ ବାରିକ, ଜତିନ ପ୍ରଧାନ, ଉମାକାନ୍ତ ସୁନା, କୈଳାସ ହଂସ, ପୀତବାସ ରାଉତ, ତରୁଣ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର -751001

**ତାଲିକାଭୁକ୍ତ ନିମନ୍ତେ ବିଜ୍ଞାପନ**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ଅଫିସ୍ ର ପୁରୁଷ କର୍ମଚାରୀ ମାନଙ୍କ ପାଇଁ ଏପ୍ରୋନ, ଗ୍ରୀଷ୍ମ ଏବଂ ଶୀତକାଳୀନ ପୋଷାକ ସିଲେଇ ନିମନ୍ତେ ପ୍ରତିଷ୍ଠିତ ସ୍ଥାନୀୟ ଟେଲରିଂ ସଂସ୍ଥା ମାନଙ୍କର ଏକ ତାଲିକା (ପ୍ୟାନେଲ) ଗଠନ କରିବାକୁ ଚାହୁଁଅଛି| ବର୍ଷକ ମଧରେ ଆପାତତଃ 400 ଯୋଡା ପୋଷାକ (ହାରାହାରୀ) ସିଲେଇ ଆବଶ୍ୟକ ହୋଇପାରେ | ସରକାରୀ/କର୍ପୋରେଟ୍ ପ୍ରତିଷ୍ଠାନର ପୋଷାକ ସିଲେଇ କରିବାରେ ଭଲ ଭିତ୍ତିଭୂମି ଏବଂ ଅଭିଜ୍ଞତା ଥିବା ଟେଲରିଂ ଫାର୍ମଗୁଡ଼ିକୁ ତାଲିକାଭୁକ୍ତ ନିମନ୍ତେ ଆବେଦନ କରିବାକୁ ଆମନ୍ତ୍ରିତ କରାଯାଉଛି|

ଟେଣ୍ଡର ଫର୍ମଗୁଡ଼ିକ RBI ୱେବସାଇଟ୍ (https://www.rbi.org.in) ର "ଟେଣ୍ଡର" ବିଭାଗରୁ ଡାଉନଲୋଡ୍ କରାଯାଇପାରିବେ କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କ, ମାନବ ସମ୍ବଳ ପରିଚାଳନା ବିଭାଗ, ଦ୍ୱିତୀୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - 751001 ରୁ ଯେକୌଣସି କାର୍ଯ୍ୟ ଦିବସରେ (ସୋମବାରରୁ ଶୁକ୍ରବାର) ସକାଳ 10:00 ରୁ ସନ୍ଧ୍ୟା 5:00 ମଧରେ ଜାନୁଆରୀ 12, 2026 ରୁ ଫେବୃଆରୀ 02, 2026 ମଧରେ ମାଗଣାରେ ପାଇପାରିବେ| ସଠିକ୍ ଭାବରେ ପୂରଣ ହୋଇଥିବା ଆବେଦନ ଫର୍ମ ବ୍ୟାଙ୍କରେ ଦାଖଲ କରିବାର ଶେଷ ତାରିଖ ଫେବୃଆରୀ 02, 2026 ସନ୍ଧ୍ୟା 5:00 ଟା ପର୍ଯ୍ୟନ୍ତ ରଖାଯାଇଛି| ଏହି କାର୍ଯ୍ୟ ପାଇଁ ପୂର୍ବରୁ ବ୍ୟାଙ୍କରେ ତାଲିକାଭୁକ୍ତ ଥିବା ସଂସ୍ଥାଗୁଡ଼ିକୁ ମଧ ନୂତନ ଆବେଦନ ଫର୍ମ ଦାଖଲ କରିବାକୁ ପଡିବ| ଅଧିକ ବିବରଣୀ ପାଇଁ ଦୟାକରି RBI ୱେବସାଇଟ୍ ରେ "ଟେଣ୍ଡର" ବିଭାଗକୁ ପରିଦର୍ଶନ କରନ୍ତୁ|

** କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**




ରବିବାର ଆର୍‌ଏସ୍‌ପି ପକ୍ଷରୁ ଆୟୋଜିତ ଏକତା ମହୋତ୍ସବରେ ଶ୍ରୀଅରବିନ୍ଦ ସ୍କୁଲ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି(ବାମ)। ଦୀପିକା ଇସ୍ପାତ ଶିକ୍ଷା ସଦନ ଛାତ୍ରୀମାନଙ୍କ ସମ୍ବଲପୁରୀ ନୃତ୍ୟ ପରିବେଷଣ।

# ସାଂସ୍କୃତିକ ସଦ୍‌ଭାବର ବାର୍ତ୍ତାବହ ଏକତା ମହୋତ୍ସବ

ରାଉରକେଲା,୧୧।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଆମ୍ବାଗାନସ୍ଥିତ ଗୁଣ୍ଡିଚା ମନ୍ଦିର ଛକରୁ ସେକ୍ଟର-୪ ମଧୁବନ ଛକ ପର୍ଯ୍ୟନ୍ତ ଆର୍‌ଏସ୍‌ପି ପକ୍ଷରୁ ରବିବାର ପଥ ଉତ୍ସବ ସାଂସ୍କୃତିକ ପର୍ବ 'ଏକତା ମହୋତ୍ସବ' ଆୟୋଜିତ ହୋଇଯାଇଛି। ଆସନ୍ତା ୨୪ ତାରିଖରେ ହେବାକୁ ଥିବା ରାଉରକେଲା ହାଫ୍ ମାରାଥନ୍- ୨୦୨୬ର ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ସ୍ୱରୂପ ଏହାର ରୂପରେଖ ପ୍ରସ୍ତୁତ କରଯାଇଥିଲା। ସଙ୍ଗୀତ, ନୃତ୍ୟ, କୌତୁହଳ, ଉତ୍ସବ ଏବଂ ଉତ୍ସାହରେ ଗୁଞ୍ଜରିତ ମହୋତ୍ସବସ୍ଥଳରେ ରାଉରକେଲାବାସୀ ଯୋଗ ଦେଇଥିଲେ। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ପୂର୍ବତନ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ନମ୍ରତା ବର୍ମା, ସିଆଇଏସ୍‌ଏଫ୍ ଡିଆଇଜି ରତନ କୁମାର, ଏଚ୍‌ଆର ବିଭାଗର




ଚିନ୍ମୟ ସ୍କୁଲ ପିଲାମାନଙ୍କ ଯୋଗାସନ ପ୍ରଦର୍ଶନ।

ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଏମ୍‌ଡି- ସିଏମ୍‌ଏଲ୍‌ଓର ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ମାଇନ୍ସ ଓଡିଏମ-ସିଏମ୍‌ଏଲ୍‌ଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ଉପସ୍ଥିତ ଥିଲେ। ସେହିପରି ଦୀପିକା ମହିଳା ସଂହତିର ଉପାଧକ୍ଷା ପ୍ରଭାତୀ ମିଶ୍ର, ପ୍ରତିଜ୍ଞା ପଲାଇ, ରୀତା ରାନୀ, ନବନିତା ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମ୍‌ଓ ଡା. ଜୟନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ପ୍ରତିଷ୍ଠାନର ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

ଉଲ୍ଲେଖନୀୟ, ଜାନୁଆରୀ ୨୪ ତାରିଖରେ ଆର୍‌ଏସ୍‌ପି ପକ୍ଷରୁ ହେବାକୁ ଥିବା ମେଗା ହାଫ୍ ମାରାଥନ୍‌ର ବିଷୟବସ୍ତୁ 'ସମୃଦ୍ଧି ପାଇଁ ଦୌଡ଼' ରହିଛି । ଏହା ରାଉରକେଲା ଓ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଲୋକଙ୍କୁ ନେଇ ଏକ ସମାବେଶୀ କାର୍ଯ୍ୟକ୍ରମ ହେବାକୁ ଉଦ୍ଦିଷ୍ଟ ରହିଛି। ଏକତା ମହୋତ୍ସବରେ ବ୍ୟକ୍ତିବିଶେଷ, ସାଂସ୍କୃତିକ ଗୋଷ୍ଠୀ, ସାମାଜିକ ସଙ୍ଗଠନ, ଶିକ୍ଷାନୁଷ୍ଠାନଗୁଡିକର ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ଲାଇଭ୍ ମ୍ୟୁଜିକ୍ ବ୍ୟାଣ୍ଡ ପ୍ରଦର୍ଶନ, ସାଂସ୍କୃତିକ ନୃତ୍ୟ, ଫ୍ୟାନ୍ସି ଡ୍ରେସ୍ ପ୍ରଦର୍ଶନୀ, ଯୋଗ ସେସନ, ଜୁମ୍ବା, ରଙ୍ଗୋଲି କଳା, ଚିତ୍ରକଳା ପ୍ରଦର୍ଶନୀ, ଲାଇଭ୍ କଳା ପ୍ରଦର୍ଶନୀ, ସୃଜନଶୀଳ ହସ୍ତଶିଳ୍ପ ଷ୍ଟଲ୍ ଏବଂ ସେଲ୍ଫି କର୍ନର ସମେତ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମମାନ ପ୍ରଦର୍ଶିତ ହୋଇଥିଲା। ଉତ୍ସବ ସ୍ଥଳରେ ଫୁଡ୍ କର୍ନରରେ ଚା, କଫି ଏବଂ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ ଉପଲବ୍ଧ ରହିଥିଲା। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ନିଜସ୍ୱ ବ୍ୟାଣ୍ଡ 'ନିନାଦ'ର କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ। ଏଥିରେ ୮୦୦ ରୁ ଊର୍ଦ୍ଧ୍ୱ ପିଲାଙ୍କ ସମେତ ୧୦୦୦ ରୁ ଅଧିକ ବ୍ୟକ୍ତି ବିଶେଷ ଅଂଶଗ୍ରହଣ କରିବା ସହିତ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ରାଉରକେଲା ହାଫ୍ ମାରାଥନ୍ ପୂର୍ବରୁ ଉତ୍ସାହ ଉଦ୍ରେକ ଏବଂ ଜନସାଧାରଣଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ସହିତ ସାମୁଦାୟିକ ଅଂଶଗ୍ରହଣ, ସୁସ୍ଥ ଜୀବନଯାପନ ଏବଂ ସାଂସ୍କୃତିକ ସଦ୍‌ଭାବକୁ ପ୍ରୋତ୍ସାହିତ କରିବା ଏକତା ମହୋତ୍ସବର ଲକ୍ଷ୍ୟ ଥିଲା।

## ଆର୍‌ଏସ୍‌ପି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ

ରାଉରକେଲା,୧୧।୧(ଦିନେଶ ମିଶ୍ର)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଟାଉନ ଇଞ୍ଜିନିୟରିଂ ବିଭାଗର ବିଭିନ୍ନ କାର୍ଯ୍ୟ ପାଇଁ ଓଡିଆ ଠିକାଦାର ଏବଂ ଶ୍ରମିକମାନଙ୍କୁ ଅବହେଳା କରାଯାଉଛି। ଏଭଳି ଅଭିଯୋଗ କରି ରାଉରକେଲାର ମୁଁ ଓଡିଆ ମୁଁ ଗର୍ବିତ ସଙ୍ଗଠନ ପକ୍ଷରୁ ଶନିବାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ଉଦ୍ଦେଶ୍ୟରେ ଆର୍‌ଏସ୍‌ପି ଟାଉନ ଇଞ୍ଜିନିୟରିଂ ବିଭାଗର ସିଜିଏମ୍ ତପନ କୁମାର କାନେକରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆରଏସ୍‌ପି ହେବା ଦିନଠାରୁ ସ୍ଥାନୀୟ ଠିକାଦାରମାନେ ଆର୍‌ଏସ୍‌ପିର କାର୍ଯ୍ୟାଦେଶ ଅନୁଯାୟୀ ସେମାନଙ୍କ କାର୍ଯ୍ୟ କରିଆସୁଥିଲେ। ମାତ୍ର ଏବେ ସେମାନଙ୍କୁ କୌଣସି କାମ ଦିଆ ନ ଯାଇ ବାହାର ରାଜ୍ୟର ଠିକାଦାର ଓ ଶ୍ରମିକମାନଙ୍କୁ ବିଭିନ୍ନ କାମରେ ନିୟୋଜିତ କରାଯାଉଛି। ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସଙ୍ଗଠନର ଅଧ୍ୟକ୍ଷ ବିଭୁଦାନନ୍ଦ ତ୍ରିପାଠୀ, ସାଙ୍ଗଠନିକ ସମ୍ପାଦକ ଗୋପାଳ ଜେନା, ସରୋଜ ନାୟକ, ସଂଯୋଜକ ଜିତେନ ମାଛଖଣ୍ଡ ଓ ଯୁଗ୍ମ ସମ୍ପାଦକ ବିରଜା ନନ୍ଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜିଗୁରୁ ଭିଖରାମ ଭଗତଙ୍କ ଜୟନ୍ତୀ



ବାଲିଯୋଡିରେ ଭିଖରାମ ଭଗତଙ୍କ ଜୟନ୍ତୀ ପାଳନ କରାଯାଉଛି।

ରାଉରକେଲା,୧୧।୧(ସଙ୍ଗୀତା ଜେନା)

ଦକ୍ଷିଣ ରାଉରକେଲାସ୍ଥିତ ବାଲିଯୋଡି ଅଞ୍ଚଳରେ ଶନିବାର ସନ୍ଧ୍ୟା ୫ଟାରେ ରାଜିଗୁରୁ ଭିଖରାମ ଭଗତଙ୍କ ୮୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଓରାମ ସାଂସ୍କୃତିକ ସମାଜ ଓଡ଼ିଶାର ସଭାପତି ସୁକେଶୀ ଓରାମ ଅତିଥି ଭାବେ ଯୋଗ ଦେଇଥିଲେ। ବାଲିଯୋଡି ଡାଡାପାଡ୍‌ହାର ବେଲ୍ ସୋମରା ଏକ୍କା, ଉପବେଲ୍ ରାଧେଶ୍ୟାମ ଓରାମ, ଦେୱାନ ବିନୋଦ କେର୍କେଟା, ଉପଦେୱାନ ସୋକ୍ରେ କିଣ୍ଡୋ, ରାକମ ଉର୍ବାସ ମାଙ୍ଗି କୁଜୁର, ଆତହା ପାଡ୍‌ହାର ଗାନ୍ଧୁର କୁଜୁର, ପଦ୍ମା ଭଗତ, ଜେଟୋ ଓରାମ, ବସନ୍ତ ଭଗତ, ସୋନାପର୍ବତ ପାଡ୍‌ହାର ପ୍ରେମ ଟପ୍ପୋ, ଶୁକ୍ରାମ ଖାଲଖୋ, ଡୁଝୁ ଖାଲଖୋ, ସୋନାରାମ ଟପ୍ପୋ, ଟାଙ୍ଗରପାଲି ତୁରୀବସ୍ତି ଆତହା ପାଡ୍‌ହାର ସଞ୍ଜୟ ଲାକ୍ରା, ବାସନ୍ତୀ ଲାକ୍ରା, ହୀରା ଏକ୍କା, ସୁମିତ୍ରା ଏକ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ପାଡ୍‌ହା ପ୍ରତିଷ୍ଠା ତଥା ଓରାମ ସମାଜର ପୁରୋଧା ଭାବେ ରାଜିଗୁରୁ ଭିଖରାମ ଭଗତଙ୍କୁ ପୂଜା କରାଯାଇଆସୁଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ମହିଳା ମୃତ, ପ୍ରତିବାଦରେ ରାସ୍ତାରୋକୋ

ରାଉରକେଲା,୧୧।୧(ସଙ୍ଗୀତା ଜେନା)

ରଘୁନାଥପାଲୀ ଥାନା ଜଲଦା ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥ ନଂ. ୧୪୩ର ଫେଟକଲ୍ ଛକ ନିକଟରେ ରବିବାର ସନ୍ଧ୍ୟା ୮ଟାରେ ଜଣେ ମହିଳା ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ମୁରୁମବସାର କୌଶଲ୍ୟା ଦାସ(୬୦)। ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରି କ୍ଷତିପୂରଣ ଦାବି କରିଥିଲେ। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲା।

### ଟ୍ରେନ୍ ତଳୁ ଅଳ୍ପକେ ଉଦ୍ଧାର ହେଲେ ଯୁବକ

ରାଉରକେଲା, ୧୧।୧(ସଙ୍ଗୀତା ଜେନା)

ରାଉରକେଲା କଳୁଙ୍ଗା ଷ୍ଟେଶନରେ ରବିବାର ପୂର୍ବାହ୍ନ ୧୧ଟା ୫୫ରେ ଏକ ଏକ୍ସପ୍ରେସ ଟ୍ରେନ୍‌ରେ ଚଢିବାକୁ ଯିବାବେଳେ ଜଣେ ଯୁବକ ଟ୍ରେନ ତଳକୁ ଖସିପଡିଥିଲେ। କାଳବିଳମ୍ବ ନ କରି ତାଙ୍କୁ ଉଦ୍ଧାର କରାଯିବାରୁ ଯୁବକ ଜଣକ ଆସନ୍ନ ମୃତ୍ୟୁରୁ ବର୍ତ୍ତିଯାଇଥିଲେ। ଆହତ ଯୁବକ ହେଲେ ବାଲେଶ୍ୱର ନିବାସୀ ମୁନ୍ନା(୨୪)। ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ରାଉରକେଲା ଷ୍ଟେଶନ ମ୍ୟାନେଜର ଜିଆର୍‌ପିକୁ ଲିଖିତ ଭାବେ ଅବଗତ କରିଛନ୍ତି। ମୁନ୍ନା କଳୁଙ୍ଗା ଷ୍ଟେଶନର ପ୍ଲାଟଫର୍ମ ନଂ. ୪ରେ ଏକ ଏକ୍ସପ୍ରେସ ଟ୍ରେନ (ନଂ.୧୮୧୮୯)ରେ ଚଢ଼ିବାକୁ ଯାଉଥିବା ବେଳେ ଏପରି ଅଘଟଣ ଘଟିଥିଲା।

## ସ୍କୁଲସ୍ତରୀୟ ଚେସ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ | ଦେବପ୍ରିୟ ଚାମ୍ପିୟନ, ତ୍ରିଗେଶ ରନର ଅପ୍

ରାଉରକେଲା,୧୧।୧(ବିପ୍ଳବ ରଞ୍ଜନ ଦାଶ)

ପ୍ରଗତି ଉତ୍କଳ ସଂଘ ପ୍ରାୟୋଜିତ ଦ୍ୱିଦିବସୀୟ ସ୍କୁଲସ୍ତରୀୟ ଚେସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ସଂଘ ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ୍‌ର କୋଚ୍ ତଥା ଆନ୍ତର୍ଜାତିକ ଚେସ୍ କୋଚ୍ ଶିବ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି, ଅନୁଷ୍ଠାନର ଉପସଭାପତି ରଶ୍ମିରଞ୍ଜନ ବୋଇତାଇ ଓ ଚିତ୍ତରଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଦେବପ୍ରିୟ ବିଶ୍ୱାଳ ଚାମ୍ପିଅନ, ତ୍ରିଗେଶ ତନୟ ଦାସ ରନର୍ସ ଅପ୍ ଏବଂ ଆୟୁଷ ମଣ୍ଡଳଙ୍କୁ ଦ୍ୱିତୀୟ ରନର୍ସ ଅପ୍ ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ସମସ୍ତ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ଚେସ୍ ଆସୋସିଏସନର ପ୍ରାକ୍ତନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସଂଘର ଉପଦେଷ୍ଟା ତଥା ଚେସ୍‌ର ଜାତୀୟ ଖେଳାଳି ଶାନ୍ତନୁ କୁମାର ପରିଚ୍ଛା ଯୋଗଦେଇ ଛାତ୍ରୀଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟରେ ବିଚାରକ ଥିବା ଦିନେଶ କୁମାର ବେହେରା, ପ୍ରଦୀପ କୁମାର ବିଷୋୟୀ, ଜୀବନ ରାମମଣି ବେହେରା, ଶିଶିର ରଞ୍ଜନ ମଲ୍ଲିକଙ୍କୁ ସମ୍ମାନିତ କରାଯାଇଥିଲା। ଘନଶ୍ୟାମ ଧଳ, ନାରାୟଣ ଚନ୍ଦ୍ର ମହନ୍ତ, ଇନ୍ଦ୍ରମଣି ମହାପାତ୍ର, ସ୍ମିତା ମିଶ୍ର, ପରୀକ୍ଷିତ ଗୁରୁ, ପ୍ରସନ୍ନ ମହାନ୍ତି, ବରୁଣ କୁମାର ନାହାକ, ନିରଞ୍ଜନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।




ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

ରାଉରକେଲା,୧୧।୧(ଦିନେଶ ମିଶ୍ର)

ରାଉରକେଲାର ବାସୁଦେବପୁର ଜନକଲ୍ୟାଣ ପରିଷଦର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଏକ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡାକ୍ତର ରବିନାରାୟଣ ମହାପାତ୍ର ଓ ସାଧାରଣ ସମ୍ପାଦକ ଲକ୍ଷ୍ମଣନାଥ ଦାସଙ୍କ ଆବାହକତ୍ୱରେ ସ୍ଥାନୀୟ ହୃଷୀକେଶ ରାୟ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଚିତ୍ରାଙ୍କନ, ପ୍ରବନ୍ଧ ଓ ସାଧାରଣ ଜ୍ଞାନ ଆଦି ବିଭାଗରେ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପରିଷଦର ଶରତ କୁମାର ଦାସ, ଉଦୟ କୁମାର ସାହୁ, କୃପାସିନ୍ଧୁ ନାୟକ, ସନାତନ ପତି, ଉଜ୍ଜ୍ୱଳ ପ୍ରଦୀପ ଦାସ, ସତ୍ୟଜିତ ସାହୁ, ବଳରାମ ରାଉଳ, ବସନ୍ତ କୁମାର ବେହେରା, ଚିନ୍ମୟୀ ପିରୋହିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିବିରରେ ୬୫ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ରାଉରକେଲା,୧୧।୧ (ବିପ୍ଳବ ରଞ୍ଜନ ଦାଶ)

ରୋଟାରୀ କ୍ଲବ ଅଫ୍ ରାଉରକେଲା ଅର୍ବାନ ପକ୍ଷରୁ ଗର୍ଜନସ୍ଥିତ ବିରୁଆଲ ଗ୍ରାମରେ ଏକ ନିଃଶୁଳ୍କ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର କ୍ଲବର ଅଧ୍ୟକ୍ଷ ଇଂ. ଉଦିତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଶିବିରରେ ବିରୁଆଲ ଗ୍ରାମର ପ୍ରାୟ ୬୫ଜଣ ରୋଗୀ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସେହିପରି ରୋଗୀମାନଙ୍କ ଓଜନ, ରକ୍ତଚାପ, ମଧୁମେହ, ଚକ୍ଷୁ ପରୀକ୍ଷା ସହ ଔଷଧ ବିତରଣ କରାଯାଇଥିଲା। ଶିବିରକୁ ଡାକ୍ତର କୁନାଲ ବର୍ମା, ସୋନିଆ ସାହା, ଦେସାଙ୍ଗି କୁଜୁର ଓ ଚକ୍ଷୁ ବିଭାଗ ଦଳର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ। ପାଥୋଲୋଜି ବିଭାଗକୁ ଅରୁଣ କୁମାର ସିଂ ଓ ସନ୍ଧ୍ୟା ନିକିତା ବାରା ପରିଚାଳନା କରିଥିବାବେଳେ ଡାକ୍ତର ସମନ୍ତ କୁମାର ସାହୁ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କ୍ଲବର ଡ. ମୋହନ ରାଓ, ଉପାଧ୍ୟକ୍ଷ ମଞ୍ଜିରାଣୀ ମେହେର, ପ୍ରଭାତ କୁମାର ମହାନ୍ତି, ଅଶ୍ୱିନୀ ପାତ୍ର, ଉଷାରାଣୀ ଦାସ, ପଦ୍ମିନୀ ସାହୁ, ଅରୁଣ କୁମାର ସିଂ, ମୀନା ମହାନ୍ତି, ବିନାଦିନୀ ତାଣ୍ଡୀ, ମନୋରମା ମହାକୁଡପ୍ରମୁଖସହଯୋଗକରିଥିଲେ।




ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ଡିଏଭି ପ୍ରିମିୟର ଲିଗ୍ କ୍ରିକେଟ: ଗ୍ଲାଡିଏଟର ଚାମ୍ପିୟନ

ରାଉରକେଲା,୧୧।୧(ଦିନେଶ ମିଶ୍ର)

ରାଉରକେଲା ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ଡିଏଭି ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଓଡିଶା ରଣଜି ଦଳର ଅଧିନାୟକ ସ୍ୱସ୍ତିକ ସାମଲ ମୁଖ୍ୟ ଅତିଥି, ଉଇକେଟ ରକ୍ଷକ ଆଶୀର୍ବାଦ ସ୍ୱାଇଁ ଓ ପୂର୍ବତନ ଉଇକେଟ ରକ୍ଷକ ଅଂଶୁମାନ ଗୋପ, ସମାଜସେବୀ ଏମ୍‌ଡି ଅଲ୍ଲୀ, ହରିହର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍ ଗ୍ଲାଡିଏଟର ଦଳ ଓ ଟିମ୍ ଧୁରନ୍ଧର ମଧ୍ୟରେ ଖେଳାଯାଇଥିଲା। ଏଥିରେ ଟିମ୍ ଗ୍ଲାଡିଏଟର ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୭୩ ରନ୍ କରିଥିଲା। ଜବାବରେ ଧୁରନ୍ଧର ଦଳ ୧୫ ଓଭରରେ ତାର ୯ ଉଇକେଟ ହରାଇ ୧୭୧ ରନ୍ କରି ପରାଜିତ ହୋଇଥିଲା। ଟୁର୍ନାମେଣ୍ଟରେ ଦେବାଶିଷ ରଥଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିୟନ ଗ୍ଲାଡିଏଟର ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଅମ୍ପାୟାର ସନ୍ତୋଷ ବେହେରା ଓ ସରୋଜ ପରିଡା ମ୍ୟାଚ୍ ପରିଚାଳନା କରିଥିବାବେଳେ ଅନିକେତ ସାହୁ ରନ୍ ତଦାରଖ କରିଥିଲେ। ପଙ୍କଜ କୁମାର ସାହୁ, ପ୍ରବୀର କୁମାର ନାୟକ, ସନ୍ତୋଷ ବେହେରା, ଗଣେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

**ସୁବର୍ଣ୍ଣପୁର ଜିଲ୍ଲା ଚାଷୀ ଭାଇ ମାନଙ୍କ ପାଇଁ କୃଷି ବିଭାଗ ଓ ଆତ୍ମା ତରଫରୁ ଗୁରୁତ୍ୱ ସୂଚନା**

- ସମସ୍ତ ଫସଲ ଚାଷ ପୂର୍ବରୁ ବିହନ ବିଶୋଧନ ନିଶ୍ଚିତ କରନ୍ତୁ।
- ନିଜ ଜମିର ମାଟି ପରୀକ୍ଷା କରାନ୍ତୁ।
- ମୃତ୍ତିକା ସ୍ୱାସ୍ଥ୍ୟକାର୍ଡରେ ଅନୁମୋଦିତ ପରିମାଣର ଜୈବିକ ଓ ରାସାୟନିକ ଖାଦ୍ୟସାର ପ୍ରୟୋଗ କରନ୍ତୁ।
- ରବିଋତୁରେ ଜଳସେଚିତ ଅଂଚଳର ଶେଷ ମୁଣ୍ଡରେ ଧାନ ବଦଳରେ ଅଣଧାନ (ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ, ଶୋରିଷ ଇତ୍ୟାଦି) ଫସଲ ଚାଷ କରନ୍ତୁ।
- ସମନ୍ୱିତ ଚାଷ କରିବା ନିମନ୍ତେ ଇଚ୍ଛୁକ ଚାଷୀ ବ୍ଲକ ସହକାରୀ କୃଷି ଅଧିକାରୀଙ୍କ ନିକଟରେ ଆବେଦନ କରନ୍ତୁ।
- ଠିକ୍ ସମୟରେ ଫସଲ ବୀମା ଦେୟ ପଇଠ କରି ପ୍ରାକୃତିକ ଦୁର୍ବିପାକ ଯୋଗୁଁ ହେଉଥିବା କ୍ଷୟକ୍ଷତି ଭରଣା କରନ୍ତୁ। ଯଥା ଖରିଫ ଋତୁରେ ଜୁଲାଇ ୩୧ ଓ ରବିଋତୁରେ ଡିସେମ୍ବର ୩୧ ଶସ୍ୟବୀମା ପଇଠ ଶେଷ ତାରିଖ।
- ଡି.ବି.ଟି ମାଧ୍ୟମରେ ରିହାତି ପାଇବା ନିମନ୍ତେ ସମସ୍ତ ଚାଷୀ ନିଜର ବ୍ୟାଙ୍କ ସଞ୍ଚୟ ଖାତାର ବିବରଣ, ମୋବାଇଲ ନମ୍ବର, ପରିଚୟ ପ୍ରମାଣ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନା ପ୍ରଦାନ କରି ପଞ୍ଜୀକରଣ କରିବା ବାଧ୍ୟତା ମୂଳକ। ଏଥିନିମନ୍ତେ ଫର୍ମ ନିକଟସ୍ଥ ପ୍ୟାକ୍ସ, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଇଣ୍ଟରନେଟ୍ ସାଇଟ୍ www.agrisnetodisha.gov.in ରେ ଉପଲବ୍ଧ।
- କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ରୁ ୫୦ ପ୍ରତିଶତ ରିହାତି ପାଆନ୍ତୁ ଓ ସ୍ୱାବଲମ୍ବୀ ହୁଅନ୍ତୁ।
- କୃଷକ ରେଜିଷ୍ଟ୍ରି ରେ ନିଜ ଜମିପଟ୍ଟା ଦ୍ୱାରା ପଞ୍ଜିକୃତ ହୁଅନ୍ତୁ ଓ ଲାଭବାନ ହୁଅନ୍ତୁ। ଏଥିପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର, ପଞ୍ଚାୟତ ସ୍ତରୀୟ କୃଷି କର୍ମଚାରୀ ଏବଂ ନିଯୁକ୍ତ ସହାୟକଙ୍କ ଠାରେ ପଞ୍ଜୀକରଣ କରାନ୍ତୁ।

**ଶ୍ରୀଯୁକ୍ତ ଡ. ନୃପରାଜ ସାହୁ**
ଜିଲ୍ଲାପାଳ ତଥା ଅଧ୍ୟକ୍ଷ,
ଆତ୍ମା ପରିଚାଳନା କମିଟି, ସୁବର୍ଣ୍ଣପୁର

**ଶ୍ରୀଯୁକ୍ତ ରୁଦ୍ରଦେବ ରାଉତ**
ପ୍ରକଳ୍ପ ନିର୍ଦ୍ଦେଶକ,
ଆତ୍ମା ତଥା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁବର୍ଣ୍ଣପୁର

## ପୂର୍ବ କ୍ଷେତ୍ର ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି | ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଥମ

ରାଉରକେଲା,୧୧।୧(ବିପ୍ଳବ ରଞ୍ଜନ ଦାଶ)

ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରେ ଗତ ୭ତାରିଖରୁ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ପୂର୍ବ କ୍ଷେତ୍ର ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହକି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଥମ, କିଟ୍ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ, ରାଞ୍ଚି ବିଶ୍ୱବିଦ୍ୟାଳୟ ତୃତୀୟ ଏବଂ ବୀର ବାହାଦୁର ସିଂ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନ ପାଇ ସର୍ବଭାରତୀୟ ଇଣ୍ଟର ଜୋନ୍ ହକି ପ୍ରତିଯୋଗିତା ପାଇଁ କୃତିତ୍ୱ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଜାନୁଆରୀ ୨୮ରୁ ଫେବୃଆରୀ ୨ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରେ ହେବାକୁ ସ୍ଥିର ହୋଇଛି। ଏହି ପ୍ରତିଯୋଗିତାରେ ସର୍ବଶ୍ରେଷ୍ଠ ଚାରୋଟି ଟିମ୍ ପ୍ରତି ଜୋନ୍‌ରୁ ଯୋଗ ଦେବେ। ଉଦ୍‌ଯାପନୀ ଉତ୍ସବରେ ଡକ୍ଟର ସଚିନ ଶିବାଜୀ ରାଓ ଦେଶମୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କାଳୁଚରଣ ଚୌଧୁରୀ, ଅମୂଲ୍ୟ ନନ୍ଦ ବିହାରୀ, ଲୁସିଆ ଏକ୍କା, ଡକ୍ଟର ରାଜେଶ ସିଂ, ଦୀପ୍ତିରଞ୍ଜନ ମହାନ୍ତି ଏବଂ ପ୍ରତିଯୋଗିତାର ଅଧ୍ୟକ୍ଷ ପ୍ରଫେସର ହରିହର ଦାଶ ଅତିଥି ଭାବେ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ହକି ଅଫିସିଆଲ ନିଶାନ ଜ୍ୟୋତି ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ହୃଷୀକେଶ ଦାଶ, ଅନୁଭବ ରାଉତ, ବେଲାସ ହରୋ, ଅବିନାଶ, ବିଶ୍ୱଜିତ ଦଳେଇ, ରାଜେନ ଏକ୍କା, ଦିଲେଶ୍ୱର ପ୍ରଧାନ ଅଫିସିଆଲ ଭାବେ ଖେଳ ପରିଚାଳନା କରିଥିଲେ। ଆସନ୍ତା ୧୪ରୁ ୧୯ତାରିଖ ପର୍ଯ୍ୟନ୍ତ ପୂର୍ବ କ୍ଷେତ୍ର ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହକି ପ୍ରତିଯୋଗିତା ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରେ ହେବାକୁ ଯାଉଛି ବୋଲି ପରିଚାଳନା ସମ୍ପାଦକ କ୍ୟାପଟେନ ସତ୍ୟ ନାରାୟଣ ରାଉତ ସୂଚନା ଦେଇଛନ୍ତି।




ଟ୍ରଫି ସହ ବିଜୟୀ ଦଳର ଖେଳାଳି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର -751001

**ତାଲିକାଭୁକ୍ତ ନିମନ୍ତେ ବିଜ୍ଞାପନ**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ଅଫିସ୍ ର ପୁରୁଷ କର୍ମଚାରୀ ମାନଙ୍କ ପାଇଁ ଏପ୍ରୋନ, ଗ୍ରୀଷ୍ମ ଏବଂ ଶୀତକାଳୀନ ପୋଷାକ ସିଲେଇ ନିମନ୍ତେ ପ୍ରତିଷ୍ଠିତ ସ୍ଥାନୀୟ ଟେଲରିଂ ସଂସ୍ଥା ମାନଙ୍କର ଏକ ତାଲିକା (ପ୍ୟାନେଲ) ଗଠନ କରିବାକୁ ଚାହୁଁଅଛି। ବର୍ଷକ ମଧ୍ୟରେ ଆପାତତଃ 400 ଯୋଡା ପୋଷାକ (ହାରାହାରୀ) ସିଲେଇ ଆବଶ୍ୟକ ହୋଇପାରେ। ସରକାରୀ/କର୍ପୋରେଟ୍ ପ୍ରତିଷ୍ଠାନର ପୋଷାକ ସିଲେଇ କରିବାରେ ଭଲ ଭିତ୍ତିଭୂମି ଏବଂ ଅଭିଜ୍ଞତା ଥିବା ଟେଲରିଂ ଫାର୍ମଗୁଡ଼ିକୁ ତାଲିକାଭୁକ୍ତ ନିମନ୍ତେ ଆବେଦନ କରିବାକୁ ଆମନ୍ତ୍ରିତ କରାଯାଉଛି।

ଟେଣ୍ଡର ଫର୍ମଗୁଡ଼ିକ RBI ୱେବସାଇଟ୍ (https://www.rbi.org.in) ର "ଟେଣ୍ଡର" ବିଭାଗରୁ ଡାଉନଲୋଡ୍ କରାଯାଇପାରିବେ କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କ, ମାନବ ସମ୍ବଳ ପରିଚାଳନା ବିଭାଗ, ଦ୍ୱିତୀୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - 751001 ରୁ ଯେକୌଣସି କାର୍ଯ୍ୟ ଦିବସରେ (ସୋମବାରରୁ ଶୁକ୍ରବାର) ସକାଳ 10:00 ରୁ ସନ୍ଧ୍ୟା 5:00 ମଧ୍ୟରେ ଜାନୁଆରୀ 12, 2026 ରୁ ଫେବୃଆରୀ 02, 2026 ମଧ୍ୟରେ ମାଗଣାରେ ପାଇପାରିବେ। ସଠିକ୍ ଭାବରେ ପୂରଣ ହୋଇଥିବା ଆବେଦନ ଫର୍ମ ବ୍ୟାଙ୍କରେ ଦାଖଲ କରିବାର ଶେଷ ତାରିଖ ଫେବୃଆରୀ 02, 2026 ସନ୍ଧ୍ୟା 5:00 ଟା ପର୍ଯ୍ୟନ୍ତ ରଖାଯାଇଛି। ଏହି କାର୍ଯ୍ୟ ପାଇଁ ପୂର୍ବରୁ ବ୍ୟାଙ୍କରେ ତାଲିକାଭୁକ୍ତ ଥିବା ସଂସ୍ଥାଗୁଡ଼ିକୁ ମଧ୍ୟ ନୂତନ ଆବେଦନ ଫର୍ମ ଦାଖଲ କରିବାକୁ ପଡିବ। ଅଧିକ ବିବରଣୀ ପାଇଁ ଦୟାକରି RBI ୱେବସାଇଟ୍ ରେ "ଟେଣ୍ଡର" ବିଭାଗକୁ ପରିଦର୍ଶନ କରନ୍ତୁ।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର



ରବିବାର ଡିଏଚ୍ଏଚ୍‌ରେ ଟ୍ରମା କେୟାର ଏବଂ ଓପିଡି କୋଠାର ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପାର୍ଶ୍ୱରେ ରାଜସ୍ୱ ଓ ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଓ ଅନ୍ୟମାନେ।



ରବିବାର ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟଠାରେ ଅତ୍ୟାଧୁନିକ କୋଠା ଉଦ୍‌ଘାଟନ ଅବସରରେ ସ୍ୱାସ୍ଥ୍ୟକର୍ମୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ।

# ବିଧାୟକ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ମୁଖ୍ୟମନ୍ତ୍ରୀ

**ସମ୍ବଲପୁର,୧୧।୧(ଭବାନୀ ଶଙ୍କର ଭୋଇ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ମା' ଅହଲ୍ୟା ମିଶ୍ରଙ୍କୁ ଚିକିତ୍ସିତ ହେଉଥିବା ନର୍ସିଂହୋମରେ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝିଛନ୍ତି। ରବିବାର ଅପରାହ୍ନରେ ସମ୍ବଲପୁର ଭାଲୁପାଲି ଛକସ୍ଥିତ ଘରୋଇ ନର୍ସିଂହୋମରେ ପହଞ୍ଚିଥିଲେ। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ଡାକ୍ତର ପ୍ରବୀର ରାୟଙ୍କୁ ଅହଲ୍ୟା ମିଶ୍ରଙ୍କ ସ୍ୱାସ୍ଥ୍ୟର ଅଗ୍ରଗତି ବିଷୟରେ ପଚାରିଥିଲେ। ଏହି ଅବସରରେ ନର୍ସିଂହୋମ ମ୍ୟାନେଜର ଡାକ୍ତର ଦିଲିପ ନନ୍ଦଙ୍କ ସହ ଅନ୍ୟ ଡାକ୍ତରମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଡି ମୁରଲି କ୍ରିଷ୍ଣା, ଡ ରବି କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ୨୦୦୮ ପରବର୍ତ୍ତୀ ଯୋଗ୍ୟ କଲେଜକୁ ଅନୁଦାନ ଦିଅ

**ସମ୍ବଲପୁର,୧୧।୧(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁରସ୍ଥିତ ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ରବିବାର ପଶ୍ଚିମ ଓଡ଼ିଶା ବେସରକାରୀ କଲେଜ ଶିକ୍ଷକ, କର୍ମଚାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଅଶୋକ କୁମାର ବହିବାରଙ୍କ ସଭାପତିତ୍ୱ ଓ ଡ଼ ଦୀପେନ କୁମାର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀ ସଭାରେ ଆବାହକ ଡ଼ ବସନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ଼ ଅଶ୍ୱିନୀ କୁମାର ସୁପକାର ଦାବିପତ୍ର ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ଶିକ୍ଷକନେତା ସଙ୍ଗଠକ ଅବସରପ୍ରାପ୍ତ ପ୍ରଧାପକ ପ୍ରଫେସର ଧୀରେନ୍ଦ୍ର କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାବେଶରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ଶିକ୍ଷା ଷ୍ଟାଣ୍ଡିଙ୍ଗ କମିଟିର ପୂର୍ବତନ ଅଧ୍ୟକ୍ଷ ଭୂପେନ୍ଦ୍ର ସିଂହ ଯୋଗଦେଇଥିଲେ। ସେ ନିଜ ବକ୍ତବ୍ୟରେ ୨୦୦୮ ପରବର୍ତ୍ତୀ ଯୋଗ୍ୟ କଲେଜକୁ ଅନୁଦାନ ପ୍ରଦାନ ସହ



ବେସରକାରୀ କଲେଜ ଶିକ୍ଷକ କର୍ମଚାରୀ ସଂଘ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ଚାକିରି ସର୍ତ୍ତାବଳୀ, ଡିଇଓମାନଙ୍କୁ ଅନୁଦାନ ପ୍ରଦାନ, ଗ୍ରାଚ୍ୟୁଇଟି ବୃଦ୍ଧି ଓ ପେନସନ ପ୍ରଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

ସମ୍ମାନୀତ ଅତିଥିଭାବେ ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ସଂଘର ପୂର୍ବତନ ସଭାପତି ରବି ରାୟ ଯୋଗଦେଇ ଉପେକ୍ଷିତ ପଶ୍ଚିମ ଓଡ଼ିଶା ତଥା ପଛୁଆ ଅଞ୍ଚଳର ଜୁନିୟର ଓ ଡିଗ୍ରୀ କଲେଜ ଷ୍ଟାଫମାନଙ୍କର ସମସ୍ୟା ଓ ଏକ ସ୍ୱତନ୍ତ୍ର ସଙ୍ଗଠନର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟ ସଂଯୋଜକ ପ୍ରଫେସର ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀ ସମ୍ମିଳନୀର ଉଦ୍ଦେଶ୍ୟ ଓ ସମନ୍ୱୟ କମିଟିର କାର୍ଯ୍ୟକ୍ରମ ସମ୍ପର୍କରେ ବିଶ୍ଳେଷଣ କରିଥିଲେ। ଡ଼ ସୂର୍ଯ୍ୟ ନାରାୟଣ ଅଗସ୍ତିଙ୍କ ସଭାପତିତ୍ୱ ଓ ଡ଼ ଅଶ୍ୱିନୀ କୁମାର ସୁପକାରଙ୍କ ପରିଚାଳନାରେ ଅନୁଷ୍ଠିତ ୨ୟ ଅଧିବେଶନରେ ବିଭିନ୍ନବର୍ଗ

## ପଛୁଆ ଅଞ୍ଚଳ ବେସରକାରୀ କଲେଜ ଶିକ୍ଷକ କର୍ମଚାରୀ ସମ୍ମିଳନୀ

ମହାବିଦ୍ୟାଳୟର ଅଧାପିକାଅଧାପକ, କର୍ମଚାରୀଙ୍କ ସମସ୍ୟା ଏବଂ ଦାବି ଆଲୋଚିତ ହୋଇଥିଲା। ବୈଠକରେ ସଙ୍ଗଠନକୁ ପଛୁଆ ଅଞ୍ଚଳ ବେସରକାରୀ କଲେଜ ଶିକ୍ଷକ କର୍ମଚାରୀ ସଂଘଭାବେ ସର୍ବସମ୍ମତି ନାମକରଣ କରାଯାଇଥିଲା। ଏହାସହ ସର୍ବସମ୍ମତିକ୍ରମେ ସଂଘ ସଭାପତିଭାବେ ଡ଼ ସୁଦର୍ଶନ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଅଶ୍ୱିନୀ କୁମାର ସୁପକାର, ଉପସଭାପତି ଡ଼ ଦୀପେନ କୁମାର ପଟ୍ଟନାୟକ ଓ ସାଙ୍ଗଠନିକ ସମ୍ପାଦକ ଭାବେ ଅଧ୍ୟାପକ ପ୍ରଣୟ ଆନନ୍ଦ କୁମାର ତ୍ରିପାଠଙ୍କୁ ମନୋନୀତ କରାଯାଇଥିଲା। ଡ଼ ଦିଲୀପ କୁମାର ଗୌର, ଅପରିଚିତା ପଣ୍ଡା, ସଞ୍ଜିତ ମହାନ୍ତି, ଅଶୋକ ପୁରୋହିତ, ଶୋଭାକର ସାହୁ, ଡ଼ କୃପାଶଙ୍କର ନାଥ, ବିଶ୍ୱପତି ବେହେରା ପ୍ରମୁଖ ସୁଚିନ୍ତିତ ପ୍ରସ୍ତାବ ଦେଇଥିଲେ।

# ଆମେ ଆମ ଅଜ୍ଞାନତାକୁ ନେଇ ଗର୍ବ କରୁଛେ





ବକ୍ତୃତାମାଳାରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ।

**ସମ୍ବଲପୁର,୧୧।୧(ବି.ଶଙ୍କର)**

## ପ୍ରଫେସର ଘନଶ୍ୟାମ ଦାଶ ସ୍ମାରକୀ ବକ୍ତୃତା

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବଦ୍ୟାଳୟ ପ୍ରଶାସନିକ କୋଠା ପ୍ରେକ୍ଷାଳୟରେ ଅଗ୍ରଣୀ ଶୈକ୍ଷିକ ସାମାଜିକ ଅନୁଷ୍ଠାନ ସେତୁ ପକ୍ଷରୁ ୨୬ତମ ପ୍ରଫେସର ଘନଶ୍ୟାମ ଦାଶ ସ୍ମାରକୀ ବକ୍ତୃତା ରବିବାର ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ସେତୁ ସଭାପତି ଡ. ମନକେତନ ପାଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏକବିଂଶ ଶତାବ୍ଦୀ ନୈତିକ ଓ ରାଜନୈତିକ ସଙ୍କଟ ବିଷୟରେ ବକ୍ତାମାନେ ଆଲୋଚନା କରିଥିଲେ। ନୂଆଦିଲ୍ଲୀରୁ ଆସିଥିବା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପୁରୁଷୋତ୍ତମ ଅଗ୍ରୱାଲ ମୁଖ୍ୟବକ୍ତା ଯୋଗଦେଇ କହିଥିଲେ, ଆଜି ସମଗ୍ର ବିଶ୍ୱରେ ନୈତିକ ଓ ରାଜନୈତିକ ସଂକଟକୁ ନେଇ ଚିନ୍ତାଶୀଳ ବ୍ୟକ୍ତିମାନେ ବିଚାର କରିବାକୁ ବାଧ୍ୟ ହୋଇଛନ୍ତି । ଆମେ ଧର୍ମର ପ୍ରକୃତ ଅର୍ଥକୁ ଠିକ ଭାବେ ବୁଝି ସନାତନକୁ ଜାଣିବା ଉଚିତ । ଏହି ପ୍ରସଙ୍ଗରେ ଗଣମାଧ୍ୟମର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନୈତିକ ଓ ରାଜନୈତିକ ସଙ୍କଟ ସୃଷ୍ଟି ସକାଶେ କେତେକକ୍ଷେତ୍ରରେ ଗଣମାଧ୍ୟମ ଦାୟୀ । ଆଉ କେତେକସ୍ଥଳରେ ଆମେ ଆମ ଅଜ୍ଞାନତାକୁ ନେଇ ଗର୍ବ କରୁଛେ । ହିଂସା, ଅରାଜକତା ପ୍ରଭୃତି ସମାଜ ବିରୋଧି ନୀତିଗୁଡିକୁ ପ୍ରଶ୍ରୟ ଦେବାକୁ କୌଣସି ଧର୍ମରେ କୁହାଯାଇନାହିଁ। କିନ୍ତୁ ବିଶ୍ୱର ଅନେକ ସ୍ଥାନରେ ନୈତିକ ଆଚରଣର ମୂଲ୍ୟବୋଧକୁ ଯଥାଯଥ ବିଚାର କରା ନ ଯାଇ ସଂଘୀୟ ରାଜନୀତିରୁ ଆରମ୍ଭ କରି ବହୁବିଧ ଶାସନ ମାଧ୍ୟମରେ ପ୍ରସାର କରାଯିବାରୁ ଅନେକ ସ୍ଥଳରେ ସଙ୍କଟମାନ ସୃଷ୍ଟି ହେବା ସ୍ୱାଭାବିକ। ସଫଳତା ଅସଫଳତାକୁ ଚିନ୍ତା କରି କାର୍ଯ୍ୟ କରିବା ଅପେକ୍ଷା ନିଜ ବିବେକ ଓ ଅନ୍ତରାତ୍ମାରୁ ବିଚାର କରିବା ଉଚିତ, ଯାହା ନୈତିକ ସଙ୍କଟ ସୃଷ୍ଟିରୁ ଆମେ ନିଜେ ନିଜକୁ ରକ୍ଷା କରି ପାରିବା । ତେବେ ନିଜ ବିବେକକୁ ମଧ୍ୟ ଏଥି ସକାଶେ ଆମେ ପ୍ରସ୍ତୁତ କରିବା ଆବାଶ୍ୟକତା ରହିଛି। ସାମ୍ପ୍ରତିକ ପରିସ୍ଥିରେ କେବଳ ଏକ ସୀମିତ ଅଞ୍ଚଳର ଅବସ୍ଥାକୁ ଅନୁଧ୍ୟାନ କରି ସେଥିରେ ଆମ ଜ୍ଞାନ ଓ ବିବେକକୁ ନିୟୋଜିତ ନ କରି ଏହାର ପରିସୀମାକୁ ବ୍ୟାପ୍ତ କରିବାକୁ ପଡିବ ବୋଲି ସେ ପ୍ରଫେସର ଅଗ୍ରୱାଲ ମତବ୍ୟକ୍ତ କରିଥିଲେ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସାଂପ୍ରତିକ ପରିସ୍ଥିତିରେ ନୈତିକ ଓ ରାଜନୈତିକ ସଙ୍କଟ ଉପରେ ଆଲୋଚନା କରିବାର ଆବଶ୍ୟକତା ନିଶ୍ଚିତ ଭାବରେ ରହିଛି ବୋଲି ସେ କହିଥିଲେ। ସଭାରେ ସେତୁର ପୂର୍ବତନ ସମ୍ପାଦକ ସୁକାନ୍ତ କୁମାର କର ସଭା ସଂଯୋଜନା କରିଥିବା ବେଳେ କାର୍ଯ୍ୟକାରିଣୀ ସଦସ୍ୟ ଡ.ପ୍ରସନ୍ନ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଡ. ପାଠୀ ସ୍ୱାଗତ ଭାଷଣ ସହ ବକ୍ତୃତାମାଳା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଦସ୍ୟ ଡ. ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସମ୍ପାଦକ ଡ. ସ୍ୱୟଂ ପ୍ରକାଶ ପଣ୍ଡା, ଜୟକୃଷ୍ଣ ବେହେରା, ରବିନାରାୟଣ ପ୍ରଧାନ, ଅନନ୍ୟା ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଧନକଉଡ଼ା ସୁପରଲିଗ: ମହାକାଳ ଦଳ ଚାମ୍ପିୟନ

**ସମ୍ବଲପୁର,୧୧।୧(ବି.ଶଙ୍କର)**

ସମ୍ବଲପୁର ଜିଲା ଧନକଉଡ଼ା ଯୁବକ ସଂଘ ପକ୍ଷରୁ ଧନକଉଡ଼ା ସୁପର ଲିଗ କ୍ରିକେଟ (୧୮ ବର୍ଷରୁ କମ) ଟୁର୍ନାମେଣ୍ଟ -୨୦୨୬ ରବିବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନକଉଡା ଖେଳ ପଡିଆରେ ଅନୁଷ୍ଠିତ ହୋଇଛି । ଏହି ଟୁର୍ନାମେଣ୍ଟରେ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବ୍ଲାକ ଟାଇଗର ଦଳ ଏବଂ ମହାକାଳ ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ବ୍ଲାକ ଟାଇଗର ଦଳ ପ୍ରଥମେ ବ୍ୟାଟିଂ କରି ୪୦ ରନ କରିଥିଲେ। ମହାକାଳ ଦଳ ଗୋଟିଏ ଉଇକେଟ୍ ବିନିମୟରେ ୪୧ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲେ। ଏଥିରେ ସମ୍ବଲପୁର ଜିଲା ଭାଜପା ସାଧାରଣ ସମ୍ପାଦକ ଅନିଲ କୁମାର ବେହେରା ଏବଂ ବୁର୍ଲା ଭିମସାର ସ୍ଥିତ ସହକାରୀ ପ୍ରଫେସର ଡାକ୍ତର ସଞ୍ଜିବ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# କୃଷିକ୍ଷେତ୍ରରେ କୁଲତା ସମାଜର ଅବଦାନ ଅତୁଳନୀୟ



କୁଲତା ସମାଜ ମୁଖପତ୍ର କୁଳପ୍ରତିଭାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ସମ୍ବଲପୁର,୧୧।୧(ଭବାନୀ ଶଙ୍କର ଭୋଇ)**

## ରାମଚଣ୍ଡୀ ସେବା ସଦନରେ କୁଲତା ମହୋତ୍ସବ

ସମ୍ବଲପୁର ଦାନିପାଲିସ୍ଥିତ ରାମଚଣ୍ଡୀ ସେବା ସଦନରେ ରବିବାର କୁଲତା ମହୋତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ରାଜ୍ୟ ମହିଳା କମିଶନର ସଦସ୍ୟ ମୁକ୍ତା ସାହୁ ଯୋଗଦେଇ କହିଥିଲେ, କୃଷିକ୍ଷେତ୍ରରେ କୁଲତା ସମାଜର ଅବଦାନ ଅତୁଳନୀୟ। କୁଲତା ସମାଜର ବିକାଶ ପାଇଁ ଉଭୟ କୃଷି ଏବଂ ଶିକ୍ଷାର ଉନ୍ନତି ଜରୁରୀ। ଏହି ଅବସରରେ କୁଲତା ସମାଜକୁ ସଙ୍ଗଠିତ କରିବା ଦିଗରେ ବିଶେଷ ଯୋଗଦାନ ପାଇଁ ଛେଲିଆ ପ୍ରଧାନଙ୍କୁ ୨୦୨୬ ବର୍ଷ ପାଇଁ ମନସ୍ୱୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। କୃଷି କ୍ଷେତ୍ରର ଅବଦାନ ପାଇଁ ଅଗ୍ରଣୀ ଯୁବଚାଷୀ ଆଶିଷ ଖମାରୀ ଏବଂ ପୁଷ୍ପାଞ୍ଜଳି ପ୍ରଧାନଙ୍କୁ କୁଲତା କୃଷକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅସବରରେ ମାଟ୍ରିକ ପରୀକ୍ଷାରେ ୯୭ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ଛାତ୍ରୀ ଅନୁଶ୍ରୀ ବେହେରାଙ୍କୁ ଶିକ୍ଷା ସମ୍ମାନ, କ୍ରିକେଟ ଖେଳାଳି କୁମାରୀ ଅଂଶିକା ପ୍ରଧାନ, ସଙ୍ଗୀତ ପ୍ରତିଭା ଚିନ୍ମୟୀ ସାହୁ ଏବଂ ଶ୍ରେୟାଂଶୀ ପ୍ରଧାନଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୂଜକ ଦେବୀ ପ୍ରସାଦ ଭୋଇ ରଣେଶ୍ୱର ରାମଚଣ୍ଡୀଙ୍କ ମନ୍ତ୍ରପାଠ କରିଥିବା ବେଳେ ଚିନ୍ମୟୀ ସାହୁ ରାମଚଣ୍ଡୀ ଭଜନ ପରିବେଷଣ କରିଥିଲେ। ଏହାପରେ ଯାଦୁଗର ସଞ୍ଜୟ କୁମାର ସାହୁ, ଏସ.ଶ୍ରୀକାନ୍ତ ଏବଂ କୋଶଳେଶ୍ୱର ଭୋଇ ଯାଦୁ ପରିବେଷଣ କରିଥିଲେ। ଏହାପରେ କୁଲତା ସମାଜର ସଭାପତି କୃପାସିନ୍ଧୁ ଖମାରୀ କୁଲତା ସମାଜର କାର୍ଯ୍ୟକ୍ରମ ଏବଂ କାର୍ଯ୍ୟ ଯୋଜନା ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ସାଧାରଣ ସମ୍ପାଦକ ରଞ୍ଜନ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ଦେବଭମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୁଲତା ସମାଜର ମୁଖପତ୍ର କୁଳ ପ୍ରତିଭା ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଦୀପ ସାହୁ ପରିଚାଳନା କରିଥିଲେ। ଏହାସହ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜମନକିରା, ଅତାବିରା, ବୁର୍ଲା, ସୋନପୁର ଏବଂ ସୁବର୍ଣ୍ଣପୁରରୁ ସାମିଲ ହୋଇଥିବା କୁଲତା ସମାଜର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାସହ ଛୋଟି, ହୁଲହୁଲି, ଶଙ୍ଖ ବଜା, ମ୍ୟୁଜିକ ଚେୟାର, ନୃତ୍ୟ, ଗୀତ ପ୍ରତିଯୋଗିତା ସହ ନିଶା ନିବାରଣ ଉପରେ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୁଲତା ମହୋତ୍ସବ ଆୟୋଜନରେ ସହ ସମ୍ପାଦକ ଚିନ୍ମୟ ଭୋଇ, ସୁପ୍ରଭା ପ୍ରଧାନ, କୋଷାଧ୍ୟକ୍ଷ ସରୋଜ ପ୍ରଧାନ ଏବଂ ଦେବଦତ୍ତ ସାହୁ, ଆଲୋକ ସାହୁ, ଜଟାଭୂଷଣ ସାହୁ, କୃଷ୍ଣ ପ୍ରସାଦ ପ୍ରଧାନପ୍ରମୁଖ ସହଯୋଗ କରିଥିଲେ।

# ଗଣ୍ଡା ସମାଜ କଲ୍ୟାଣ ପରିଷଦର ବାର୍ଷିକ ସମ୍ମିଳନୀ





ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି, ବକ୍ତା ଓ କର୍ମକର୍ତ୍ତା।

**ସମ୍ବଲପୁର,୧୧।୧(ବି.ଶଙ୍କର)**

ବୁର୍ଲା ଗଣ୍ଡା ସମାଜ କଲ୍ୟାଣ ପରିଷଦ ୨୮ତମ ବାର୍ଷିକ ସମ୍ମିଳନୀ ରବିବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ଭବନରେ ଅନୁଷ୍ଠିତ ହୋଇଛି। ସଭାପତି ନିହାଲ ସିଂଙ୍କ ସଭାପତିତ୍ୱ ଓ ଉପସଭାପତି ଶିବଶଙ୍କର ପ୍ରଧାନଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ ଯୋଗଦେଇଥିଲେ। ଗଣ୍ଡା ମାନଙ୍କର ଗଣ୍ଡା ବଜା ବାଜି ଉଠିଲେ ସମସ୍ତେ ନାଚି ଉଠନ୍ତି। ତେଣୁ ଗଣ୍ଡା ସମାଜ ଏକତ୍ରିତ ହୋଇ କାର୍ଯ୍ୟ କରିବା ଉଚିତ। ଯଦ୍ଦ୍ୱାରା ସମାଜର ଉନ୍ନତି ହେବା ସଙ୍ଗେ ଗଣ୍ଡା ବଜା ସୁରକ୍ଷିତ ହୋଇପାରିବ ବୋଲି ପଦ୍ମଶ୍ରୀ ହରିପାଲ ମତବ୍ୟକ୍ତ କରିଥିଲେ। ଆଶୁକବି ଗଦାଧର ନିଆଲ ମୁଖ୍ୟବକ୍ତା, ବିପ୍ରଚରଣ ଜୟପୁରିଆ, ଲବ ମହାନନ୍ଦ ରୁପାଞ୍ଜଳି ରନବିଡା, କଳ୍ପନା ନାୟକ, ଭବାନୀ ଶଙ୍କର ସୋହେଲା ସମ୍ମାନିତ ଅତିଥିଭାବେ ଯୋଗଦେଇ ଗଣ୍ଡା ସମାଜର ବିକାଶ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ସମ୍ପାଦକ ଅମିନ ମହାନନ୍ଦ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହସମ୍ପାଦକ ବିନୟ ଭୂଷଣ ସୁନା ଧନ୍ୟବାଦ୍ ଅର୍ପଣ କରିଥିଲେ।

**ସୁବର୍ଣ୍ଣପୁର ଜିଲ୍ଲା ଚାଷୀ ଭାଇ ମାନଙ୍କ ପାଇଁ କୃଷି ବିଭାଗ ଓ ଆତ୍ମା ତରଫରୁ ଗୁରୁତ୍ୱ ସୂଚନା**

- ସମସ୍ତ ଫସଲ ଚାଷ ପୂର୍ବରୁ ବିହନ ବିଶୋଧନ ନିଶ୍ଚିତ କରନ୍ତୁ।
- ନିଜ ଜମିର ମାଟି ପରୀକ୍ଷା କରାନ୍ତୁ।
- ମୃତ୍ତିକା ସ୍ୱାସ୍ଥ୍ୟକାର୍ଡରେ ଅନୁମୋଦିତ ପରିମାଣର ଜୈବିକ ଓ ରାସାୟନିକ ଖାଦ୍ୟସାର ପ୍ରୟୋଗ କରନ୍ତୁ।
- ରବିଋତୁରେ ଜଳସେଚିତ ଅଂଚଳର ଶେଷ ମୁଣ୍ଡରେ ଧାନ ବଦଳରେ ଅଣଧାନ (ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ, ଶୋରିଷ ଇତ୍ୟାଦି) ଫସଲ ଚାଷ କରନ୍ତୁ।
- ସମନ୍ୱିତ ଚାଷ କରିବା ନିମନ୍ତେ ଇଚ୍ଛୁକ ଚାଷୀ ବ୍ଲକ ସହକାରୀ କୃଷି ଅଧିକାରୀଙ୍କ ନିକଟରେ ଆବେଦନ କରନ୍ତୁ।
- ଠିକ୍ ସମୟରେ ଫସଲ ବୀମା ଦେୟ ପଇଠ କରି ପ୍ରାକୃତିକ ଦୁର୍ବିପାକ ଯୋଗୁଁ ହେଉଥିବା କ୍ଷୟକ୍ଷତି ଭରଣା କରନ୍ତୁ। ଯଥା ଖରିଫ ଋତୁରେ ଜୁଲାଇ ୩୧ ଓ ରବିଋତୁରେ ଡିସେମ୍ବର ୩୧ ଶସ୍ୟବୀମା ପଇଠ ଶେଷ ତାରିଖ।
- ଡି.ବି.ଟି ମାଧ୍ୟମରେ ରିହାତି ପାଇବା ନିମନ୍ତେ ସମସ୍ତ ଚାଷୀ ନିଜର ବ୍ୟାଙ୍କ ସଞ୍ଚୟ ଖାତାର ବିବରଣ, ମୋବାଇଲ ନମ୍ବର, ପରିଚୟ ପ୍ରମାଣ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନା ପ୍ରଦାନ କରି ପଞ୍ଜୀକରଣ କରିବା ବାଧ୍ୟତା ମୂଳକ। ଏଥିନିମନ୍ତେ ଫର୍ମ ନିକଟସ୍ଥ ପ୍ୟାକ୍, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଇଣ୍ଟରନେଟ୍ ସାଇଟ୍ www.agrisnetodisha.gov.in ରେ ଉପଲବ୍ଧ।
- କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ରୁ ୫୦ ପ୍ରତିଶତ ରିହାତି ପାଆନ୍ତୁ ଓ ସ୍ୱାବଲମ୍ବୀ ହୁଅନ୍ତୁ।
- କୃଷକ ରେଜିଷ୍ଟ୍ରି ରେ ନିଜ ଜମିପଟ୍ଟା ଦ୍ୱାରା ପଞ୍ଜିକୃତ ହୁଅନ୍ତୁ ଓ ଲାଭବାନ ହୁଅନ୍ତୁ। ଏଥିପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ସେମାନେ ନିକଟସ୍ଥ ଜନସେବା କେନ୍ଦ୍ର, ପଞ୍ଚାୟତ ସ୍ତରୀୟ କୃଷି କର୍ମଚାରୀ ଏବଂ ନିଯୁକ୍ତ ସହାୟକଙ୍କ ଠାରେ ପଞ୍ଜିକରଣ କରାନ୍ତୁ।

**ଶ୍ରୀଯୁକ୍ତ ଡ. ନୃପରାଜ ସାହୁ**
ଜିଲ୍ଲାପାଳ ତଥା ଅଧ୍ୟକ୍ଷ,
ଆତ୍ମା ପରିଚାଳନା କମିଟି, ସୁବର୍ଣ୍ଣପୁର

**ଶ୍ରୀଯୁକ୍ତ ରୁଦ୍ରଦେବ ରାଉତ**
ପ୍ରକଳ୍ପ ନିର୍ଦ୍ଦେଶକ,
ଆତ୍ମା ତଥା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁବର୍ଣ୍ଣପୁର

# ସାହିତ୍ୟିକ ମଙ୍ଗଳୁ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ସମ୍ବଲପୁର,୧୧।୧(ବି.ଶଙ୍କର)**

## ସମ୍ବଲପୁରୀ ଭାଷାର ସ୍ଥିତି, ଗତି ଉପରେ ଆଲୋଚନା

ସାହିତ୍ୟିକ ଡ. ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ଏବଂ ସମ୍ବଲପୁରୀ ସାହିତ୍ୟ ପତ୍ରିକା ଉଦିଆଁର ୨୪ତମ ସଂଖ୍ୟା ରବିବାର ଚିପିଲିମାସ୍ଥିତ ମା' ଘଣ୍ଟେଶ୍ୱରୀ ପୀଠ ଉନ୍ମୋଚିତ ହୋଇଯାଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ସୁଶୀଳ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ମୁଖ୍ୟ ଅତିଥି, ଲକ୍ଷ୍ମୀନାରାୟଣ ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ଅତିଥି ଓ ବକ୍ତାମାନେ ଡ. ବିଶ୍ୱାଳଙ୍କ ସାମଗ୍ରିକ ସାରସ୍ୱତ କୃତି ଏବଂ ଜୀବନୀ ଉପରେ ଆଲୋକପାତ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହା ସହିତ ସମ୍ବଲପୁରୀ ଭାଷାର ସ୍ଥିତି ଏବଂ ଗତି ଉପରେ ଆଲୋଚନା କରିଥିଲେ। ଏହାସହ ସମ୍ବଲପୁରୀ କବିତା ପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରାରମ୍ଭରେ ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସମ୍ପାଦକ କାଳିନ୍ଦୀ ପ୍ରତାପ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଘଣ୍ଟେଶ୍ୱରୀ ଟ୍ରଷ୍ଟ ବୋର୍ଡ଼ର ସଞ୍ଜୟ ପୂଜାରୀ, ଅକ୍ଷୟ କୁମାର ସେଠ ଏବଂ ଚୁମକି ମଲ୍ଲିକ ସହଯୋଗ କରିଥିଲେ ।



ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆୟୋଜିତ ସଭାରେ ଅତିଥି ଓ ବକ୍ତାମାନେ।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ମାନବ ସମ୍ବଳ ପରିଚାଳନା ବିଭାଗ**
**ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର -751001**

**ତାଲିକାଭୁକ୍ତ ନିମନ୍ତେ ବିଜ୍ଞାପନ**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ଅଫିସ୍ ର ପୁରୁଷ କର୍ମଚାରୀ ମାନଙ୍କ ପାଇଁ ଏପ୍ରୋନ, ଗ୍ରୀଷ୍ମ ଏବଂ ଶୀତକାଳୀନ ପୋଷାକ ସିଲେଇ ନିମନ୍ତେ ପ୍ରତିଷ୍ଠିତ ସ୍ଥାନୀୟ ଟେଲରିଂ ସଂସ୍ଥା ମାନଙ୍କର ଏକ ତାଲିକା (ପ୍ୟାନେଲ) ଗଠନ କରିବାକୁ ଚାହୁଁଅଛି। ବର୍ଷକ ମଧ୍ୟରେ ଆପାତତଃ 400 ଯୋଡା ପୋଷାକ (ହାରାହାରୀ) ସିଲେଇ ଆବଶ୍ୟକ ହୋଇପାରେ। ସରକାରୀ/କର୍ପୋରେଟ୍ ପ୍ରତିଷ୍ଠାନର ପୋଷାକ ସିଲେଇ କରିବାରେ ଭଲ ଭିତ୍ତିଭୂମି ଏବଂ ଅଭିଜ୍ଞତା ଥିବା ଟେଲରିଂ ଫାର୍ମଗୁଡ଼ିକୁ ତାଲିକାଭୁକ୍ତ ନିମନ୍ତେ ଆବେଦନ କରିବାକୁ ଆମନ୍ତ୍ରିତ କରାଯାଉଛି।

ଟେଣ୍ଡର ଫର୍ମଗୁଡ଼ିକ RBI ୱେବସାଇଟ୍ (https://www.rbi.org.in) ର "ଟେଣ୍ଡର" ବିଭାଗରୁ ଡାଉନଲୋଡ୍ କରାଯାଇପାରିବେ କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କ, ମାନବ ସମ୍ବଳ ପରିଚାଳନା ବିଭାଗ, ଦ୍ୱିତୀୟ ମହଲା, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - 751001 ରୁ ଯେକୌଣସି କାର୍ଯ୍ୟ ଦିବସରେ (ସୋମବାରରୁ ଶୁକ୍ରବାର) ସକାଳ 10:00 ରୁ ସନ୍ଧ୍ୟା 5:00 ମଧ୍ୟରେ ଜାନୁଆରୀ 12, 2026 ରୁ ଫେବୃଆରୀ 02, 2026 ମଧ୍ୟରେ ମାଗଣାରେ ପାଇପାରିବେ। ସଠିକ୍ ଭାବରେ ପୂରଣ ହୋଇଥିବା ଆବେଦନ ଫର୍ମ ବ୍ୟାଙ୍କରେ ଦାଖଲ କରିବାର ଶେଷ ତାରିଖ ଫେବୃଆରୀ 02, 2026 ସନ୍ଧ୍ୟା 5:00 ଟା ପର୍ଯ୍ୟନ୍ତ ରଖାଯାଇଛି। ଏହି କାର୍ଯ୍ୟ ପାଇଁ ପୂର୍ବରୁ ବ୍ୟାଙ୍କରେ ତାଲିକାଭୁକ୍ତ ଥିବା ସଂସ୍ଥାଗୁଡ଼ିକୁ ମଧ୍ୟ ନୂତନ ଆବେଦନ ଫର୍ମ ଦାଖଲ କରିବାକୁ ପଡିବ। ଅଧିକ ବିବରଣୀ ପାଇଁ ଦୟାକରି RBI ୱେବସାଇଟ୍ ରେ "ଟେଣ୍ଡର" ବିଭାଗକୁ ପରିଦର୍ଶନ କରନ୍ତୁ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

# ଭୁବନେଶ୍ୱରରେ ଆନ୍ତଃରାଜ୍ୟ ସାଇବର ଠକଙ୍କ କଲ୍ ସେଣ୍ଟର

**୧୨ ସାଇବର ଅଭିଯୁକ୍ତ ଗିରଫ**

**୬୦ ମୋବାଇଲ, ୨ ଲାପଟପ୍, ଥାର୍ ଗାଡି ଆଦି ଜବତ**



ବନେଶ୍ୱର, ୧୧।୧ (ସତ୍ୟଜିତ ରାଉତ)

ଓଡ଼ିଶାରୁ ଅପରେଟ୍ ହେଉଥିଲା ଆନ୍ତଃରାଜ୍ୟ ସାଇବର ଠକେଇ ର୍ୟାକେଟ। ଭୁବନେଶ୍ୱରରେ କଲ୍ ସେଣ୍ଟର ଖୋଲି ବିଭିନ୍ନ ରାଜ୍ୟର ଲୋକଙ୍କୁ ଫସାଇ ଲୁଟୁଥିଲେ। ଏହା ଜଣାପଡ଼ିବା ପରେ କମିଶନରେଟ୍ ପୋଲିସ ରବିବାର ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କପାଣି ରୋଡ୍‌ର ପ୍ଲଟ ନଂ.୨୧୭୧/୧୬ସ୍ଥିତ ଘରେ ଚଢ଼ାଉ କରି ୧୨ଜଣ ସାଇବର ଠକଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୭ଜଣ ବିହାର, ୪ଜଣ କେରଳ ଏବଂ ଜଣେ ଓଡ଼ିଶାର ରହିଛନ୍ତି। ଅଭିଯୁକ୍ତମାନେ ହେଲେ ବିହାର ନୱାଦା ଜିଲାର ବିଜୟ କୁମାର (୨୪), ସଞ୍ଜୟ କୁମାର ରାୟ (୪୨), ଅର୍ଜୁନ ରାଜ (୨୨), ନାଳନ୍ଦା ଜିଲାର ପଙ୍କଜ କୁମାର (୩୭), ପିଣ୍ଟୁ କୁମାର (୨୭), ଗୁଞ୍ଜନ କୁମାର (୪୦) ଓ ମନୀଷ କୁମାର (୨୦), କେରଳ ଏର୍ନାକୁଲମ୍ ଜିଲାର ଅଜୟ ରାଜ (୩୯), ଇଡୁକ୍କି ଜିଲାର ସନ୍ତୁରୁ ଭି (୨୫), ଅଜିତ ଏମ୍ (୨୮), ସରଥଶଶି (୨୫) ଏବଂ ଭୁବନେଶ୍ୱର ବଡ଼ଗଡ ଥାନା ଅଞ୍ଚଳର ଦେବାଶିଷ ତ୍ରିପାଠୀ (୪୪)। ଅଭିଯୁକ୍ତଙ୍କଠାରୁ ୩୦ଟି କି-ପ୍ୟାଡ୍ ମୋବାଇଲ, ୩୦ଟି ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍, ୨ଟି ଲାପଟପ୍, ଥାର୍ ଗାଡି, ସ୍କୁଟି, ୬ଟି ସିମ୍‌କାର୍ଡ, ସ୍ପିଡ୍‌ପୋଷ୍ଟ ଷ୍ଟାମ୍ପ, ସ୍କ୍ରାଚ୍ କାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ଏନେଇ ପୋଲିସ ଶନିବାର ଏକ ମାମଲା (ନଂ.୨୬/୨୦୨୬) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଛି। ଏହି ର୍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଛାନଭିନ୍ ଚାଲିଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ସୂଚନା ଦେଇଛନ୍ତି।

**ବିହାରକୁ ଯାଉଥିଲା ଠକେଇ ଟଙ୍କା**

କିଛିମାସ ହେବ ଅଭିଯୁକ୍ତ ଦେବାଶିଷଙ୍କ ଘରେ ଏହି କଲ୍ ସେଣ୍ଟର ଚାଲିଥିଲା। ଦେବାଶିଷଙ୍କ ସହ ଅର୍ଜୁନ ଓ ପଙ୍କଜ ଏହି ର୍ୟାକେଟର ମାଷ୍ଟରମାଇଣ୍ଡ ବୋଲି ପୋଲିସ କହିଛି। ଏଜେଣ୍ଟଙ୍କ ଜରିଆରେ ନାପାଟୋଲ, ମେସୋ ଏବଂ ଅନ୍ୟାନ୍ୟ ଇ-କମର୍ସ ପ୍ଲାଟଫର୍ମରୁ ଗ୍ରାହକଙ୍କ ତଥ୍ୟ ପଙ୍କଜ ଯୋଗାଡ କରୁଥିଲେ। ଏଥିସହ ଟଙ୍କା ଟ୍ରାନ୍ସଫର୍ ପାଇଁ ସେ ବିହାରରେ ନିୟୋଜିତ କରିଥିବା ଏଜେଣ୍ଟଙ୍କ ଜରିଆରେ ମ୍ୟୁଲ୍ ଆକାଉଣ୍ଟ ଆଣୁଥିଲେ। ୟୁପିଆଇ ଆଡି ସମେତ ମ୍ୟୁଲ ଆକାଉଣ୍ଟ ଜରିଆରେ ଲୋକଙ୍କଠାରୁ ଟଙ୍କା ଠକେଇ କରି ଆଣୁଥିଲେ। ଏଥିସହ ସେମାନେ ଏଜେଣ୍ଟଙ୍କ ଜରିଆରେ ଫେକ୍ ପ୍ରି ଆକ୍ଟିଭେଟେଡ୍ ସିମ୍ ସଂଗ୍ରହ କରି ଠକେଇ କାର୍ଯ୍ୟରେ ବ୍ୟବହାର କରୁଥିଲେ। ଓଡ଼ିଶାରେ ଏହି ସାଇବର ଠକେଇ କଲ୍ ସେଣ୍ଟର ଚାଲୁଥିବା ବେଳେ ଠକେଇ ଟଙ୍କା ମ୍ୟୁଲ ଆକାଉଣ୍ଟ ଜରିଆରେ ବିହାରକୁ ଯାଉଥିଲା।

**ଲୋକଙ୍କୁ ଏମିତି ଫସାଇ ଠକୁଥିଲେ**

ସାଇବର ଠକମାନେ ଗିଫ୍ଟ ଭାଉଚର, କେରଳ ଲଟେରି, ଲୋନ୍ ଦେବାକୁ କହି ଠକୁଥିଲେ। ଦେବାଶିଷ ଗ୍ରାଫିକ୍ସ ଡିଜାଇନର ହୋଇଥିବାବେଳେ ସେ ସ୍କ୍ରାଚ୍ କାର୍ଡ, ଗିଫ୍ଟ ଭାଉଚର, ଲକି କୁପନ, ଅଫର ଲେଟର ଓ ଫେସ୍‌ବୁକରେ ବିଜ୍ଞାପନ ଦେବା ପାଇଁ ଇମେଜ୍ ବନାଉଥିଲେ। ସେଥିରେ ସେ ହେଲ୍ପଲାଇନ୍ ନମ୍ବର ରଖି ଜାଲ ବିଛାଉଥିଲେ। ସାଇବର ଠକମାନେ ବସ୍ ଜରିଆରେ ଏହି ଲେଟରକୁ କୋଲକାତାକୁ ପଠାଉଥିଲେ। ଏଜେଣ୍ଟଙ୍କ ଦ୍ୱାରା ସ୍ପିଡ୍ ପୋଷ୍ଟ ଜରିଆରେ କୁପନ, ସ୍କ୍ରାଚ କାର୍ଡ, ଲକି ଡ୍ର କୁପନ ଆଦି ପଠାଇ ଲକ୍ଷାଧିକ ଟଙ୍କା ଓ ଗାଡ଼ି ଜିତିବାର ପ୍ରଲୋଭନ ଦେଖାଉଥିଲେ। ଗ୍ରାହକମାନେ ପୁରସ୍କାର ପାଇବା ପାଇଁ ହେଲ୍ପଲାଇନ୍ ନମ୍ବରକୁ କଲ୍ କଲେ ଠକମାନେ ୫ହଜାର ୫୦୦ ଟଙ୍କାରୁ ୧୨ ହଜାର ପର୍ଯ୍ୟନ୍ତ ବିଭିନ୍ନ ଫି ଦେବାକୁ କହି ଟଙ୍କା ନେଇ ଆସୁଥିଲେ। ସେହିପରି ଲୋନ୍ ଦେବାକୁ ଫେସ୍‌ବୁକରେ ବିଜ୍ଞାପନ ଦେଉଥିଲେ। କମ୍ ସୁଧରେ ବିଭିନ୍ନ ଫାଇନାନ୍ସିଆଲ କମ୍ପାନୀ ନାମରେ ଋଣ ଦେବାକୁ କହି ଲୋକମାନଙ୍କୁ ଫସାଉଥିଲେ। ଗ୍ରାହକମାନେ ଋଣ ନେବାକୁ ରାଜି ହେଲେ ବିଭିନ୍ନ ଫି ବାହାନାରେ ଟଙ୍କା ଲୁଟୁଥିଲେ। ଏଥିସହ ଅଭିଯୁକ୍ତମାନେ କେରଳ ଲଟେରି ନାଁରେ ଫେସବୁକ୍‌ରେ ବିଜ୍ଞାପନ ଦେଉଥିଲେ। ଗ୍ରାହକମାନେ ହେଲ୍ପଲାଇନ୍ ନମ୍ବରରେ ଯୋଗାଯୋଗ କରିବା ପରେ କଲ୍ ସେଣ୍ଟର ଜରିଆରେ ଠକମାନେ ବିଭିନ୍ନ ଫି ବାହାନାରେ ଟଙ୍କା ଠକିନେଉଥିଲେ।

**ରିମାଣ୍ଡରେ ଆସିବେ ୩ ମାଷ୍ଟରମାଇଣ୍ଡ**

ମାଷ୍ଟରମାଇଣ୍ଡ ଦେବାଶିଷ, ଅର୍ଜୁନ ଓ ପଙ୍କଜଙ୍କୁ ରିମାଣ୍ଡରେ ଆଣିବାକୁ ଯୋଜନା କରିଛି ପୋଲିସ। ଏମାନଙ୍କ ଲିଙ୍କ୍‌ରେ ଥିବା ଅନ୍ୟ ଏଜେଣ୍ଟମାନଙ୍କ ତଥ୍ୟ ମିଳିଲେ ର୍ୟାକେଟ୍‌ର ପୂରା ପର୍ଦ୍ଦାଫାଶ ହୋଇପାରିବ। ତେବେ ଅଭିଯୁକ୍ତମାନେ କିଭଳି ଓଡ଼ିଶା ଆସିଲେ, ଦେବାଶିଷଙ୍କ ସହ କିପରି ସମ୍ପର୍କ ହେଲା, ସେନେଇ ଜାଣିବାକୁ ପୋଲିସ ଅଧିକ ତଦନ୍ତ ଚଳାଇଛି। ଅଭିଯୁକ୍ତମାନଙ୍କୁ ପଚରାଉଚରା କଲେ ଅଧିକ ସୂଚନା ମିଳିପାରିବ ବୋଲି ପୋଲିସ କମିଶନର କହିଛନ୍ତି।

# ଏୟାରଗନ ଗୁଳିରେ ନାବାଳକ ଆହତ

**ଅଭିଯୁକ୍ତ ଗିରଫ, ଏୟାରଗନ୍ ଜବତ**



ସମ୍ବଲପୁର, ୧୧।୧ (ପ୍ରମୋଦ ବହିଦାର)

ସମ୍ବଲପୁର ସଦରଥାନା ଅନ୍ତର୍ଗତ ମିର୍ଗାମୁଣ୍ଡା ରାସନପୁର ଗ୍ରାମରେ ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏୟାରଗନ୍‌ରୁ ଗୁଳି ଫୁଟି ଜଣେ ନାବାଳକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ପ୍ରତାପ କିସାନ(୯)। ଏହି ଘଟଣାରେ ସଦରଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ରାସନପୁର ଗ୍ରାମର ଦିବ୍ୟାଂଶୁ ପୁରୋହିତ ଓରଫ ବିଟୁ(୨୫)। ତାଙ୍କ ନିକଟରୁ ପୋଲିସ ଗୁଳିଫୁଟିଥିବା ଏୟାରଗନ୍ ଓ କାର୍ଟ୍ରିଜକୁ ଜବତ କରିଛି। ଅଭିଯୁକ୍ତଙ୍କ ଘର ଯାଞ୍ଚ ବେଳେ ପୋଲିସ ବିପୁଳ ମାତ୍ରାରେ ଆଗ୍ନେୟାସ୍ତ୍ର ଆଦି ମାରଣାସ୍ତ୍ର ଜବତ କରିଥିବା ସୂଚନା ମିଳିଛି। ତେବେ ଗୁଳିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇନାହିଁ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ମିଳିଥିବା ସୂଚନା ଅନୁସାରେ, କୁଚିଣ୍ଡା କରଙ୍ଗାମାଲ ଗ୍ରାମର ମୂଳ ବାସିନ୍ଦା ଆହତ ନାବାଳକ ପ୍ରତାପଙ୍କ ପରିବାର ଗତ ୭ବର୍ଷ ହେଲା ମାନେଶ୍ୱର ଅଞ୍ଚଳରେ ଘରଭଡ଼ା ନେଇ ରହି ଆସୁଥିଲେ। ତାଙ୍କ ପିତା ଅନିରୁଦ୍ଧ କିଶାନ ଏଠାରେ ଗାଡ଼ି ଚାଳକଭାବେ କାର୍ଯ୍ୟ କରୁଥିଲେ। ରବିବାର ପୂର୍ବାହ୍ନରେ ନାବାଳକ ଜଣକ ତାଙ୍କ ଘର ଛାତରେ ଖେଳୁଥିଲେ। ଏହି ସମୟରେ ତାଙ୍କ ଘର ପାର୍ଶ୍ୱରେ ରହୁଥିବା ଘର ମାଲିକଙ୍କ ପୁଅ ବିଟୁ ଛାତ ଉପରୁ ଏୟାରଗନରୁ ଗୁଳି ଚାଳନା କରୁଥିଲେ। ଅସାବଧାନତା ଯୋଗୁ ତାଙ୍କ ଏୟାରଗନ୍‌ରୁ ଗୁଳିଫୁଟି ନାବାଳକଙ୍କ ବାମ ପାର୍ଶ୍ୱ କାଖ ତଳେ ବିଦ୍ଧ ହୋଇଥିଲା। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ବୁର୍ଲା ଭିମ୍ସାରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରି ପ୍ରତାପଙ୍କ ଶରୀରରେ ବିଦ୍ଧ ଗୁଳିକୁ ବାହାର କରାଯାଇଥିଲା। ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଗୁଳିକାଣ୍ଡ ପରେ ଫେରାର ହେବାକୁ ଉଦ୍ୟମ କରିବା ସମୟରେ ଅଭିଯୁକ୍ତ ଦିବ୍ୟାଂଶୁଙ୍କୁ ପୋଲିସ ହାତୀବାରି ନିକଟରୁ ଗିରଫ କରିଥିଲା।

# ଗଣ୍ଡଗୋଳରୁ ଛୁରାମାଡ଼

ଜଳେଶ୍ୱର, ୧୧।୧ (ନବୀନ ସାହୁ)

ବାଲେଶ୍ୱର ଜଳେଶ୍ୱର ଥାନା ଅଧୀନ ଜାତୀୟ ରାଜପଥର ନନ୍ଦିକା ବାଇପାସ୍ ନିକଟରେ ମୋବାଇଲରେ ଭିଡିଓ ଉତ୍ତୋଳନକୁ କେନ୍ଦ୍ର କରି ୨ ବ୍ୟବସାୟୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଗଣ୍ଡଗୋଳ ସମୟରେ ରାଜକିଶୋର ପାତ୍ର(୪୧)ଙ୍କୁ ଛୁରାମାଡ ହୋଇଥିବା ତାଙ୍କ ସ୍ତ୍ରୀ ସୁଜାତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରବିବାର ଅପରାହ୍ନ ସମୟରେ ଏହି ଘଟଣା ଘଟିଛି। ସୁଜାତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ଶନିବାର ଦୋକାନରୁ ଜିନିଷ ଆଣୁଥିବା ବେଳେ ତାଙ୍କ ପଡୋଶୀ ବ୍ୟବସାୟୀ ରାଜେଶ ପାତ୍ର ମୋବାଇଲରେ ଭିଡିଓ କରୁଥିଲେ। କାହିଁକି ଭିଡିଓ କରୁଛ ବୋଲି ରାଜକିଶୋର ପଚାରିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ରବିବାର ସକାଳେ ରାଜକିଶୋର ଓ ରାଜେଶଙ୍କ ମଧ୍ୟରେ ପୁଣି ଯୁକ୍ତିତର୍କ ହୋଇଥିଲା। ଏହାପରେ ରାଜେଶ ରାଜକିଶୋରଙ୍କୁ ମାଡି ବସିଥିବା ବେଳେ ଏହି ସମୟରେ ଉତ୍ତେଜିତ ହୋଇ ତାଙ୍କ ବାପା ଅଭି ଏକ ଛୁରିରେ ରାଜକିଶୋରଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ରାଜକିଶୋର ଗୁରୁତର ହୋଇଥିବାବେଳେ ତାଙ୍କୁ ପ୍ରଥମେ ଜଳେଶ୍ୱର ଜିକେଭଟ୍ଟର ହସ୍ପିଟାଲ ଓ ସେଠାରୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଜଳେଶ୍ୱର ପୋଲିସ ଅଭିଯୋଗ ପାଇବା ପରେ ଏକ ମାମଲା(ନଂ.୨୬/୨୬) ରୁଜୁ କରି ତଦନ୍ତ ଚଳାଇଛି।

# ୭୮ ଚୋରି ମାମଲାର ଅଭିଯୁକ୍ତ ନଣ୍ଡା ଗିରଫ

**ସହଯୋଗୀ ପାଳିତ ପୁଅ ମଧ୍ୟ ଜେଲ ଗଲେ**

ଭୁବନେଶ୍ୱର, ୧୧।୧ (ସତ୍ୟଜିତ ରାଉତ)

ଧଉଳି ଥାନା ପୋଲିସ ୭୮ ଚୋରି ମାମଲାର ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ସେ ହେଲେ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବେଗୁନିଆବସ୍ତା ଗ୍ରାମର ନିରଞ୍ଜନ ସ୍ୱାଇଁ ଓରଫ ନଣ୍ଡା (୪୯)। ନଣ୍ଡାଙ୍କ ସହଯୋଗୀ ତଥା ପାଳିତ ପୁଅ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ବନଫୁଲ ବସ୍ତିର ମୁନମୁନା ପ୍ରଧାନ (୨୬)ଙ୍କୁ ମଧ୍ୟ ପୋଲିସ ଗିରଫ କରିଛି। ପୋଲିସ ଅଭିଯୁକ୍ତଙ୍କଠାରୁ ଅଟୋ (ଓଡି୦୨ଡିବି୨୭୪୯), ଶାବଳ, ରୁପା ଚେନ, ୧୫ଟି ରୁପା କଏନ ଆଦି ଜବତ କରିଛି। ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନଣ୍ଡାଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ୭୮ଟି ଚୋରି ମାମଲା ରହିଛି। ଅଭିଯୋଗ ଅନୁଯାୟୀ, ବୁଧବାର-ଗୁରୁବାର ବିଳମ୍ବିତ ରାତିରେ ଧଉଳି ଥାନା ଅନ୍ତର୍ଗତ ପ୍ଲଟ ନଂ.୬୮/୧୫୫୨ସ୍ଥିତ ସନ୍ଧ୍ୟାରାଣୀ ପଟ୍ଟନାୟକଙ୍କ ଘରକୁ ନଣ୍ଡା ଟାର୍ଗେଟ୍ କରିଥିଲେ। ସନ୍ଧ୍ୟାରାଣୀ ତାଙ୍କ ପିଲାଙ୍କ ସହ ବେଡରୁମ୍‌ରେ ଶୋଇଥିବାବେଳେ ନଣ୍ଡା ଅନ୍ୟ ଏକ ବେଡରୁମ୍‌ର ଝରକା ତାଡ଼ି ଘରେ ପଶିଥିଲେ। ଉକ୍ତ ରୁମ୍‌ରୁ ୨୦ ହଜାର ଟଙ୍କା, ସୁନା ଚେନ୍, ସୁନା ମୁଦି, ରୁପା ଚେନ୍, ରୁପା କଏନ ଓ କିଛି ଏଟିଏମ୍ କାର୍ଡ ଚୋରି କରିନେଇଥିଲେ। ଏନେଇ ସନ୍ଧ୍ୟାରାଣୀଙ୍କ ଏତଲାକ୍ରମେ ଧଉଳି ପୋଲିସ ମାମଲା (ନଂ.୬/୨୦୨୬) ରୁଜୁ କରି ତଦନ୍ତ କରିଥିଲା। ସିସିଟିଭି ଫୁଟେଜ୍‌ରୁ ଏହା ନଣ୍ଡାଙ୍କ କାରନାମା ବୋଲି ଜଣାପଡ଼ିଥିଲା। ତେବେ ପରେ ପାଳିତ ପୁଅ ମୁନମୁନା ଚୋରି ଏବଂ ଚୋରି ସାମଗ୍ରୀ ବିକ୍ରି କରିବାରେ ସହଯୋଗ କରିଥିବା ଜଣାପଡ଼ିଥିଲା। ନଣ୍ଡା ଅନେକ ଥର ଜେଲ ଯାଇଥିଲେ ମଧ୍ୟ ଜାମିନରେ ଆସି ଚୋରି କରୁଥିଲେ।

# ବିଲ ମଝିରେ ଅଧାପୋତା ଗଳିତ ମୃତଦେହ

ଭଦ୍ରକ, ୧୧।୧ (ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାହାଞ୍ଜ ପଞ୍ଚାୟତର ଅସୁରା ଗ୍ରାମ ନିକଟ ବିଲ ମଝିରୁ ଏକ ଗଳିତ ମୃତଦେହ ରବିବାର ପୋଲିସ ଜବତ କରିଛି। ବିଲ ମଝିରେ ଥିବା ଦଳ ଭର୍ତ୍ତି ଖାଲରେ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏହି ଖବର ଜଣାପଡ଼ିବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। କେହି ଦୁର୍ବୃତ୍ତ ହତ୍ୟା କରି ମୃତଦେହକୁ ଏଠାରେ ପକାଇଥିବା ଏବଂ ଉକ୍ତ ସ୍ଥାନରେ ପାଣି ଥିବା ସହ ମାଟି ଓଦା ଥିବାରୁ ମୃତଦେହ ପଡ଼ିବା ପରେ ଅଧା ପୋତି ହୋଇଯାଇଥିବା ସନ୍ଦେହ କରାଯାଉଛି। ତେବେ ମୃତଦେହ ପ୍ରାୟ ଏକ ସପ୍ତାହ ତଳର ହେବ। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ହତ୍ୟା କିମ୍ବା ଅନ୍ୟ କିଛି ଘଟଣା ସ୍ପଷ୍ଟ ହେବ ବୋଲି ଗ୍ରାମାଞ୍ଚଳ ଥାନାଧିକାରୀ ନୀରଜ ସାମଲ କହିଛନ୍ତି।

## Business

# ଜାତୀୟ ଆୟରେ ୧୯.୭୩% ଯୋଗଦାନ ଦେଉଛି କୃଷି କ୍ଷେତ୍ର

**■୧୦ ବର୍ଷରେ ଚାଷୀଙ୍କ ଆୟ ୧୨୬% ବୃଦ୍ଧି**



ଭୁବନେଶ୍ୱର, ୧୧।୧ (ଅନୁରାଧା ମହାରଣା)

ଭାରତର କୃଷି କ୍ଷେତ୍ର ଜାତୀୟ ଆୟରେ ୧୯.୭୩% ଯୋଗଦାନ ଦେଉଛି। ଏଥିରେ ଦେଶର ମୋଟ ଶ୍ରମଶକ୍ତିର ୪୬% ଶ୍ରମିକ ନିୟୋଜିତ ରହିଛନ୍ତି ଏବଂ ଏମାନଙ୍କ ମଧ୍ୟରୁ ୬୪% ମହିଳା। ସମାବେଶୀ ବିକାଶ ସୁନିଶ୍ଚିତ କରିବା ଏବଂ ସବକା ବିକାଶର ଲକ୍ଷ୍ୟକୁ ସାକାର କରିବାରେ କୃଷି କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ପ୍ରଫେସର ରମେଶ ଚନ୍ଦଙ୍କ ଦ୍ୱାରା ଲିଖିତ ନୀତି ଆୟୋଗର ସଦ୍ୟତମ ରିପୋର୍ଟରେ କୁହାଯାଇଛି। ରିପୋର୍ଟ ମୁତାବକ ୨୦୧୪-୧୫ ମସିହା ପରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଜିଭିଏ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ୨୦୧୫-୧୬ରୁ ୨୦୨୪-୨୫ ମଧ୍ୟରେ କୃଷି କ୍ଷେତ୍ରରେ ବାର୍ଷିକ ଅଭିବୃଦ୍ଧି ହାର ଐତିହାସିକ ସର୍ବୋଚ୍ଚ ସ୍ତର ୪.୪୫% ରହିଛି । ଏହା ପ୍ରମୁଖ କୃଷି ପ୍ରାଧାନ୍ୟ ଦେଶଗୁଡ଼ିକ ମଧ୍ୟରେ ସର୍ବାଧିକ। ଭାରତର କୃଷି ଅଭିବୃଦ୍ଧି ୨୦୧୫-୨୦୨୪ ମଧ୍ୟରେ ୪.୪୨% ରହିଛି ଯାହା ଚାଇନାର ୪.୧୦%କୁ ଅତିକ୍ରମ କରିଛି। ମତ୍ସ୍ୟପାଳନ କ୍ଷେତ୍ରରେ ୯% ଅଭିବୃଦ୍ଧି ଦେଖିବାକୁ ମିଳିଛି, ଯାହା ଫସଲ କ୍ଷେତ୍ର ତୁଳନାରେ ୩ ଗୁଣ ଅଧିକ। ବନୀକରଣ କ୍ଷେତ୍ରରେ ୨୦୧୪-୧୫ ପରେ ୪% ବିକାଶ ଦେଖିବାକୁ ମିଳିଛି । ଫସଲ ମଧ୍ୟରେ ଗୋଖାଦ୍ୟ ଓ ଘାସ ୭.୩୯%, ମସଲା ୬.୭୨%, ଫଳ ୩.୬୮%, ଡାଲି ୩.୫୫%, ତୈଳବୀଜ ୨.୪୭% ଏବଂ ଶସ୍ୟ ୨.୩୬ %ବୃଦ୍ଧି ପାଇଛି। ୨୦୧୪-୧୫ରୁ ୨୦୨୩-୨୪ ମଧ୍ୟରେ ମୋଟ କୃଷି ଉତ୍ପାଦନରେ ଫସଲର ଅନୁପାତ ୬୩.୭୫%ରୁ ୫୪.୩୩%କୁ ହ୍ରାସ ପାଇଛି। ପ୍ରାଣୀସମ୍ପଦର ଅଂଶ ୭.୯୧% ଅଙ୍କ ବୃଦ୍ଧି ପାଇଥିବା ବେଳେ ମତ୍ସ୍ୟପାଳନ ଏବଂ ଜଳଜ ଜୀବ ପାଳନ ୨.୨୬%କୁ ବୃଦ୍ଧି ପାଇଛି। ସେହିପରି ଫସଲ କ୍ଷେତ୍ର ମଧ୍ୟରେ ଫଳର ଭାଗ ୧୬.୦୯%ରୁ ୧୯.୨୪%କୁ ବୃଦ୍ଧି ପାଇଛି। ମସଲାର ଭାଗ ୨ ଗୁଣ ଅର୍ଥାତ୍ ୩.୭୧%ରୁ ୭.୮୩%କୁ ବୃଦ୍ଧି ପାଇଛି। ୨୦୧୪-୧୫ରୁ ୨୦୨୩-୨୪ ମଧ୍ୟରେ କୃଷି ଉତ୍ପାଦକଙ୍କ ଆୟରେ ବାର୍ଷିକ ୧୦.୧୧% ବୃଦ୍ଧି ଦେଖିବାକୁ ମିଳିଛି, ଏହା ଉତ୍ପାଦନ ଏବଂ ମୋଟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧିଠାରୁ ଅଧିକ। ଚାଷୀଙ୍କ ଆୟ ଦଶ ବର୍ଷ ମଧ୍ୟରେ ୧୨୬% ବୃଦ୍ଧି ପାଇଛି । ୨୦୧୫-୧୬ରୁ ୨୦୨୨-୨୩ ମଧ୍ୟରେ ଉତ୍ପାଦକଙ୍କ ଆୟ ୧୦୮% ବଢ଼ିଛି। ୨୦୦୮-୦୯ରୁ ୨୦୨୦-୨୧ ମଧ୍ୟରେ କୃଷି ପାଇଁ ବାଣିଜ୍ୟ ସର୍ତ୍ତାବଳୀରେ ୪୧.୩% ପଏଣ୍ଟ ସୁଧାର ହୋଇଛି। ସେହିପରି ୨୦୧୧-୧୨ରୁ ୨୦୨୪-୨୫ କୃଷି କ୍ଷେତ୍ରରେ ପାଇକାରୀ ମୂଲ୍ୟ ସୂଚକାଙ୍କ ପ୍ରାୟ ୨ଗୁଣ ବୃଦ୍ଧି ପାଇଛି। ପାଇକାରୀ କୃଷି ମୂଲ୍ୟ ୧୩ ବର୍ଷ ମଧ୍ୟରେ ବାର୍ଷିକ ୨.୪% ବୃଦ୍ଧି ହାସଲ କରିଛି। ଦୁଗ୍ଧ ଉତ୍ପାଦନ ୨୦୧୪-୧୫ରେ ୧୪୬ ନିୟୁତ ଟନ୍‌ରୁ ୨୦୨୩-୨୪ରେ ୨୩୯ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି । ଫଳ ଏବଂ ପରିବା ଉତ୍ପାଦନ ୨୦୧୩-୧୪ରେ ୨୮୦.୭ ନିୟୁତ ଟନ୍‌ରୁ ୨୦୨୩-୨୪ରେ ୩୬୭.୭୨ ନିୟୁତ ଟନ୍‌କୁ ବୃଦ୍ଧି ପାଇଛି। ଭାରତ ବିଶ୍ୱର ସର୍ବବୃହତ ଦୁଗ୍ଧ ଉତ୍ପାଦନକାରୀ ଏବଂ ସର୍ବବୃହତ ଚାଉଳ ରପ୍ତାନିକାରୀ ପାଲଟିଛି ।

# ଭାରତ ମସଲାର ସର୍ବଭାରତୀୟ ସେଲ୍‌ସ କନ୍‌ଫରେନ୍ସ



ପୁରୀ, ୧୧।୧ (ଅଜିତ୍ କୁମାର ମହାନ୍ତି)

ଭାରତ ମସଲାର ସର୍ବଭାରତୀୟ ସେଲ୍‌ସ କନ୍‌ଫରେନ୍ସ ପୁରୀର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ରାଜ୍ୟରୁ ୪୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଭାରତ ମସଲାର ଚେୟାରମ୍ୟାନ ସୁରେନ୍ଦ୍ର ନାଥ ପଣ୍ଡା, ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ସିଂହ, ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ନର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଉପସଭାପତି ସୁନୀଲ କୌଶିକ, ଜେନେରାଲ ମ୍ୟାନେଜର(ଅପରେଶନ) ଅରୁଣ କୁମାର ନାୟକ, ଜେନେରାଲ ମ୍ୟାନେଜର (ଫାଇନାନ୍ସ) ଅଶ୍ୱିନୀ କୁମାର ଦାଶ, ପ୍ରଡକ୍ସନ ମ୍ୟାନେଜର ନବକୃଷ୍ଣ ପ୍ରଧାନ, ପ୍ୟାନ ଇଣ୍ଡିଆ ସିନିୟର ସେଲ୍‌ସ ମୁଖ୍ୟ ନୈନିତା ନୀଳିମା ଏବଂ ଏସ୍‌ଡିଏମ୍ ବିହାର ଜଗଦୀଶ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଭାରତ ମସଲାରେ ପ୍ରତିନିଧିମାନଙ୍କୁ ସେଲ୍‌ସ ବୃଦ୍ଧି, ଟାର୍ଗେଟ ପୂରଣ, ଗୁଣବତ୍ତା ବଜାୟ ରଖିବା ଏବଂ ଗ୍ରାହକଙ୍କ ବିଶ୍ୱାସ ଜିତିବା ନେଇ ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି, ଭାରତ ମସଲା ଦେଶର ଏକ ଅଗ୍ରଣୀ ମସଲା ବ୍ରାଣ୍ଡ୍ ଭାବେ ଗ୍ରାହକଙ୍କ ବିଶ୍ୱାସ ଜିତି ପାରିଛି। ଆଗାମୀ ଦିନରେ ଏହି ମସଲା କିଭଳି ଅଧିକ ଲୋକଙ୍କ ପାଖରେ ପହଞ୍ଚି ପାରିବ ଏବଂ ଅଧିକ ନୂତନ ନିଯୁକ୍ତି ସୃଷ୍ଟି ହୋଇପାରିବ ସେ ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ବର୍ଷ ୨୦୨୬ ପାଇଁ ଭାରତ ମସଲା ୯୦୦ କୋଟି ଟର୍ନ ଓଭରର ଟାର୍ଗେଟ ରଖିଛି। ଅନ୍ୟପଟେ ଦେଶର ପ୍ରାୟତଃ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭାରତ ମସଲା ପହଞ୍ଚିପାରିଛି । ବିଦେଶକୁ ମସଲା ରପ୍ତାନିରେ ମଧ୍ୟ ଭାରତ ମସଲା ଆଗରେ ରହିଛି ବୋଲି ପଣ୍ଡା କହିଥିଲେ। ସୂଚନାଥାଉକି, ୧୯୯୯ ମସିହାରେ କମ୍ପାନୀ କଟକର ଏକ ଗ୍ରାମରେ ଆରମ୍ଭ ହୋଇଥିଲା। ୧୦୦ ଜଣ କର୍ମଚାରୀଙ୍କୁ ନେଇ କମ୍ପାନୀ ଆରମ୍ଭ ହୋଇଥିଲା। ପରେ ବହୁ ବାଧାବିଘ୍ନ ଦେଇ ଦେଶବାସୀଙ୍କୁ ଉତ୍ପାଦ ଯୋଗାଇଚାଲିଥିଲା। ସମସ୍ତଙ୍କ ସହଯୋଗରେ କମ୍ପାନୀ ଆଗକୁ ଆହୁରି ଉନ୍ନତି କରିବ ବୋଲି କମ୍ପାନୀ ଆଶାବାଦୀ ଅଛି। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ରିଲାଏନ୍ସ ଫାଉଣ୍ଡେଶନ ଛାତ୍ରବୃତ୍ତି ପାଇବେ ଓଡ଼ିଶାର ୧୨୭ ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୧।୧ (ଅନୁରାଧା ମହାରଣା)

ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଏହାର ପ୍ରତିଷ୍ଠିତ ସ୍ନାତକ ଏବଂ ସ୍ନାତକୋତ୍ତର ଛାତ୍ରବୃତ୍ତିର ଫଳାଫଳ ଘୋଷଣା କରାଯାଇଛି। ଓଡ଼ିଶାର ୧୨୭ ଜଣ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଚଳିତ ବର୍ଷର ଏହି ଛାତ୍ରବୃତ୍ତି ପାଇଁ ମନୋନୀତ ହୋଇଛନ୍ତି। ଏହିବର୍ଷ ସାରା ଦେଶରୁ ୫,୦୦୦ ସ୍ନାତକ ଏବଂ ୧୦୦ ଜଣ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇଛି। ସ୍ନାତକ ଛାତ୍ରୀଛାତ୍ରମାନଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ପିଜି ଛାତ୍ରୀଛାତ୍ରମାନଙ୍କୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳିବ। ୨୦୨୨ରେ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀଙ୍କ ଦ୍ୱାରା କରାଯାଇଥିବା ଘୋଷଣାର ଏକ ଅଂଶ ହେଇଥିବାବେଳେ ୧୦ ବର୍ଷରେ ୫୦,୦୦୦ ଛାତ୍ରବୃତ୍ତି ପ୍ରଦାନ କରାଯିବ। ୨୦୨୫-୨୬ ବ୍ୟାଚ ପାଇଁ ସାରା ଦେଶରୁ ୧ ଲକ୍ଷ ୨୫ ହଜାରରୁ ଅଧିକ ଆବେଦନପତ୍ର ମଧ୍ୟରୁ ମନୋନୀତ ୫,୧୦୦ ଜଣ ୨୮ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଛନ୍ତି ଏବଂ ୧୫,୫୪୪ ଶିକ୍ଷାନୁଷ୍ଠାନର ପ୍ରତିନିଧିତ୍ୱ କରୁଛନ୍ତି। ୮୩% ଛାତ୍ରୀଛାତ୍ରଙ୍କ ପରିବାରର ବାର୍ଷିକ ଆୟ ଅଢେଇ ଲକ୍ଷ ଟଙ୍କାରୁ କମ୍ ରହିଛି। ୯୭% ସ୍ନାତକ ଛାତ୍ରୀଛାତ୍ର ଦ୍ୱାଦଶ ଶ୍ରେଣୀରେ ୯୦%ରୁ ଅଧିକ ନମ୍ବର ହାସଲ କରିଛନ୍ତି। ସ୍ନାତକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ୪୮% ଝିଅ ଏବଂ ୫୨%ପୁଅ ରହିଛନ୍ତି। ୧୪୬ ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ମଧ୍ୟ ଚୟନ କରାଯାଇଛି। ମନୋନୀତ ପିଜି ଛାତ୍ରୀଛାତ୍ର କୃତ୍ରିମ ବୁଦ୍ଧିମତ୍ତା, କମ୍ପ୍ୟୁଟର ବିଜ୍ଞାନ, ନବୀକରଣୀୟ ଶକ୍ତି ଏବଂ ଲାଇଫ ସାଇନ୍ସ ଭଳି ଭବିଷ୍ୟତମୁଖୀ କ୍ଷେତ୍ରଗୁଡ଼ିକରେ ଅଧ୍ୟୟନ କରୁଛନ୍ତି।

# ଫେବୃଆରୀରେ ୨ଦିନିଆ କ୍ଲିନ୍‌ଟେକ ଏକ୍ସପୋ

ଭୁବନେଶ୍ୱର, ୧୧।୧ (ଅନୁରାଧା ମହାରଣା)

ପୂର୍ବଭାରତର ସର୍ବବୃହତ କ୍ଲିନ୍‌ଟେକ୍ ଏକ୍ସପୋ ଓଡ଼ିଶାରେ ଅନୁଷ୍ଠିତ ହେବ। ଭୁବନେଶ୍ୱରରେ ଫେବୃଆରୀ ୨୦ ଓ ୨୧ରେ ହେବାକୁ ଥିବା ଏହି ଏକ୍ସପୋରେ ଅଷ୍ଟ୍ରେଲିଆ, ଜର୍ମାନୀ, ଫ୍ରାନ୍ସ, ୟୁଏସଏ ଭଳି ୨୦ରୁ ଅଧିକ ଦେଶର ୨୦୦ରୁ ଅଧିକ କମ୍ପାନୀ ଅଂଶଗ୍ରହଣ କରିବେ। ଗ୍ଲୋବାଲ କ୍ଲିନଟେକ ଏକ୍ସପୋ-ଓଡ଼ିଶାର ମୁଖ୍ୟ ପରାମର୍ଶଦାତା ଦେବୀ ପ୍ରସାଦ ଦାଶ କହିଛନ୍ତି, ଏହି କାର୍ଯ୍ୟକ୍ରମ ନୂତନ ଉଦ୍ଭାବନ, ଉତ୍ପାଦ ଲଞ୍ଚ ଓ ବ୍ୟବସାୟ ନେଟ୍‌ୱର୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ହେବ। ଏକ୍ସପୋରେ ଓଡ଼ିଶା ଓ ପଡୋଶୀ ରାଜ୍ୟଗୁଡିକରୁ ୧୦,୦୦୦ରୁ ଅଧିକ ବ୍ୟବସାୟ ପରିଦର୍ଶକଙ୍କ ସହିତ ୧୦୦୦ରୁ ଅଧିକ ବ୍ୟବସାୟ ପ୍ରତିନିଧି ଯୋଗଦେବେ। ଓଡ଼ିଶା କ୍ଲିନଟେକ ଆସୋସିଏଶନର ଅଧ୍ୟକ୍ଷ ପ୍ରଶାନ୍ତ ପାଣିଗ୍ରାହୀ କହିଛନ୍ତି, 'ଓଡ଼ିଶା ନିଜକୁ ଭାରତର କ୍ଲିନ ଏନର୍ଜି ପାୱାର ହାଉସ ଭାବେ ସ୍ଥାପିତ କରୁଛି ଏହି କାର୍ଯ୍ୟକ୍ରମ ନିକଟରେ ଲଞ୍ଚ ହୋଇଥିବା ଓସିଟିଏ ଦ୍ୱାରା ସମର୍ଥିତ।

# ଖଣି ଶିଳ୍ପ ଓଡ଼ିଶାର 'ମଦର ଇଣ୍ଡଷ୍ଟ୍ରି'

**୪ର୍ଥ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ଉଦ୍‌ଯାପିତ**



ଭୁବନେଶ୍ୱର, ୧୧।୧ (ଅନୁରାଧା ମହାରଣା)

ଓଡ଼ିଶାର ଭବିଷ୍ୟତ ସୁରକ୍ଷିତ ଅଛି ଏବଂ ରାଜ୍ୟ ବର୍ତ୍ତମାନ ଦ୍ରୁତ ଓ ସମାବେଶୀ ଉନ୍ନତି ପାଇଁ ତୀବ୍ର ଗତିରେ ଆଗକୁ ବଢୁଛି। ଖଣି ଶିଳ୍ପ ଓଡ଼ିଶାର 'ମଦର୍ ଇଣ୍ଡଷ୍ଟ୍ରି' ଭାବେ ଚାଲିଆସୁଥିବାରୁ ସରକାର ସ୍ଥାୟିତ୍ୱ ଓ ଦାୟିତ୍ୱପୂର୍ଣ୍ଣ ଉନ୍ନତିକୁ ଗୁରୁତ୍ୱ ଦେଇ ଏହି କ୍ଷେତ୍ରକୁ ସସ୍ଥାୟିତ୍ୱ ପ୍ରୋତ୍ସାହନ ଦେଉଛନ୍ତି। ଭୁବନେଶ୍ୱରର ବରମୁଣ୍ଡା ଗ୍ରାଉଣ୍ଡରେ ଚାଲିଥିବା ୪ ଦିନିଆ ୪ର୍ଥ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏପରି କହିଛନ୍ତି। ରବିବାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଆରମ୍ଭରେ ଫ୍ୟୁଚରେକ୍ସ ଗ୍ରୁପର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନ୍ୱେଷୀ ସ୍ୱାଗତ ଭାଷଣ ଦେଇଥିଲେ। କେସିସିର ପରିଚାଳନା ନିର୍ଦ୍ଦେଶକ ଏସ.ଆର. ସାମଲ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, ସବ୍ୟସାଚୀ ମିଶ୍ର, ନିର୍ଦ୍ଦେଶକ ନମିତ ଗୁପ୍ତା ଓ ଉପସ୍ଥିତ ଥିଲେ। ଆୟୋଜନ କମିଟି ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ ତାଙ୍କ ଅଭିଭାଷଣରେ କହିଥିଲେ ୩୦,୦୦୦ ବର୍ଗମିଟର ଅଞ୍ଚଳରେ ୨୫୦ରୁ ଅଧିକ ପ୍ରତିଭାଗୀ ଅଂଶଗ୍ରହଣ କରିଥିବା ଏହି ଏକ୍ସପୋ ବିଶ୍ୱସ୍ତରୀୟ ମାନଦଣ୍ଡ ସ୍ଥାପନ କରିଛି। ଆଇଆରଇଏର ସିଏମ୍ ଶାରଦା ଭୂଷଣ ମହାନ୍ତି ଓଡ଼ିଶାରେ ଦୀର୍ଘ ବର୍ଷର ଅନୁଭବ, ବିଶେଷକରି ବେଳାଭୂମି ବାଲୁକା ଖଣିଜ ଓ ରେୟାର ଆର୍ଥ ଖଣିଜ ଉତ୍ତୋଳନ କ୍ଷେତ୍ରରେ ତାଙ୍କର ଅଭିଜ୍ଞତା ଆଧାରରେ ସେ ରାଜ୍ୟରେ ରେୟାର ଆର୍ଥ ଖଣିଜର ବିଶାଳ ସମ୍ଭାବନା ଥିବା କହିଥିଲେ। ଦାୟିତ୍ୱପୂର୍ଣ୍ଣ ଭାବରେ ଖଣିଜ ଉତ୍ତୋଳନ କଲେ ଆଧୁନିକ ପ୍ରଯୁକ୍ତି, ସ୍ୱଚ୍ଛ ଶକ୍ତିକୁ ଆଗକୁ ନେବ, ରୋଜଗାର ସୃଷ୍ଟି ଓ ଓଡ଼ିଶାର ଅର୍ଥନୈତିକ ଉନ୍ନତିକୁ ବଡ଼ ଭାବରେ ସହାୟତା ମିଳିପାରିବ ବୋଲି ସେ କହିଥିଲେ। ଶିଳ୍ପପତି ଦୀପ୍ତିରଞ୍ଜନ ପଟ୍ଟନାୟକ କହିଥିଲେ, ବାସ୍ତବ ଉଦ୍ୟୋଗପତିତ୍ୱ ହେଉଛି ଲଗାତର ଶିଖିବା ଓ ଧୈର୍ଯ୍ୟର ସହିତ ଆଗକୁ ବଢ଼ିବା। ସେ '୫ ପି' ପ୍ରାର୍ଥନା, ପ୍ରୟାସ, ପ୍ରତୀକ୍ଷା, ପ୍ରେରଣା ଓ ପ୍ରତିଜ୍ଞା ଉପରେ ଗୁରୁତ୍ୱ ଦେଇ କହିଥିଲେ, ଇଣ୍ଟରନ୍ୟାଶନାଲ ମାଇନିଂ ଏକ୍ସପୋ ପରି ମଞ୍ଚଗୁଡ଼ିକ ନବୋନ୍ମେଷ, ସହଯୋଗ ଓ ଉଦ୍ୟୋଗପତିତ୍ୱର ଉତ୍କୃଷ୍ଟତାକୁ ବଢ଼ାଇଥାଏ। ମୁଖ୍ୟ ଅତିଥି ହେମନ୍ତ ଶର୍ମା କହିଛନ୍ତି, ଖଣି ଶିଳ୍ପ ଓଡ଼ିଶାର 'ମଦର୍ ଇଣ୍ଡଷ୍ଟ୍ରି' ଭାବେ ଚାଲିଆସୁଥିବାରୁ ସରକାର ସସ୍ଥାୟିତ୍ୱ ଓ ଦାୟିତ୍ୱପୂର୍ଣ୍ଣ ଉନ୍ନତିକୁ ଗୁରୁତ୍ୱ ଦେଇ ଏହି କ୍ଷେତ୍ରକୁ ଭଲଭାବେ ପ୍ରୋତ୍ସାହନ ଦେଉଛନ୍ତି। ଏହି ଏକ୍ସପୋ ଖଣି ଓ ଇନ୍‌ଫ୍ରାଷ୍ଟ୍ରକ୍ଚର ମାଧ୍ୟମରେ ରୋଜଗାର ସୃଷ୍ଟିର ଏକ ବଡ଼ ଦୃଷ୍ଟିକୋଣକୁ ପ୍ରତିବିମ୍ବିତ କରୁଛି ଏବଂ ଗତ ୧୫ ମାସ ମଧ୍ୟରେ ଅନେକ ରେୟାର ଆର୍ଥ ଶିଳ୍ପସଂସ୍ଥା ଓଡ଼ିଶା ଆସିଥିବାରୁ ରାଜ୍ୟର ଶିଳ୍ପ ଭବିଷ୍ୟତ ପାଇଁ ଏହା ଏକ ସକାରାତ୍ମକ ସଙ୍କେତ ବୋଲି ସେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପ ଓ ସମାଜ ପାଇଁ ଅବଦାନ ଥିବା ଲୁମିନସ ଇନ୍‌ଫୋର ଏମ ଜୟଶ୍ରୀ ମହାନ୍ତି, ରୋଟାରୀ କ୍ଲବର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ନର ଯଜ୍ଞାଶିଷ ମହାପାତ୍ର, ଆୟୋଜନ କମିଟି ଉପାଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି, କେସିସିର ପରିଚାଳନା ନିର୍ଦ୍ଦେଶକ ଏସ.ଆର. ସାମଲ ଓ ଅନ୍ୟମାନେ ଥିଲେ।

ଓଡ଼ିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ

## (ଶିଳ୍ପ ସମ୍ପର୍କିତ ପ୍ରକଳ୍ପ)

## ଅଧିସୂଚନା

ନମ୍ବର: ୧୮୧୯୨ — ତାରିଖ: ୦୧।୧୨।୨୦୨୫

No. III-15: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ **ଢେଙ୍କାନାଳ ଜିଲ୍ଲାର ଏମ୍.ଏସ୍ ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ। ନିର୍ମାଣ ନିମନ୍ତେ ମୌଜା: ଝାଡ଼ବନ୍ଧ, ଥାନା: ବାଲିମି ନଂ. ୨୯, ତହସିଲ: ହିନ୍ଦୋଳ, ଜିଲ୍ଲା: ଢେଙ୍କାନାଳ**ରେ ନିମ୍ନ ତଫସିଲ ମତେ ପ୍ରାୟ ଏ.**115.4900** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ଏମ୍.ଏସ୍. ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: IDCO (ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ)

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ: For Installation and Expansion of M/s. Rungta Mines Ltd., Dhenkanal Steel Plant of Phase-II, ଏମ୍.ଏସ୍. ରୁଙ୍ଗଟା ମାଇନ୍ସ ଲିମିଟେଡ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ: ଏଥି ସହିତ ସଂଲଗ୍ନ କରାଯାଇଛି।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାକଙ୍କ ବିବରଣୀ: ଉପ-ଜିଲ୍ଲାପାଳ, ହିନ୍ଦୋଳ

୬. ଜମିର ବିବରଣୀ: ଏଥି ସହିତ ଜମି ସଂଲଗ୍ନ କରାଯାଇଛି।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଏମ୍.ଏସ୍. ରୁଙ୍ଗଟା ମାଇନ୍ସ ଲିମିଟେଡ୍ ଦ୍ୱାରା ୨.୮୫ ଏମଟିପିଏ ଇଣ୍ଟିଗ୍ରେଟେଡ୍ ଷ୍ଟିଲ ପ୍ଲାଣ୍ଟ ପ୍ରକଳ୍ପର ସମ୍ପ୍ରସାରଣ, ଢେଙ୍କାନାଳ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଢେଙ୍କାନାଳ**

| ୫୯୯ | ବସନ୍ତ କୁମାର ନାୟକ, ପି.: ଉଦ୍ଧବ ନାୟକ, ଜା: ଚଷା, ବା: ଝାଡ଼ବନ୍ଧ | ୫୫୧ | ୧୬୫୨/ ୪୮୩୮ | ଶାରଦ-୨ | ୦.୧୦୦ | ୦.୧୦୦ | |
| ୬୦୦ | | ୫୫୧ | ୧୬୬୯/ ୪୮୩୯ | ଶାରଦ-୨ | ୦.୬୦୦ | ୦.୬୦୦ | |
| ୬୦୧ | ଆବୁଆ ସାହୁ, ପି.: ଦୀନବନ୍ଧୁ ସାହୁ, ଜା: ଚଷା, ବା: ଝାଡ଼ବନ୍ଧ | ୫୬୫ | ୧୭୮୬/ ୪୭୫୪ | ଶାରଦ-୧ | ୦.୩୬୦ | ୦.୩୬୦ | |
| ୬୦୨ | ବିଦ୍ୟାଧର ସାହୁ, ପି.: ଲକ୍ଷ୍ମୀଧର ସାହୁ, ଜା: ଚଷା, ବା: ଝାଡ଼ବନ୍ଧ | ୫୭୦ | ୧୬୪୯ | ଶାରଦ-୨ | ୦.୩୮୦ | ୦.୩୮୦ | |
| ୬୦୩ | ହେମନ୍ତ କୁମାର ସାହୁ, ପି.: ଧନେଶ୍ୱର ସାହୁ, ଜା: ଚଷା, ବା: ନିଜଗାଁ | ୫୮୬ | ୧୪୫୩ | ଶାରଦ-୧ | ୦.୦୬୦ | ୦.୦୬୦ | |
| ୬୦୪ | ସୁଜନ ସାହୁ, ପି.: ଅରକ୍ଷିତ ସାହୁ, ଜା: ଚଷା, ବା: ନିଜଗାଁ | ୫୯୧ | ୧୩୧୨ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୬୦୫ | | ୫୯୧ | ୧୩୩୪ | ଶାରଦ-୩ | ୦.୦୯୦ | ୦.୦୯୦ | |
| ୬୦୬ | ନିର୍ମଳା ସାହୁ, ମଳୟ ସାହୁ, ବିନୟ ସାହୁ, ପି.: ଗୁଣ ସାହୁ, ଜା: ଚଷା, ବା: ନିଜଗାଁ | ୫୯୨ | ୧୨୬୧ | ଶାରଦ ଦୋଫସଲି-୨ | ୦.୦୭୦ | ୦.୦୭୦ | |
| ୬୦୭ | ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ପି.: କପିଳେଶ୍ୱର ପ୍ରଧାନ, ଜା: ଚଷା, ବା: ଲାଙ୍ଗିଯୋଡ଼ା, ଥା: ତାଳଚେର | ୬୧୦ | ୧୫୨୨ | ଶାରଦ-୧ | ୦.୨୨୦ | ୦.୨୨୦ | |
| ୬୦୮ | ଲିନା ନାୟକ, ସ୍ୱା.: ସଞ୍ଜିବ କୁମାର ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ | ୬୪୨ | ୧୭୪୧ | ଶାରଦ-୩ | ୦.୦୩୦ | ୦.୦୩୦ | |
| ୬୦୯ | | ୬୪୨ | ୧୭୫୩/ ୪୪୮୩ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୬୧୦ | ଗୋକୁଳାନନ୍ଦ ସାହୁ, ଅପର୍ତି ସାହୁ, ହରିହର ସାହୁ, ପି.: ଭାବଗ୍ରାହୀ ସାହୁ, ଜା: ଚଷା, ବା: ନିଜଗାଁ | ୬୫୬ | ୧୫୫୫ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୬୧୧ | | ୬୫୬ | ୧୫୬୦ | ଶାରଦ-୩ | ୦.୧୬୦ | ୦.୧୬୦ | |
| ୬୧୨ | | ୬୫୬ | ୧୫୬୪ | ଶାରଦ-୩ | ୦.୧୩୦ | ୦.୧୩୦ | |
| ୬୧୩ | | ୬୫୬ | ୧୪୫୦/ ୪୮୬୦ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୬୧୪ | | ୬୫୬ | ୧୫୫୦/ ୪୮୫୮ | ଶାରଦ-୨ | ୦.୦୮୫ | ୦.୦୮୫ | |
| ୬୧୫ | | ୬୫୬ | ୧୫୫୪/ ୪୮୫୯ | ଶାରଦ-୨ | ୦.୧୬୫ | ୦.୧୬୫ | |
| ୬୧୬ | ପ୍ରଫୁଲ୍ଲ ବେହେରା, ଜ୍ଞାନ ରଞ୍ଜନ ବେହେରା, ରଶ୍ମିତା ବେହେରା, ମମତା ବେହେରା, ପି.: ହରିହର ବେହେରା, ଚମ୍ପାବତୀ ବେହେରା, ସ୍ୱା.: ହରିହର ବେହେରା, ନରୋତ୍ତମ ବେହେରା, ପି.: ମଙ୍ଗୁଳି ବେହେରା, ଜା: ଚଷା, ବା: ନିଜଗାଁ | ୬୫୮ | ୧୬୮୬ | ଶାରଦ-୩ | ୦.୦୩୦ | ୦.୦୩୦ | |
| ୬୧୭ | | ୬୫୮ | ୧୬୬୩/ ୪୮୬୫ | ଶାରଦ-୩ | ୦.୧୨୦ | ୦.୧୨୦ | |
| ୬୧୮ | | ୬୫୮ | ୧୬୭୬/ ୪୮୬୧ | ଶାରଦ-୩ | ୦.୩୧୦ | ୦.୩୧୦ | |
| ୬୧୯ | | ୬୫୮ | ୧୬୮୮/ ୪୮୬୪ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୬୨୦ | ଧୁଳେଶ୍ୱର ସାହୁ, ପି.: ବିକ୍ରମ ସାହୁ, ଜା: ଚଷା, ବା: ନିଜଗାଁ | ୬୭୫ | ୧୮୨୫ | ଶାରଦ-୨ | ୦.୦୬୦ | ୦.୦୬୦ | |
| ୬୨୧ | | ୬୭୫ | ୧୮୨୬ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୬୨୨ | | ୬୭୫ | ୧୮୨୭ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୬୨୩ | ରଥି ସାହୁ, ପି.: ପୁନିଆ ସାହୁ, ଜା: ଚଷା, ବା: ନିଜଗାଁ | ୬୭୯ | ୧୫୩୬ | ଶାରଦ-୧ | ୦.୧୩୦ | ୦.୧୩୦ | |
| ୬୨୪ | ବସନ୍ତ କୁମାର ନାୟକ, ପି.: ଉଦ୍ଧବ ନାୟକ, ଜା: ଚଷା, ବା: ନିଜଗାଁ | ୬୮୦ | ୧୫୪୫ | ଶାରଦ-୩ | ୦.୧୧୦ | ୦.୧୧୦ | |
| ୬୨୫ | | ୬୮୦ | ୧୬୭୧ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୬୨୬ | ଭାଗୀରଥି ସାହୁ, ପି.: ଦୀନବନ୍ଧୁ ସାହୁ, ଜା: ତନ୍ତି, ବା: ଅସରତା | ୬୯୮ | ୧୨୭୯ | ଶାରଦ ଦୋଫସଲି-୨ | ୦.୦୧୦ | ୦.୦୧୦ | |
| ୬୨୭ | | ୬୯୮ | ୧୫୦୭ | ତଇଲା-୧ | ୦.୧୧୦ | ୦.୧୧୦ | |
| ୬୨୮ | ଚନ୍ଦ୍ରଶେଖର ପ୍ରଧାନ, ସମୀର କୁମାର ପ୍ରଧାନ, ଶିଶିର କୁମାର ପ୍ରଧାନ, ଶୁଶିଳ କୁମାର ପ୍ରଧାନ, ଶ୍ରୀକୃଷ୍ଣ ପ୍ରଧାନ, ବାସନ୍ତି ପ୍ରଧାନ, ଜୟନ୍ତି ପ୍ରଧାନ, ଅବନ୍ତି ପ୍ରଧାନ, ପି.: ତ୍ରିଲୋଚନ ପ୍ରଧାନ, ଜା: ଚଷା, ବା: ଖଲିବେରଣା | ୭୦୦ | ୧୩୩୮ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୬୨୯ | ଦୁଷ୍ମନ୍ତ କୁମାର ଦାସ, ପି.: ପଙ୍କଜ କୁମାର ଦାସ, ତିଳୋତ୍ତମା ଦାସ, ସ୍ୱା.: ଦୁଷ୍ମନ୍ତ କୁମାର ଦାସ, ଜା: ବୈଷ୍ଣବ, ବା: ମଞ୍ଜରିପଡ଼ା, ଥା: ଗନ୍ଦିଆଁ | ୭୦୭ | ୧୬୬୧ | ଶାରଦ-୩/୩ | ୦.୨୦୦ | ୦.୨୦୦ | |
| ୬୩୦ | ଗୁଣ ସାହୁ, ପି.: ଉଦୟନାଥ ସାହୁ, ଜା: ଚଷା, ବା: ନିଜଗାଁ | ୭୧୫ | ୧୨୪୬ | ଶାରଦ ଦୋଫସଲି-୨ | ୦.୦୪୦ | ୦.୦୪୦ | |
| ୬୩୧ | | ୭୧୫ | ୧୩୬୬ | ଶାରଦ-୧ | ୦.୧୬୦ | ୦.୧୬୦ | |
| ୬୩୨ | | ୭୧୫ | ୧୩୬୭ | ଶାରଦ-୧ | ୦.୩୯୦ | ୦.୩୯୦ | |
| ୬୩୩ | | ୭୧୫ | ୧୩୭୦ | ଶାରଦ-୧ | ୦.୦୪୦ | ୦.୦୪୦ | |
| ୬୩୪ | | ୭୧୫ | ୧୩୭୧ | ଶାରଦ-୧ | ୦.୦୪୦ | ୦.୦୪୦ | |
| ୬୩୫ | | ୭୧୫ | ୧୭୦୮ | ଶାରଦ-୧ | ୦.୦୫୦ | ୦.୦୫୦ | |
| ୬୩୬ | | ୭୧୫ | ୧୭୦୯ | ଶାରଦ-୧ | ୦.୦୪୦ | ୦.୦୪୦ | |
| ୬୩୭ | | ୭୧୫ | ୧୭୨୩ | ଶାରଦ-୧ | ୦.୨୩୦ | ୦.୨୩୦ | |
| ୬୩୮ | | ୭୧୫ | ୧୭୩୧ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୬୩୯ | | ୭୧୫ | ୧୮୦୩ | ଶାରଦ-୩ | ୦.୦୩୦ | ୦.୦୩୦ | |
| ୬୪୦ | | ୭୧୫ | ୧୩୬୬/ ୪୪୭୭ | ଶାରଦ-୧ | ୦.୩୨୦ | ୦.୩୨୦ | |
| ୬୪୧ | | ୭୧୫ | ୧୮୦୨/ ୪୯୭୭ | ଶାରଦ-୩ | ୦.୦୯୦ | ୦.୦୯୦ | |
| ୬୪୨ | ଅନ୍ତର୍ଯ୍ୟାମୀ ସାହୁ, ସହଦେବ ସାହୁ, ସର୍ବେଶ୍ୱର ସାହୁ, ପି.: ଗୌରାଙ୍ଗ ସାହୁ, ଜା: ଚଷା, ବା: ନିଜଗାଁ | ୭୩୧ | ୧୬୯୫ | ଶାରଦ-୨ | ୦.୧୪୦ | ୦.୧୪୦ | |
| ୬୪୩ | | ୭୩୧ | ୧୬୯୭ | ଶାରଦ-୩ | ୦.୦୮୦ | ୦.୦୮୦ | |
| ୬୪୪ | ବସନ୍ତ ସାହୁ, ପି.: ବଂଶୀଧର ସାହୁ, ଜା: ତନ୍ତି, ବା: ଝାଡ଼ବନ୍ଧ | ୭୩୪ | ୧୫୧୭ | ଶାରଦ-୧ | ୦.୩୫୦ | ୦.୩୫୦ | |
| ୬୪୫ | ରାକେଶ କୁମାର ନାୟକ, ପି.: ବସନ୍ତ କୁମାର ନାୟକ, ଜା: ଚଷା, ବା: ନିଜଗାଁ | ୭୫୯ | ୧୩୨୬/ ୪୯୪୯ | ଶାରଦ-୨ | ୦.୦୪୦ | ୦.୦୪୦ | |
| ୬୪୬ | | ୭୫୯ | ୧୭୫୯/ ୪୯୪୭ | ଶାରଦ-୩ | ୦.୦୭୦ | ୦.୦୭୦ | |
| ୬୪୭ | ସମୀର କୁମାର ବିଶ୍ୱାଳ, ପି.: କୀର୍ତ୍ତନ ବିଶ୍ୱାଳ, ଜା: ଚଷା, ବା: ନିଜଗାଁ | ୭୬୨ | ୧୨୬୬/ ୪୯୫୭ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୬୪୮ | ବିଭୀଷଣ ସାହୁ, ପି.: ବୁଦ୍ଧିଆ ସାହୁ, ଜା: ଚଷା, ବା: ନିଜଗାଁ | ୭୭୦ | ୧୪୭୨/ ୪୯୭୨ | ଶାରଦ-୩ | ୦.୦୭୫ | ୦.୦୭୫ | |
| ୬୪୯ | ଅବନିକାନ୍ତ ଦେହୁରି, ପି.: ଘନଶ୍ୟାମ ଦେହୁରି, ଜା: ଚଷା, ବା: ନିଜଗାଁ | ୭୮୦ | ୧୨୬୭ | ଶାରଦ ଦୋଫସଲି-୨ | ୦.୧୦୦ | ୦.୧୦୦ | |
| ୬୫୦ | ଶାନ୍ତି ବେହେରା, ସ୍ୱା.: ବାବୁଲି ବେହେରା, ଜା: ଚଷା, ବା: ନିଜଗାଁ | ୭୮୪ | ୧୫୯୪ | ଶାରଦ-୩ | ୦.୧୪୦ | ୦.୧୪୦ | |
| ୬୫୧ | କାର୍ତ୍ତିକ ସାହୁ, ପି.: ନରହରି ସାହୁ, ଜା: ତନ୍ତି, ବା: ନିଜଗାଁ | ୨୫୮/ ୬୩୯ | ୧୫୦୫ | ତଇଲା-୧ | ୦.୧୧୦ | ୦.୧୧୦ | |
| ୬୫୨ | | ୨୫୮/ ୬୩୯ | ୧୫୯୯ | ତଇଲା-୨ | ୦.୦୭୦ | ୦.୦୭୦ | |
| ୬୫୩ | ଦେବରାଜ ସ୍ୱାଇଁ, ପି.: ଗଣପତି ସ୍ୱାଇଁ, ଜା: ଚଷା, ବା: ନିଜଗାଁ | ୩୨୬/ ୧ | ୧୭୨୭ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୬୫୪ | ଶିଶିର ସାହୁ, ପି.: ବିକ୍ରମ ସାହୁ, ଜା: ଚଷା, ବା: ଝାଡ଼ବନ୍ଧ, ଥା: ବାଲିମି, ଜି.: ଢେଙ୍କାନାଳ | ୩୨୬/ ୧୦୨ | ୧୩୭୨/ ୫୧୬୩ | ଶାରଦ-୧ | ୦.୩୪୫ | ୦.୩୪୫ | |
| ୬୫୫ | ଜମ୍ମେଶ୍ୱର ନାୟକ, ପି.: ପ୍ରାଣବନ୍ଧୁ ନାୟକ, ଜା: ଚଷା, ବା: ଝାଡ଼ବନ୍ଧ | ୩୨୬/ ୧୧୩ | ୧୬୫୯/ ୫୨୦୯ | ଶାରଦ-୨ | ୦.୦୭୭ | ୦.୦୭୭ | |
| ୬୫୬ | ଦିବାକର ନାୟକ, ପି.: ପ୍ରାଣବନ୍ଧୁ ନାୟକ, ଜା: ଚଷା, ବା: ଝାଡ଼ବନ୍ଧ | ୩୨୬/ ୧୧୪ | ୧୬୫୯/ ୫୨୨୭ | ଶାରଦ-୨ | ୦.୦୭୮ | ୦.୦୭୮ | |
| ୬୫୭ | ଉଦୟ ନାୟକ, ପି.: ପ୍ରାଣବନ୍ଧୁ ନାୟକ, ଜା: ଚଷା, ବା: ଝାଡ଼ବନ୍ଧ | ୩୨୬/ ୧୧୫ | ୧୨୬୬ | ଶାରଦ-୨ | ୦.୦୮୦ | ୦.୦୮୦ | |
| ୬୫୮ | | ୩୨୬/ ୧୧୫ | ୧୨୯୭ | ଶାରଦ-୨ | ୦.୦୭୦ | ୦.୦୭୦ | |
| ୬୫୯ | | ୩୨୬/ ୧୧୫ | ୧୬୫୩ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୬୬୦ | | ୩୨୬/ ୧୧୫ | ୧୬୫୯ | ଶାରଦ-୨ | ୦.୦୩୫ | ୦.୦୩୫ | |
| ୬୬୧ | ଗୋପବନ୍ଧୁ ସାହୁ, ପି.: ଗୁରୁବାରିଆ ସାହୁ, ଜା: ଚଷା, ବା: ଝାଡ଼ବନ୍ଧ | ୩୨୬/ ୧୨୬ | ୧୨୬୩ | ଶାରଦ ଦୋଫସଲି-୨ | ୦.୦୯୦ | ୦.୦୯୦ | |
| ୬୬୨ | | ୩୨୬/ ୧୨୬ | ୧୩୦୬ | ଶାରଦ-୨ | ୦.୧୫୦ | ୦.୧୫୦ | |
| ୬୬୩ | | ୩୨୬/ ୧୨୬ | ୧୬୧୪ | ତଇଲା-୧ | ୦.୨୯୦ | ୦.୨୯୦ | |
| ୬୬୪ | ଓମ୍ ପ୍ରସାଦ ସାହୁ, ପି.: ରୋହିତ କୁମାର ସାହୁ, ଜା: ଚଷା, ବା: ଝାଡ଼ବନ୍ଧ, ଥା: ବାଲିମି, ଜି.: ଢେଙ୍କାନାଳ | ୩୨୬/ ୧୩୧ | ୨୯୩୬ | ତଇଲା-୨ | ୦.୦୬୦ | ୦.୦୬୦ | |
| ୬୬୫ | ଟୁନା ବେହେରା, ପି.: ଶିବରାମ ବେହେରା, ଜା: ତଆଁଳା, ବା: ଗାଲପଡ଼ା | ୩୨୬/ ୨ | ୨୭୭୨ | ଶାରଦ-୨ | ୦.୦୨୦ | ୦.୦୨୦ | |
| ୬୬୬ | | ୩୨୬/ ୨ | ୨୯୨୯ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୬୬୭ | ବିମଳ କୁମାର ବିଶ୍ୱାଳ, ପି.: ନାରାୟଣ ବିଶ୍ୱାଳ, ଜା: ଚଷା, ବା: ନିଜଗାଁ | ୩୨୬/ ୨୪ | ୧୪୦୯ | ଶାରଦ-୨ | ୦.୧୪୦ | ୦.୧୪୦ | |
| ୬୬୮ | ଚତୁରି ନାୟକ, ସ୍ୱା.: ଦଇତାରି ନାୟକ, ସଞ୍ଜୟ ନାୟକ, ମୁଳିଆ ନାୟକ, ତୁଆଣି ନାୟକ, ପି.: ଦଇତାରି ନାୟକ, ଜା: ଚଷା, ବା: ନିଜଗାଁ | ୩୨୬/ ୨୬ | ୧୩୪୬/ ୫୦୧୬ | ତଇଲା-୨ | ୦.୦୩୭୫ | ୦.୦୩୭୫ | |
| ୬୬୯ | ପଦିଆ ନାୟକ, ପି.: ଇନ୍ଦ୍ର ନାୟକ, ଜା: ଚଷା, ବା: ନିଜଗାଁ | ୩୨୬/ ୨୭ | ୧୩୪୬/ ୫୦୩୫ | ତଇଲା-୨ | ୦.୦୩୭୫ | ୦.୦୩୭୫ | |
| ୬୭୦ | କାଳିଆ ନାୟକ, ପି.: ଇନ୍ଦ୍ର ନାୟକ, ଜା: ଚଷା, ବା: ନିଜଗାଁ | ୩୨୬/ ୨୮ | ୧୩୪୬/ ୫୦୫୭ | ତଇଲା-୨ | ୦.୦୩୭୫ | ୦.୦୩୭୫ | |
| ୬୭୧ | କନ୍ଦିଆ ନାୟକ, ପି.: ଇନ୍ଦ୍ର ନାୟକ, ଜା: ଚଷା, ବା: ନିଜଗାଁ | ୩୨୬/ ୨୯ | ୧୩୪୬ | ତଇଲା-୨ | ୦.୦୩୭୫ | ୦.୦୩୭୫ | |
| ୬୭୨ | | ୩୨୬/ ୨୯ | ୧୪୧୩ | ଶାରଦ-୩ | ୦.୦୪୫ | ୦.୦୪୫ | |
| ୬୭୩ | | ୩୨୬/ ୨୯ | ୧୬୫୫ | ଶାରଦ-୨ | ୦.୦୨୫ | ୦.୦୨୫ | |
| ୬୭୪ | | ୩୨୬/ ୨୯ | ୧୬୫୭ | ଶାରଦ-୨ | ୦.୦୨୫ | ୦.୦୨୫ | |
| ୬୭୫ | ଦୁଷ୍ମନ୍ତ କୁମାର ମହାପାତ୍ର, ପି.: ସୁରେଶ ଚନ୍ଦ୍ର ମହାପାତ୍ର, ଜା: | ୩୨୬/ ୩ | ୧୪୮୮/ ୪୬୭୨ | ଘରବାରୀ | ୦.୨୦୦ | ୦.୨୦୦ | |
| ୬୭୬ | ବଢ଼େଇ, ବା: କୋଠାଲୁ, କୃଷ୍ଣ ଚନ୍ଦ୍ର ମହାରଣା, ପି.: ଉଦୟ ମହାରଣା, ଜା: ବଢ଼େଇ, ବା: ଅଙ୍କରାନ୍ତିପୁର | ୩୨୬/ ୩ | ୧୪୮୮/ ୪୬୭୨/ ୫୧୫୪ | ଘରବାରୀ | ୦.୨୦୦ | ୦.୨୦୦ | |
| ୬୭୭ | କୃଷ୍ଣ ଚନ୍ଦ୍ର ମହାରଣା, ପି.: ଉଦୟନାଥ ମହାରଣା, ଜା: ବଢ଼େଇ, ବା: ଅଙ୍କରାନ୍ତିପୁର, ଥା: ସଦର, ଜି.: ଢେଙ୍କାନାଳ | ୩୨୬/ ୪୯ | ୧୪୮୭ | ତଇଲା-୨ | ୦.୨୬୫ | ୦.୨୬୫ | |
| ୬୭୮ | ମାନସ ରଞ୍ଜନ ସାହୁ, ପି.: ଗୌତମ ସାହୁ, ଜା: ତନ୍ତି, ବା: ସାନ୍ତରାପୁର, ଥା: ବଅାଁରପାଳ, ଜି.: ଅନୁଗୁଳ | ୩୨୬/ ୫ | ୧୫୨୭ | ଶାରଦ-୧ | ୦.୩୩୦ | ୦.୩୩୦ | |
| ୬୭୯ | ରବି ନାରାୟଣ ସାହୁ, ପି.: ମହାଦେବ ସାହୁ, ଜା: ଚଷା, ବା: ଝାଡ଼ବନ୍ଧ | ୩୨୬/ ୫୭ | ୨୭୪୯/ ୫୦୭୫ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୬୮୦ | ସୁଦର୍ଶନ ସାହୁ, ପୁରନ୍ଦର ସାହୁ, ପି.: ସଂଖାଳି ସାହୁ, ଜା: ଚଷା, ବା: ନିଜଗାଁ | ୩୨୬/ ୬୦ | ୧୮୦୧/ ୫୦୮୭ | ଶାରଦ-୩ | ୦.୦୪୦ | ୦.୦୪୦ | |
| ୬୮୧ | ଅଖିଳ ସାହୁ, ପି.: କୁଳମଣି ସାହୁ, ଜା: ଚଷା, ବା: ନିଜଗାଁ, ସୁଭଦ୍ରା ସାହୁ, ସ୍ୱା.: ଅଖିଳ ସାହୁ, ଜା: ଚଷା, ବା: ନିଜଗାଁ | ୩୨୬/ ୬୨ | ୧୪୨୦ | ଶାରଦ-୨ | ୦.୧୪୦ | ୦.୧୪୦ | |
| ୬୮୨ | | ୩୨୬/ ୬୨ | ୧୪୨୧ | ତଇଲା-୨ | ୦.୦୩୦ | ୦.୦୩୦ | |
| ୬୮୩ | ସତ୍ୟାନନ୍ଦ ସାହୁ, ପି.: ମୁରାରି ସାହୁ, ଜା: ଚଷା, ବା: ନିଜଗାଁ | ୩୨୬/ ୬୩ | ୧୩୮୨ | ଶାରଦ-୩ | ୦.୦୬୦ | ୦.୦୬୦ | |
| ୬୮୪ | | ୩୨୬/ ୬୩ | ୧୩୯୨ | ଶାରଦ-୧ | ୦.୧୦୦ | ୦.୧୦୦ | |
| ୬୮୫ | ରବିନାରାୟଣ ସାହୁ, ପି.: ମହାଦେବ ସାହୁ, ଜା: ଚଷା, ବା: ଝାଡ଼ବନ୍ଧ | ୩୨୬/ ୬୭ | ୧୨୨୦ | ଶାରଦ ଦୋଫସଲି-୨ | ୦.୦୭୩ | ୦.୦୭୩ | |
| ୬୮୬ | | ୩୨୬/ ୬୭ | ୧୩୧୭ | ଶାରଦ-୨ | ୦.୦୫୦ | ୦.୦୫୦ | |
| ୬୮୭ | | ୩୨୬/ ୬୭ | ୧୩୮୦ | ଶାରଦ-୧ | ୦.୧୨୫ | ୦.୧୨୫ | |
| ୬୮୮ | | ୩୨୬/ ୬୭ | ୧୩୮୦/ ୫୦୨୨ | ଶାରଦ-୧ | ୦.୧୨୫ | ୦.୧୨୫ | |
| ୬୮୯ | | ୩୨୬/ ୬୭ | ୧୩୮୦/ ୫୦୬୩ | ଶାରଦ-୧ | ୦.୨୩୫ | ୦.୨୩୫ | |
| ୬୯୦ | ଅଥୟ ସାହୁ, ଚେରୁ ସାହୁ, ମଙ୍ଗରାଜ ସାହୁ, ପି.: ମାଧବ ସାହୁ, ଜା: ଚଷା, ବା: ନିଜଗାଁ | ୩୨୬/ ୬୮ | ୧୪୦୭ | ଶାରଦ-୧ | ୦.୧୧୦ | ୦.୧୧୦ | |
| ୬୯୧ | ମାଧବ ସାହୁ, ପି.: ନାରଣ ସାହୁ, ଜା: ଚଷା, ବା: ନିଜଗାଁ | ୩୨୬/ ୬୯ | ୧୨୨୨ | ଶାରଦ-୨ | ୦.୦୩୦ | ୦.୦୩୦ | |
| ୬୯୨ | ମାୟାଧର ସାହୁ, ପି.: ଭୋଳେଶ୍ୱର ସାହୁ, ଜା: ଚଷା, ବା: ଥେରୁବାଲି, ଥା: ଚନ୍ଦିଲି, ଜି.: ରାୟଗଡ଼ା | ୩୨୬/ ୭୬ | ୧୩୧୫ | ଶାରଦ-୨ | ୦.୧୫୦ | ୦.୧୫୦ | |
| ୬୯୩ | ଲିନା ନାୟକ, ସ୍ୱା.: ସଞ୍ଜୀବ କୁମାର ନାୟକ, ଜା: ଚଷା, ବା: ନିଜଗାଁ | ୩୨୬/ ୮ | ୧୩୦୮/ ୪୪୯୬ | ଶାରଦ-୩ | ୦.୦୪୫ | ୦.୦୪୫ | |
| ୬୯୪ | ଅନ୍ନପୂର୍ଣ୍ଣା ସାହୁ, ସ୍ୱା.: ମାନସ କୁମାର ସାହୁ, ଜା: ଚଷା, ବା: ବାବନ୍ଧ, ଥା: ରସୋଲ, ଜି.: ଢେଙ୍କାନାଳ, ରାଜଲକ୍ଷ୍ମୀ ସାହୁ, ସ୍ୱା.: ସୁସଞ୍ଜୟ ବିଶ୍ୱାଳ, ଜା: ଚଷା, ବା: ଝାଡ଼ବନ୍ଧ, ଥା: ବାଲିମି, ଜି.: ଢେଙ୍କାନାଳ | ୩୨୬/ ୮୦ | ୧୨୧୮ | ଶାରଦ ଦୋଫସଲି-୨ | ୦.୧୦୦ | ୦.୧୦୦ | |
| ୬୯୫ | | ୩୨୬/ ୮୦ | ୧୬୫୦ | ଶାରଦ-୨ | ୦.୧୨୦ | ୦.୧୨୦ | |
| ୬୯୬ | | ୩୨୬/ ୮୦ | ୧୬୬୭ | ଶାରଦ- ୨/୨ | ୦.୫୧୦ | ୦.୫୧୦ | |
| ୬୯୭ | | ୩୨୬/ ୮୦ | ୨୯୩୩ | ଶାରଦ-୨ | ୦.୨୧୦ | ୦.୨୧୦ | |
| ୬୯୮ | ପଞ୍ଚାନନ ଦାସ, ପି.: ଗୁଲୁ ଦାସ, ଜା: ଗୋପାଳ, ବା: ନିଜଗାଁ | ୩୨୬/ ୮୧ | ୧୫୭୬ | ଶାରଦ-୩ | ୦.୧୫୦ | ୦.୧୫୦ | |
| ୬୯୯ | ରାକେଶ କୁମାର ନାୟକ, ପି.: ବସନ୍ତ କୁମାର ନାୟକ, ଜା: ଚଷା, ବା: ଝାଡ଼ବନ୍ଧ, ଥା: ବାଲିମି, ଜି: ଢେଙ୍କାନାଳ | ୩୨୬/ ୮୬ | ୧୨୯୯ | ଶାରଦ ଦୋଫସଲି-୧ | ୦.୦୮୦ | ୦.୦୮୦ | |
| ୭୦୦ | | ୩୨୬/ ୮୬ | ୧୪୩୨ | ଶାରଦ-୨/୨ | ୦.୩୬୦ | ୦.୩୬୦ | |
| ୭୦୧ | | ୩୨୬/ ୮୬ | ୧୬୭୦ | ଶାରଦ- ୩/୪ | ୦.୫୮୦ | ୦.୫୮୦ | |
| ୭୦୨ | | ୩୨୬/ ୮୬ | ୧୮୦୭ | ଶାରଦ- ୩/୩ | ୦.୩୮୦ | ୦.୩୮୦ | |
| ୭୦୩ | ରଶ୍ମିତା ବେହେରା, ସ୍ୱା.: ସୁଶାନ୍ତ ସେନାପତି, ରଶ୍ମିତା ସାହୁ, ସ୍ୱା.: ପ୍ରଶାନ୍ତ ସେନାପତି, ଜା: ଗୋପାଳ, ବା: ଝାଡ଼ବନ୍ଧ, ଥା: ବାଲିମି, ଜି.: ଢେଙ୍କାନାଳ | ୩୨୬/ ୯୨ | ୧୨୪୨ | ଶାରଦ ଦୋଫସଲି-୨ | ୦.୦୬୫ | ୦.୦୬୫ | |
| ୭୦୪ | | ୩୨୬/ ୯୨ | ୧୨୪୨/ ୪୯୩୩ | ଶାରଦ ଦୋଫସଲି-୨ | ୦.୦୬୫ | ୦.୦୬୫ | |
| ୭୦୫ | ସନ୍ତୋଷିନି ସାହୁ, ସ୍ୱା.: ଶିବଦତ ସାହୁ, ଜା: ଚଷା, ବା: ଝାଡ଼ବନ୍ଧ, ଥା: ବାଲିମି, ଜି.: ଢେଙ୍କାନାଳ | ୩୨୬/ ୯୩ | ୨୯୩୬/ ୪୭୫୬ | ତଇଲା-୨ | ୦.୦୬୦ | ୦.୦୬୦ | |
| ୭୦୬ | | ୩୨୬/ ୯୩ | ୨୯୩୫/ ୪୭୫୫ | ଶାରଦ-୩ | ୦.୧୦୦ | ୦.୧୦୦ | |
| ୭୦୭ | | ୩୨୬/ ୯୩ | ୧୪୫୨/ ୫୧୪୩ | ଶାରଦ-୩ | ୦.୦୫୫ | ୦.୦୫୫ | |
| ୭୦୮ | | ୩୨୬/ ୯୩ | ୧୪୫୪/ ୫୧୪୪ | ଶାରଦ-୧ | ୦.୧୦୦ | ୦.୧୦୦ | |
| ୭୦୯ | ରମେଶ ଚନ୍ଦ୍ର ସାହୁ, ପି.: ବୈକୁଣ୍ଠ ସାହୁ, ଜା: ଚଷା, ବା: ଝାଡ଼ବନ୍ଧ | ୩୨୬/ ୯୭ | ୧୭୪୨/ ୫୧୬୪ | ଶାରଦ ଜଳ-୩ | ୦.୧୬୫ | ୦.୧୬୫ | |
| ୭୧୦ | ନାଲୁ ସାହୁ, ପି.: ବୈକୁଣ୍ଠ ସାହୁ, ଜା: ଚଷା, ବା: ଝାଡ଼ବନ୍ଧ | ୩୨୬/ ୯୮ | ୧୭୪୨ | ଶାରଦ ଜଳ-୩ | ୦.୧୬୫ | ୦.୧୬୫ | |
| ୭୧୧ | | ୩୨୬/ ୯୮ | ୧୩୭୨ | ଶାରଦ-୧ | ୦.୩୪୫ | ୦.୩୪୫ | |
| ୭୧୨ | ଶୁକଦେବ ସାହୁ, ଧୁଳେଶ୍ୱର ସାହୁ, ଫୁଲ ସାହୁ, ପି.: ବିକ୍ରମ ସାହୁ, ବିଜୟ କୁମାର ସାହୁ, ସଞ୍ଜୟ ସାହୁ, ଅଜୟ ସାହୁ, ବିଜୁଳି ସାହୁ, ଅଞ୍ଜନା ସାହୁ, ପି.: ବାଞ୍ଛାନିଧି ସାହୁ, ସୁଦେଇ ସାହୁ, ସ୍ୱା.: ବାଞ୍ଛାନିଧି ସାହୁ, ଦୀନବନ୍ଧୁ ସାହୁ, ଅଞ୍ଜଳି ସାହୁ, ପି.: ଦୁଃଖବନ୍ଧୁ ସାହୁ, ଚନ୍ଦ୍ରି ସାହୁ, ସ୍ୱା.: ଦୁଃଖବନ୍ଧୁ ସାହୁ, ଗୋପୀ ସାହୁ, ଶ୍ରୀକାନ୍ତ ସାହୁ, ମଞ୍ଜୁ ସାହୁ, ପି.: ଗନ୍ଧର୍ବ ସାହୁ, ଜା: ଚଷା, ବା: ଝାଡ଼ବନ୍ଧ | ୧୮୭ | ୧୨୧୫ | ଶାରଦ ଦୋଫସଲି-୨ | ୦.୦୩୦ | ୦.୦୩୦ | |
| ୭୧୩ | ମହାଦେବ ସାହୁ, ପି.: ଆକୁଳ ସାହୁ, ଜା: ଚଷା, ବା: ନିଜଗାଁ | ୧୫ | ୧୨୧୬ | ଶାରଦ-୨ | ୦.୦୧୦ | ୦.୦୧୦ | |
| ୭୧୪ | ଅନ୍ନପୂର୍ଣ୍ଣା ସାହୁ, ସ୍ୱା.: ମାନସ କୁମାର ସାହୁ, ଜା: ଚଷା, ବା: ବାବନ୍ଧ, ଥା: ରସୋଲ, ଜି.: ଢେଙ୍କାନାଳ, ରାଜଲକ୍ଷ୍ମୀ ସାହୁ, ସ୍ୱା.: ସୁସଞ୍ଜୟ ବିଶ୍ୱାଳ, ଜା: ଚଷା, ବା: ଝାଡ଼ବନ୍ଧ, ଥା: ବାଲିମି, ଜି.: ଢେଙ୍କାନାଳ | ୩୨୬/ ୮୦ | ୧୨୧୭ | ଶାରଦ ଦୋଫସଲି-୨ | ୦.୦୫୦ | ୦.୦୫୦ | |
| ୭୧୫ | ନାରଣ ସାହୁ, ପି.: ବେଣୁ ସାହୁ, ଜା: ଚଷା, ବା: ନିଜଗାଁ | ୧୩୧ | ୧୨୨୧ | ଶାରଦ-୨ | ୦.୦୩୦ | ୦.୦୩୦ | |
| ୭୧୬ | ଅଭୟ ବେହେରା, ପରମା ବେହେରା, ଅନାଦି ବେହେରା, ଆନନ୍ଦ ବେହେରା, ପି.: ସୁଗ୍ରୀ ବେହେରା, ନାକଫୋଡ଼ି ବେହେରା, ଦୁଃଖିଆ ବେହେରା, ପି.: କହ୍ନେଇ ବେହେରା, ବିଟ ବେଓ୍ୱା, ସ୍ୱା.: ମଙ୍ଗୁଲୁ ବେହେରା, ପ୍ରଫୁଲ୍ଲ ଦେଇ, ବେଙ୍ଗ ଦେଇ, ପି.: ମଙ୍ଗୁଲୁ ବେହେରା, ଜା: କୈବର୍ତ୍ତ, ବା: ନିଜଗାଁ | ୯ | ୧୨୨୪ | ଶାରଦ ଦୋଫସଲି-୨ | ୦.୧୪୦ | ୦.୧୪୦ | |
| ୭୧୭ | ଖୁଜାରୀ ବେହେରା, ସ୍ୱା.: ମନ୍ତ୍ରୀବର ବେହେରା, ଜା: ଗୋପାଳ, ବା: ନିଜଗାଁ | ୬୦୩ | ୧୨୨୫ | ଶାରଦ-୨ | ୦.୧୦୦ | ୦.୧୦୦ | |
| ୭୧୮ | ଲକ୍ଷ୍ମୀଧର ସାହୁ, ପି.: ଆକୁଳ ସାହୁ, ଜା: ଚଷା, ବା: ନିଜଗାଁ | ୨୬୩ | ୧୨୪୦ | ଶାରଦ-୨ | ୦.୨୬୦ | ୦.୨୬୦ | |
| | | | | | ମୋଟ | ୧୧୫.୪୯୦ | |

ସ୍ୱା./- ଅମିନ
ତହସିଲ କାର୍ଯ୍ୟାଳୟ, ହିନ୍ଦୋଳ

ସ୍ୱା./- ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ
ହିନ୍ଦୋଳ

ସ୍ୱା./- ଜିଲ୍ଲାପାଳ
ଢେଙ୍କାନାଳ

OIPR

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନିଶାମୁକ୍ତ ସଚେତନତା ଅଭିଯାନ

**କୁଆଁରମୁଣ୍ଡା,୧୧।୧(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ରବିବାର ରାହାସ ପଡ଼ିଆରେ ନିଶାମୁକ୍ତ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଯୋଗଦେଇ ନିଶା ରୂପକ ରାକ୍ଷସର କୁଶପୁତ୍ତଳିକାକୁ ଅଗ୍ନି ସଂଯୋଗ କରି ଦାହ କରିଥିଲେ। ଏଥିସହ ନିଶା କବଳିତ ସମାଜରୁ ନିଶା ରୂପକ ରାକ୍ଷସକୁ ମୂଳୋତ୍ପାଟନ ପାଇଁ ସମସ୍ତେ ଶପଥ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତାଭାବେ କୁଆଁରମୁଣ୍ଡା ଭାରପ୍ରାପ୍ତ ତହସିଲଦାର ବିଶ୍ୱଜିତ ପ୍ରଧାନ, ସମ୍ମାନିତ ଅତିଥି ଡା. ସୀମା ତିଗ୍ଗା, ଅବକାରୀ ଉପ ନିରୀକ୍ଷକ ମିଲନ ତିର୍କୀ, ଅପରାଧ ଶାଖା ଅଧିକାରୀ ଉମେଶ ବେହେରା, ବ୍ରହ୍ମାକୁମାରୀ ଶ୍ୱେତା, ବିକେ ଅଞ୍ଜଳି ଉପସ୍ଥିତ ରହି ନିଶାଠାରୁ ସମସ୍ତେ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ତମାଖୁ, ମଦ, ପାନ ଆଦିକୁ ନେଇ ବ୍ରହ୍ମା କୁମାରୀ ଈଶ୍ୱରୀୟ ସଂସ୍ଥାନର ସଦସ୍ୟମାନେ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଏହାପରେ ଏକ ଶୋଭାଯାତ୍ରା ବାହାରି କୁଆଁରମୁଣ୍ଡା ଅଞ୍ଚଳ ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାକୁ ପ୍ରଜାପିତା ବ୍ରହ୍ମାକୁମାରୀ ସଂସ୍ଥାର ଜଣାଶୁଣା ନିଶାମୁକ୍ତି ପ୍ରଚାରକ ରାଜୀବ ଧୱନ ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୁଆଁରମୁଣ୍ଡା ଶାଖାର ବିକେ ସୁମନ,ବିକେ ରୀତା ପ୍ରମୁଖଙ୍କ ସହ ଶୈଳେଶ ତିୱାରୀ, ସନ୍ତୋଷ ଜୟସ୍ୱାଲ ଉପସ୍ଥିତ ଥିଲେ।



ନିଶା ରୂପକ ରାକ୍ଷସକୁ ଅତିଥିମାନେ ଅଗ୍ନି ସଂଯୋଗ କରୁଛନ୍ତି।

## ଜାତୀୟ ବରିଷ୍ଠ ଖୋ ଖୋ ଚାମ୍ପିୟନଶିପ
# ସୁନ୍ଦରଗଡ଼ର ବିଶାଳ ମନୋନୀତ

**ସୁନ୍ଦରଗଡ,୧୧।୧(ଜୟ ନାରାୟଣ ମେଣ୍ଡୁଲି)**

ସର୍ବ ଭାରତୀୟ ଖୋ ଖୋ ମହାସଂଘ ଆନୁକୂଲ୍ୟରେ ତେଲଙ୍ଗାନା କାଲିପେଟ ରେଲୱେ ଷ୍ଟାଡିୟମରେ ଜାନୁଆରୀ ୧୧ରୁ ୫୮ତମ ଜାତୀୟ ବରିଷ୍ଠ ଖୋଖୋ ଚାମ୍ପିୟନଶିପ ଆରମ୍ଭ ହୋଇଛି। ଏହି ଚାମ୍ପିୟନଶିପରେ ଓଡ଼ିଶା ବାଳକ ଦଳ ପକ୍ଷରୁ ସୁନ୍ଦରଗଡ ଜିଲାର ବିଶାଲ ଓରାମ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଡିସେମ୍ବର ୧୩ରେ ପୁରୀ ତାଳବଣିଆ ସ୍ଥିତ ଜିଲା କ୍ରୀଡା କମ୍ପେକ୍ସଠାରେ ଆୟୋଜିତ ଆନ୍ତଃ ଜିଲା ସିନିୟର ଖୋଖୋ ଚୟନରେ ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଦ୍ୱାରା ଗଠିତ ଦଳ ଜିଲା ଦଳରେ ପ୍ରତିନିଧିତ୍ୱ କରିଥିଲେ। ଡିସେମ୍ବର ୧୪ରୁ ଜାନୁଆରୀ ୯ ପର୍ଯ୍ୟନ୍ତ ରାଜ୍ୟ ଖୋ ଖୋ ଶିବିରରେ ସେ ଖେଳ ଅଭ୍ୟାସ କରିଛନ୍ତି। ବିଶାଲ ବାଲିଶଙ୍କରା ବ୍ଲକ କଣ୍ଟାବାହାଲର ତୁଳସୀ ଓରାମ ଓ ଭାଗବତୀଙ୍କ ପୁଅ। ବିଶାଲ ସବଡେଗା ଆଞ୍ଚଳିକ ସହଯୋଗ ଡିଗ୍ରୀ ମହାବିଦ୍ୟାଳୟ ଯୁକ୍ତ ୩ କଳା ଦ୍ୱିତୀୟ ବର୍ଷର ଛାତ୍ର। ରାଜ୍ୟସ୍ତରୀୟ ଖୋ ଖୋ ରେଫରି ତଥା ପ୍ରଶିକ୍ଷକ ଅନିଲ ସାହୁଙ୍କ ନେତୃତ୍ୱରେ ସେ ଅଭ୍ୟାସ ଜାରି ରଖିଛନ୍ତି। ବିଶାଲଙ୍କ ଏହି ସଫଳତା ପାଇଁ ଜିଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଖୋ ଖୋ ସମ୍ପାଦକ ଅକ୍ଷୟ ନାୟକ, ପ୍ରଶାନ୍ତ କୁମାର ପଟେଲ, ସହସମ୍ପାଦକ ଜୟଦେବ ପାତ୍ର, କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାଏକ ଓ ମହାବିଦ୍ୟାଳୟର ଅଧ୍ୟକ୍ଷା ସଂଘମିତ୍ରା ସାହୁ ଶୁଭେଚ୍ଛା ଜଣାଇଛନ୍ତି।



# ଘର ସମ୍ମୁଖରୁ ପିକ୍‌ଅପ୍ ଗାଡ଼ି ଚୋରି

**ବଡ଼ଗାଁ,୧୧।୧(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁର ଯୁବ ବ୍ୟବସାୟୀ ଅମିତ ଅଗ୍ରୱାଲଙ୍କ ଘର ସମ୍ମୁଖରୁ ତାଙ୍କ ପିକଅପ ଗାଡି ଓଡି ୨୬ ଏ ୧୪୭୫କୁ ଶନିବାର ବିଳମ୍ବିତ ରାତିରେ ୨ ଜଣ ଦୁର୍ବୃତ୍ତ ଏକ ସ୍କର୍ପିଓରେ ଆସି ଚୋରି କରିନେଇଛନ୍ତି। ଚୋରି ବେଳର ସମସ୍ତ ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଛି। ଏନେଇ ପୋଲିସ ଏକ ମାମଲା ନଂ. ୧୭/୨୬ ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଚାଳକ ବଳରାମ ବାଗ ରାତି ୧୦ଟାରେ ଘର ସମ୍ମୁଖରେ ପିକ୍‌ଅପ୍ ରଖିଥିଲେ। ସକାଳେ ସାଢ଼େ ୬ଟା ସମୟରେ ଗାଡ଼ି ନ ଥିବା ଅମିତ ଦେଖିଥିଲେ। ସିସିଟିଭି ଫୁଟେଜ ଦେଖିବା ପରେ ଗାଡ଼ି ଚୋରି ହୋଇଥିବା ଜାଣି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସିସିଟିଭି ଫୁଟେଜ ଅନୁଯାୟୀ ରାତି ସାଢ଼େ ତିନିଟା ବେଳେ ଏକ ସ୍କର୍ପିଓରେ ଚୋର ଦଳ ଆସି ଘରଠାରୁ କିଛି ମିଟର ଦୂରରେ ଗାଡ଼ି ଛିଡ଼ା କରିଥିଲେ। ଏହାପରେ ୨ ଜଣ ଆସି ପିକ୍‌ଅପ ଚୋରି କରି ନେଇଯାଇଥିଲେ। ଥାନା ଆଇଆଇସି ମହେନ୍ଦ୍ର ସାହୁ ରାସ୍ତାରେ ଲାଗିଥିବା ସମସ୍ତ ସିସିଟିଭି ଫୁଟେଜ ଦେଖିବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି।

# ବଡ଼ଗାଁ ପିଏମଶ୍ରୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

**ବଡ଼ଗାଁ,୧୧।୧( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଶନିବାର ଆରମ୍ଭ ହୋଇଥିବା ବାର୍ଷିକ କ୍ରୀଡ଼ା ଦିବସ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଡ଼ଗାଁ ଥାନା ଆଇଆଇସି ମହେନ୍ଦ୍ର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ଲାକ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଜନସନ ଖାଖା ପରିଚାଳନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପରିଚାଳନା କମିଟିର ସଭାପତି ଅଦ୍ୱୈତ କୁମାର ନାୟକ, ଉପ ସଭାପତି ଜିତାରାଣି ନାୟକ, ଥାନା ଏଏସଆଇ ଅରୁପାନନ୍ଦ ଦାସ ପ୍ରମୁଖ ବ୍ୟକ୍ତିମାନେ ଅଂଶ ଗ୍ରହଣ କରିଥିଲେ। ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଗୁଡିକୁ ହାଇସ୍କୁଲର ଖେଳ ଶିକ୍ଷକ ପ୍ରଭାତ କୁମାର୍ ଦ୍ୱାରି ପରିଚାଳନା କରିଥିଲେ। ୨ ଦିନ ଧରି ଆୟୋଜିତ ଏହି କ୍ରୀଡ଼ା ଉତ୍ସବରେ ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ସଟ ପୁଟ, ଡିସକସ ଥ୍ରୋ , ସ୍ଲୋ ସାଇକେଲ, ମ୍ୟୁଜିକ ଚେୟାର ଆଦି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜାତୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିଥିବା ଖେଳାଳି ଅରୁଣ କୁମାର ରାଉତ ଯୋଗଦେଇ ବିଜେତା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବଡ଼ଗାଁ ଡିଗ୍ରୀ କଲେଜର ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡା ଯୋଗଦେଇ ପରିଶ୍ରମ ହିଁ ସଫଳତା ଦେଇଥାଏ ବୋଲି କହିଥିଲେ। କ୍ରୀଡା ପ୍ରତିଯୋଗିତାର ଜୁନିଅର ବାଳିକା ବିଭାଗରେ ଆହ୍ଲୁତି ନାଏକ, ବାଳକ ବିଭାଗରେ ଅଫଜଲ ଆନସାରୀ, ବରିଷ୍ଠ ବିଭାଗରେ ପାୟଲ ଗୌଡ଼, ବାଳକ ବିଭାଗରେ ଶିବନାଥ ଧାନ ଚାମ୍ପିୟନ ହୋଇଥିଲେ। ବଡଗାଁ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଓ ଇତମା ହାଇସ୍କୁଲର ଖେଳ ଶିକ୍ଷକ ମୁରଲୀଧର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହୋଇଥିଲା। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏଥିରେ ସହଯୋଗ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ସର୍ଣ୍ଣଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଅଭିଯୁକ୍ତ ପ୍ରେମିକ କୋର୍ଟ ଚାଲାଣ

**କୁଆଁରମୁଣ୍ଡା,୧୧।୧(ମହେନ୍ଦ୍ର କୁମାର ସାହୁ)**

**ଅଙ୍ଗନୱାଡି ସହାୟିକାଙ୍କୁ ଛୁରିଭୁସି ହତ୍ୟା ଘଟଣା**

- ଛୁରି, ମୋବାଇଲ, ବାଇକ୍ ଜବତ

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିରା ଗିର୍ଜାଟୋଲାର ଅଙ୍ଗନୱାଡି ସହାୟିକା ଶିଖା ସପ୍ନା କୁଲୁ(୩୬)ଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଛୁରି ଭୁସି ହତ୍ୟା କରାଯାଇଥିଲା। ଏହି ଘଟଣାରେ ବୀରମିତ୍ରପୁର ପୋଲିସ ଶନିବାର ପ୍ରେମିକ ମୁକେଶ କୁଲୁଙ୍କୁ (୩୭)ଙ୍କୁ ଗିରଫ କରିଥିବାବେଳେ ରବିବାର କୋର୍ଟ ଚାଲାଣ କରାଯାଇଛି। ଏହାସହ ହତ୍ୟାରେ ବ୍ୟବହୃତ ଛୁରୀକୁ ଏକ ନାଳ ପୋଲ ତଳୁ ଜବତ କରାଯାଇଛି। ଏହାସହ ମୁକେଶଙ୍କ ମୋବାଇଲ ଓ ବାଇକକୁ ପୋଲିସ ଜବତ କରି ଥାନାରେ ରଖିଛି ବୋଲି ବୀରମିତ୍ରପୁର ଆଇଆଇସି ରାମ ପ୍ରସାଦ ନାଗ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ବିଶ୍ରା ଥାନା କେରକେଟା ଅଞ୍ଚଳର ମୁକେଶ ରାଉରକେଲା ଝିରପାନି ଅଞ୍ଚଳରେ ରହୁଥିଲେ। ସେ ଅଙ୍ଗନୱାଡି ସହାୟିକା ଶିଖା ସପ୍ନା କୁଲୁ(୩୬)ଙ୍କୁ ପ୍ରେମ କରିଥିଲେ। ମାତ୍ର ତାଙ୍କର ଅନ୍ୟତ୍ର ବିବାହ ହେଉଥିବା ଜାଣି ମୁକେଶ ଏହାକୁ ବନ୍ଦ କରିବା ପାଇଁ ଏକ ଚର୍ଚ୍ଚରେ ଅଭିଯୋଗ କରିଥିଲେ। ମାତ୍ର ଉକ୍ତ ଅଭିଯୋଗ ଭିତ୍ତିହୀନ ହୋଇଥିବା ଯୋଗୁ ଉକ୍ତ ଚର୍ଚ୍ଚରେ ତାଙ୍କର ଆସନ୍ତା ସୋମବାର ଅନ୍ୟ ଜଣେ ଯୁବକଙ୍କ ସହ ବିବାହ ସ୍ଥିର ହୋଇଥିଲା। ଏହି ବିଷୟ ଜାଣି ବିବାହ ପୂର୍ବରୁ ମୁକେଶ ତାଙ୍କୁ ଜୀବନରୁ ମାରିଦେବାକୁ ଯୋଜନା କରିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଶୁକ୍ରବାର ସନ୍ଧ୍ୟାରେ ଯୁବକ ଜଣକ ତାଙ୍କ ଘର ନିକଟରେ ବୁଲୁଥିଲେ। ସୁଯୋଗ ପାଇ ତାଙ୍କୁ ଘର ନିକଟ ଅଳ୍ପ ଦୂରକୁ ଡାକି ନେଇ ହଠାତ୍ ପେଟରେ ଛୁରି ଭୁଷି ଦେଇଥିଲେ। ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ମୃତ୍ୟୁ ପରେ ପରିବାର ଲୋକ ଚକ୍ଷୁଦାନ କଲେ

**ବଡ଼ଗାଁ,୧୧।୧( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁର ଜଣେ ମହିଳାଙ୍କ ଶ୍ୱାସଜନିତ ସମସ୍ୟା ଯୋଗୁ ଶନିବାର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ପରିବାର ଲୋକେ ସ୍ୱେଚ୍ଛାକୃତ ଚକ୍ଷୁଦାନ କରିଛନ୍ତି। ଅଙ୍ଗୁରି ଦେବୀ (୮୯)ଙ୍କ ଶ୍ୱାସଜନିତ ସମସ୍ୟାରେ ପୀଡ଼ିତ ଥିଲେ। ଶନିବାର ଅପରାହ୍ଣରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ପୁଅ ପ୍ରଦୀପ ଅଗ୍ରୱାଲ, ଝିଅ ସତ୍ୟଭାମା ଅଗ୍ରୱାଲ, ଆଶା ଦେବୀ ଓ ପରିବାର ଲୋକଙ୍କ ସ୍ୱୀକୃତି କ୍ରମେ ଭୁବନେଶ୍ୱରସ୍ଥିତ ପଟିଆ ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନଙ୍କ ସହିତ ଯୋଗାଯୋଗ କରି ଚକ୍ଷୁଦାନ କରିଛନ୍ତି।



# ଓପ୍ଟ୍କୋ ଇଞ୍ଜିନିୟର୍ସ ସର୍ଭିସ ଆସୋସିଏଶନ ପୁନର୍ଗଠିତ



ପୁନର୍ଗଠିତ କାର୍ଯ୍ୟକର୍ତ୍ତା ଓ ସଭ୍ୟମାନେ।

**କୁଆଁରମୁଣ୍ଡା,୧୧।୧(ମହେନ୍ଦ୍ର କୁମାର ସାହୁ)**

ଓପ୍ଟ୍କୋ ଇଞ୍ଜିନିୟର୍ସ ସର୍ଭିସ ଆସୋସିଏଶନ ସମ୍ବଲପୁର ବୁର୍ଲାଠାରେ ନିକଟରେ ପୁନର୍ଗଠିତ ହୋଇଛି ବୋଲି ଏହାର ମହାସଚିବ ଇଂ ଶୁଭାଶିଷ ମହାନ୍ତି ଶନିବାର କୁଆଁରମୁଣ୍ଡା ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ପରିଦର୍ଶନରେ ଆସି ଏହି ସୂଚନା ଦେଇଛନ୍ତି। ପଶ୍ଚିମ ଓଡ଼ିଶାର ଶତାଧିକ ବୈଦ୍ୟୁତିକ ଯନ୍ତ୍ରୀ ଏହି ଆସୋସିଏଶନରେ ସାମିଲ ହୋଇ ସଭାପତି ଭାବେ ଇଂ. ବିକ୍ରମ କିଶୋର ସିଂ, ଉପସଭାପତି ଭାବେ ଇଂ. ଦେବୀପ୍ରସାଦ ମହାପାତ୍ର, ଯୁଗ୍ମ ସଚିବ ଇଂ. ଆଦିକନ୍ଦ ଦାସ, କୋଷାଧ୍ୟକ୍ଷ ଇଂ ତନ୍ମୟ ମହାନ୍ତିଙ୍କୁ ମନୋନୀତ କରିଥିବା ସଂଘର ମହାସଚିବ ଇଂ ମହାନ୍ତି ସୂଚନା ଦେଇଛନ୍ତି। ସଂଘ ବିଦ୍ୟୁତ୍ କର୍ମଚାରୀ ଓ ଉପଭୋକ୍ତାଙ୍କ ବୃହତ୍ତର ସ୍ୱାର୍ଥରେ ନିଃସ୍ୱାର୍ଥପର ଭାବେ କାମ କରିବ ବୋଲି କାର୍ଯ୍ୟକର୍ତ୍ତାମାନେ ନିଷ୍ପତ୍ତି ନେଇଛନ୍ତି।

# ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏଶନ କ୍ରିକେଟ ଦଳ ଚାମ୍ପିୟନ

**୨ ଦିନିଆ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ**

**ଲହୁଣୀପଡ଼ା,୧୧।୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ସର୍ଭିସ ଇଲେଭେନ ପକ୍ଷରୁ ଲହୁଣୀପଡ଼ା କ୍ରିକେଟ ଖେଳ ପଡିଆଠାରେ ଚାଲିଥିବା ୨ଦିନିଆ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ୨ଦିନିଆ କ୍ରିକେଟ ପ୍ରତିଯୋଗିତାରେ ୮ ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଏହାର ଫାଇନାଲ ଖେଳରେ ଇନ୍ଦ୍ରପୁର କ୍ରିକେଟ କ୍ଲବ ଦଳକୁ ହରାଇ ଲହୁଣୀପଡା ସ୍ପୋର୍ଟସ ଆସୋସିଏଶନ କ୍ରିକେଟ ଦଳ ଚାମ୍ପିୟନ ହୋଇଥିଲା। ଏହି ୨ଦିନିଆ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲହୁଣୀପଡା ପଞ୍ଚାୟତ ସରପଞ୍ଚ ନେଲସନ ହେମ୍ବ୍ରମ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଲହୁଣୀପଡା ସ୍ପୋର୍ଟସ ଆସୋସିଏଶନର ସଭାପତି ବିକାଶ ଜୟସ୍ୱାଲ ଯୋଗ ଦେଇଥିଲେ। ଆୟୋଜକ ସର୍ଭିସ ଇଲେଭେନର ସଭାପତି ବିକାଶ ରୋଶନ ବରାଲଙ୍କ ଅଧ୍ୟକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା । ସମ୍ପାଦକ ସୀତାକାନ୍ତ ମିଶ୍ର ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ସର୍ଭିସ ଇଲେଭେନର କର୍ମକର୍ତ୍ତାମାନେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ବିଜେତା ଓ ଉପବିଜେତା ଦଳଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସଭା ଶେଷରେ ରଞ୍ଜିତ ଶୁକ୍ଳା ଧନ୍ୟବାଦ ଅର୍ପଣ କରିଥିଲ। ଜୟନ୍ତ ନାୟକ ଓ ସରୋଜ ବଡ଼ିଆ ଖେଳ ପରିଚାଳନା କରିଥିବାବେଳେ ସୁଶୀଲ କୁମାର ନାୟକ, ଚିତ୍ତରଞ୍ଜନ ପ୍ରଧାନ, ଅଭିଜିତ ବେହେରା, ଦେବୀ ପ୍ରସାଦ ବିଶ୍ୱଜିତ ପାତ୍ର, ଭୋଳାନାଥ ମାରାଣ୍ଡିଙ୍କ ସମେତ ସର୍ଭିସ ଇଲେଭେନ କର୍ମକର୍ତ୍ତାଙ୍କ ସହଯୋଗରେ ଏହି ୨ ଦିନିଆ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

**Classified Everyday**
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023



Healthcare

All types of physiotherapy and massage. Contact: 9556924059/ 7656969134. D-3075

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଧାକର ପ୍ରଧାନ
(ଅବସରପ୍ରାପ୍ତ ତହସିଲ କର୍ମଚାରୀ)
ବାହାର୍ଦ୍ଦା, ବସ୍ତା, ବାଲେଶ୍ୱର
ଆବିର୍ଭାବ: ୦୧।୦୪।୧୯୬୨
ତିରୋଧାନ: ୦୨।୦୧।୨୦୨୬
ଏକାଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଏହି ପୁଣ୍ୟତିଥିରେ ଆମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଓ ସମାଜସେବା ଆମର ପଥ ପ୍ରଦର୍ଶକ ହେଉ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
D-3083

ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଦୁର୍ଗାଦେବୀ ନାଥ
ଶୋକାତୁର ବୃନ୍ଦ
ସ୍ୱାମୀ– ଡ. ବିପ୍ର ଚରଣ ନାଥ,
ଦିଅର– ମାଧବାନନ୍ଦ ନାଥ, କାମଦେବ ନାଥ, ବସୁଦେବ ନାଥ, ଭଣଜା, ଭଣଜା ବୋହୂ, ପୁତୁରା, ପୁତୁରାବୋହୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
D-3084

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କାଞ୍ଚନ କୁମାରୀ ତ୍ରିପାଠୀ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ସ୍ୱାମୀ– ୰ ମାଧବ ମିଶ୍ର
ଆବିର୍ଭାବ: ୧୯୫୦
ତିରୋଧାନ: ୦୬।୦୨।୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ମିତହାସ୍ୟ ଆମର ଅଭୁଲା ସ୍ମୃତି ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
D-231

ଏକାଦଶାହ ଉପଲକ୍ଷେ



ଶ୍ରୀଯୁକ୍ତ ୰ରାମଚନ୍ଦ୍ର ପ୍ରଧାନ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଛେଣ୍ଡିପଦା ସିଟି ବିଦ୍ୟାଳୟ
ଘର: ଅମଲାପଡ଼ା
ଆବିର୍ଭାବ: ୨୩।୧୦।୧୯୪୨
ତିରୋଧାନ: ୦୨।୦୧।୨୦୨୬
ସ୍ତ୍ରୀ: ୰ ପ୍ରଭାତୀ ପ୍ରଧାନ
ପୁତ୍ର : ସରୋଜ ପ୍ରଧାନ, ମନୋଜ ପ୍ରଧାନ, ବିନୋଦ ପ୍ରଧାନ
ପୁତ୍ରବଧୂ: ରଶ୍ମି, ବିନ୍ଦୁ, ମିନୁ
ନାତିନାତୁଣୀ : ଶିବୁ, ଶ୍ରୁତି, ଶ୍ରୀୟା
D-3085

# ନ୍ୟାୟ ପାଇଁ ଠିକା କମ୍ପାନୀ ଗେଟରେ ତାଲା ପକାଇଲେ ମହିଳା

**ଲହୁଣୀପଡ଼ା,୧୧।୧(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ କୁରଡ଼ାଠାରେ ଥିବା ଏକ ଠିକା କମ୍ପାନୀର ଗେଟରେ ରବିବାର ଜଣେ ମହିଳା ନିଜ ହକ ପାଇଁ ତାଲା ପକାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ବିମଳାଗଡ–ତାଳଚେର ନୂତନ ରେଳ ପଥର କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ଏକ ଠିକା ସଂସ୍ଥା କରୁଛି। ଏହି ସଂସ୍ଥା ତାର କାର୍ଯ୍ୟରେ ଲାଗୁଥିବା ବିଭିନ୍ନ ସାମଗ୍ରୀ ଯଥା– ରଡ, ସିମେଣ୍ଟ, କଂକ୍ରିଟ ଭଳି ବିଭିନ୍ନ ସାମଗ୍ରୀ ରଖିବା ପାଇଁ ପ୍ରାୟ ୩ଏକରରୁ ଊର୍ଦ୍ଧ୍ୱ ଜମିକୁ ଫର୍ଜରି ଲିଜ କରି କାମ କରି ଆସୁଥିଲା। ଏ ସମ୍ପର୍କରେ ମହିଳା ଜଣକ ଠିକା ସଂସ୍ଥାକୁ ଜଣାଇବା ସହିତ ଉକ୍ତ ସ୍ଥାନରେ ସାମଗ୍ରୀ ରଖିବାକୁ ମନା କରିଥିବା ବେଳେ ମହିଳାଙ୍କ କଥାକୁ କମ୍ପାନୀ କର୍ତ୍ତୃପକ୍ଷ ଭ୍ରୂକ୍ଷେପ କରି ନ ଥିଲେ। ଏନେଇ ମହିଳା ଜଣକ ସ୍ଥାନୀୟ ତହସିଲଦାର ଏବଂ ଥାନାରେ ଅଭିଯୋଗ କରିଥିଲେ। ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କ ପ୍ରକୃତ ଦସ୍ତାବିଜ ଦେଖି ତାଙ୍କୁ ନ୍ୟାୟ ପ୍ରଦାନ କରିଥିଲେ। ଶେଷରେ ମହିଳା ଜଣକ ପରିବାର ସହିତ ସମସ୍ତ ପ୍ରମାଣପତ୍ର ସହିତ ନିଜ ଜମିକୁ ଆସି ଗେଟରେ ତାଲା ପକାଇଥିବା ଜଣାପଡିଛି। ଯେ ପର୍ଯ୍ୟନ୍ତ ତାଙ୍କ ଜମି ଫେରସ୍ତ ବା ନ୍ୟାୟ ନ ମିଳିଛି ସେ ପର୍ଯ୍ୟନ୍ତ ପରିବାର ସହିତ ଧାରଣାରେ ବସିବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ଠିକା ସଂସ୍ଥାର କର୍ତ୍ତୃପକ୍ଷ କହିଛନ୍ତି, ସମସ୍ତ ଦସ୍ତାବିଜ ଫର୍ଜରି ବୋଲି ଆମେ ଜାଣି ନ ଥିଲୁ । ଏବେ ସମସ୍ତ ପ୍ରମାଣପତ୍ର ଦେଖିଲୁ। ଉକ୍ତ ଜମି ସେହି ମହିଳାଙ୍କ ବୋଲି ଏବେ ଆମେ ଜାଣିଲୁ। ଉକ୍ତ ମହିଳା ଏବଂ କମ୍ପାନୀ ଅଧିକାରୀଙ୍କ ସହିତ ଯଥାଶୀଘ୍ର କଥାବାର୍ତ୍ତା ହୋଇ ତାର ସମାଧାନ କରାଯିବ ବୋଲି କହିଥିଲେ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସାମାଜିକ ସୁରକ୍ଷା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ଗାଇଡ୍‌ଲାଇନ୍ ଉଲ୍ଲଂଘନ

**ବଲାଙ୍ଗୀର, ୧୧।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ୍‌ରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଏବଂ ସାମାଜିକ ସୁରକ୍ଷା ଯୋଜନାର ଗାଇଡ୍ ଲାଇନ୍ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ବିଭିନ୍ନ କାରଣରୁ ଅଟକି ରହିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) କାର୍ଯ୍ୟକାରୀ କରିବା ପାଇଁ ଏଠାକାର ବ୍ଲକ୍ ପ୍ରଶାସନ ଏକ ମୌଖିକ ନିର୍ଦ୍ଦେଶ ବଳରେ ଉକ୍ତ ବ୍ଲକ୍ ଅଞ୍ଚଳର ସାମାଜିକ ସୁରକ୍ଷା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ଭତ୍ତା ଏବଂ ରାଶନ ଚାଉଳ ୩ରୁ ୪ ମାସ ହେଲା ବନ୍ଦ କରିଦେଇଥିବା ଅଭିଯୋଗ ହୋଇଥିଲା। ଏଭଳି ସାଂଘାତିକ ଅଭିଯୋଗ ପାଇବା ପରେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ବଲାଙ୍ଗୀର ଜିଲାପାଳଙ୍କୁ ଚିଠି ଲେଖି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ସାମାଜିକ ସୁରକ୍ଷା ଆଇନର ଗାଇଡ୍‌ଲାଇନ୍ କାହିଁକି ଉଲ୍ଲଂଘନ କରାଗଲା, ସେନେଇ ତଦନ୍ତ କରିବା ସହ ତୁରନ୍ତ ଏହା ଉପରେ ହସ୍ତକ୍ଷେପ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ସଂକ୍ରାନ୍ତରେ 'ଧରିତ୍ରୀ' ସମେତ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତରବରିଆ ଭାବେ ହିତାଧିକାରୀଙ୍କୁ ରାଶନ୍ ସାମଗ୍ରୀ ଏବଂ ଭତ୍ତା ବଣ୍ଟନ ଆରମ୍ଭ କରିଥିଲା। ଆଗଲପୁର ବିଡିଓ ମହାପାତ୍ର କୁଳଦୀପ ମହାନ୍ତି କାହିଁକି ଏଭଳି ଆଇନ ଉଲ୍ଲଂଘନକାରୀ ମୌଖିକ ନିର୍ଦ୍ଦେଶ ଦେଇଥିଲେ ଏବଂ ପ୍ରାୟ ୩/୪ ମାସ ହେଲା ଗରିବ ହିତାଧିକାରୀଙ୍କ ଖାଦ୍ୟ ଓ ସାମାଜିକ ନିରାପତ୍ତା ଅଧିକାରରୁ ବଞ୍ଚିତ କରିଥିଲେ, ସେନେଇ ତଦନ୍ତ କରାଯାଇନାହିଁ। ଏପରି କି ଅଧ୍ୟକ୍ଷା ସାହୁଙ୍କ ଚିଠି ପାଇଲା ପରେ ଜିଲାପାଳ ଗୌରବ ଶିବାଜୀ ଇସଲୱାର କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ତାହା ଜଣାପଡିନାହିଁ। କେବଳ ହିତାଧିକାରୀଙ୍କୁ ଚାଉଳ ବାଣ୍ଟି ବିଡିଓଙ୍କ ଦବଙ୍ଗଗିରି ଏବଂ ଗାଇଡ୍‌ଲାଇନ୍ ଉଲ୍ଲଂଘନ ଘଟଣାକୁ ଲୁଚାଇବା ପାଇଁ ଉଦ୍ୟମ କରାଯାଉଛି ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲାପାଳ ଇସଲୱାରଙ୍କୁ ମୋବାଇଲ ହ୍ୱାଟସ୍‌ଆପ୍ ଜରିଆରେ ପଚରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିନାହିଁ। ଶନିବାର ଆଗଲପୁର ବିଡିଓ ମହାପାତ୍ର କୁଳଦୀପ ମହାନ୍ତିଙ୍କୁ ରାଶନ୍ ଓ ଭତ୍ତା ବଣ୍ଟନ ସମ୍ପର୍କରେ ପଚାରିବାରୁ ସେ ଚିହିଁକି ଉଠିଥିଲେ। ରାଶନ୍ ଏବଂ ଭତ୍ତା ବଣ୍ଟନ କରା ନ ଯିବା ଖବର ଭୁଲ୍ ବୋଲି କହିଥିଲେ। ଏଭଳି କି କାହାରିକୁ ରାଶନ କି ଭତ୍ତା ବନ୍ଦ କରାଯାଇନାହିଁ ବୋଲି କହିଥିଲେ। ଯଦି ରାଶନ ବନ୍ଦ କରାଯାଇ ନ ଥିଲା, ତେବେ ଗତ ୨ ଦିନ ହେଲା ଆଗଲପୁର ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ହିତାଧିକାରୀଙ୍କୁ ବକେୟା ଚାଉଳ କାହିଁକି ବଣ୍ଟନ କରାଯାଉଛି, ସେ ସମ୍ପର୍କରେ ଜଣାପଡିନାହିଁ। ଏ ସମ୍ପର୍କରେ ଦୁଇଜଣ ଉପରିସ୍ଥ ଅଧିକାରୀ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ପଚରାଯିବାରୁ ନିର୍ଦ୍ଦିଷ୍ଟ ଅଭିଯୋଗ ପାଇବା ପରେ ଏଥିରେ ତୁରନ୍ତ ହସ୍ତକ୍ଷେପ କରାଯାଇଥିବା ସେମାନେ କହିଥିଲେ। ଖୋଦ୍ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ହିତାଧିକାରୀଙ୍କୁ ରାଶନ୍ ବଣ୍ଟନ କରାଯାଇଥିବା ସୂଚନା ଦେଇଛନ୍ତି। ଏଭଳି ପରିସ୍ଥିତିରେ ବେଆଇନ ଭାବେ ମୌଖିକ ନିର୍ଦ୍ଦେଶ ଦେଇଥିବା ଅଧିକାରୀଙ୍କ ବିରୋଧରେ ଜିଲାପାଳ କ'ଣ କାର୍ଯ୍ୟାନୁଷ୍ଠାନ ନେବେ ତାହା ଦେଖିବାକୁ ବାକି ରହିଛି। ବଲାଙ୍ଗୀର ଏକ ଆକାଂକ୍ଷୀ ଜିଲା। ଏହାସହିତ ଏହା ପଛୁଆ କେବିକେ ଜିଲା ଭାବେ ପରିଚିତ। ଏହି ଦାଦନ ପ୍ରବଣ ଜିଲା ପୁଣି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନ୍ତର୍ଭୁକ୍ତ। ଏଭଳି ସ୍ଥିତିରେ ଏଠାରେ ମାସ ମାସ ଧରି ଗରିବ ହିତାଧିକାରୀଙ୍କୁ କେଉଁ କାରଣରୁ ଜଣେ ଅଧିକାରୀ ଏଭଳି ଅଧିକାରରୁ ବଞ୍ଚିତ କଲେ, ସେ ସମ୍ପର୍କରେ ତଦନ୍ତ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଉଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଜାତୀୟ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନ କ'ଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ଲୋକେ ଅପେକ୍ଷା କରିଛନ୍ତି।




**ଆଗଲପୁର ବିଡିଓଙ୍କ ଦବଙ୍ଗଗିରି**

- ଜାତୀୟ, ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନ ଉପରେ ନଜର
- ମୌଖିକ ଆଦେଶ ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ

# କଣ୍ଟାବାଞ୍ଜି ମାଟିର ମହୋତ୍ସବ ଉଦ୍‌ଯାପିତ



**କଣ୍ଟାବାଞ୍ଜି, ୧୧।୧ (ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ୩ଦିନ ଧରି ଚାଲିଥିବା କଣ୍ଟାବାଞ୍ଜି ମାଟିର ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ବ୍ରଜଶ୍ୟାମ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ଅନ୍ୟ ଅତିଥି ଭାବେ ମହୋତ୍ସବ କମିଟି ଚେୟାରମ୍ୟାନ ତଥା ବିଧାୟକ ଲକ୍ଷ୍ମଣ ବାଗ, ସଂଯୋଜକ ଦିନେଶ ମହାନନ୍ଦ, ରାଜେନ୍ଦ୍ର ବେହେରା, ଆଶିଷ ବଦ୍ରି ଅଗ୍ରୱାଲ, ରଶ୍ମି ରଞ୍ଜନ ପଟେଲ, ପପ୍ପୁ ଜୁଏଡ୍, ବିମଳ ହାତୀ ମଞ୍ଚାସୀନ ଥିଲେ। ସମ୍ପାଦକ ବେଦବ୍ୟାସ ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପୂର୍ବାହ୍ନରେ ବହୁଭାଷୀ କବିତା ପାଠ ମହୋତ୍ସବର କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଡ.ସଞ୍ଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ କୁଞ୍ଜବିହାରୀ ବେହେରା, ନରେନ୍ଦ୍ର ସୁନା ଯୋଗଦେଇଥିଲେ। କବି ତୁଳସୀ ଜଗତ ଓ ଅଞ୍ଜଳି ମାଝୀ କବିତାକୁ ସଂଯୋଜନା କରିଥିଲେ। ସଭା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କଳାପରିବେଶ କରାଯାଇଥିଲା। ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ କଳାକାର ଉମା ବାରିକଙ୍କ ଦ୍ୱାରା ପରିବେଷିତ ମନଛୁଆଁ ସଙ୍ଗୀତ ଦର୍ଶକଙ୍କୁ ମୁଗ୍ଧ କରିଥିଲା।

# ୫ ବିଚାରପତିଙ୍କୁ ସମ୍ବର୍ଦ୍ଧନା



ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବଲାଙ୍ଗୀର, ୧୧।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ରବିବାର ବଲାଙ୍ଗୀର ମାଟିର ୫ ଜଣ ବିଚାରପତିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ଓକିଲ ସଂଘ ସଭାପତି ବାସୁଦେବ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ୍ ପ୍ରଶାନ୍ତ କୁମାର ମିଶ୍ର, ଝାଡ଼ଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ତଥା ବର୍ତ୍ତମାନର ଜିଏସ୍‌ଟି ଆପିଲେଟ୍ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର, ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ଓ ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ, ଛତିଶଗଡ଼ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବିଭୁଦତ୍ତ ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ଜୟକୃଷ୍ଣ ସାହୁ ସଭା ପରିଚାଳନା କରିଥିଲେ। ବଲାଙ୍ଗୀର ମାଟିରେ ଜନ୍ମ ହୋଇ ବିଚାରପତି ଭାବେ ଦେଶର ଏବଂ ବିଭିନ୍ନ ରାଜ୍ୟର ନ୍ୟାୟାଳୟରେ କାର୍ଯ୍ୟ କରିବାର ସୁଯୋଗ ପାଇଥିବା ଏହି ବିଚାରପତିମାନେ ବିଭିନ୍ନ ଅନୁଭୂତି ବାଣ୍ଟିଥିଲେ। ଜଷ୍ଟିସ୍ ସଞ୍ଜୀବ କୁମାର ପାଣିଗ୍ରାହୀ ବଲାଙ୍ଗୀର ସିଭିଲ କୋର୍ଟର ନୂଆ କୋଠା ନିର୍ମାଣ ପାଇଁ ମିଳିତ ଉଦ୍ୟମ କରିବାକୁ କହିଥିଲେ। ଆଗାମୀ ଏକ ମାସ ମଧ୍ୟରେ ଜମି ଚିହ୍ନଟ ଏବଂ କୋଠା ନିର୍ମାଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବିଚାରପତିମାନଙ୍କୁ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର, ଭବାନୀ ଶଙ୍କର ଶତପଥୀ, ପ୍ରମୋଦ କୁମାର ତ୍ରିପାଠୀ, ଆନନ୍ଦ ପାଣିଗ୍ରାହୀ ଓ ଗୋପାଳ ପାଣିଗ୍ରାହୀ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଚାରପତିମାନେ ଜଣେ ଭଲ ଓକିଲ ହେବା ପାଇଁ କେଉଁ ବିଷୟକୁ ଗୁରୁତ୍ୱ ଦିଆଯିବା କଥା ସେ ଉପରେ ମତ ରଖିଥିଲେ। ସଭାରେ ବରିଷ୍ଠ ଓକିଲ ସରୋଜ ପାଣିଗ୍ରାହୀ, ବୈଷ୍ଣବ ମିଶ୍ର, ସଂଘ ଉପସଭାପତି ସୁଧାଂଶୁ ଶେଖର ଦେଓ, ସହସମ୍ପାଦକ ସୁମିତ ଖୁଆସ, କୋଷାଧ୍ୟକ୍ଷ ସମୀର ମିଶ୍ର, ଶିବ ଦ୍ୱିବେଦୀ, ଦୀପ୍ତି ଶର୍ମା, ସବିତା ମିଶ୍ର, ପ୍ରଶାନ୍ତ ସେନାପତି, ରାଜେନ୍ଦ୍ର ପୁରୋହିତ, ରାଜେନ୍ଦ୍ର ମିଶ୍ର, ସିଦ୍ଧାର୍ଥ ମିଶ୍ର, ସୁବାସ ନନ୍ଦ, ପ୍ରିୟରଞ୍ଜନ ବହିଦାର, ଅରବିନ୍ଦାକ୍ଷ ପୂଝାରୀ, ସଙ୍ଗୀତା ସିଂ, ସୁରମା ବହିଦାର, ଜାଗୃତି ସାହୁ, ନିର୍ମାଲ୍ୟ ସ୍ୱାଇଁ, ମମତା ସୁନା ସହଯୋଗ କରିଥିଲେ। ଜିଲା ଓକିଲ ସଂଘ ସମ୍ପାଦକ ସଞ୍ଜୟ ବଗର୍ତ୍ତୀ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସିଭିଲ କୋର୍ଟର ସମସ୍ତ ବିଚାରପତି, ଜୁଡିସିଆଲ ଷ୍ଟାଫ୍, ବଲାଙ୍ଗୀର ଲ' କଲେଜର ଛାତ୍ରୀଛାତ୍ରଙ୍କ ସମେତ ବଲାଙ୍ଗୀର, ପାଟଣାଗଡ଼, କଣ୍ଟାବାଞ୍ଜି ସଇଁତଳା, ଲୋଇସିଂହା ଓ ସୁବର୍ଣ୍ଣପୁର ଜିଲାର ବହୁ ଓକିଲ ଉପସ୍ଥିତ ଥିଲେ।

# ମଣ୍ଡିରୁ ଚାଷୀଙ୍କ ଧାନ ଚୋରି

**ଲାଠୋର, ୧୧।୧ (ଭୁବନେଶର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଅଧୀନ ଲାଠୋର ମଣ୍ଡିରୁ ଚାଷୀ ବିଦେଶୀ ଛତ୍ରିଆଙ୍କ ଧାନବସ୍ତା ଚୋରି ହୋଇଥିବା ଅଭିଯୋଗ ହୋଇଛି। ହେଲେ ତାଙ୍କ ଅଭିଯୋଗକୁ ମଣ୍ଡି କର୍ମଚାରୀ ଗୁରୁତ୍ୱ ଦେଉ ନ ଥିବା ସେ କହିଛନ୍ତି। ସୂଚନା ଅନୁସାରେ, ଲାଠୋର ପ୍ରାଥମିକ କୃଷି ସେବା ସମବାୟ ସମିତି ପକ୍ଷରୁ ନୂଆ ଥାନା ସମ୍ମୁଖ ଖୋଲା ପଡ଼ିଆରେ ମଣ୍ଡି ଖୋଲାଯାଇ ଚାଷୀଙ୍କ ଠାରୁ ଧାନ କିଣାଯାଉଛି। ଉକ୍ତ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ କରୁଆଁଝର ପଞ୍ଚାୟତ ଅଧୀନ ସାନଗୁର୍ଜିଭଟା ଗ୍ରାମ ପାଲିପଡ଼ାର ଚାଷୀ ଛତ୍ରିଆ ଗୁରୁବାର ୪୩ ପ୍ୟାକେଟ୍ ଧାନ ଆଣିଥିଲେ। ହେଲେ ମଣ୍ଡି କର୍ମଚାରୀମାନେ ଦୁଇ ଦିନ ପରେ ଧାନ କିଣା ଯିବ କହି ଫେରାଇ ଦେଇଥିଲେ। ଫଳରେ ଚାଷୀ କୌଣସି ଉପାୟ ନ ପାଇ ମଣ୍ଡିରେ ଧାନ ପ୍ୟାକେଟ୍ ଥାକ ମାରି ଘରକୁ ଚାଲି ଯାଇଥିଲେ। ଶନିବାର ମଣ୍ଡିକୁ ଆସିବା ପରେ ସେଥିମଧ୍ୟରୁ ୨ ପ୍ୟାକେଟ୍ ଧାନ ନ ଥିବା ଦେଖିଥିଲେ। ଏନେଇ ସେ ସମିତି ସଭାପତି ଈଶ୍ୱର ଖର୍ସେଲ, ସମ୍ପାଦକ ଜଗଦୀଶ ରଣା, ଡିଇଓ ବୀରେନ୍ଦ୍ର ସିଂ ବୁଡେକ ଏବଂ ଅନ୍ୟାନ୍ୟ କର୍ମଚାରୀ ନିକଟରେ ଅଭିଯୋଗ କରିଥିଲେ। ହେଲେ ତାଙ୍କ ଅଭିଯୋଗକୁ ଗୁରୁତ୍ୱ ନ ଦେଇ ଆମେ ଜାଣି ନାହୁଁ ବୋଲି କହିଥିଲେ। ଚାଷୀଙ୍କ ସୁବିଧା ପାଇଁ ମଣ୍ଡିରେ ସିସିଟିଭି କ୍ୟାମେରା ଲାଗିଛି । ଏନେଇ ସମ୍ପାଦକ ରଣା କହିଛନ୍ତି, ସିସିଟିଭି ଫୁଟେଜ୍ ଯାଞ୍ଚ କରିବୁ।

# ଧନୁଯାତ୍ରା ଉଦ୍‌ଘାଟିତ

**ପାଟଣାଗଡ଼, ୧୧।୧ (ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନ୍‌ଏସିସ୍ଥିତ ଗଙ୍ଗାଧର ପାର୍କଠାରେ ୧୩ତମ ଧନୁଯାତ୍ରା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଦାନନ୍ଦ ପୂଜାରୀ, ସମ୍ମାନିତ ଅତିଥି ଭାବେ ବିଡିଓ ସୁମନ ମିଞ୍ଜ, ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା ଯୋଗଦେଇଥିଲେ। ଚଳିତବର୍ଷ ଏହି ଧନୁଯାତ୍ରାରେ କଂସ ଭୂମିକାରେ ହୃଷୀକେଶ ଭୋଇ ଅଭିନୟ କରିବେ। ପାଟଣାଗଡ଼ ମଥୁରା ନଗରୀ ଏବଂ ଉଲବା ଗ୍ରାମ ଗୋପପୁର ହୋଇଛି। ପ୍ରଥମ ଦିନରେ ଉଗ୍ରସେନ ମହାରାଜା ନଗର ପରିକ୍ରମା ଓ ବସୁଦେବଙ୍କ ବିଭାହ, ଗୌତମ ଋଷିଙ୍କ ଅଭିଶାପ, କଂସଙ୍କ ରାଜ୍ୟାଭିଷେକ, ଦୈବବାଣୀ ଓ ଦେବକୀ ବସୁଦେବଙ୍କ କାରବରଣ ଦୃଶ୍ୟ ଦେଖିବାକୁ ମିଳିଛି। କମିଟି ସଭାପତି ସୁଶାନ୍ତ ମହାନ୍ତି, ଉପସଭାପତି ଭାଜେଶ ଖାନ, ସମ୍ପାଦକ ଦିଲ୍ଲୀପ ଦାସ, ସହସମ୍ପାଦକ ଗୋଲାପ ବଗର୍ତ୍ତି, କୋଷାଧ୍ୟକ୍ଷ ଅଶ୍ୱିନୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୋଲିସ ଭ୍ୟାନ୍‌ରେ ନିଆଁ

**ପାଟଣାଗଡ଼, ୧୧।୧ (ସଚ୍ଚିଦାନନ୍ଦ ମହାକୁର)**

ପାଟଣାଗଡ଼ ଥାନା ଅଧୀନ ସମଲେଶ୍ୱର ନଗରସ୍ଥିତ ସାରଦା ଲଜ୍ ସମ୍ମୁଖରେ ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ପୋଲିସ ପାଟ୍ରୋଲିଂ ଭ୍ୟାନ୍‌ରେ ନିଆଁ ଲାଗିଥିଲା। ପରେ ନିଆଁକୁ ଆୟତ୍ତ କରାଯାଇଛି। ସୂଚନା ଅନୁଯାୟୀ, ରବିବାର ପାଟଣାଗଡ଼ରେ ସାପ୍ତାହିକ ବଜାର ଥିବାରୁ କେତେଜଣ ପୋଲିସ କର୍ମଚାରୀ ପାଟ୍ରୋଲିଂ କରିବାକୁ ଭ୍ୟାନ୍‌ରେ ଆସୁଥିଲେ। ବାଟରେ ସାରଦା ଲଜ୍ ସମ୍ମୁଖରେ ପୋଲିସ ଭ୍ୟାନ୍‌ରେ ନିଆଁ ଲାଗି ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ଲଜ୍‌ରେ ବସିଥିବା ମାଲିକ ସୁନୀଲ ଗୋଏଲ ଓ ତାଙ୍କ ପୁଅ ସେଠାରେ ପହଞ୍ଚି ପାଣି ଢାଳି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ହେଲେ ଏଥିରେ ବିଫଳ ହେବା ପରେ ସୁନୀଲଙ୍କ ପୁଅ ଲଜ୍‌ରେ ଥିବା ଫାୟାର ଏକ୍ସଟିଙ୍ଗୁସର ଆଣି ପୋଲିସ ଭ୍ୟାନ୍‌ର ସମ୍ମୁଖ ଭାଗ ଖୋଲି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ଭ୍ୟାନ୍‌ରେ ବସିଥିବା ପୋଲିସ କର୍ମଚାରୀ ଅଳ୍ପକେ ରକ୍ଷା ପାଇଯାଇଥିଲେ। ବାପ, ପୁଅଙ୍କର ଏହି ପ୍ରୟାସକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ନିଆଁ ଲାଗିବାର କାରଣ ଜଣାପଡିନାହିଁ। ଅପରପକ୍ଷେ ଉକ୍ତ ଗାଡିଟି ବହୁ ପୁରୁଣା ହୋଇଥିବାବେଳେ ଦୀର୍ଘଦିନ ହେଲା ଇଞ୍ଜିନ ଓ ବଡି କାମ ହୋଇ ନ ଥିବା ଜଣାପଡିଛି।

# ସ୍ୱାମୀ ଶକ୍ତିଭୂଷଣାନନ୍ଦ ସରସ୍ୱତୀଙ୍କ ପରଲୋକ

**ଦେଓଗାଁ, ୧୧।୧ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**



ସ୍ୱାମୀ ଶକ୍ତିଭୂଷଣାନନ୍ଦ ସରସ୍ୱତୀ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ଅନ୍ତର୍ଗତ ଭଞ୍ଜପଡ଼ାସ୍ଥିତ ତଥା ଚନ୍ଦ୍ରପୁର ଯୋଗାଶ୍ରମର ବାବା ସ୍ୱାମୀ ଶକ୍ତିଭୂଷଣାନନ୍ଦ ସରସ୍ୱତୀଙ୍କ ରବିବାର ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ଭଞ୍ଜପଡ଼ାସ୍ଥିତ ନିଜ ବାସଭବନରେ ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଭାଇ ହିମାଂଶୁ ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସ୍ୱାମୀ ଶକ୍ତିଭୂଷଣାନନ୍ଦ ଉକ୍ତ ଯୋଗାଶ୍ରମରେ ଦୀର୍ଘବର୍ଷ ଧରି ଶକ୍ତି ଉପାସନା କରିଆସୁଥିବାବେଳେ ଜଣେ ପରୋପକାରୀ ତଥା ଧାର୍ମିକ ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। କିଛିବର୍ଷ ତଳେ ତାଙ୍କ ଅନ୍ୟତମ ସହଯୋଗୀ ବାବା ଜୟକିଶୋରାନନ୍ଦ ସରସ୍ୱତୀଙ୍କ ପରଲୋକ ପରେ ସେ ଏକାକୀ ଆଶ୍ରମକୁ ପରିଚାଳିତ କରୁଥିଲେ।

**Classified Everyday**
**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types of physiotherapy and massage. Contact: 9556924059/ 7656969134. D-3075

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସୁଧାକର ପ୍ରଧାନ
(ଅବସରପ୍ରାପ୍ତ ତହସିଲ କର୍ମଚାରୀ)
ବାହାର୍ଦ୍ଦା, ବସ୍ତା, ବାଲେଶ୍ୱର
ଆବିର୍ଭାବ: ୦୧।୦୪।୧୯୬୨
ତିରୋଧାନ: ୦୨।୦୧।୨୦୨୬
ଏକାଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଏହି ପୁଣ୍ୟତିଥିରେ ଆମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଓ ସମାଜସେବା ଆମର ପଥ ପ୍ରଦର୍ଶକ ହେଉ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
D-3083

**ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰ଦୁର୍ଗାଦେବୀ ନାଥ
ଶୋକାତୁର ବୃନ୍ଦ
ସ୍ୱାମୀ– ଡ. ବିପ୍ର ଚରଣ ନାଥ, ଦିଅର– ମାଧବାନନ୍ଦ ନାଥ, କାମଦେବ ନାଥ, ବସୁଦେବ ନାଥ, ଭଣଜା, ଭଣଜା ବୋହୂ, ପୁତୁରା, ପୁତୁରାବୋହୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
D-3084

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



୰କାଞ୍ଚନ କୁମାରୀ ତ୍ରିପାଠୀ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ସ୍ୱାମୀ– ୰ ମାଧବ ମିଶ୍ର
ଆବିର୍ଭାବ: ୧୯୫୦
ତିରୋଧାନ: ୦୬।୦୨।୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ମିତହାସ୍ୟ ଆମର ଅଭୁଲା ସ୍ମୃତି ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
D-231

**ଏକାଦଶାହ ଉପଲକ୍ଷେ**



ଶ୍ରୀଯୁକ୍ତ ୰ରାମଚନ୍ଦ୍ର ପ୍ରଧାନ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଛେଣ୍ଡିପଦା ସିଟି ବିଦ୍ୟାଳୟ
ଘର: ଅମଲାପଡ଼ା
ଆବିର୍ଭାବ: ୨୩।୧୦।୧୯୪୨
ତିରୋଧାନ: ୦୨।୦୧।୨୦୨୬
ସ୍ତ୍ରୀ: ୰ ପ୍ରଭାତୀ ପ୍ରଧାନ
ପୁତ୍ର : ସରୋଜ ପ୍ରଧାନ, ମନୋଜ ପ୍ରଧାନ, ବିନୋଦ ପ୍ରଧାନ
ପୁତ୍ରବଧୂ: ରଶ୍ମି, ବିନ୍ଦୁ, ମିନୁ
ନାତିନାତୁଣୀ : ଶିବୁ, ଶ୍ରୁତି, ଶ୍ରୀୟା
D-3085

# ଲୋକଙ୍କ ସମସ୍ୟା ଶୁଣିଲେ ନରସିଂହ

**ବଲାଙ୍ଗୀର, ୧୧।୧ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ଦେଓଗାଁ ଗସ୍ତରେ ଯାଇଥିବାବେଳେ ପୂର୍ବତନ ଆଇନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ରଙ୍କୁ ସ୍ଥାନୀୟ ଲୋକେ ବିଭିନ୍ନ ସମସ୍ୟା ଜଣାଇଥିଲେ। ଦୁଇବର୍ଷ ହେଲା ଦେଓଗାଁ ବ୍ଲକ୍ ପରିଚାଳନାରେ ସମସ୍ୟା ଯୋଗୁ ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକ୍ କର୍ତ୍ତୃପକ୍ଷ ଏବଂ କର୍ମଚାରୀ ଲୋକଙ୍କୁ ସାଧାରଣ କାମ ପାଇଁ ବାରମ୍ବାର ବ୍ଲକ୍‌କୁ ଆସିବା ପାଇଁ କହୁଛନ୍ତି । ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟରେ ଦୁର୍ନୀତି ହେଉଛି। ଏପରି କି ବିନା ଦୁର୍ନୀତିରେ କୌଣସି ଫାଇଲ ଆଗକୁ ବଢୁନାହିଁ। ଏଥିରେ ନିର୍ବାଚିତ ପ୍ରତିନିଧିଙ୍କ ସହ ବ୍ଲକ୍ ଅଧିକାରୀ ଓ କର୍ମଚାରୀ ସାମିଲ ଥିବା ନେଇ ଲୋକମାନେ ଅଭିଯୋଗ କରିଥିଲେ। ଦେଓଗାଁ ଅଞ୍ଚଳରେ ଧାନକିଣା ଅଚଳାବସ୍ଥା ଜାରି ରହିଛି। ମଣ୍ଡିଗୁଡିକରେ ଧାନ ପଡି ରହୁଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ରାସ୍ତାଘାଟ ମରାମତି, ବିଜୁଳି ସମସ୍ୟା ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଲୋକମାନେ ଅଭିଯୋଗ କରିଛନ୍ତି। ମିଶ୍ର ଏହି ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ଏନେଇ ଉଚ୍ଚପଦସ୍ଥ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଥିଲେ। ଏହି ଆଲୋଚନା ସମୟରେ ମଦନ ସାହୁ, ଆର୍ତ୍ତ ଘିବେଲା, ହୃଦାନନ୍ଦ ଗଡତ୍ୟା, ମାର୍କଣ୍ଡ ମେହେର, କାନ୍ତେଶ୍ୱର ପ୍ରଧାନ, ରାମଜୀ ପାଣ୍ଡେ, ପପୁ ପାତ୍ର, ଚାଷୀନେତା କୁନା ସାହୁ, ଆହ୍ଲାଦ ମେଲ୍ଲି, ଆଶିଷ ବାରିକ, ପିଣ୍ଟୁ ପୋତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହୋତ୍ସବ ହେଉଛି ଭାବର ବନ୍ଧନ

**ସୋନପୁର,୧୧।୧(ମୃତ୍ୟୁଞ୍ଜୟ ଶତପଥୀ)**

ଦୀର୍ଘ ପାଞ୍ଚଦିନ ଧରି ସୁବର୍ଣ୍ଣପୁର ସହରର ରାମେଶ୍ୱର ଷ୍ଟାଡିୟମରେ ଚାଲିଥିବା ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବ ଓ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଡ. ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇଥିଲେ। ବିଧାୟକ ତ୍ରିପାଠୀ କହିଥିଲେ, ଲୋକକଳା ଓ ଲୋକସଂସ୍କୃତି ଆମର ଗର୍ବ। ମହୋତ୍ସବ ହେଉଛି ଭାବର ବନ୍ଧନ। ସୁବର୍ଣ୍ଣପୁରର ମାଟି ସଂସ୍କୃତିର ମାଟି। ଏଠାରେ ନଦୀ ସଙ୍ଗମସ୍ଥଳ ପ୍ରାକୃତିକ ପରିବେଶରେ ଏଭଳି ମହୋତ୍ସବ ଆୟୋଜନକୁ ପ୍ରଶଂସା କରିଥିଲେ।

ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ଉପଜିଲାପାଳ ଇଂ. ରଘୁନାଥ ଜଗଦଲା ଯୋଗଦାନ କରି ପୁରାତନ ସଂସ୍କୃତିର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟତମ ଅତିଥିଭାବେ ଉଲୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ଯୋଗଦାନ କରି ଜିଲାର ଲୋକକଳା ଓ ଲୋକ ସଂସ୍କୃତିର ପ୍ରଚାର ପ୍ରସାରରେ ଏହି ମହୋତ୍ସବ ବିଶେଷ ସହାୟକ ହେବ। ସ୍ୱର୍ଗତ ଫକୀର ପଟ୍ଟନାୟକ ଏ ମାଟିର ଗର୍ବ ବୋଲି ଅନ୍ୟ ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ଭୀମଭୋଇ କଳା ପରିଷଦର କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଭା ମଞ୍ଚକୁ ଅଭିନେତା ପ୍ରଦ୍ୟୁମ୍ନ ସାହୁ ପରିଚାଳନା କରିଥିଲେ। ସୋନପୁର ବିଡିଓ ପ୍ରତୀକ କର ଧନ୍ୟବାଦ ପ୍ରଦାନ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ନୁର ବେଗମଙ୍କ ଦ୍ୱାରା ଲୋକସଙ୍ଗୀତ ପରିବେଷଣ କରାଯାଇଥିଲା।







ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ବୃନ୍ଦ(ବାମ), ଗଞ୍ଜାମ ଦିଗପହଣ୍ଡି ବିଚିତ୍ରା ବର୍ଣ୍ଣାଳୀ ନାଟ୍ୟ ସଂସଦର କଳାକାରମାନେ ପଶୁ ନୃତ୍ୟ ପରିବେଷଣ କରୁଛନ୍ତି।

### ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବ ଉଦ୍‌ଯାପିତ

ସାଂସ୍କୃତିକ ସନ୍ଧ୍ୟାରେ ଓଡିଶୀ, ସମ୍ବଲପୁରୀ, ଜାମୁଡାଳି, କରମସାନୀ ନୃତ୍ୟରେ ଦର୍ଶକ ଝୁମିଥିଲେ। ଡୁଙ୍ଗୁରିପାଲି ବ୍ଲକ କଳା ସଂସ୍କୃତି ସଂଘ ଭାଗିଟିକିରା ମା' ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ସଞ୍ଚାର ନୃତ୍ୟରୁ ସାଂସ୍କୃତିକ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଗଞ୍ଜାମ ଦିଗପହଣ୍ଡି ବିଚିତ୍ରା ବର୍ଣ୍ଣାଳୀ ନାଟ୍ୟ ସଂସଦର ପଶୁ ନୃତ୍ୟ, ଉଲୁଣ୍ଡା ସୁଆଙ୍ଗ ଅନୁଷ୍ଠାନର ପରଭା ନୃତ୍ୟ, ବୀରମହାରାଜପୁର ବ୍ଲକ କଳା ସଂସ୍କୃତି ସଂଘର ଦଣ୍ଡ ନୃତ୍ୟ, ଜଟଣୀ ନୃତ୍ୟଶ୍ରୀ ଅନୁଷ୍ଠାନର କଳାକାରଙ୍କ ମାହାରୀ ନୃତ୍ୟ, ପୁରୀର କଳାକାରଙ୍କ ମାଲଖମ୍ବ ନୃତ୍ୟ, ରାୟଗଡାର କଳାକାରଙ୍କ ଢେମସା ନୃତ୍ୟ, କଳାହାଣ୍ଡି ପ୍ରତିଭା ଅନୁଷ୍ଠାନର ସମ୍ବଲପୁରୀ ନୃତ୍ୟ, ହରିୟାନାର କଳାକାରଙ୍କ ଝୁମର ଲୋକନୃତ୍ୟ, ବଲାଙ୍ଗୀର କୋଶଳ ଲୋକନୃତ୍ୟ, ତରଭା ବ୍ଲକ କଳା ସଂସ୍କୃତି ସଂଘର ପାଟଣେଶ୍ୱରୀ କଳା ପରିଷଦର ସମ୍ବଲପୁରୀ ନୃତ୍ୟ, ବୌଦ୍ଧ ଜିଲା ବାଉଁଶୁଣି ସାଂସ୍କୃତିକ ଅନୁଷ୍ଠାନର ପରଭା ନୃତ୍ୟ, ବୀରମହାରାଜପୁର ଭୀମଭୋଇ କଳା ନିକେତନ ଦଣ୍ଡନୃତ୍ୟ ପରିବେଷଣ କରିଥିଲେ। ସମ୍ବଲପୁରୀ ବାଦ୍ୟ, ଢୋଲ, ନିଶାନ ଓ ତାସାରେ ମଞ୍ଚ ଦୁଲୁକି ଉଠିଥିଲା। ଜିଲାପାଳ ଡ. ନୃପରାଜ ସାହୁ ନିଜେ ଗୀତ ଗାଇ ଉପସ୍ଥିତ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମାନଭଞ୍ଜନ ମିଶ୍ର, ଅବିନାଶ ହୋତା, ଚୌଧୁରୀ ବିଭାର, ଦେବାଶିଷ ପଟ୍ଟନାୟକ, ତନିଶା ଅଗ୍ରୱାଲ ଓ ରୁବି ବେହେରା ମଞ୍ଚ ପରିଚାଳନା କରିଥିଲେ।

# ବିଦ୍ୟାଳୟର ସମ୍ମାନ ବଢ଼ାଅ, ଆଦର୍ଶ ମଣିଷ ହୁଅ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଡୁଙ୍ଗୁରିପାଲି,୧୧।୧(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅନ୍ତର୍ଗତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପଞ୍ଚାନନ କମ୍ପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର କୁମାର ପୁରୋହିତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ଆଞ୍ଚଳିକ ଉଚ୍ଚବିଦ୍ୟାଳୟ ଭୀମଟିକିରା ପ୍ରଧାନଶିକ୍ଷକ ବୀରେନ୍ଦ୍ର କୁମାର ସାହୁ ଯୋଗଦେଇ ବିଦ୍ୟାଳୟର ସମ୍ମାନ ବଢାଇବା ସହ ଆଦର୍ଶ ମଣିଷ ହେବା ପାଇଁ ଛାତ୍ରୀଛାତ୍ରମାନେ ପ୍ରଚେଷ୍ଟାରତ ରହିବାକୁ ପ୍ରେରଣା ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଅନନ୍ତ ନାରାୟଣ ବନଛୋର ଯୋଗଦେଇ ଜୀବନରେ ସଫଳ ହେବା ପାଇଁ କଠୋର ପରିଶ୍ରମ ଓ ଅଧ୍ୟବସାୟର ମାର୍ଗ ଆପଣେଇବାକୁ ବିଦ୍ୟାର୍ଥୀ ତତ୍ପର ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ରଣା ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶରେ ବାର୍ଷିକ ଉତ୍ସବର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ପଞ୍ଚାନନ କମ୍ପ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ବରିଷ୍ଠ କଳା ଶିକ୍ଷକ ଶଙ୍କରପ୍ରସାଦ ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଇଣ୍ଟର ହାଉସ ପ୍ରତିଯୋଗିତାରେ ଗଙ୍ଗା ହାଉସ ଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ ସମୀକ୍ଷା ରଣା ଶ୍ରେଷ୍ଠ ଶିକ୍ଷାର୍ଥୀ ଓ ପ୍ରବନ୍ଧ ଲିଖନରେ ପ୍ରଥମ ପୁରସ୍କାର, ଅଲିଭା ବରିହା ଶ୍ରେଷ୍ଠ ଉପସ୍ଥାନ, ଚିତ୍ରାଙ୍କନ ପ୍ରତିଯୋଗିତାରେ ନିବେଦିତା ତାଣ୍ଡିଆ ପ୍ରଥମ ପୁରସ୍କାର ପାଇଥିଲେ। ଶିକ୍ଷୟିତ୍ରୀ ପ୍ରମିତା ପଧାନ, ଅମୂଲ୍ୟ ଝାଙ୍କର, ସଂଯୁକ୍ତା ଭୋଇ ଓ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରମୋଦ ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ଗୀତ, ନାଚ, ଅଭିନୟରେ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ରୀମାନେ ଏହି ଅବସରରେ ପ୍ରଦର୍ଶିତ ଅପରେଶନ ସିନ୍ଦୁର ନୃତ୍ୟନାଟିକା ପରିବେଷଣ କରିଥିଲେ। ବରିଷ୍ଠ ଶିକ୍ଷକ କଳାକାହ୍ନୁ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ପାପକ୍ଷୟ ଲୋକ ମହୋତ୍ସବ ଉଦ୍‌ଘାଟିତ

**ବିନିକା,୧୧।୧(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ପାପକ୍ଷୟ ଲୋକ ମହୋତ୍ସବ ରବିବାର ଉଦ୍‌ଘାଟିତ ହୋଇଛି। କମିଟି ସଭାପତି ପ୍ରଶାନ୍ତ ଚନ୍ଦ୍ର ଦଣ୍ଡସନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମହୋତ୍ସବକୁ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ପୂର୍ବତନ ବିଧାୟକ ପଦ୍ମନାଭ ବେହେରା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ଉପାଧ୍ୟକ୍ଷ୍ୟା ତପସ୍ୱିନୀ ମେହେର, ଆଇଆଇସ୍‌ସି ସତ୍ୟନାରାୟଣ ପଧାନ, ପୂର୍ବତନ ପ୍ରଶାସକ ପ୍ରତାପ ଚନ୍ଦ୍ର ଦଣ୍ଡାସନା, ଭାଜପା ନେତା ନବ ଦନ୍ତା, ଓକିଲ ସୁଧାଂଶୁ ଶେଖର ଦାସ, ଧର୍ମେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଶିକ୍ଷାବିତ ହିମାଂଶୁ ଶେଖର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ପ୍ରଥମ ଦିନରେ ୧୫ ଗୋଟି କଳାକାର ଦଳ ଯୋଗଦେଇଥିଲେ। ପୂର୍ବାହ୍ନରେ ସହରସ୍ଥିତ ପାପକ୍ଷୟ ଲୋକ ମହୋତ୍ସବ କାର୍ଯ୍ୟାଳୟଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ପୁଣ୍ୟ ପର୍ଯ୍ୟଟନ ପୀଠ ପାପକ୍ଷୟ ଘାଟସ୍ଥଳରେ ପହଞ୍ଚି ଥିଲା। ସେଠାରେ ମଧ ପୂଜାର୍ଚ୍ଚନା ପୂର୍ବକ ମହୋତ୍ସବର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହୋତ୍ସବ ଚାରି ଦିନ ଧରି ଚାଲିବ।

# କୃଷକ ନେତାଙ୍କୁ ଆକ୍ରମଣ, ସୁବର୍ଣ୍ଣପୁର କଂଗ୍ରେସର ନିନ୍ଦା

**ସୋନପୁର,୧୧।୧(ମୃତ୍ୟୁଞ୍ଜୟ ଶତପଥୀ)**

ନବନିର୍ମାଣ କୃଷକ ସଙ୍ଗଠନର କର୍ମକର୍ତ୍ତାଙ୍କୁ ସୁବର୍ଣ୍ଣପୁର ପୋଲିସ ଓ କେତେଜଣ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ଶନିବାର ରାତିରେ ଆକ୍ରମଣ କରିଥିଲେ। କୃଷକ ନେତାମାନେ ଅହିଂସା ଉପାୟରେ ପ୍ରତିବାଦ କରୁଥିବା ସମୟରେ ମହୋତ୍ସବ ସ୍ଥଳରେ ସେମାନଙ୍କୁ ନିସ୍ଠୁକ ମାଡ ମରାଯାଇଛି। କୃଷକ ନେତାଙ୍କୁ ଆକ୍ରମଣ ଘଟଣାକୁ ସୁବର୍ଣ୍ଣପୁର ଜିଲା କଂଗ୍ରେସ କମିଟି ପକ୍ଷରୁ ନିନ୍ଦା କରାଯାଇଛି। ରବିବାର ଏକ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ସଭାପତି ତଥା ପ୍ରାକ୍ତନ ବିଧାୟକ ବିନୋଦ କୁମାର ପାତ୍ର ଏହାର ତୀବ୍ର ନିନ୍ଦା କରିଛନ୍ତି। ରାଜେଶ ମିଶ୍ର, ଜିଲା କିଷାନ କଂଗ୍ରେସ କମିଟି ସଭାପତି ସଂଗ୍ରାମ କେଶରୀ ନାୟକ ଓ ବରିଷ୍ଠ ନେତା ପ୍ରମୋଦ ଗୁରୁ ଖବରଦତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ସୋନପୁର ରାମଧୁନ କ୍ଲବ ଚାମ୍ପିୟନ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ସୋନପୁର,୧୧।୧(ମୃତ୍ୟୁଞ୍ଜୟ ଶତପଥୀ)**

### ରାଜ୍ୟସ୍ତରୀୟ ସୁଜନ ନାଗ ଫୁଟବଲ

ସୁବର୍ଣ୍ଣପୁର ସହର ରୟାଲ ପଡିଆଠାରେ ଚାଲିଥିବା ୧୩ତମ ସୁଜନ ନାଗ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ମୟୂରଭଞ୍ଜର ମା'ଅମ୍ବିକା ଓ ସୋନପୁର ରାମଧୁନ କ୍ଲବ ମଧ୍ୟରେ ହୋଇଥିଲା। ରାମଧୁନ କ୍ଲବ ୨-୧ ଗୋଲ ବ୍ୟବଧାନରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥିଭାବେ ଓଡ଼ିଶା ଫୁଟବଲ ସଂଘ ସଭାପତି ତଥା ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ରାଜ୍ୟରେ ଫୁଟବଲ ଖେଳର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା, ପୌର ଅଧ୍ୟକ୍ଷା ତାମସୀ ତମସ୍ୱିତା ନାୟକ, ଶ୍ରୀବତ୍ସ ମଲ୍ଲିକ, ଅରବିନ୍ଦ ବାରିକ, ଓମ୍ ପ୍ରକାଶ ମିଶ୍ର, ଡ଼. ଅର୍ଜୁନ ମୁଗ୍ରୀ, ବଳଦେବ ବେଦବାକ, କଇଁରୁ ସ୍ୱାଇଁ, ପ୍ରକାଶ କୁମ୍ଭାର, ରଶ୍ମୀ ଦାସ, ଅମୀୟ ରଞ୍ଜନ ଦାସ, ନିଶାନ୍ତ କୁମାର ମହାନ୍ତି, ମୁନା ତ୍ରିପାଠୀ, ସଞ୍ଜୀବ ମହାରଣା ଓ ରମଣ ପଧାନ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଚାମ୍ପିୟନ ଓ ରନର ଅପ ଦଳକୁ ଟ୍ରଫି, ଅର୍ଥ ରାଶି ଦେଇ ପୁରସ୍କୃତ କରିଥିଲେ ।

# କବିତା ବହି 'ସାରା ଆକାଶ ତୁମର' ଲୋକାର୍ପିତ

**ସୋନପୁର,୧୧।୧(ମୃତ୍ୟୁଞ୍ଜୟ ଶତପଥୀ)**

ମହାନଦୀ ଓ ତେଲନଦୀର ପବିତ୍ର ସଙ୍ଗମସ୍ଥଳୀ ସ୍ୱର୍ଣ୍ଣ ପ୍ରୟାଗ ଘାଟରେ କବି ବିରଞ୍ଚି ନାରାୟଣ ଦରୱାନଙ୍କ କବିତା ବହି 'ସାରା ଆକାଶ ତୁମର'ର ଲୋକାର୍ପଣ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। କବି ବେଣୁଧର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ମୁକ୍ତାକାଶ କବିତା ଆସରରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧୨ଜଣ କବି 'ସାରା ଆକାଶ ତୁମର' କବିତା ସଂଗ୍ରହରୁ ଚୟନିତ କବିତା ଆବୃତ୍ତି କରି ସାହିତ୍ୟ ପ୍ରେମୀଙ୍କୁ ଆନନ୍ଦିତ କରିଥିଲେ। କବିତା ଆବୃତ୍ତିରେ ପ୍ରେମ, ପ୍ରକୃତି, ବିରହ ଓ ଅନ୍ତର୍ନିହିତ ଅନୁଭୂତିର ସ୍ପଷ୍ଟ ପ୍ରତିବିମ୍ବ ଦେଖିବାକୁ ମିଳିଥିଲା।

ଉତ୍ସବରେ ନାଟ୍ୟଶ୍ରୀ ଗଦାଧର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ କବି ବିରଞ୍ଚି ନାରାୟଣ ଦରୱାନଙ୍କ କବିତାରେ ପ୍ରେମ, ପ୍ରକୃତି ଓ ଶୂନ୍ୟତା ମଧ୍ୟରେ ଥିବା ପୂର୍ଣ୍ଣତାର ସୂକ୍ଷ୍ମ ଦର୍ଶନ ଦେଖାଯାଏ। ତାଙ୍କ କବିତା ସାଧାରଣ ଜୀବନ ଅନୁଭୂତିକୁ ଦାର୍ଶନିକ ଭାବରେ ପ୍ରକାଶ କରି ପାଠକଙ୍କୁ ଆତ୍ମସନ୍ଧାନର ପଥରେ ନେଇଯାଏ ବୋଲି ସେ ମତ ପ୍ରକାଶ କରିଥିଲେ। ଏହି ନିଆରା ସାରସ୍ୱତ ଆସରରେ କବି ରଞ୍ଜିତା ପଣ୍ଡା, ସସ୍ମିତା ମେହେର, ଆରତୀ ଖମାରୀ, ଶ୍ୟାମଓଁ ପ୍ରସାଦ ମିଶ୍ର, ପ୍ରଭୁଦତ୍ତ ରଥ, ଅମ୍ବୁଜ ବିହାରୀ ଶତପଥୀ, ଲକ୍ଷ୍ମୀ ନାରାୟଣ ସାହୁ ଓ ପ୍ରଦ୍ୟୁମ୍ନ ସାହୁ କବିତା ଆବୃତ୍ତି କରିଥିଲେ। କବି ବିରଞ୍ଚି ନାରାୟଣ ଦରୱାନ ନିଜ ସୃଜନ ଜୀବନ ସମ୍ପର୍କରେ କହିଥିବା ବେଳେ ସାହିତ୍ୟିକ ଡ଼.ସୌରଭ ରଞ୍ଜନ ଖମାରୀ ଓ ଡ଼.ଦେବାଶିଷ ପଣ୍ଡିଆ ସାରା ଆକାଶ ତୁମର କବିତା ବହିର ସମୀକ୍ଷା କରି ସମସାମୟିକ ଓଡ଼ିଆ କାବ୍ୟ ସାହିତ୍ୟକୁ ଏ ବହି ସମୃଦ୍ଧ କରିବ ବୋଲି କହିଥିଲେ। କବିତା ସବୁରେ ସରଳ ଓ ତରଳ ଭାବ ଓ ରାବ ରହିଛି ବୋଲି ସମୀକ୍ଷାତ୍ମକ ଆଲୋଚନା କରିଥିଲେ। ପ୍ରକୃତିର କୋଳରେ ଅନୁଷ୍ଠିତ ଏହି କବିତା ଉତ୍ସବ ସୁବର୍ଣ୍ଣପୁର ଜିଲାର ସାହିତ୍ୟିକ ପରିବେଶକୁ ଆହୁରି ସମୃଦ୍ଧ କରିଥିବା ସହ କବିତା ପ୍ରେମୀମାନଙ୍କ ମଧ୍ୟରେ ଏକ ସ୍ମରଣୀୟ ଅନୁଭୂତି ସୃଷ୍ଟି କରିଥଲା।

# ସୋନପୁର ଥାନା ସମ୍ମୁଖରେ କୃଷକ ସଙ୍ଗଠନର ପ୍ରତିବାଦ

**ସୋନପୁର,୧୧।୧(ମୃତ୍ୟୁଞ୍ଜୟ ଶତପଥୀ)**

ନବନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତାଙ୍କ ଉପରେ ସୁବର୍ଣ୍ଣପୁର ପୋଲିସ ଓ ଭାଜପା ସମର୍ଥକ ଆକ୍ରମଣ କରିଥିବା ସଙ୍ଗଠନର ନାରୀ ନେତ୍ରୀ ସୋନାଲି ବିଶି ଅଭିଯୋଗ କରିଛନ୍ତି। ରବିବାର ସୋନାଲି ଓ ନବ ନିର୍ମାଣ କୃଷକ ସଙ୍ଗଠନ ଉପଦେଷ୍ଟା ରାଜେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ରାଲିରେ ଆସି ସୋନପୁର ଥାନା ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏହି ଅବସରରେ କେତେକ କଂଗ୍ରେସ ନେତୃବୃନ୍ଦ ମଧ୍ୟ ଉପସ୍ଥିତ ଥିଲେ। ଏହି ସମୟରେ ଥାନା ସମ୍ମୁଖରେ ପୋଲିସ ଓ କୃଷକ ସଙ୍ଗଠନ କର୍ମକର୍ତ୍ତା ମୁହାଁମୁହିଁ ହୋଇଥିଲେ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ମନ୍ତବ୍ୟକୁ ନେଇ ସଙ୍ଗଠନର କର୍ମକର୍ତ୍ତା ମହିମା ସୁବର୍ଣ୍ଣପୁର ଲୋକ ମହୋତ୍ସବ ସ୍ଥଳରେ ଗଣତାନ୍ତ୍ରିକ ଉପାୟରେ ବିରୋଧ କରୁଥିବା ବେଳେ କେଜେଣ ଗୁଣ୍ଡା ଶ୍ରେଣୀୟ ଲୋକ କୃଷକ ସଙ୍ଗଠନ କର୍ମକର୍ତ୍ତାଙ୍କ ଉପରକୁ ପ୍ଲାଷ୍ଟିକ୍ ଚେୟାର ଫୋପାଡି ଥିଲେ। ଏହା ଚାଷୀ ପ୍ରତିନିଧିଙ୍କ ଉପରେ ବାଜି କ୍ଷତ ସୃଷ୍ଟି କରିଥିଲା। ପରେ ପୋଲିସ ପହଞ୍ଚି ଚାଷୀ ପ୍ରତିନିଧିଙ୍କୁ ଉଠାଇ ନେଇଥିଲା। ଏହି ଘଟଣାରେ ନିରପେକ୍ଷ ତଦନ୍ତ ପାଇଁ ସୋନାଲି ଦାବି କରିବା ସହ ସୋନପୁର ଥାନାରେ ଏକ ଏତଲା ଦେଇଥିଲେ।


## Classified Everyday

0674-2580101, 9692975378



REAL ESTATE

SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023





All types of physiotherapy and massage. Contact: 9556924059/ 7656969134. D-3075

ଧରିତ୍ରୀ DHARITRI

Scan & Pay

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଧାକର ପ୍ରଧାନ
(ଅବସରପ୍ରାପ୍ତ ତହସିଲ କର୍ମଚାରୀ)
ବାହାର୍ଦ୍ଦା, ବସ୍ତା, ବାଲେଶ୍ୱର
ଆବିର୍ଭାବ: ୦୧।୦୪।୧୯୬୨
ତିରୋଧାନ: ୦୨।୦୧।୨୦୨୬
ଏକାଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଏହି ପୁଣ୍ୟତିଥିରେ ଆମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଓ ସମାଜସେବା ଆମର ପଥ ପ୍ରଦର୍ଶକ ହେଉ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
D-3083

ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଦୁର୍ଗାଦେବୀ ନାଥ
ଶୋକାତୁର ବୃନ୍ଦ
ସ୍ୱାମୀ- ଡ. ବିପ୍ର ଚରଣ ନାଥ,
ଦିଅର- ମାଧବାନନ୍ଦ ନାଥ,
କାମଦେବ ନାଥ, ବସୁଦେବ ନାଥ, ଭଣଜା, ଭଣଜା ବୋହୂ, ପୁତୁରା, ପୁତୁରାବୋହୂ, ନାତି, ନାତୁଣୀ,
ବନ୍ଧୁ ଓ ପରିବାରବର୍ଗ।
D-3084

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କାଞ୍ଚନ କୁମାରୀ ତ୍ରିପାଠୀ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ସ୍ୱାମୀ- ୰ ମାଧବ ମିଶ୍ର
ଆବିର୍ଭାବ: ୧୯୫୦
ତିରୋଧାନ: ୦୬।୦୨।୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ମିତହାସ୍ୟ ଆମର ଅଭୁଲା ସ୍ମୃତି ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ବନ୍ଧୁ
ପରିବାରବର୍ଗ
ଓ ଆତ୍ମୀୟସ୍ୱଜନ।
D-231

ଏକାଦଶାହ ଉପଲକ୍ଷେ



ଶ୍ରୀଯୁକ୍ତ ୰ରାମଚନ୍ଦ୍ର ପ୍ରଧାନ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ,
ଛେଣ୍ଡିପଦା ସିଟି ବିଦ୍ୟାଳୟ
ଘର: ଅମଳାପଡ଼ା
ଆବିର୍ଭାବ: ୨୩।୧୦।୧୯୪୨
ତିରୋଧାନ: ୦୨।୦୧।୨୦୨୬
ସ୍ତ୍ରୀ: ୰ ପ୍ରଭାତୀ ପ୍ରଧାନ
ପୁତ୍ର : ସରୋଜ ପ୍ରଧାନ
ମନୋଜ ପ୍ରଧାନ, ବିନୋଦ ପ୍ରଧାନ
ପୁତ୍ରବଧୂ: ରଶ୍ମି, ବିନ୍ଦୁ, ମିନୁ
ନାତିନାତୁଣୀ : ଶିବୁ, ଶ୍ରୁତି, ଶ୍ରୀୟା
D-3085


# ସଂସ୍କାରିତ, ସଙ୍ଗଠିତ ହେବାକୁ ଆହ୍ୱାନ

**ବୀରମହାରାଜପୁର, ୧୧।୧ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଦେଉଳମୁଣ୍ଡା ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରବିବାର ପୂର୍ବାହ୍ନ ୧୧ଟାରେ ରାଜ୍ୟ ଡୁମାଲ ପରିଷଦର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସୁବର୍ଣ୍ଣପୁର ଜିଲା ଶାଖା ସଭାପତି ଅଶିନୀ ମହାକୁରଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜ୍ୟ ପରିଷଦ, ଜିଲା ଶାଖା, କେନ୍ଦ୍ର କମିଟି କାର୍ଯ୍ୟକର୍ତ୍ତା ଯୋଗଦେଇ ଡୁମାଲ ସମାଜକୁ ଶୃଙ୍ଖଳିତ, ସଂସ୍କାରିତ ଓ ସଙ୍ଗଠିତ କରି ଗଢି ତୋଳିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏକ ଭବ୍ୟ ନୂତନ ମାହେଶ୍ୱରୀ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଏକ କମିଟି ଗଠନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ରାଜ୍ୟ ପରିଷଦ ଉପସଭାପତି ଲୋକନାଥ ମାହାର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୂଷଣ କୁମାର ପାତ୍ର, ଜିଲା ଉପସଭାପତି ଲକ୍ଷ୍ମଣ ବସ୍ତିଆ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମୀନକେତନ ମହାକୁର, ଜିଲା ଆଇନ ସେଲ ସଦସ୍ୟ କୃଷ୍ଣଚନ୍ଦ୍ର କମ୍ପ, ମାହେଶ୍ୱରୀ ସେନା ଜିଲା ସଭାପତି ସୁଧାଂଶୁ କର୍ଣ୍ଣ, ସାଙ୍ଗଠନିକ କେନ୍ଦ୍ର ସଭାପତି ଭଗବାନ କର୍ଣ୍ଣ, କାର୍ତ୍ତିକ ଖଣ୍ଡଗିରି, ଅଯତ୍ନ କଲତା, କଳ୍ପ ମହାକୁର, ରବି ବାଘାର, ଜଗନ୍ନାଥ ପାତ୍ର, ରଘୁନାଥ ମହାକୁର, କାହ୍ନୁ ମହାକୁର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୁରନ୍ଦର ଦେହେରି, କ୍ଷୀରାବ୍ଧି ମହାକୁର, ସଞ୍ଜୟ ଛନ୍ଦ, ଶ୍ରୀତମ ମହାକୁର, ଅର୍ଜୁନ ଛନ୍ଦ, ନିରଞ୍ଜନ ଛନ୍ଦ, ଯଦୁମଣି ଛନ୍ଦ, ମଧୁସୂଦନ ପଧାନ, ରାଜ କୁମାର ମହାକୁର ସହଯୋଗ କରିଥିଲେ। ବାଗବାର କେନ୍ଦ୍ର ସମ୍ପାଦକ ହରିହର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହାନଦୀ ଜଳକୁ ଅଟକାଉଛି ଛତିଶଗଡ଼

- ବ୍ୟାରେଜ ସହିତ ତିଆରି କରିଛି ବାଲିବନ୍ଧ
- କଲମା ବ୍ୟାରେଜ୍‌ର ୬୬ଟି ଗେଟ୍‌ରୁ ୬୪ ବନ୍ଦ

**ଝାରସୁଗୁଡ଼ା,୧୧।୧(ଆଶିଷ ରଞ୍ଜନ ଦାଶ)**

ଛତିଶଗଡ଼ ସରକାରଙ୍କର ମନ ମାନୁନାହିଁ। ଶିଳ୍ପସଂସ୍ଥା ସ୍ୱାର୍ଥରେ ମହାନଦୀ ଭିତରେ ବ୍ୟାରେଜ ସହିତ ବାଲିବନ୍ଧ ତିଆରି କରିଛି। ମହାନଦୀ ଉପରେ ନିର୍ମାଣ ହୋଇଥିବା କଲମା ବ୍ୟାରେଜକୁ ଲାଗି ବାଲିବନ୍ଧ ନିର୍ମାଣ କରିଥିବା ବେଳେ କଲମା ବ୍ୟାରେଜ୍‌ର ୬୬ଟି ଗେଟ ମଧ୍ୟରୁ ୬୪ଟି ଗେଟ୍ ବନ୍ଦ ରହିଛି। ମାତ୍ର ୨ଟି ଗେଟ୍ ଦ୍ୱାରା ହିଁ ଓଡ଼ିଶାକୁ ପାଣି ଆସୁଛି। ଓଡ଼ିଶାର ଗଙ୍ଗା ରୂପେ ପରିଚିତ ମହାନଦୀ ତାର ରୂପ ରଙ୍ଗ ହରାଇ ସାରିଥିବା ବେଳେ ସରକାର କେବଳ କମିଟି ଗଠନ କରି ଚାଲିଛନ୍ତି। ମହାନଦୀ ଜଳ କିପରି ଓଡ଼ିଶାରେ ପହଞ୍ଚିବ ସେ ନେଇ ସମାଧାନର ବାଟ ଶୂନ ହୋଇଥିବା ବେଳେ ଓଡ଼ିଶାରେ ଗଠନ ହୋଇଥିବା ନୂତନ ସରକାରଙ୍କୁ ଦେଢ଼ ବର୍ଷ ବିତି ଯାଇଥିଲେ ମଧ୍ୟ ମହାନଦୀ ଜଳ ବିବାଦର ସମାଧାନ ନ କରିପାରିବା ବହୁତ ଦୁଃଖଦାୟକ ଘଟଣା ବୋଲି ରବିବାର ମହାନଦୀରେ ଓଡ଼ିଶା ଛତିଶଗଡ଼ ସୀମାରେଖାରେ ଥିବା କଲମା ବ୍ରିଜ ପରିଦର୍ଶନରେ ଆସିଥିବା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଏହି ମନ୍ତବ୍ୟ ଦେଇଛନ୍ତି। ସୂଚନା ଅନୁସାରେ, ଛତିଶଗଡ଼ ମହାନଦୀ ଭିତରେ କଲମା ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳକୁ ଅଟକାଇ ଥିବା ବେଳେ ପୁଣି ବ୍ୟାରେଜ ସମ୍ମୁଖରେ ଆସୁଥିବା ଅବଶିଷ୍ଟ ପାଣିକୁ ଅଟକାଇବା ପାଇଁ ବାଲିବନ୍ଧ ନିର୍ମାଣ କରିଛି। ରବିବାର ସକାଳୁ କଲମା ବ୍ୟାରେଜର ନିର୍ମାଣ ଢାଞ୍ଚା ସହ ବାଲିବନ୍ଧ ନିର୍ମାଣ ଦେଖିବାକୁ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଓ ପୂର୍ବତନ ଏମ୍‌ପି ରବି ପାଣି, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ବିଜୟ ପରିଡ଼ା ଓ ବିଜେଡି ନେତା ରବି ସିଂ ପ୍ରମୁଖ କଲମା ବ୍ୟାରେଜ ପାଖକୁ ପହଞ୍ଚିଥିଲେ। କଲମା ବ୍ୟାରେଜରେ ଥିବା ୬୬ଟି ଗେଟରୁ ୬୪ଟି ଗେଟ ବନ୍ଦ ଥିବା ବେଳେ କେବଳ ୨ଟି ଗେଟରେ ଓଡ଼ିଶାକୁ ଜଳ ଆସୁଛି। ପୁଣି ସେହି ଜଳ ଆଗରେ ବାଲିବନ୍ଧ ତିଆରି କରି ଛତିଶଗଡ଼ ସରକାର ଅଟକାଉଥିବା ବେଳେ ମହାନଦୀର ଜଳଧାରା କିପରି ଓଡ଼ିଶାରେ ପହଞ୍ଚି ପାରିବ ନାହିଁ ସେଥିପାଇଁ ଛତିଶଗଡ଼ ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ଚେଷ୍ଟା କରାଯାଉଛି। ଏହା ସହିତ ଛତିଶଗଡ଼ରେ ଥିବା ବିଭିନ୍ନ କମ୍ପାନୀକୁ ଏହି ମହାନଦୀର ପାଣି ଦିଆଯାଉଛି ବୋଲି ବିଜୟ ମହାପାତ୍ର ଅଭିଯୋଗ କରିଛନ୍ତି। ବାଲିବନ୍ଧ ନିର୍ମାଣକୁ ନେଇ ଭୁବନେଶ୍ୱରରେ ଖବରଦାତା ସମ୍ମିଳନୀ କରି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ବାଲିବନ୍ଧ ନିର୍ମାଣ ସ୍ଥଳ ପରିଦର୍ଶନରେ ଯିବାକୁ ବିଜୟ ମହାପାତ୍ର ଅନୁରୋଧ କରିଛନ୍ତି। କଲମା ବ୍ୟାରେଜ୍ ସହ ଅନେକ ବ୍ୟାରେଜ ନିର୍ମାଣ କରି ଛତିଶଗଡ଼ ସରକାର ମହାନଦୀର ଜଳ ପ୍ରବାହକୁ ରୋକିବା ଯୋଗୁ ମହାନଦୀ ଅବବାହିକାରେ ଥିବା ଝାରସୁଗୁଡ଼ା ଜିଲା ସହ ଅନ୍ୟ ଜିଲାର ଲୋକମାନେ ବର୍ଷା ଦିନରେ ବନ୍ୟାର ଶିକାର ହୋଇ ଚାଷ କରିପାରୁ ନ ଥିବା ବେଳେ ଖରା ଦିନରେ ମହାନଦୀ ଶୁଷ୍କ ମରୁଭୂମିରେ ପରିଣତ ହେଉଛି। ଫଳରେ ହୀରାକୁଦକୁ ପାଣି ଆସିବା ବନ୍ଦ ହୋଇଯାଉଛି। କେବଳ ଛତିଶଗଡ଼ ସରକାର ନିଜ ରାଜ୍ୟରେ ପ୍ରତିଷ୍ଠିତ ଶିଳ୍ପ ସଂସ୍ଥାକୁ ପାଣି ଯୋଗାଇବାକୁ ଏଭଳି ଉଦ୍ୟମ ଜାରି ରଖିଛି। ଛତିଶଗଡ଼ ସରକାରଙ୍କ ଆଭିମୁଖ୍ୟକୁ ଓଡ଼ିଶା ଲୋକେ ନାପସନ୍ଦ କରିଥିବା ବେଳେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଦେଢ଼ ବର୍ଷ ହେବ ନୂଆ ସରକାର ଆସିଲା ପରେ ମନ୍ତ୍ରୀ ସ୍ତରୀୟ କମିଟି ଗଠନଠାରୁ ଆରମ୍ଭ କରି ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ମଧ୍ୟ ହୋଇଛି। କିନ୍ତୁ ସମାଧାନ କେବଳ କମିଟି ଗଠନରେ ରହିଯାଉଛି ଏବଂ ଫଳ ଶୂନ ରହିଛି। ରାଜ୍ୟ ସରକାର ମହାନଦୀ ପ୍ରସଙ୍ଗ ଉପରେ ସମ୍ବେଦନଶୀଳ ଭାବରେ ଆଲୋଚନା କରି ସମାଧାନର ବାଟ ବାହାର କରନ୍ତୁ ବୋଲି ମତ ପ୍ରକାଶ କରିଛନ୍ତି।


ବିଜୟ ମହାପାତ୍ର ଓ ଅନ୍ୟମାନେ କଲମା ବ୍ୟାରେଜ ନିକଟକୁ ଯାଉଛନ୍ତି।

# ଲାଇନଚ୍ୟୁତ ହେଲା କୋଇଲା ବୋଝେଇ ଟ୍ରେନ୍


ଲାଇନଚ୍ୟୁତ ହୋଇଥିବା ମାଲବାହୀ ଟ୍ରେନ୍।

**ବେଲପାହାଡ,୧୧।୧(ସୁବାସ ପ୍ରଧାନ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ରେଳ ଫାଟକରେ ରବିବାର ଅପରାହ୍ନ ୫ଟାରେ ଏକ କୋଇଲା ପରିବହନ କରୁଥିବା ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ହାୱଡା-ନାଗପୁର ରେଳ ପଥରେ କୋଇଲା ନେଇ ଯାଉଥିବା ଏହି ଟ୍ରେନ୍‌ର ୩ଟି ବଗି ଲାଇନ୍‌ଚ୍ୟୁତ ହୋଇଥିବା ଜଣାପଡ଼ିଛି। କିନ୍ତୁ ଏହି ଦୁର୍ଘଟଣାରେ କାହାରି କିଛି କ୍ଷତି ହୋଇନାହିଁ। ତେବେ ଏହି ମାଲବାହୀ ଟ୍ରେନ୍‌ଟି ଲାଇନଚ୍ୟୁତ ହେବା ପରେ ବେଲପାହାଡ଼ ରେଳ ଫାଟକକୁ ବନ୍ଦ କରାଯାଇଛି। ଫଳରେ ଫାଟକ ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ରେଳ କର୍ମଚାରୀଙ୍କ ଅବହେଳା ଯୋଗୁ ଏଭଳି ଘଟିଥିବା ସ୍ଥାନୀୟ ଲୋକ କହୁଥିବା ବେଳେ ଠିଆ ହୋଇଥିବା ବେଳେ ହିଁ ଟ୍ରେନ୍‌ର ୩ଟି ବଗି ଲାଇନଚ୍ୟୁତ ହୋଇଥିଲା ବୋଲି ରେଳ କର୍ମଚାରୀ ପ୍ରକାଶ କରିଛନ୍ତି।

# ହାତୀ ଆକ୍ରମଣରେ ଯୁବକ ଆହତ


ଏକ ପୋଖରୀରେ ବଣୁଆ ହାତୀ।

**ବେଲପାହାଡ,୧୧।୧(ସୁବାସ ପ୍ରଧାନ)**

ଝାରସୁଗୁଡା ଜିଲା ବେଲପାହାଡ ଜାମକାନି ନିକଟରେ ବୁଲୁଥିବା ବଣୁଆ ଦନ୍ତା ହାତୀ ଆକ୍ରମଣରେ ଜଣେ ଯୁବକ ଆହତ ହୋଇଛି। ସେ ହେଲେ ସୁନ୍ଦରଗଡ଼ ରଙ୍ଗାମାଟି ଗାଁର ନିଷ୍ଠା ବୋଡ଼ (୩୦)। ଲଖନପୁର ବ୍ଲକର ବିଭିନ୍ନ ସ୍ଥାନରେ ବହୁଦିନ ହେଲାଣି ଏହି ବଣୁଆ ଦନ୍ତା ହାତୀ ବୁଲୁଥିବା ବେଳେ ଗତ ଶନିବାର ରାତିରେ ଜୋରାବଗାକୁ ଆସିଥିଲା। ସେଠାରୁ ରବିବାର ସକାଳେ ଜାମକାନି ଅଞ୍ଚଳକୁ ଆସିଥିଲା। ଖବର ପାଇ ସୁନ୍ଦରଗଡ଼ରୁ ହାତୀ ଘଉଡ଼ାଇବା ପାଇଁ ଆସିଥିବା ଟିମ୍‌ର ଜଣେ ନିଷ୍ଠା ବୋଡ଼ଙ୍କୁ ଜାମକାନିରେ ଏହି ହାତୀ ଆକ୍ରମଣ କରିଥିଲା। ସୂଚନାଯୋଗ୍ୟ, ଉକ୍ତ ହାତୀଟି ନିଜ ପଲଠାରୁ ଅଲଗା ହୋଇ ବୁଲୁଥିବା ବେଳେ ରାତିରେ ଗାଁ ମୁହାଁ ହେଉଛି ଏବଂ ଦିନରେ ଜଙ୍ଗଲକୁ ଫେରିଯାଉଛି। ରାତି ସମୟରେ ହାତୀ ଜଙ୍ଗଲ ପାଖରେ ଥିବା ଗାଁକୁ ଆସି ଚାଷୀଙ୍କ ଧାନ, ପନିପରିବା ନଷ୍ଟ କରୁଛି। କିଛିଦିନ ପୂର୍ବରୁ ଏହି ହାତୀ ଆକ୍ରମଣରେ ଜାମଗାଁର ବଳରାମ ଡନସନାଙ୍କ ମୃତ୍ୟୁ ହୋଇଥିଲା। ତେବେ ହାତୀ ଆକ୍ରମଣ କରୁଥିବା ଦେଖି ଲୋକେ ଭୟଭୀତ ଅଛନ୍ତି। ଏହାକୁ ଶୀଘ୍ର ଜଙ୍ଗଲକୁ ଘଉଡ଼ାଇବା ପାଇଁ ବନ ବିଭାଗ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସାଧାରଣ ଲୋକେ ଦାବି କରିଛନ୍ତି।

## କ୍ରିକେଟ୍ ଟୁର୍ନାମେଣ୍ଟ: ସେମିଫାଇନାଲରେ ୟଙ୍ଗ୍‌ଷ୍ଟାର କ୍ଲବ୍

**ଦେବଗଡ଼,୧୧।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ ଅଧୀନ କଣ୍ଟାବାହାଲ ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ୨୨ତମ ରାଜ୍ୟସ୍ତରୀୟ ରାଧାକୃଷ୍ଣ ଟି-୨୦ କ୍ରିକେଟ୍ ତୃତୀୟ ଲିଗ୍ ମ୍ୟାଚ୍‌ରେ ଆୟୋଜକ ଆର୍‌କେସିସି କଣ୍ଟାବାହାଲକୁ ପରାସ୍ତ କରି ଅନୁଗୋଳର ୟଙ୍ଗଷ୍ଟାର କ୍ରିକେଟ୍ କ୍ଲବ୍ ସେମିଫାଇନାଲରେ ପ୍ରବେଶ କରିଛି। କଣ୍ଟାବାହାଲ ଟିମ୍ ବ୍ୟାଟିଂ କରି ୨୦ ଓଭରରେ ୧୩୬ ରନ କରିଥିଲା। ଏହାର ଜବାବରେ ଅନୁଗୋଳ ଟିମ୍ ୧୮.୩ ଓଭରରେ ୮ ଉଇକେଟ୍ ହରାଇ ୧୩୭ ରନ୍ କରି ବିଜୟୀ ହୋଇଥିଲା। ଅମ୍ପାୟାର ଉତ୍ତମ ମହାକୁଦ ଓ ତେଜନ ପ୍ରସାଦ ଦୁର୍ଗା ଖେଳ ପରିଚାଳନା କରିଥିଲେ। ତୁଷାରକାନ୍ତ ସାହୁ, ଟୁନା କିଷାନ ଭାଷ୍ୟକାର ଓ ଅମୀୟ ସାହୁ, କାହ୍ନା କୁଅଁର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସଭାପତି ବିକାଶ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡ. ଝସ୍କେତନ ପ୍ରଧାନ ଯୋଗଦେଇ ଅନୁଗୋଳ ଟିମ୍‌ର ଯୁବରାଜଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଏହି ମ୍ୟାଚ୍‌ରେ କ୍ଲବ୍‌ର ଅନିଲ ନାୟକ, ତପନ ବେହେରା, ସୁନିଲ କିଷାନ, ଟୁନା କିଷାନ, କାର୍ତ୍ତିକା କିଷାନ, ନୀତେଶ କୁମାର ସାହୁ, ହାପି ବେହେରା, ଭଜ ବେହେରା, ଅନାଦି କିଷାନ, ମୁକ୍ତେଶର ନାୟକ, ହିତେଶ ସାହୁ, ରିପନ ଭୋଇ, ସୁଦୀପ ପ୍ରଧାନ, ଟୁକୁନା ସାହୁ ସହଯୋଗ କରିଥିଲେ। ସମ୍ପାଦକ ଜଗନ୍ନାଥ ସାହୁ ଧନ୍ୟବାଦ ଦେଇଥିଲେ।

# ଜିଲା କଂଗ୍ରେସ କମିଟି ପକ୍ଷରୁ ଧାରଣା


ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ତଳେ ଜିଲା କଂଗ୍ରେସ କମିଟି ପକ୍ଷରୁ ଧାରଣା ଦିଆଯାଇଛି।

**ଦେବଗଡ଼,୧୧।୧(ଶଶାଙ୍କ ଶେଖର ଝାଙ୍କର)**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ନାମ ପରିବର୍ତ୍ତନ ପାଇଁ ହୋଇଥିବା ଷଡ଼ଯନ୍ତ୍ର ବିରୋଧରେ ରବିବାର ଉପବାସ ଓ ସାଙ୍କେତିକ ପ୍ରତିବାଦରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ତଳେ ଜିଲା କଂଗ୍ରେସ କମିଟି ପକ୍ଷରୁ ଧାରଣା ଦିଆଯାଇଥିଲା। ଏଥିରେ ଜିଲା କଂଗ୍ରେସ କମିଟି କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ମଞ୍ଜୁଳ ନାଏ, ରେବତୀ ମୋହନ ପଟ୍ଟନାୟକ, କ୍ଷୀରୋଦ ନାରାୟଣ ସାହୁ, ରମେଶ ଚନ୍ଦ୍ର ପାତ୍ର, ସୁଶୀଲ କୁମାର ଗୁଡ଼ିଆ, ଆକାଶ ଦାସ, ସୁଶୀଲ କୁମାର ମାଝୀ, ସୁମନ୍ତ କୁମାର ବେହେରା, ସନ୍ତୋଷ ଉଦାବର୍, ଶ୍ରୀପତି ଭୋଇ, ବୁଲୁ ଧଳ, ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକସଭା

**ଝାରସୁଗୁଡ଼ା,୧୧।୧(ଆଶିଷ ରଞ୍ଜନ ଦାଶ)**

ବରିଷ୍ଠ ନାଗରିକ କଲ୍ୟାଣ ସମିତିର ବରିଷ୍ଠ ସଭ୍ୟ ତଥା ସମାଜସେବୀ ସ୍ୱର୍ଗତ ପ୍ରଭାତ କୁମାର ସାହୁଙ୍କ ଝାରସୁଗୁଡ଼ାସ୍ଥିତ ସଞ୍ଜୀବନୀ ହସ୍ପିଟାଲରେ ୬୭ବର୍ଷ ବୟସରେ ଗତ ଜାନୁଆରୀ ୨ ତାରିଖରେ ପରଲୋକ ହୋଇଯାଇଛି। ଏ ନେଇ ବରିଷ୍ଠ ନାଗରିକ କଲ୍ୟାଣ ସମିତି ପକ୍ଷରୁ ଶୁକ୍ରବାର ସଭାପତି ଇଞ୍ଜିନିୟର ମୋତିଲାଲ ଜୈନଙ୍କ ଅଧ୍ୟକ୍ଷତାରେ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସମ୍ପାଦକ ନିରଞ୍ଜନ ବେହେରା, ଭୋଜରାଜ ମହାପାତ୍ର, ଦନେଇ ସୁନ୍ୟାନୀ, ଶିବ ନାରାୟଣ ପତି, ଡିଲେଶ୍ୱର କାଲୋ, ନବୀନ ସେଠ, ପାଇରାଗୋ ସାମଲ ପ୍ରମୁଖ ସଭ୍ୟମାନେ ଶ୍ରଦ୍ଧାଞ୍ଜଳି ଦେବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ। ସମିତି ପକ୍ଷରୁ ଭଗବାନ ଶୋକ ସନ୍ତପ୍ତ ପରିବାରକୁ ଅସମୟରେ ଶକ୍ତି ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରିଥିଲେ।

## ହକି ପ୍ରତିଯୋଗିତା ଉଦ୍‌ଯାପିତ | ପ୍ରଭାସୁଣୀ ଜିଏମ୍ ଜୁନିୟର ଟିମ୍ ଚାମ୍ପିୟନ

**ଦେବଗଡ଼,୧୧।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ ଅଧୀନ କଟେଇ ଗ୍ରାମରେ ୟୁଥ୍ କ୍ଲବ୍ ପକ୍ଷରୁ ଅନୁଷ୍ଠିତ ହକି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୨୪ଟି ଟିମ୍ ଅଂଶଗ୍ରହଣ କରିଥିଲା। ଫାଇନାଲ ମ୍ୟାଚ୍‌ରେ ବାଘିଆବନ୍ଧ ଦଳକୁ ପରାସ୍ତ କରି ପ୍ରଭାସୁଣୀ ଜିଏମ୍. ଜୁନିୟର ଟିମ୍ ଚାମ୍ପିୟନ ହୋଇଛି। ଆୟୋଜକ ଅନୁଷ୍ଠାନ ପକ୍ଷରୁ ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ଭାଜପା ଯୁବନେତା ପ୍ରେମାନନ୍ଦ ସାହୁ, ଲିଙ୍ଗରାଜ ବିଶ୍ୱାଳ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ରେଫରି ମାତ୍ରାସ ଟାଓଁ ଏବଂ ସଞ୍ଜୟ ଟାଓଁ ଖେଳ ପରିଚାଳନା କରିଥିଲେ। ଆୟୋଜକ ଅନୁଷ୍ଠାନର ଆଦିନାଥ ବାଙ୍କିରା, କୁଲାସ ଟାଓଁଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପିପିଲିକାନିଠାରେ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର

**ଝାରସୁଗୁଡା,୧୧।୧(ଆଶିଷ ରଞ୍ଜନ ଦାଶ)**

ଓଡ଼ିଶା ପାୱାର ଜେନେରେଶନ କର୍ପୋରେଶନ ଲିମିଟେଡ୍ (ଓପିଜିସି ) ତରଫରୁ ଶୁକ୍ରବାର ଝାରସୁଗୁଡ଼ା ଜିଲାର ଲଖନପୁର ବ୍ଲକ ଅନ୍ତର୍ଗତ ପିପିଲିକାନି ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପିପିଲିକାନି ସରପଞ୍ଚ ଦେହେରିଆ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଇବ୍ ଥର୍ମାଲ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡା.ସଙ୍ଗୀତା ପଣ୍ଡା, ଡା. ସଞ୍ଜୀବ ବେହେରା, ଝାରସୁଗୁଡ଼ାରୁ ଆମନ୍ତ୍ରିତ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ବୈକୁଣ୍ଠନାଥ କଶ୍ୟପଙ୍କ ସମେତ ସମ୍ବଲପୁରରୁ ଆମନ୍ତ୍ରିତ ଭେଷଜ ବିଶେଷଜ୍ଞ ଡାକ୍ତର ବଳରାମ ଖମାରି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିର ସକାଳ ୧୦. ୩୦ଟାରୁ ଆରମ୍ଭ ହୋଇ ଦିନ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ଭେଜିକୁଦ, ବେଜିବନ୍ଧ, ପଦପାଲି, ଡେଂଗସର୍ଗି, ଖୁଣ୍ଟବନ୍ଧ, ସୋଲପାଲି, ଝିଁଲାପାଲି, ଖମାରଡ଼ିହି, କୁମାରବନ୍ଧ ଏବଂ ବତଲଗା ଇତ୍ୟାଦି ଗ୍ରାମର ୨୩୪ ରୋଗୀଙ୍କୁ ରକ୍ତହୀନତା, ଶାରୀରିକ ଦୁର୍ବଳତା, ମଧୁମେୟ, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ରକ୍ତଚାପ, ଶ୍ୱାସନଳୀ ସଂକ୍ରମଣ, ପେଟବ୍ୟଥା, ରୋଗର ପରୀକ୍ଷା କରାଯାଇ ଔଷଧ ଓ ଡାକ୍ତରୀ ଉପଦେଶ ପ୍ରଦାନ କରାଯାଇଥିଲା। ଓପିଜିସିର ସିଏସ୍‌ଆର ବିଭାଗ ଏବଂ ଇବ୍ ଥର୍ମାଲ ଚିକିତ୍ସାଳୟର ମିଳିତ ଉଦ୍ୟମରେ ପରିଚାଳିତ ଏହି ଶିବିରରେ ସିଏସ୍‌ଆର୍ ବିଭାଗର ହିମାଂଶୁ ଭୂଷଣ ବେହେରା, ରାଜେନ୍ଦ୍ର ସା, ତାପସ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଇବ୍ ଥର୍ମାଲ ଚିକିତ୍ସାଳୟର ସୁଜାତା ନାୟକ, ରିତା ଜେମସ, ସବିତା ନାୟକ, ସନ୍ଧ୍ୟାରାଣୀ କିଷାନ, ପ୍ରଭାତ ବାରିକ, ସୁମିତ କୁମାର ଶତପଥୀ, ଅଭିମନ୍ୟୁ ଭୋଇ, ବିଶ୍ୱଜିତ ପ୍ରଧାନ, ଶ୍ରୀଜୟ ବେହେରା, ଅକ୍ଷୟ ସାମନ୍ତରାୟ, ଉଜ୍ଜ୍ୱଳ ଦାସ, ପ୍ରବୀନ ପ୍ରଧାନ ଏବଂ କର୍ଣ୍ଣବାଗ ଆଦି ସ୍ୱାସ୍ଥ୍ୟ ଶିବିର ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।


# Classified Everyday
0674-2580101, 9692975378


REAL ESTATE

SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023




All types of physiotherapy and massage. Contact: 9556924059/ 7656969134. D-3075

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି


ସ୍ୱର୍ଗତ ସୁଧାକର ପ୍ରଧାନ
(ଅବସରପ୍ରାପ୍ତ ତହସିଲ କର୍ମଚାରୀ)
ବାହାର୍ଦ୍ଦା, ବସ୍ତା, ବାଲେଶ୍ୱର
ଆବିର୍ଭାବ: ୦୧।୦୪।୧୯୬୨
ତିରୋଧାନ: ୦୨।୦୧।୨୦୨୬
ଏକାଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଏହି ପୁଣ୍ୟତିଥିରେ ଆମେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆଶୀର୍ବାଦ ଭିକ୍ଷା କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟପରାୟଣତା ଓ ସମାଜସେବା ଆମର ପଥ ପ୍ରଦର୍ଶକ ହେଉ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
D-3083

ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


୰ଦୁର୍ଗାଦେବୀ ନାଥ
ଶୋକାତୁର ବୃନ୍ଦ
ସ୍ୱାମୀ- ଡ. ବିପ୍ର ଚରଣ ନାଥ, ଦିଅର- ମାଧବାନନ୍ଦ ନାଥ, କାମଦେବ ନାଥ, ବସୁଦେବ ନାଥ, ଭଣଜା, ଭଣଜା ବୋହୂ, ପୁତୁରା, ପୁତୁରାବୋହୂ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
D-3084

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


୰କାଞ୍ଚନ କୁମାରୀ ତ୍ରିପାଠୀ
ଲକ୍ଷ୍ମୀସାଗର, ଭୁବନେଶ୍ୱର
ସ୍ୱାମୀ- ୰ ମାଧବ ମିଶ୍ର
ଆବିର୍ଭାବ: ୧୯୫୦
ତିରୋଧାନ: ୦୬।୦୨।୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ସ୍ମିତହାସ୍ୟ ଆମର ଅଭୁଲା ସ୍ମୃତି ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମୁକ୍ତି ଓ ମୋକ୍ଷପ୍ରାପ୍ତ ହେଉ ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
D-231

ଏକାଦଶାହ ଉପଲକ୍ଷେ


ଶ୍ରୀଯୁକ୍ତ ୰ରାମଚନ୍ଦ୍ର ପ୍ରଧାନ
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଛେଣ୍ଡିପଦା ସିଟି ବିଦ୍ୟାଳୟ
ଘର: ଅମଲାପଡ଼ା
ଆବିର୍ଭାବ: ୨୩।୧୦।୧୯୪୨
ତିରୋଧାନ: ୦୨।୦୧।୨୦୨୬
ସ୍ତ୍ରୀ: ୰ ପ୍ରଭାତୀ ପ୍ରଧାନ
ପୁତ୍ର : ସରୋଜ ପ୍ରଧାନ
ମନୋଜ ପ୍ରଧାନ, ବିନୋଦ ପ୍ରଧାନ
ପୁତ୍ରବଧୂ: ରଶ୍ମି, ବିନ୍ଦୁ, ମିନୁ
ନାତିନାତୁଣୀ : ଶିବୁ, ଶ୍ରୁତି, ଶ୍ରୀୟା
D-3085

# ଚନ୍ଦ୍ରକୁ ଧକ୍କା ଦେବ ଗ୍ରହାଣୁ



ନିକୁଞ୍ଜ ବିହାରୀ ସାହୁ

"ଏବେ ଏକ ଗ୍ରହାଣୁ ବିପଦପୂର୍ଣ୍ଣ ଭାବେ ଆମର ପଡ଼ୋଶୀ ଚନ୍ଦ୍ର ଆଡକୁ ଅଗ୍ରସର ହେଉଛି ଓ ଏହା ଆଗାମୀ ୨୦୩୨ ମସିହା ଡିସେମ୍ବରରେ ଚନ୍ଦ୍ରକୁ ଧକ୍କା ଦେବ ବୋଲି ଆଶଙ୍କା ପ୍ରକାଶ କରାଯାଉଛି। ଏହି ଗ୍ରହାଣୁର ନାମ '୨୦୦୪ YR ୪'। ଏହାର ବ୍ୟାସ ପ୍ରାୟ ୬୦ ମିଟର, ଯାହା ଏକ ବିରାଟ ଅଟ୍ଟାଳିକା ସଦୃଶ। ଏହାର ସଂଘର୍ଷରେ ଚନ୍ଦ୍ରପୃଷ୍ଠରେ ୧ କି.ମି. ଓସାରର ଏକ ଗର୍ତ୍ତ ସୃଷ୍ଟି ହେବ। ଏହି ସଂଘାତରେ ନିର୍ଗତ ଶକ୍ତି ୬ ନିୟୁତ ଟନ୍ ଟି.ଏନ୍.ଟି. ସଙ୍ଗେ ତୁଳନୀୟ, ଯାହା ହିରୋଶିମା ଉପରେ ପଡ଼ିଥିବା ପରମାଣୁ ବୋମାର ଶକ୍ତିଠାରୁ ୪୦୦ ଗୁଣ ଅଧିକ। ଏହି ବିପୁଳ ଶକ୍ତିର ନିର୍ଗତ ଫଳରେ ଚନ୍ଦ୍ର ପୃଷ୍ଠ ଅସମ୍ଭବ ଭାବେ ଥରି ଉଠିବ ଏବଂ ଏହା ଝଲସାଏ ଆଲୁଅ ଆକାରରେ ପୃଥିବୀକୁ ଦୃଶ୍ୟ ହେବ।"



ଅନ୍ତରୀକ୍ଷରେ ଅନେକ ଗ୍ରହାଣୁ ଘୂରି ବୁଲୁଛନ୍ତି। ସେଭଳି କେତେକ ଗ୍ରହାଣୁ ଅତୀତରେ ପୃଥିବୀରେ ଜୀବନ ସଞ୍ଚାର କରିଥିଲାବେଳେ ଅନ୍ୟ କିଛି ଗ୍ରହାଣୁ ଆମ ପାଇଁ ବିପଦର କାରଣ ହୋଇଥାନ୍ତି। ଏକ ଚାଞ୍ଚଲ୍ୟକର ଖବର ଅନୁଯାୟୀ, ଏବେ ଏକ ଗ୍ରହାଣୁ ବିପଦପୂର୍ଣ୍ଣ ଭାବେ ଆମର ପଡ଼ୋଶୀ ଚନ୍ଦ୍ର ଆଡକୁ ଅଗ୍ରସର ହେଉଛି ଓ ଏହା ଆଗାମୀ ୨୦୩୨ ମସିହା ଡିସେମ୍ବରରେ ଚନ୍ଦ୍ରକୁ ଧକ୍କା ଦେବ ବୋଲି ଆଶଙ୍କା ପ୍ରକାଶ କରାଯାଉଛି। ଏହି ଗ୍ରହାଣୁର ନାମ '୨୦୦୪ YR ୪'। ଏହାର ବ୍ୟାସ ପ୍ରାୟ ୬୦ ମିଟର, ଯାହା ଏକ ବିରାଟ ଅଟ୍ଟାଳିକା ସଦୃଶ। ଏହାର ସଂଘର୍ଷରେ ଚନ୍ଦ୍ରପୃଷ୍ଠରେ ୧ କି.ମି. ଓସାରର ଏକ ଗର୍ତ୍ତ ସୃଷ୍ଟି ହେବ। ଏହି ସଂଘାତରେ ନିର୍ଗତ ଶକ୍ତି ୬ ନିୟୁତ ଟନ୍ ଟି.ଏନ.ଟି. ସଙ୍ଗେ ତୁଳନୀୟ, ଯାହା ହିରୋଶିମା ଉପରେ ପଡ଼ିଥିବା ପରମାଣୁ ବୋମାର ଶକ୍ତିଠାରୁ ୪୦୦ ଗୁଣ ଅଧିକ। ଏହି ବିପୁଳ ଶକ୍ତିର ନିର୍ଗତ ଫଳରେ ଚନ୍ଦ୍ର ପୃଷ୍ଠ ଅସମ୍ଭବ ଭାବେ ଥରି ଉଠିବ ଏବଂ ଏହା ଝଲସାଏ ଆଲୁଅ ଆକାରରେ ପୃଥିବୀକୁ ଦୃଶ୍ୟ ହେବ। ଏହି ବିରଳ ଦୃଶ୍ୟ ଉତ୍ତର ଆମେରିକା, ହଂକଂ ଓ ହାୱାଲି ଭଳି କିଛି ସ୍ଥାନରେ ଦୃଶ୍ୟ ହେବ। ଏହା ଚନ୍ଦ୍ର ଇତିହାସର ବିଗତ ୫୦୦୦ ବର୍ଷ ମଧ୍ୟରେ ସବୁଠାରୁ ବଡ଼ ମହାକାଶୀୟ ଆଘାତ ଜନିତ ଘଟଣା ହେବ। ଏହି ସଂଘାତରେ ଚନ୍ଦ୍ର ପୃଷ୍ଠରୁ ଅନେକ ଶିଳାଖଣ୍ଡ ନିର୍ଗତ ହୋଇ ଉଲ୍‌କାପିଣ୍ଡ ରୂପରେ ମହାକାଶକୁ ନିକ୍ଷିପ୍ତ ହେବ। ଏହି ଉଲକା ପିଣ୍ଡସବୁ ପୃଥିବୀ ଚାରିପଟେ ପ୍ରଦକ୍ଷିଣରତ କୃତ୍ରିମ ଉପଗ୍ରହଗୁଡ଼ିକ ପ୍ରତି ଘୋର ବିପଦ ବହନ କରିବେ ବୋଲି ଆଶଙ୍କା ପ୍ରକାଶ କରାଯାଏ।

ଏହି ଗ୍ରହାଣୁର ମଧ୍ୟ ପୃଥିବୀ ସହିତ ସଂଘର୍ଷ ହେବାର ଆଶଙ୍କା ରହିଛି; ଅବଶ୍ୟ ଏହି ସମ୍ଭାବନା ବହୁତ କ୍ଷୀଣ। ସେଥିପାଇଁ ଆମ ଦୃଶ୍ୟମାନ ଅନ୍ତରୀକ୍ଷରେ ଏହି ଗ୍ରହାଣୁର ଆଗମନ ବୈଜ୍ଞାନିକମାନଙ୍କ ମହଲରେ ଘୋର ଉଦବେଗ ସଞ୍ଚାର କରିଛି। ଆମ ପୃଥିବୀକୁ ମଧ୍ୟ ଅତୀତରେ ଅନେକ ଉଲକା ଓ ଗ୍ରହାଣୁ ପିଣ୍ଡ ଆଘାତ କରିଛନ୍ତି; ମାତ୍ର ପୃଥିବୀର ବାୟୁମଣ୍ଡଳ ଥିବାରୁ ସେଥିରେ ଘଷି ହୋଇ ଖସୁଥିବା ପିଣ୍ଡଗୁଡ଼ିକ ଜଳି ଯାଆନ୍ତି ଏବଂ କେବଳ ପାଉଁଶ ରୂପରେ ପୃଥିବୀ ପୃଷ୍ଠରେ ପଡ଼ିଥାନ୍ତି। ମାତ୍ର ଚନ୍ଦ୍ରର କୌଣସି ବାୟୁମଣ୍ଡଳ ନ ଥିବାରୁ ଛୋଟଛୋଟ ପିଣ୍ଡଗୁଡ଼ିକ ଚନ୍ଦ୍ରପୃଷ୍ଠରେ ପହଞ୍ଚି ପାରନ୍ତି ଏବଂ ସେଠାରେ ପିଟିହୋଇ ଯଥେଷ୍ଟ କ୍ଷତି ସାଧନ କରିପାରନ୍ତି।

ଏହି ଗ୍ରହାଣୁକୁ ୨୦୦୪ ମସିହା ଡିସେମ୍ବର ୨୭ ତାରିଖରେ ଚିଲିର ଏକ ପର୍ଯ୍ୟବେକ୍ଷଣାଗାରରେ ଆଟଲାସ ଦୂରବୀକ୍ଷଣ ଯନ୍ତ୍ର ବ୍ୟବହାର କରି ଆବିଷ୍କାର କରାଯାଇଥିଲା। ଏହି ଗ୍ରହାଣୁଟି ବର୍ତ୍ତମାନ ସୂର୍ଯ୍ୟ ପଛପଟରେ ଅଛି ଓ ସୂର୍ଯ୍ୟର ଉଜ୍ଜ୍ୱଳ ଆଲୋକରେ ଏହାକୁ ଦେଖି ହେଉ ନାହିଁ। ଏଭଳି ଏକ ସ୍ଥାନରେ ଭୂପୃଷ୍ଠସ୍ଥ ଦୂରବୀକ୍ଷଣ ଯନ୍ତ୍ର ପକ୍ଷରେ ଗ୍ରହାଣୁକୁ ଦେଖିବା ସମ୍ଭବପର ନୁହେଁ ଏବଂ ସେଥିପାଇଁ ମହାକାଶର ଏଭଳି ଅଭାବନୀୟ ସ୍ଥାନକୁ 'ଅନ୍ଧତ୍ୱ ଇଲାକା' ବୋଲି କୁହାଯାଏ। ସୁତରାଂ ଗ୍ରହାଣୁଟିର ଏଭଳି ଅଜ୍ଞାତବାସ ପାଇଁ ଏହା ଏବେ ବୈଜ୍ଞାନିକମାନଙ୍କ ପାଇଁ ରହସ୍ୟାବୃତ ହୋଇ ରହିଛି ଏବଂ ବୈଜ୍ଞାନିକମାନେ ଏହାର ବସ୍ତୁତ୍ୱ, ଆକାର ଓ କକ୍ଷପଥ ସମ୍ପର୍କରେ ଅନଭିଜ୍ଞ ଅଟନ୍ତି। ଏହା ଆଗାମୀ ଫେବୃଆରୀରେ ସୂର୍ଯ୍ୟର ପଶ୍ଚାତଭାଗରୁ ବାହାରିଲା ପରେ ଅନ୍ତରୀକ୍ଷରେ ଅବସ୍ଥାପିତ ଜେମ ୱେବ ଦୂରବୀକ୍ଷଣ ଯନ୍ତ୍ରରେ ଅତି ସ୍ୱଳ୍ପ ସମୟ ପାଇଁ ଦୃଶ୍ୟହେବ। ଏହାକୁ ପୁଣି ଆଉଥରେ ଆଗାମୀ ୨୦୨୮ ମସିହାରେ ଦେଖିହେବ, ମାତ୍ର ସେତେବେଳେ ଏହା ଚନ୍ଦ୍ରର ଅତି ନିକଟବର୍ତ୍ତୀ ହୋଇଥିବାରୁ ଏହାକୁ ପ୍ରତିହତ କରିବା ନିମନ୍ତେ ବେଶି କିଛି ପଦକ୍ଷେପ ଗ୍ରହଣ କରିହେବ ନାହିଁ। ଏହାହିଁ ହେଉଛି ଏହି ଗ୍ରହାଣୁ ସମ୍ପର୍କୀୟ ସବୁଠାରୁ ବଡ ବିପଦ!

ତେବେ ଆମ ଦୃଶ୍ୟମାନ ଅନ୍ତରୀକ୍ଷରେ ଏଭଳି ଏକ ବିପଦସଙ୍କୁଳ ପିଣ୍ଡର ଆବିର୍ଭାବ ଯେ ଚନ୍ଦ୍ର ଓ ପୃଥିବୀ ପାଇଁ ଘୋର ବିପଦ ସୃଷ୍ଟି କରିଛି ଏଥିରେ ସନ୍ଦେହ ନାହିଁ। ସେଥିପାଇଁ ବୈଜ୍ଞାନିକମାନେ ଏବେଠୁ ଗ୍ରହାଣୁଟିକୁ ଠାବକରି ବଡ଼ କିଛି ବିପଦ ଘଟେଇବା ପୂର୍ବରୁ ମହାକାଶରେ ନଷ୍ଟ କରିଦେବା ପାଇଁ ଯୋଜନା କରୁଛନ୍ତି। ଏଥିପାଇଁ ଗୋଟିଏ ଉପାୟ ହେଉଛି: ୨୦୨୯ ରୁ ୨୦୩୧ ମସିହା ମଧ୍ୟରେ ଅନ୍ତରୀକ୍ଷକୁ ଏକ ପରମାଣୁ ଚାଳିତ ରକେଟ ପ୍ରେରଣ କରି ଗ୍ରହାଣୁକୁ ଆଘାତ ପୂର୍ବକ ଏହାର ପଥକୁ ବିକ୍ଷେପିତ କରି ସଂଘର୍ଷକୁ ସମ୍ପୂର୍ଣ୍ଣ ଏଡାଇ ଦେଇହେବ କିମ୍ବା ଏହାକୁ ଖଣ୍ଡ ବିଖଣ୍ଡିତ କରି ଚନ୍ଦ୍ର ସହିତ ସଂଘାତର ତୀବ୍ରତାକୁ ଯଥେଷ୍ଟ ହ୍ରାସ କରାଯାଇପାରିବ। ଅତୀତରେ ଚେଲ୍ୟାବିନ୍ସ୍କ ନାମକ ଏକ ଉଲ୍‌କାପିଣ୍ଡ ଅତର୍କିତ ଭାବେ ଆମ ବାୟୁମଣ୍ଡଳରେ ପ୍ରବେଶ କରି ଧନଜୀବନର ବ୍ୟାପକ କ୍ଷତି ସାଧନ କରିଥିଲା ଏବଂ ଏହି ଦାଗ ଏବେବି ଆମ ମନରୁ ଲିଭି ନାହିଁ। ଆମେ ଏହା ସମ୍ପର୍କରେ ନିମ୍ନରେ ଆଲୋଚନା କରିବା :

**ଚେଲ୍ୟାବିନ୍ସ୍କ ଉଲ୍‌କାପିଣ୍ଡ**

୨୦୧୩ ମସିହା ଫେବୃଆରୀ ୧୫ ତାରିଖରେ ରୁଷିଆର ୟୁରାଲ ଅଞ୍ଚଳରେ ଏକ ବଡ଼ ଉଲ୍‌କାପିଣ୍ଡ ଖସିଥିଲା। ଏହା ଚେଲ୍ୟାବିନ୍ସ୍କ ଉଲ୍‌କାପିଣ୍ଡ ନାମରେ ଜଣାଶୁଣା। ଏହାର ବ୍ୟାସ ଥିଲା ୬୦ ଫୁଟ ଏବଂ ଓଜନ ଥିଲା ୯୧୦୦ ଟନ୍। ଏହା ପୃଥିବୀର ବାୟୁମଣ୍ଡଳରେ ମାତ୍ର ୧୮ ଡିଗ୍ରୀ କୋଣରେ ଅଚାନକ ପ୍ରବେଶ କରି ଆକାଶରେ ୧୯.୨ କି.ମି. ଭଳି ଦୂରନ୍ତ ବେଗରେ ଛୁଟି ଯାଇଥିଲା। ବାୟୁମଣ୍ଡଳର ପ୍ରଚଣ୍ଡ ଘର୍ଷଣ ଓ ତଜ୍ଜନିତ ଉତ୍ପନ୍ନ ତାପରେ ଏହା ଜଳି ଉଠିଥିଲା ଏବଂ ଏଥିରୁ ନିର୍ଗତ ଆଲୁଅ ସୂର୍ଯ୍ୟଠାରୁ ମଧ୍ୟ ଅଧିକ ଉଜ୍ଜ୍ୱଳ ଥିଲା, ଯାହା ୧୦୦ କି.ମି. ଦୂର ପର୍ଯ୍ୟନ୍ତ ଦୃଶ୍ୟ ହୋଇଥିଲା। ଏହା ଭୂପୃଷ୍ଠରୁ ପ୍ରାୟ ୩୦ କି.ମି. ଉଚ୍ଚତାରେ ବିସ୍ଫୋରିତ ହୋଇଥିଲା। ଏହା ଏକ ଉଜ୍ଜ୍ୱଳ ଆଲୋକମେଞ୍ଚା ରୂପରେ ଦୃଶ୍ୟ ହେବା ସଙ୍ଗେ ସଙ୍ଗେ ପ୍ରଚଣ୍ଡ ଧୂଳି ଓ ଗ୍ୟାସ ନିର୍ଗତ କରିଥିଲା, ଯାହା ବାୟୁମଣ୍ଡଳର ୨୬ କି.ମି. ଆଭ୍ୟନ୍ତରକୁ ଭେଦ କରିଯାଇଥିଲା। ଏଥିରୁ ନିର୍ଗତ ଅଧିକାଂଶ ଶକ୍ତି ବାୟୁମଣ୍ଡଳ ଦ୍ୱାରା ଅବଶୋଷିତ ହୋଇଯାଇଥିଲା, ଯାହା ଶକ୍ତିଶାଳୀ ସକୱେଭ ତରଙ୍ଗ ଆକାରରେ ସଞ୍ଚାରିତ ହୋଇଥିଲା। ବାୟୁମଣ୍ଡଳରେ ପ୍ରବେଶ ପୂର୍ବରୁ ଉଲ୍‌କାପିଣ୍ଡର ଗତିଜ ଶକ୍ତି ୪୦୦ ରୁ ୫୦୦ ଟି.ଏନ.ଟି. ବିସ୍ଫୋରକ ପଦାର୍ଥର କ୍ଷମତା ସଙ୍ଗେ ସମାନ ଥିଲା, ଯାହା ୩୦ଟି ହୀରୋସୀମା ବୋମାର ଶକ୍ତି ସଙ୍ଗେ ସମକକ୍ଷ ଥିଲା। ଏହାର ଉତ୍ପତ୍ତିସ୍ଥଳ ସୂର୍ଯ୍ୟର ଅତି ପାଖରେ ଥିବାରୁ ଏହାକୁ ସୂର୍ଯ୍ୟର ତେଜ ମଧ୍ୟରେ ଆରମ୍ଭରୁ ଠାବ କରି ହୋଇନଥିଲା ଏବଂ ଏହିଭଳି ଉଲ୍‌କାଟି ଅତ୍ୟନ୍ତ ଅତର୍କିତ ଭାବେ ବାୟୁମଣ୍ଡଳରେ ପ୍ରବେଶ କରିଥିଲା। ଫଳରେ ଏହାକୁ ଆକାଶରେ ପ୍ରତିହତ କରିବା ପାଇଁ ବୈଜ୍ଞାନିକମାନଙ୍କ ପକ୍ଷରେ ଯଥେଷ୍ଟ ସମୟ ନଥିଲା। ଏହାର ପ୍ରଭାବରେ ଚତୁଃପାର୍ଶ୍ୱସ୍ଥ ଛଅଟି ସହରର ସମୁଦାୟ ୭୨୦୦ଟି କୋଠାଘର କ୍ଷତିଗ୍ରସ୍ତ ହୋଇଥିଲା ଏବଂ ୧୪୯୧ ଜଣ ଲୋକ ଆଘାତପ୍ରାପ୍ତ ହୋଇଥିଲେ।

କୌଣସି ଗ୍ରହାଣୁ କିମ୍ବା ଉଲ୍‌କା ପୃଥିବୀର ଜୀବନ ପ୍ରତି ଯଥେଷ୍ଟ ବିପଦ ବହନ କରିଥାଏ। ଆଜିଠୁ ପ୍ରାୟ ୬.୫ କୋଟି ବର୍ଷ ପୂର୍ବେ ଏକ ବିଶାଳ ଗ୍ରହାଣୁ ପୃଥିବୀ ସହିତ ସଂଘର୍ଷ ହେବା ଫଳରେ ଡାଇନୋସରମାନଙ୍କ ସମୂହ ମୃତ୍ୟୁ ଘଟିଥିଲା। ୨୦୦୪ YR ୪ ଗ୍ରହାଣୁଟି ଚେଲ୍ୟାବିନ୍ସ୍କ ଉଲ୍‌କାପିଣ୍ଡ ପରି ଏପର୍ଯ୍ୟନ୍ତ ଦୃଶ୍ୟ ହୋଇ ପାରି ନାହିଁ, ଯେହେତୁ ଏହାର ଉତ୍ପତ୍ତିସ୍ଥଳ ସୂର୍ଯ୍ୟର ତେଜୋଦୀପ୍ତ ଅଞ୍ଚଳ ମଧ୍ୟରେ ରହିଛି। ସୁତରାଂ ବୈଜ୍ଞାନିକମାନେ ଏହାକୁ ଗଭୀର ଭାବେ ଅଧ୍ୟୟନ କରିପାରି ନାହାନ୍ତି। ସେଥିପାଇଁ ଏହାକୁ ଆକାଶରେ ପ୍ରତିହତ କରି ଚନ୍ଦ୍ର ତଥା ପୃଥିବୀକୁ ସୁରକ୍ଷିତ ରଖିବା ବୈଜ୍ଞାନିକମାନଙ୍କ ପାଇଁ ଏକ ଆହ୍ୱାନ ପାଲଟି ଯାଇଛି।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର-୧୩
ମୋ : ୮୯୧୭୬୩୭୯୭୪

## ସ୍ମରଣ ଶକ୍ତି ବୃଦ୍ଧିର ନୂଆ ଉପାୟ



ସ୍ମରଣ ଶକ୍ତି ବୃଦ୍ଧି କରିବାର ଏକ ସହଜ ତଥା ସରଳ ଉପାୟ ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ନିଜ ମନ ପସନ୍ଦର ଗୀତ ଶୁଣନ୍ତି ତେବେ ଏହା ତାହାର ସ୍ମରଣ ଶକ୍ତି ବୃଦ୍ଧି କରିବାରେ କେତେକାଂଶରେ ସହାୟକ ହୋଇପାରିବ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। 'ସ୍ମରଣ ଶକ୍ତି ଏବଂ ମନ ପସନ୍ଦର ଗୀତ ଶୁଣିବା' ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ ସେମାନଙ୍କର ମନ ପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦିଆଯାଇଥିଲା। ତା' ସହ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ସ୍ମରଣ ଶକ୍ତି ଉପରେ ପଡୁଛି ତାହାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହେଉଥିବାର ଜଣାପଡିଥିଲା ବୋଲି ହୋଇଥିବା ଏକ ପରୀକ୍ଷଣରୁ ଜଣାପଡିଥିଲା ବୋଲି ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତା'ସହ ସେମାନଙ୍କର ଦୈନନ୍ଦିନ ଜୀବନଶୈଳୀକୁ ସେମାନେ ମଧ୍ୟ ସନ୍ତୁଳିତ ରଖିଥିଲେ। ମନ ପସନ୍ଦର ଗୀତ ଶୁଣିବା ଦ୍ୱାରା ମସ୍ତିଷ୍କର ଚିନ୍ତାଧାରା ସକାରାତ୍ମକ ରହିବା ସହ ସ୍ମରଣ ଶକ୍ତି ପୂର୍ବାପେକ୍ଷା ବୃଦ୍ଧି ପାଇଥାଏ।

## ବୟସ୍କ ବ୍ୟକ୍ତି ଏକୁଟିଆ ରହୁଥିଲେ...



ପରିବାର ସହ ହସ, ଖୁସି ଓ ଆନନ୍ଦରେ ରହିବାକୁ ସାଧାରଣତଃ ବୟସ୍କ ବ୍ୟକ୍ତିମାନେ ଚାହିଁଥାନ୍ତି। ହେଲେ କେତେ ଜଣ ବୟସ୍କ ବ୍ୟକ୍ତି ସେମାନଙ୍କ ପରିବାରଠାରୁ ଅଲଗା ରହୁଛନ୍ତି। ଏହାଦ୍ୱାରା ସେମାନଙ୍କର ମାନସିକତା ଉପରେ ନକାରାତ୍ମକ ପ୍ରଭାବ ପଡୁଛି। କେବଳ ସେତିକି ନୁହେଁ, ସେମାନଙ୍କର ଜୀବନଶୈଳୀ ମଧ୍ୟ ପ୍ରଭାବିତ ହେଉଛି। ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏପରି ବିଷୟ ଉପରେ ଏକ ସର୍ଭେ କରିଥିଲେ। ଏହି ସମୟରେ ଏହାର ପରିସରଭୁକ୍ତ ବୟସ୍କ ବ୍ୟକ୍ତିମାନେ ଏକୁଟିଆ ରହିବା ଦ୍ୱାରା ତାହାର କି ପ୍ରକାର ପ୍ରଭାବ ସେମାନଙ୍କ ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବୟସ୍କ ବ୍ୟକ୍ତିଙ୍କର ଜୀବନଶୈଳୀ ପ୍ରଭାବିତ ହେଉଥିବାର ଜଣାପଡ଼ିଥିଲା। ତା'ସହ ସେମାନଙ୍କର ମାନସିକତା ଅଧିକାଂଶ ସମୟ ପ୍ରାୟ ନକାରାତ୍ମକ ରହୁଥିବାର ଦେଖିବାକୁ ମିଳିଥିଲା। ଏଥିରୁ ମୁକୁଳିବାକୁ ସେମାନେ ମନ ପସନ୍ଦର ବହି ପଢ଼ିବା, ସାଙ୍ଗମାନଙ୍କର ସହ ଖୁସିର ମାହୋଲ ଭିତରେ ସମୟ କଟାଇବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ଜୀବନଶୈଳୀ ଅସନ୍ତୁଳିତ ରହିଲେ...



ଆଜିକାଲି ଡାଇବେଟିସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟି ଗଲାଣି କହିଲେ ଆଦୌ ଭୁଲ୍ ହେବ ନାହିଁ। ଯଦି ଏଭଳି ସମସ୍ୟା ଜଟିଳ ଆକାର ଧାରଣ କରେ ଏବଂ ରକ୍ତରେ ସୁଗାର ପରିମାଣ ଅଧିକାଂଶ ସମୟ ଅସନ୍ତୁଳିତ ରହେ, ତେବେ ଏହାର ପ୍ରଭାବ ହାର୍ଟ, କିଡ୍‌ନୀ ଏପରି କି ଦୃଷ୍ଟି ଶକ୍ତି ଉପରେ ପଡ଼ିଥାଏ। ଅସନ୍ତୁଳିତ ଜୀବନଶୈଳୀ ଏଥିପାଇଁ ଅନେକାଂଶରେ ଦାୟୀ। ଏଥିପ୍ରତି ସତର୍କ ରହିବା ସହ ଖାଦ୍ୟପେୟ ପ୍ରତି ନଜର ଦେବା ନିହାତି ଜରୁରୀ। ତେଣୁ ନିଜକୁ ଡାଇବେଟିସ୍ ଆଶଙ୍କାଠାରୁ ଦୂରେଇ ରଖିବା ପାଇଁ ପ୍ରଥମେ ନିଜର ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। କାରଣ ଆଜିକାଲି କେତେବେଳେ କାହାଠାରେ ଏହାର ଲକ୍ଷଣ ପ୍ରକାଶ ପାଇବ ତାହା ଆକଳନ କରିବା କଷ୍ଟକର। ତେଣୁ ଏ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଅନ୍ୟପକ୍ଷରେ ଯଦି ଆପଣ ଡାଇବେଟିସ୍ ସମସ୍ୟା ସହ ଜଡିତ, ତେବେ ନିୟମିତ ଔଷଧ ଖାଇବା ସହ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରକ୍ତରେ ସୁଗାର ପରିମାଣ କେତେ ରହୁଛି ତାହା ପରୀକ୍ଷା କରାଇ ନିଅନ୍ତୁ।

## ନୀରୋଗ ରହିବାର ସହଜ ଉପାୟ



ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଆମ ଶରୀରର ଠିକ୍ ଭାବରେ ଯତ୍ନ ନେବାକୁ କେତେକାଂଶରେ ଭୁଲିଯାଉଛେ। ଏହାଦ୍ୱାରା ଆମେ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରୁଛେ। ତେଣୁ ନିଜକୁ ନୀରୋଗ ରଖିବାକୁ କେତୋଟି ସରଳ ଉପାୟ ରହିଛି। ପ୍ରଥମେ ପ୍ରତିଦିନ ସକାଳେ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ। ତା'ସହ ନିଜ ସାମର୍ଥ୍ୟ ଅନୁସାରେ କିଛି ବ୍ୟାୟାମ କରନ୍ତୁ। ଏହାବ୍ୟତୀତ ଯୋଗ, ପ୍ରାଣାୟାମକୁ ଏହି ତାଲିକାରେ ସାମିଲ କରିବାକୁ ଭୁଲନ୍ତୁ ନାହିଁ। ବିଶେଷଭାବରେ ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ। ରକ୍ତଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ। ଅନେକ ସମୟରେ ଅଧିକାଂଶ ଲୋକ ଚାପର ବଶବର୍ତ୍ତୀ ହୋଇଥିବା ଯୋଗୁଁ ସେମାନଙ୍କର ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ତେଣୁ ଶାନ୍ତ ମନରେ ରାତିରେ ୭-୮ଘଣ୍ଟା ଶୁଅନ୍ତୁ।

## ଜାଣିରଖନ୍ତୁ

ରକ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା। ଏଭଳି ମହତ କାମକୁ ଆମେ ଅନୁସରଣ କରିବା ଦରକାର। ରକ୍ତଦାନ କରିବା ପୂର୍ବରୁ କେତେକ ବିଷୟରେ ସଂପୃକ୍ତ ବ୍ୟକ୍ତି ଜାଣିବା ନିହାତି ଦରକାର। ପ୍ରଥମେ ଏ ବିଷୟରେ ନିକଟସ୍ଥ ଡାକ୍ତରଖାନା କିମ୍ବା ରକ୍ତଭଣ୍ଡାର ସହ ଯୋଗାଯୋଗ କରନ୍ତୁ। ସେଠାକୁ ଯାଇ ରକ୍ତଦାନ ବିଷୟରେ ଥିବା ମନର ସମସ୍ତ ସନ୍ଦେହ ଦୂର କରନ୍ତୁ। ରକ୍ତଦାନ କରିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ରକ୍ତଦାନ କରୁଥିବା ସମୟରେ ମନକୁ ହାଲୁକା ରଖନ୍ତୁ। ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାଗୁଡିକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ।

## ସ୍ୱାସ୍ଥ୍ୟ ସୂଚନା

- ➢ବ୍ରେକ୍‌ଫାଷ୍ଟ ତାଲିକାରେ ସାଲାଡ, ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହା ହେଉଛି ଦିନର ପ୍ରଥମ ଖାଦ୍ୟ। ଏହି ତାଲିକାରେ ଯେତେ ହାଲୁକା ଖାଦ୍ୟ ଖାଇବେ ତାହା ସେତେ ଭଲ।
- ➢ନିଜର ଖାଦ୍ୟପେୟ ପ୍ରତି ସତର୍କ ରୁହନ୍ତୁ। ଦୈନନ୍ଦିନ ଖାଦ୍ୟ ତାଲିକାରେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ।
- ➢କୌଣସି କାମ କରିବା ସମୟରେ ମନକୁ ଯେତେ ଟେନ୍‌ସନ୍ ଫ୍ରି ରଖିବେ ସେତେ ଭଲ। ଏହି ସମୟରେ ନକାରାତ୍ମକ ଭାବନା କେତେକ ରୋଗର ପରୋକ୍ଷରେ କାରଣ ସାଜିଥାଏ।
- ➢ଅଧିକ ଲୁଣ ଓ ମିଠାଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।
- ➢ଅଙ୍ଗୁରରେ ଆଣ୍ଟି ଅକ୍ସିଡ଼ାଣ୍ଟର ମାତ୍ରା ଅଧିକ ରହିଛି। ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ➢ନିଜ ଓଜନକୁ ସନ୍ତୁଳିତ ରଖିବାକୁ ଚାହୁଁଛନ୍ତି କି? ତେବେ ଏଥିପାଇଁ ନିୟମିତ ଗାଜର ଖାଇପାରନ୍ତି। ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି।
- ➢ରକ୍ତହୀନତା ସମସ୍ୟା ସହ ଜଡିତ ବ୍ୟକ୍ତିମାନଙ୍କ ପାଇଁ ମହୁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ➢ନିଜକୁ ସୁସ୍ଥ ରଖିବା ଲାଗି ନିୟମିତ ସମୟ ବ୍ୟବଧାନରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ। ନିଜ ଶାରୀରିକ ସମସ୍ୟା ବିଷୟରେ ମଧ୍ୟ ସୂଚନା ଦିଅନ୍ତୁ।



## ପେଟମରା ବେମାରି

(ଶେଷ ଭାଗ)

**ଅନ୍ୟାନ୍ୟ ଉପଚାର:** ଖାଦ୍ୟରେ ସାବଧାନତା ଅବଲମ୍ବନ କରନ୍ତୁ। ବେଶି ମସଲାମସଲି ପଡ଼ିଥିବା ଖାଦ୍ୟ, ଅମ୍ଳଜାତୀୟ ଖାଦ୍ୟ ଏବଂ କଫି ଖାଇବା ମନା। ନିଶାଦ୍ରବ୍ୟ ସେବନ କଲେ ପେଟମରା ବେମାରିର ଲକ୍ଷଣର ତୀବ୍ରତା ବୃଦ୍ଧି ପାଏ ଏବଂ ଘା' ଶୁଖିବାରେ ବ୍ୟାଘାତ ଘଟେ। ଶରୀରର ଓଜନ ଅଧିକ ଥିଲେ ତାହା ଲକ୍ଷଣର ତୀବ୍ରତାକୁ ବଢ଼େଇ ଦିଏ। ଜୋରରେ ଚାଲିବା, ଦୌଡ଼ିବା, ଜଗିଂ କରିବା, ସନ୍ତରଣ କରିବା ଏବଂ ସାଇକେଲ ଚଲାଇବା ଇତ୍ୟାଦି ବ୍ୟାୟାମ ଦ୍ୱାରା ପରିପାକ ତନ୍ତ୍ର ସୁସ୍ଥ ରହେ।

**କେଉଁ ଖାଦ୍ୟ ଖାଇ ପାରିବେ :** ତନ୍ତୁଯୁକ୍ତ ଖାଦ୍ୟ ଯେପରିକି ଶସ୍ୟଦାନା ବା ହୋଲ୍ ଗ୍ରେନ୍, ଓଟସ, ଉଷୁନା ଚାଉଳ ଭାତ, ଚୋକଡ ମିଶା ଅଟାର ରୁଟି, ମୁଢ଼ି, ଖଇ, ସୁଜି ଖିରି, ପାଣିଆ ଡାଲି, ଚାଉଳ ଖିରି ଆଦି ତନ୍ତୁଯୁକ୍ତ ଖାଦ୍ୟ ପେଟମରା ବେମାରି ରୋଗୀ ଖାଇପାରିବେ। ଏଭଳି ଖାଦ୍ୟ ପାକସ୍ଥଳୀର ଭିତର ପରସ୍ତକୁ ସୁରକ୍ଷିତ ରଖେ ଓ ଖାଦ୍ୟ ହଜମରେ ସାହାଯ୍ୟ କରେ। ଚର୍ବିବିହୀନ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇପାରନ୍ତି। ଏହି ଖାଦ୍ୟ ଭିତରେ ରହିଛି ଚର୍ମ ନ ଥିବା କୁକୁଡା ମାଂସ, ଚର୍ମ ଅଂଶ ନ ଥିବା ମାଛ ଏବଂ ଅଣ୍ଡା। ସୋୟାବିନ୍, ବିନ୍‌ସ, ମସୁର, ବରଗୁଡି, ମଟର ଭଳି ଛୁଇଁଜାତୀୟ ଉଦ୍ଭିଦଜାତ ଖାଦ୍ୟ। ଅଧିକ ପ୍ରୋଟିନ୍ ଘା' ଶୁଖାଇବାରେ ସାହାଯ୍ୟ କରିଥାଏ। ଆପଲ, ନାସପତି, କଦଳୀ, ତରଭୁଜ ଆଦି କମ୍ ଅମ୍ଳ ଥିବା ଖାଦ୍ୟ ଉପକାରୀ। ପନିପରିବା ମଧ୍ୟରେ ଆଳୁ, କନ୍ଦମୂଳ, ଗାଜର, ଦେଶୀ ଆଳୁ, ବ୍ରୋକଲି, ପାଳଙ୍ଗ ଉପାଦେୟ। କଷି ପରିବା ବେଶି ହିତକର। ବଜାରରେ ମିଳୁଥିବା ହର୍ବାଲ ଚା' ପାକସ୍ଥଳୀ ଉପରେ ଅନୁକୂଳ ପ୍ରଭାବ ପକାଇ ଯନ୍ତ୍ରଣା କମେଇ ଦିଏ। ଏଥିରେ କାଫିନ ନ ଥାଏ।

**କେଉଁ ଖାଦ୍ୟ ଖାଇବା ମନା:** କେତେକ ଖାଦ୍ୟ ପାକସ୍ଥଳୀ, ଗ୍ରହଣୀ ଇତ୍ୟାଦିର ଝିଲ୍ଲିକୁ ଉଦ୍ଦୀପିତ କରେ ଓ ଅମ୍ଳ କ୍ଷରଣ ବୃଦ୍ଧି କରେ। ତେଣୁ ସେଭଳି ଖାଦ୍ୟରୁ ବିରତ ରହିବା ଉଚିତ। ବେଶି ମସଲାଜାତୀୟ ଖାଦ୍ୟ, ରାଗ ଲଙ୍କା, ଦେଶୀ ପିଆଜ ଓ ରସୁଣ ବ୍ୟତୀତ ଭିନେଗାର ପଡ଼ିଥିବା ଖାଦ୍ୟ ପାକସ୍ଥଳୀର ଭିତର ପରଦାକୁ ଉତ୍ତେଜିତ କରି ଜ୍ୱାଳା ଜାତ କରୁଥିବାରୁ ଏହି ଧରଣର ଖାଦ୍ୟ ରୋଗୀ ନ ଖାଇବା ଉଚିତ। କମଳା ଲେମ୍ବୁ, ବାତାପି, ତେନ୍ତୁଳି ଇତ୍ୟାଦି ଅମ୍ଳୀୟ ଏବଂ ଏହା ଲକ୍ଷଣଗୁଡ଼ିକୁ ବୃଦ୍ଧି କରିପାରେ। ଆଚାର ଏବଂ ଚଟଣି ମଧ୍ୟ ମନା। ଟମାଟୋ ଏବଂ ଟମାଟୋ ସସ୍ ତଥା କେଚ୍‌ଅପ୍ ଖୁବ୍ ଅମ୍ଳୀୟ। ତେଣୁ ରୋଗୀ ଏଭଳି ଖାଦ୍ୟଠାରୁ ଦୂରେଇ ରହିବା ନିରାପଦ। ମଦ, ସୋଡା ପାନୀୟ ଓ ମୃଦୁ ପାନୀୟ ଗ୍ୟାସ୍ ଜାତ କରେ। ତେଣୁ ରୋଗୀ ଏସବୁଠାରୁ ଦୂରେଇ ରହିବା ଉଚିତ। ଭଜାଭଜି ଖାଦ୍ୟରେ ବେଶି ତେଲ ଥିଲେ ତାହା ହଜମ ପ୍ରକ୍ରିୟାକୁ ମନ୍ଥର କରିଦିଏ ଏବଂ ପେଟମରା ବେମାରି ଲକ୍ଷଣଗୁଡ଼ିକୁ ବଢ଼େଇ ଦିଏ। ସେଥିପାଇଁ ତେଲରେ ଛଣାଛଣି ଖାଦ୍ୟ ଏବଂ ପାମ୍ପଡ଼ ମନା।



ପେଟମରା ବେମାରୀଠାରୁ ନିଜକୁ ଦୂରେଇ ରଖିବା ଲାଗି ସିଝା ଖାଦ୍ୟ, ସେକା ଖାଦ୍ୟ, ନିଆଁରେ ପୋଡି ରନ୍ଧା ଯାଇଥିବା ଗ୍ରୀଲିଂ ଖାଦ୍ୟ ପ୍ରସ୍ତୁତି ପାଇଁ ବେଶି ତେଲର ଆବଶ୍ୟକତା ପଡ଼ି ନ ଥାଏ। ଥରକେ ବେଶି ପରିମାଣର ଖାଦ୍ୟ ନ ଖାଇ ଅଳ୍ପ ଅଳ୍ପ ପରିମାଣରେ ବେଶି ଥର ଖାଇଲେ ପରିପାକ ତନ୍ତ୍ରର କାର୍ଯ୍ୟ ପାଇଁ ଅଧିକ ଚାପ ପଡି ନ ଥାଏ। ଖାଇ ସାରି କିଛି ସମୟ ସିଧା ହୋଇ ବସିବା କିମ୍ବା ଚଳପ୍ରଚଳ ହେବା ଉପକାରୀ।

ହଜମ ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବା ନିମିତ୍ତ ଏବଂ ରକ୍ତରେ ଗ୍ଲୁକୋଜର ମାତ୍ରା ଅନୁମୋଦିତ ସ୍ତରରେ ରଖିବା ନିମିତ୍ତ ପ୍ରତିଦିନ ନିୟମିତ ସମୟରେ ଖାଦ୍ୟ ଖାଇବା ଉଚିତ। ଖାଇବା ସମୟରେ ନିୟମିତତା ରକ୍ଷା କଲେ ପରିପାକ ତନ୍ତ୍ର ସୁସ୍ଥ ରହେ। ରାତିରେ ଶୋଇବାକୁ ଯିବାର ଅନ୍ତତଃ ତିନି ଘଣ୍ଟା ପୂର୍ବରୁ ରାତ୍ରି ଭୋଜନ ସାରିଦେବା ଆବଶ୍ୟକ। ଅସ୍ୱାଭାବିକ ମାନସିକ ଚାପ ଏସିଡ୍ ପେପ୍‌ଟିକ ଡିଜିଜର ଲକ୍ଷଣ ତୀବ୍ର କରି ଦେଉଥିବାରୁ ମନୋଯୋଗିତା, ଧ୍ୟାନ ଓ ଯୋଗକଲେ ମାନସିକ ଚାପ ହ୍ରାସ ପାଇଁ ଉପକାର ମିଳେ। ପୁନଶ୍ଚ ଦୀର୍ଘ କାଳ ଧରି ରୋଗ ଭୋଗି ଆସୁଥିଲେ ନିୟମିତଭାବରେ ଡାକ୍ତରଙ୍କ ସହିତ ଯୋଗାଯୋଗ କରିବା ବାଞ୍ଛନୀୟ।

ରୋଗର ନିର୍ଦ୍ଦିଷ୍ଟ ପ୍ରକାର, ଲକ୍ଷଣଗୁଡିକର ତୀବ୍ରତା ଏବଂ ରୋଗୀର ଅନ୍ୟାନ୍ୟ ଅବସ୍ଥା ଉପରେ ଭିତ୍ତିକରି ବ୍ୟକ୍ତି-ନିର୍ଦ୍ଦିଷ୍ଟ ଚିକିତ୍ସାବିଧି ନିର୍ଣ୍ଣୟ କରାଯାଇଥାଏ। କିନ୍ତୁ ବେଳହୁଁ ଚିକିତ୍ସା କଲେ ରୋଗର ଜଟିଳତା ନିବାରିତ ହୋଇ ବୃଦ୍ଧି ପାଏ ରୋଗୀର ଜୀବନର ଗୁଣାତ୍ମକ ମାନ। ତେବେ ଚିକିତ୍ସାର ସଫଳତା ମୁଖ୍ୟତଃ ନିର୍ଭର କରିଥାଏ ନିୟମିତ ଡାକ୍ତରୀ ପରାମର୍ଶ ଓ ରୋଗୀର ସହଯୋଗ ଉପରେ।

-ଡା. ନିତ୍ୟାନନ୍ଦ ସ୍ୱାଇଁ, 'ଅଭୀପ୍ସା', ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ-୧୪
ମୋ: ୯୪୩୭୭୬୬୧୧୭

ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜାନୁଆରୀ ୧୨/୨୦୨୬ | Bhubaneswar, Monday, January 12/ 2026

# ବିଜୟରେ କଳିଙ୍ଗ ଲାନ୍ସର୍ସର ହ୍ୟାଟ୍ରିକ



ରବିବାର କଳିଙ୍ଗ ଲାନ୍ସର୍ସ ଓ ଏଚ୍ଆଇଏଲ ଗଭର୍ନିଂ କାଉନ୍ସିଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଭୁବନେଶ୍ୱର, ୧୧।୧ (ତପନ ସ୍ୱାଇଁ)**

ଭୁବନେଶ୍ୱରଭିତ୍ତିକ ଫ୍ରାଞ୍ଚାଇଜ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଚଳିତ ହକି ଇଣ୍ଡିଆ ଲିଗ୍‌ରେ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ପୂର୍ବରୁ ଚେନ୍ନାଇରେ ଅନୁଷ୍ଠିତ ୨ଟି ମ୍ୟାଚରେ ଯଥାକ୍ରମେ ରାଞ୍ଚି ରୟାଲ୍ସକୁ ୪-୨ ଓ ରର୍ ବେଙ୍ଗଲ ଟାଇଗର୍ସକୁ ୨-୧ରେ ହରାଇଥିବା ଲାନ୍ସର୍ସ ରବିବାର ରାଞ୍ଚିର ଜୟପାଲ ସିଂ ଷ୍ଟାଡିୟମରେ ଏଚ୍ଆଇଏଲ୍ ଗଭର୍ନିଂ କାଉନ୍ସିଲକୁ ଶୁଟ୍ଆଉଟ ୩-୧ ଗୋଲରେ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର ରହିବାରୁ ଫଳାଫଳ ଲାଗି ଶୁଟ୍ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ମ୍ୟାଚର ୧୯ଶ ମିନିଟରେ ଅଜିତ

### ହକି ଇଣ୍ଡିଆ ଲିଗ୍

ଯାଦବ ଏକ ଫିଲ୍ଡ ଗୋଲଦେଇ ଗଭର୍ନିଂ କାଉନ୍ସିଲକୁ ଅଗ୍ରଣୀ କରିଥିବାବେଳେ ୨୩ତମ ମିନିଟ୍‌ରେ ଲାନ୍ସର୍ସ ପକ୍ଷରୁ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ପେନାଲ୍ଟି କର୍ନରରୁ ଗୋଲଟି ପରିଶୋଧ କରି ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଦୁଇଟି ଯାକ ଗୋଲ ହୋଇଥିଲା। ଶୁଟ୍ ଆଉଟ ପର୍ଯ୍ୟାୟରେ କଳିଙ୍ଗ ଲାନ୍ସର୍ସ ପକ୍ଷରୁ କୁପର ବୁର୍ନ୍ସ, ଆର୍ଥର ଭାନ ଡୋରେନ ଓ ଦିଲପ୍ରୀତ ସିଂ ଗୋଲ ଦେଇଥିବାବେଳେ ଆନ୍ଥୋନୀ କିନା ଓ ଅଙ୍ଗଦ ବୀର ସିଂ ମିସ୍ କରିଥିଲେ। ଅନ୍ୟପକ୍ଷରେ ଗଭର୍ନିଂ କାଉନ୍ସିଲ ପକ୍ଷରୁ ଏକମାତ୍ର ଗୁରଜୋତ ସିଂ ଗୋଲ ଦେବାରେ ସକ୍ଷମ ହୋଇଥିବାବେଳେ ସିମନ ୟୋରଷ୍ଟୋନ, ଲଳିତ କୁମାର ଉପାଧ୍ୟାୟ ଓ ଅଜିତ ଯାଦବ ମିସ୍ କରିଥିଲେ। ଜେଡ୍ ସ୍ନୋଡେନ ଲାନ୍ସର୍ସ ଦଳର ଗୋଲକିପର ଥିଲେ।

ଏହି ବିଜୟ ଫଳରେ କଳିଙ୍ଗ ଲାନ୍ସର୍ସ ୩ ମ୍ୟାଚରୁ ୮ ପଏଣ୍ଟ ସହ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ଶୁଟ୍ଆଉଟରେ ହାରିଥିବାରୁ ଗଭର୍ନିଂ କାଉନ୍ସିଲ ଗୋଟିଏ ପଏଣ୍ଟ ପାଇଛି। ଫଳରେ ୭ ପଏଣ୍ଟ ସହ ଦଳ ଦ୍ୱିତୀୟ ସ୍ଥାନରେ ରହିଛି। ୭ ପଏଣ୍ଟ ପାଇଥିବା ଅନ୍ୟତମ ଦଳ ତାମିଲନାଡୁ ଡ୍ରାଗନ୍ସ ଗୋଲ ବ୍ୟବଧାନ ଦୃଷ୍ଟିରୁ ତୃତୀୟ ସ୍ଥାନକୁ ଖସିଛି। ହାଇଦ୍ରାବାଦ ତୋଫାନ୍ସ ୩ ମ୍ୟାଚରୁ ୫ ପଏଣ୍ଟ ପାଇଛି।

## କୋହଲି, ରୋହିତଙ୍କୁ ସମ୍ବର୍ଦ୍ଧନା

**ଭଦୋଦରା,୧୧।୧:** ନ୍ୟୁଜିଲାଣ୍ଡ ବିପକ୍ଷରେ ରବିବାର ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍ ବେଳେ ଭାରତୀୟ କ୍ରିକେଟ ପ୍ରତି ଅତୁଳନୀୟ ଅବଦାନ ଲାଗି ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ଷ୍ଟାଡିୟମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆଇସିସି ଚେୟାରମ୍ୟାନ ଜୟ ଶାହା ଉପସ୍ଥିତ ଥିଲେ।

## ବାଂଲାଦେଶୀ ଅମ୍ପାୟର

ଆଇପିଏଲ୍ ଫ୍ରାଞ୍ଚାଇଜ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ବାଂଲାଦେଶ ଫାଷ୍ଟ ବୋଲର ମୁସ୍ତାଫିଜୁର ରହମାନଙ୍କୁ ଦଳରୁ ବାଦ୍ ଦେବାକୁ ନେଇ ଭାରତ ଓ ବାଂଲାଦେଶର ପାରସ୍ପରିକ ସମ୍ପର୍କରେ ତିକ୍ତତା ଆସିଛି। ଏପରି କି ବାଂଲାଦେଶରେ ଆଇପିଏଲ୍‌ର ପ୍ରସାରଣ ଉପରେ ରୋକ ଲଗାଇବା ସହ ଆସନ୍ତା ମାସରେ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଦଳ ନ ପଠାଇବାକୁ ନିଷ୍ପତ୍ତି ନେଇଛି। ଏହାସତ୍ତ୍ୱେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ରବିବାର ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ବାଂଲାଦେଶୀ ଅମ୍ପାୟର ଶରଫୁଦ୍ଦୌଲା ସାଇକତ ଟିଭି ଅମ୍ପାୟର ଦାୟିତ୍ୱ ତୁଲାଇଥିଲେ। ଢାକାରେ ଜନ୍ମିତ ଶରଫୁଦ୍ଦୌଲା ଏପର୍ଯ୍ୟନ୍ତ ୩୨ ଟେଷ୍ଟ, ୧୧୮ ଦିନିକିଆ, ୭୫ ଟି୨୦, ୧୭ ମହିଳା ଦିନିକିଆ ଓ ୨୮ ମହିଳା ଟି୨୦ ପରିଚାଳନା କରିଛନ୍ତି।

## ନ୍ୟୁଜିଲାଣ୍ଡ ଦଳରେ ଭାରତୀୟ ବଂଶୋଦ୍ଭବ

ଭାରତ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ଚୂଡ଼ାନ୍ତ ଏକାଦଶରେ ଭାରତୀୟ ବଂଶୋଦ୍ଭବ ସ୍ପିନର ଆଦିତ୍ୟ ଅଶୋକ ସ୍ଥାନ ପାଇଛନ୍ତି। ଭେଲୋରରେ ଜନ୍ମିତ ଅଶୋକଙ୍କୁ ୪ ବର୍ଷ ହୋଇଥିବା ବେଳେ ତାଙ୍କ ବାପା-ମା' ନ୍ୟୁଜିଲାଣ୍ଡର ରାଜଧାନୀ ଅକ୍‌ଲାଣ୍ଡକୁ ଚାଲିଯାଇଥିଲେ। ନ୍ୟୁଜିଲାଣ୍ଡର ଘରୋଇ କ୍ରିକେଟରେ ଉଲ୍ଲେଖନୀୟ ପ୍ରଦର୍ଶନ ପରେ ତାଙ୍କୁ ୨୦୨୦ରେ ୧୯ ବର୍ଷରୁ ବର୍ଷ ବିଶ୍ୱକପ୍ ଦଳରେ ସାମିଲ କରାଯାଇଥିଲା।

# ଶାଜଫାଙ୍କୁ ଦ୍ୱିମୁକୁଟ



ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୧।୧ (ତପନ ସ୍ୱାଇଁ)**

ଏସିଇ ଟେନିସ କ୍ଲବ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଏସ.କେ. ଶାଜଫା ୱାନିଆ ଦ୍ୱିମୁକୁଟ ହାସଲ କରିଛନ୍ତି। ସେ ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଓ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ୧୪ ବର୍ଷରୁ କମ୍ ବର୍ଗ ଫାଇନାଲରେ ସେ ସଂରଚନା ଦାସଙ୍କୁ ୬-୦, ୬-୦ ଏବଂ ମହିଳା ବର୍ଗର ଫାଇନାଲରେ ପ୍ରିଶା ଦାସଙ୍କୁ ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ବର୍ଗରେ ସୂର୍ଯ୍ୟ ପ୍ରତାପ ନାୟକ, ପୁରୁଷ ସିଙ୍ଗଲ୍ସରେ

### ଉତ୍କଳ ଓପନ ଟେନିସ ଉଦ୍‌ଯାପିତ

ଆଦିତ୍ୟ ଶତପଥୀ, ପୁରୁଷ ସିଙ୍ଗଲ୍ସରେ ଅଭିଜ୍ଞ ଅଂଶୁ ଭୂୟାଁ ଓ ଚିନ୍ମୟ କୁମାର ପ୍ରଧାନ ଚାମ୍ପିୟନ ହୋଇଛନ୍ତି। ସେହିପରି ସିନିୟର ପୁରୁଷ ୪୦+ ଡବଲ୍ସରେ ମନୋଜ ଦାସ-ପ୍ରଦ୍ୟୁମ୍ନ ମଲ୍ଲ, ଭେଟେରାନ ୫୦+ ଡବଲ୍ସରେ ବିବେକ ତିବରୱାଲ-ଶାଶ୍ୱତ ଜେନା ଏବଂ ୬୦+ ଡବଲ୍ସରେ ଏସ.ଏସ. ରଥ-ସଞ୍ଜୟ ସାହୁ ଟାଇଟଲ ହାସଲ କରିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଶ୍ୟାମ ସୁନ୍ଦର ହାଁସଦା ଓ ରଜନୀ କାନ୍ତ ନାୟକଙ୍କୁ ଲାଇଫ୍‌ଟାଇମ୍ ଅଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ସୂର୍ଯ୍ୟ ପ୍ରତାପ ନାୟକ ବେଷ୍ଟ ସ୍ପୋର୍ଟ୍ସ ମ୍ୟାନ ସ୍ପିରିଟ ପୁରସ୍କାର ପାଇଥିବାବେଳେ ଉତ୍ତମ ପୋଷାକ ପରିଧାନଲାଗି ଆହାନ ମିଶ୍ର ଏବଂ ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ଶାଜଫା ୱାନିଆ ପୁରସ୍କୃତ ହୋଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପୂର୍ବତନ ଡିଜିପି ସଞ୍ଜୀବ ମାରିକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏସିଇ ଟେନିସ କ୍ଲବ ସଭାପତି ପ୍ରକାଶ ଚନ୍ଦ୍ର ଭୁରା, ସମ୍ପାଦକ ନଭରତନ ବୋଥ୍ରା ଓ ଆୟୋଜକ କମିଟି ଚେୟାରମ୍ୟାନ ବିଶ୍ୱଜିତ ମିଶ୍ର ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# କିସ୍ ବାଳିକା ଦଳ ଚାମ୍ପିୟନ




ଏସିଆ ସ୍କୁଲ ରଗ୍‌ବୀ ସେଭେନ୍ସରେ ଚାମ୍ପିୟନ କିସ୍ ବାଳିକା ଦଳ।

**ଭୁବନେଶ୍ୱର, ୧୧।୧ (ତପନ ସ୍ୱାଇଁ)**

ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ରବିବାର ଶେଷ ହୋଇଥିବା ଏସିଆ ସ୍କୁଲ ରଗବୀ ସେଭେନ୍ସ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା କିସ୍ ବାଳିକା ଦଳ ଚାମ୍ପିୟନ ହୋଇଛି। ଥାଇ ରଗବୀ ୟୁନିଅନ୍ ଦ୍ୱାରା ଆୟୋଜିତ ଏହି ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ରେ ଥାଇଲାଣ୍ଡ, ଲାଓସ୍, ମାଲେସିଆ, ପାକିସ୍ତାନ, ଚାଇନିଜ୍ ତାଇପେଇ ଭଳି ବିଭିନ୍ନ ଏସୀୟ ଦେଶର ସ୍କୁଲ ଓ କଲେଜ ଦଳ

### ଏସିଆ ସ୍କୁଲ ରଗ୍‌ବୀ ସେଭେନ୍ସ

ଅଂଶଗ୍ରହଣ କରିଥିଲେ। ବିଶେଷକରି ମାଲେସିଆ, ଥାଇଲାଣ୍ଡ, ଲାଓସ ଭଳି ଶକ୍ତିଶାଳୀ ଦଳକୁ ହରାଇ ଚାମ୍ପିୟନ ହୋଇଥିବାରୁ କିସ୍ ଦଳ ଭାରତକୁ ଗର୍ବିତ କରିଛି। ୧୪ ଜଣିଆ କିସ୍ ବାଳିକା ଦଳର ଅଧିନାୟିକା ଥିଲେ ମାମାଲି ସିଂ। ପ୍ରଶିକ୍ଷକ ଜାପାନର ହିରାନୋ ମିକିନୋରି ଓ ମ୍ୟାନେଜର ଭାବେ ନିର୍ମାଲ୍ୟ ରାଉତ ଦଳ ସହ ସାମିଲ୍ ଥିଲେ। ଗତ ୭ ତାରିଖରେ କିସ୍ ଦଳ ଥାଇଲାଣ୍ଡ ଯାତ୍ରା କରିଥିଲା। ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଏହା ସହ ଭାରତୀୟ ରଗ୍‌ବୀ ଫୁଟବଲ୍ ୟୁନିଅନ୍, ରାଜ୍ୟ କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ଏବଂ ଓଡ଼ିଶା ରଗବୀ ଫୁଟବଲ୍ ଆସୋସିଏଶନ ସଦସ୍ୟମାନେ ମଧ୍ୟ କିସ୍ ବାଳିକା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ପନ୍ତଙ୍କ ସ୍ଥାନରେ ଭାରତୀୟ ଦଳରେ ଧ୍ରୁବ ଜୁରେଲ

**ଭଦୋଦରା, ୧୧।୧ (ପି.ଟି.):** ରବିବାରଠାରୁ ଆରମ୍ଭ ହୋଇଥିବା ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ରବିବାର ଭାରତୀୟ ଦଳରେ ଆଘାତପ୍ରାପ୍ତ ରିଷଭ ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ନିଆଯାଇଛି। ଚଳିତ ବିଜୟ ହଜାରେ ଟ୍ରଫିରେ ଚମତ୍କାର ଫର୍ମରେ ଥିବା ଜୁରେଲ ରବିବାର ସିରିଜ ଆରମ୍ଭ ପୂର୍ବରୁ ଦଳରେ ଯୋଗଦେଇଛନ୍ତି। ସେ ଷ୍ଟାଣ୍ଡବାଇ ଖେଳାଳି ରହିଛନ୍ତି। ପନ୍ତ ଶନିବାର ନେଟ୍ସବେଳେ ଅଭ୍ୟାସ କରୁଥିବା ବେଳେ ପାର୍ଶ୍ୱ ଯନ୍ତ୍ରଣା ଅନୁଭବ କରିଥିଲେ। ଶନିବାର ଅପରାହ୍ନରେ ଭଦୋଦରାସ୍ଥିତ ବିସିଏ ଷ୍ଟାଡିୟମରେ ଶନିବାର ଅପରାହ୍ନରେ ଅଭ୍ୟାସ ସେସନ ବେଳେ ନେଟ୍ସରେ ଅଭ୍ୟାସ କରୁଥିବା ସମୟରେ ସେ ତାଙ୍କ ଡାହାଣ ପାର୍ଶ୍ୱ ତଳିପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କର ତୁରନ୍ତ ଏମ୍ଆର୍ଆଇ ସ୍କାନ ହୋଇଥିଲା। ବିସିସିଆଇ ମେଡିକାଲ ଟିମ୍ ବିଶେଷଜ୍ଞଙ୍କ ସହ ଆଲୋଚନା ପରେ ଜାଣିବାକୁ ପାଇଥିଲେ ଯେ, ପନ୍ତ ପାର୍ଶ୍ୱ ଯନ୍ତ୍ରଣା (ଓବ୍ଲିକ ମସଲ୍ସ ଟିଅର)ରେ ପୀଡ଼ିତ। ପରବର୍ତ୍ତୀ ସମୟରେ ତାଙ୍କୁ ସିରିଜରୁ ବାଦ୍ ଦିଆଯାଇଥିଲା। ପୁରୁଷ ସିଲେକ୍ସନ କମିଟି ପନ୍ତଙ୍କ ବଦଳ ଖେଳାଳି ଭାବେ ଧ୍ରୁବ ଜୁରେଲଙ୍କୁ ଭାରତୀୟ ଦଳରେ ସାମିଲ କରିଥିଲେ।

# ଓଡ଼ିଶାକୁ ୩ ସ୍ୱର୍ଣ୍ଣ, ୧ ରୌପ୍ୟ, ୩ ବ୍ରୋଞ୍ଜ

**ଭୁବନେଶ୍ୱର, ୧୧।୧ (ବିଜୟ ରଣା)**

ମୋଦି ନଗରଠାରେ ଚାଲିଥିବା ଅସ୍ମିତା ଭାରେତ୍ତୋଳନ ଲିଗ୍ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ଆଉ ୩ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ମିଳିଛି। ୫୮କେଜି ଶ୍ରେଣୀରେ (୭୦+୯୮) ୧୬୮ କେଜି ଉତ୍ତୋଳନ କରି ଅଙ୍କିତା ପ୍ରଧାନ ଯୁବ ବର୍ଗରେ ସ୍ୱର୍ଣ୍ଣ ଓ କନିଷ୍ଠ ବର୍ଗରେ ବ୍ରୋଞ୍ଜ ପଦକ ଲାଭ କରି ୨୫ ହଜାର ଟଙ୍କା ପୁରସ୍କାର ପାଇଥିବା ବେଳେ ୬୩ କେଜି ଶ୍ରେଣୀରେ ୭୫+ ୯୯) ମୋଟ ୧୭୪କେଜି ଓଜନଠାଇ ଶ୍ୱେତାଲିନା ମହାନ୍ତି ଯୁବ ଓ କନିଷ୍ଠ ବିଭାଗରେ ଦୁଇଟି ସ୍ୱର୍ଣ୍ଣ ପଦକ ଲାଭ କରିବା ସହ ପୁରସ୍କାର ବାବଦରେ ୩୦,୦୦୦ ଟଙ୍କା ପକେଟସ୍ଥ କରିଛନ୍ତି। ୬୯ କେଜି ବର୍ଗରେ



ଅଙ୍କିତା ପ୍ରଧାନ



ଶ୍ୱେତାଲିନା ମହାନ୍ତି

ରିମ୍‌ଝିମ୍ ନାୟକ ୧୬୦କେଜି (୬୫+୯୫) ଉତ୍ତୋଳନ କରି ୨୨,୦୦୦ ଟଙ୍କା ପୁରସ୍କାର ଲାଭ କରିଛନ୍ତି। ସେହିପରି ୭୭କେଜି ବର୍ଗରେ ପ୍ରତିଭାରାଣୀ ପାତ୍ର ୧୫୨ କେଜି (୬୫+୮୭) ଉତ୍ତୋଳନ କରି ଯୁବ ବର୍ଗରେ ବ୍ରୋଞ୍ଜ ପଦକ ସହ ୧୦ ହଜାର ଟଙ୍କା ଆର୍ଥିକ ପୁରସ୍କାର ପାଇଛନ୍ତି। ଏହି ସଫଳତା ପାଇଁ ଓଡ଼ିଶା ସଂଘ ତରଫରୁ ସମସ୍ତ ଖେଳାଳି ଓ କୋଚ୍‌ଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ରାଜ୍ୟ ପାରା ଆଥ୍‌ଲେଟିକ୍ସ ୨୪ରୁ

**ଭୁବନେଶ୍ୱର, ୧୧।୧ (ତପନ ସ୍ୱାଇଁ)**

ଚଳିତମାସ ୨୪ରୁ ୨୬ ପର୍ଯ୍ୟନ୍ତ ରାଜ୍ୟ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପ୍ରତିଯୋଗିତାକୁ ଆୟୋଜନ କରିବ। ଏଥିରେ ଭଲ ପ୍ରଦର୍ଶନ କରିବା ଖେଳାଳି ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ମନୋନୀତ ହେବେ। ରାଜ୍ୟ ପ୍ରତିଯୋଗିତାରେ ବିଭିନ୍ନ ପ୍ରକାରର ଦିବ୍ୟାଙ୍ଗ ଖେଳାଳି (ଶାରୀରିକ ଭିନ୍ନକ୍ଷମ, ଦୃଷ୍ଟି ବାଧିକ ଭିନ୍ନକ୍ଷମ, ମାନସିକ ଅନଗ୍ରସରତା)ଙ୍କୁ ବିଭିନ୍ନ ବିଭାଗରେ ଖେଳିବା ପାଇଁ ସୁଯୋଗ ମିଳିବ।

# ୧୮ତମ ମାହେଶ୍ୱରୀ କ୍ରିକେଟ: ବୌଦ୍ଧ ଚାମ୍ପିୟନ

**ଅମରପାଲି,୧୧।୧ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତ ବିକଳପୁର ପୁରୁଣା ସ୍କୁଲ ଖେଳପଡ଼ିଆରେ ଚାଲିଥିବା ୧୮ତମ ମା' ମାହେଶ୍ୱରୀ କ୍ରିକେଟ କପ ଫାଇନାଲ ମ୍ୟାଚରେ ଜେସିସି ସମ୍ବଲପୁରକୁ ହରାଇ ଡିସିଏ ବୌଦ୍ଧ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ଦୁଇଟି ଫର୍ମାଟ୍‌ରେ ହୋଇଥିଲା। ପ୍ରଥମ ଫର୍ମାଟ୍‌ରେ ସମ୍ବଲପୁର ବ୍ୟାଟିଂ କରି ୧୫ଓଭରରେ ୬ ଉଇକେଟ ହରାଇ ୯୭ରନ କରିଥିଲା। ଦଳର ଅଜିତ ହୋତା ୨୧ ରନ କରିଥିଲେ। ବିପକ୍ଷ ବୌଦ୍ଧର ରଜନିଶ ଯାଦବ ଓ କ୍ଷୀରୋଦ ପୁରୋହିତ ପ୍ରତ୍ୟେକେ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବୌଦ୍ଧ ଦଳ ଆବଶ୍ୟକ ୯୮ ରନକୁ ୧୪.୩ ଓଭରରେ ୮ ଉଇକେଟ ହରାଇ ହାସଲ କରି ନେଇଥିଲା। ଦଳର କେଜି ପାତ୍ର ଓ ସ୍ୱାଗତ ଦେହୁରୀ ପ୍ରତ୍ୟେକ ୧୯ ରନ ଲେଖାଏ କରିଥିଲେ। ସମ୍ବଲପୁରର ବିନାୟକ ରେଢ଼ୀ ଓ ପ୍ରଶାନ୍ତ ଦାସ ୨ଟି ଲେଖାଏ ଉଇକେଟ ନେଇଥିଲେ।

ଦ୍ୱିତୀୟ ଫର୍ମାଟ୍‌ରେ ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୫ ଉଇକେଟ ହରାଇ ୪୦ ରନ କରିଥିଲା। ଦଳର ଅଜିତ ହୋତା ୧୭ ରନ କରିଥିବା ବେଳେ ବୌଦ୍ଧର ଲକ୍ଷ୍ମୀଧର ପଧାନ ୨ଟି ଉଇକେଟ ନେଇଥିଲେ। ଜବାବରେ ବୌଦ୍ଧ ଦଳ ଆବଶ୍ୟକ ୪୧ ରନକୁ ୪.୩ ଓଭରରେ ୨ଉଇକେଟ ବିନିମୟରେ ହାସଲ କରିଥିଲା। ଉଭୟ ଫର୍ମାଟ୍‌ରେ ବିଜୟୀ ହୋଇ ବୌଦ୍ଧ ଦଳ ଚାମ୍ପିୟନ ହୋଇଥିଲା।

ଟୁର୍ନାମେଣ୍ଟ ଆୟୋଜକ ସଭାପତି ରାମ ପ୍ରସାଦ କର୍ଣ୍ଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବର ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, କମିରା ସରପଞ୍ଚ ଅନସୂୟା ପଧାନ, ପୂର୍ବତନ ଜିଲା କ୍ରିକେଟ ସଂଘ ସଭାପତି ପଠାନ ପଣ୍ଡା, ସ୍ୱେଚ୍ଛାସେବୀ ସପନ ପଧାନ, ସଞ୍ଜୀବ ପ୍ରଧାନ, ସିଆର୍‌ସିସି ପ୍ରହ୍ଲାଦ ମୁଖୀ, କୃଷକ ନେତା ଧରଣୀଧର ପାଢ଼ୀ, ଆନନ୍ଦ ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବୌଦ୍ଧର କେଜିପାତ୍ର ମ୍ୟାନ ଅଫ ଫାଇନାଲ, ସିରିଜ ଓ ଶ୍ରେଷ୍ଠ ବ୍ୟାଟର ଏବଂ ଲକ୍ଷ୍ମୀଧର ପଧାନ ଶ୍ରେଷ୍ଠ ବୋଲରଭାବେ ପୁରସ୍କୃତ ହୋଇଥିଲେ। ଚାମ୍ପିୟନ ବୌଦ୍ଧକୁ ନଗଦ ୨୭ହଜାର ଟଙ୍କା ସହିତ ଟ୍ରଫି ଏବଂ ରନରଅପ ସମ୍ବଲପୁରକୁ ନଗଦ ୧୭ଟଙ୍କା ସହିତ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ଗହଣରେ ଚାମ୍ପିୟନ ଟ୍ରଫି ସହ ଡିସିଏ ବୌଦ୍ଧ ଦଳର ଖେଳାଳିମାନେ।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ